
'ଛୁମନ୍ତର'ରେ
ଅଭୟ-ଅନନ୍ୟା
▶ପୃଷ୍ଠା ୨ ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-48 ◆MONDAY ◆11 AUGUST 2025 ◆PAGE-12 ◆₹ 6.00 | SAMBALPUR | ◆ବର୍ଷ-୪୩ ◆ସଂଖ୍ୟା-୪୮ ◆ସୋମବାର ◆୧୧ ଅଗଷ୍ଟ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


## ଉତ୍ତରକାଶୀ ବିପର୍ଯ୍ୟୟରେ ୨୪ ସହପାଠୀ ନିଖୋଜ

■ **ପୁନେ, ୧୦।୮ (ଏଜେନ୍ସି):** ଉତ୍ତରାଖଣ୍ଡ ଉତ୍ତରକାଶୀ ଧରାଲି ଗ୍ରାମର ପ୍ରଳୟଙ୍କାରୀ ଦୃଶ୍ୟ ଲୋକଙ୍କ ହୃଦୟକୁ ଦୋହଲାଇ ଦେଇଛି। ବାଦଲ ଫଟା ବର୍ଷା ଯୋଗୁଁ ଆସିଥିବା ଏହି ପ୍ରାକୃତିକ ବିପର୍ଯ୍ୟୟ ଅନେକ ପରିବାରକୁ ସର୍ବସ୍ୱାନ୍ତ କରିଦେଇଛି। ଏବେ ବି ଅବଶେଷ ତଳୁ ଜୀବନ ଖୋଜା ଚାଲିଛି। ମହାରାଷ୍ଟ୍ର ପୁନେ ଅନ୍ତର୍ଗତ ଅୱାସାରୀ ଖୁର୍ଦ ଗାଁ ସ୍କୁଲର ୨୪ ଜଣ ପୁରୁଣା ସହପାଠୀ ନିଖୋଜ ଅଛନ୍ତି। ୩୫ ବର୍ଷ ପରେ ଏମାନେ ଏକାଠି ହୋଇ ଉତ୍ତରାଖଣ୍ଡ ବୁଲିବାକୁ ଯାଇଥିଲେ। ରିପୋର୍ଟ ଅନୁଯାୟୀ ଅୱାସାରି ଖୁର୍ଦର ବାସିନ୍ଦା ଅଶୋକ ଭୋର ଏବଂ ୧୯୯୦ ମସିହା ଦଶମ ଶ୍ରେଣୀର ତାଙ୍କର ସବୁ ସାଙ୍ଗମାନେ ଏକାଠି ହୋଇ ଚାର୍‌ଧାମ ଯାତ୍ରାରେ ବାହାରି ଥିଲେ। ଏମାନେ ଅଗଷ୍ଟ ୧ ମୁମ୍ବାଇରୁ ଉତ୍ତରାଖଣ୍ଡ ଅଭିମୁଖେ ଟ୍ରେନ ଯାତ୍ରା ଆରମ୍ଭ କରିଥିଲେ। ୧୩ ତାରିଖରେ ବିମାନ ଯୋଗେ ଦିଲ୍ଲୀ ଦେଇ ଫେରିବାକୁ ନିଷ୍ପତ୍ତି ନେଇଥିଲେ। ଭୋରଙ୍କ ପୁଅ ଆଦିତ୍ୟ କହିଛନ୍ତି ଯେ ସେ ଗତ ସୋମବାର ସନ୍ଧ୍ୟାରେ ଶେଷ ଥର ପାଇଁ ବାପାଙ୍କ ସହ କଥା ହୋଇଥିଲେ। ସେତେବେଳେ ଏହି ଦଳ ରାସ୍ତାରେ ଗଛ ପଡ଼ିଯିବା ଯୋଗୁଁ ଗଙ୍ଗୋତ୍ରୀରୁ ୧୦ କିମି ଦୂରରେ ଫସି ରହିଥିଲେ। ଏହା ପରଠାରୁ କାହା ସହ ଯୋଗାଯୋଗ ହୋଇପାରୁ ନାହିଁ।

**୩୫ ବର୍ଷ ପରେ ଏକାଠି ହୋଇଥିଲେ**

## ସମୁଦ୍ର ଲହଡ଼ିରେ ଭାସି ୩ ମୃତ

■ **କୋଣାର୍କ, ୧୦।୮ (ସମିସ):** ଗାଧୋଇବା ବେଳେ ସମୁଦ୍ର ଲହଡ଼ିରେ ଭାସି ୩ ଜଣ ପ୍ରାଣ ହରାଇଛନ୍ତି। ରବିବାର ଅପରାହ୍ଣ ପ୍ରାୟ ୪ଟା ବେଳେ ଚନ୍ଦ୍ରଭାଗାରେ ଏପରି ଏକ ଦୁଃଖଦ ଘଟଣା ଘଟିଛି। ମୃତକମାନେ ହେଲେ, ବାଲିଅନ୍ତା ଥାନା ପାହାଳର ଆକାଶ ପଟ୍ଟନାୟକ ଏବଂ କୋଣାର୍କ ଥାନା ଅନ୍ତର୍ଗତ ଜମତଳା ଗ୍ରାମର ରାହୁଲ ସେନାପତି ଓ ଅରୂପାନନ୍ଦ ଜେନା। ଏମାନେ ଭିନ୍ନଭିନ୍ନ ସ୍ଥାନରେ ଗାଧୋଉଥିବା ବେଳେ ସମୁଦ୍ର ଲହଡ଼ି ପ୍ରଥମେ ଆକାଶଙ୍କୁ ଟାଣି ନେଇଥିଲା। ସମ୍ପର୍କୀୟମାନେ ଆକାଶଙ୍କୁ ଉଦ୍ଧାର କରି ପୁରୀ ସଦର ହସ୍ପିଟାଲକୁ ନେଇଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେହିପରି ଅନ୍ୟ ଏକ ସ୍ଥାନରେ ରାହୁଲ ଓ ଅରୂପାନନ୍ଦ ଗାଧୋଉଥିବା ବେଳେ ଲହଡ଼ିରେ ଭାସି ଯାଇଥିଲେ। ଏହା ଦେଖି ସେମାନଙ୍କ ସହ ଆସିଥିବା ଉତ୍ତରପ୍ରଦେଶର ଜଣେ ଯୁବକ ଭୟରେ ଫେରିଯିବାରୁ ଅଳ୍ପକେ ବର୍ତ୍ତି ଯାଇଥିଲେ। ରାହୁଲ ଓ ଅରୂପାନନ୍ଦଙ୍କୁ ସ୍ଥାନୀୟ ପୁଲିସ ଓ ଅଗ୍ନିଶମ କର୍ମଚାରୀ ଉଦ୍ଧାର କରି ଗୋପ ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। କିନ୍ତୁ ସେଠାରେ ଡାକ୍ତର ଦୁହିଁଙ୍କୁ ମୃତ ଘୋଷଣା କରିଥିଲେ। ରାହୁଲ ଓ ଅରୂପାନନ୍ଦ ଭୁବନେଶ୍ୱରର ଏକ ବିଏମ୍‌ଡବ୍ଲ୍ୟୁ ୱାର୍କସପ୍‌ରେ କାମ କରୁଥିବା ଜଣାଯାଇଛି।

**ଚନ୍ଦ୍ରଭାଗାରେ ଜଳସମାଧି**

# ପ୍ରତିଶୋଧ ନେବ ଭାରତ

## ଆମେରିକା ଉପରେ ଲଗାଇବ ୫୦% ଜବାବୀ ଟାରିଫ୍

■ **ନୂଆଦିଲ୍ଲୀ, ୧୦।୮ (ଏଜେନ୍ସି):** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତ ଉପରେ ଲଗାଇଥିବା ଶୁଳ୍କର ପାଲଟା ଜବାବ ଦେବ ଭାରତ। ଆମେରିକାରୁ ଆମଦାନୀ ହେଉଥିବା ସାମଗ୍ରୀ ଉପରେ ଭାରତ ସମାନୁପାତିକ ଭାବରେ ଟାରିଫ୍ ଲଗାଇବ। ଏ ସଂକ୍ରାନ୍ତରେ ଭାରତ ସରକାର ଅର୍ଥନୈତିଜ୍ଞମାନଙ୍କ ସହ ବିଚାରବିମର୍ଶ ଆରମ୍ଭ କରିଛନ୍ତି ଓ ଖୁବ୍ ଶୀଘ୍ର ଏ ସଂକ୍ରାନ୍ତରେ ନିଷ୍ପତ୍ତି ହୋଇପାରେ ବୋଲି କୁହାଯାଉଛି। ଟାରିଫ୍ ସମ୍ପର୍କରେ ଚୂଡ଼ାନ୍ତ ନିଷ୍ପତ୍ତି ନ ହେବା ପର୍ଯ୍ୟନ୍ତ ଭାରତ ସହ ଦ୍ୱିପାକ୍ଷିକ ବାଣିଜ୍ୟ ଆଲୋଚନା ହେବ ନାହିଁ ବୋଲି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସ୍ପଷ୍ଟ କରିଛନ୍ତି। ଭାରତ ମଧ୍ୟ ଏ ପ୍ରସଙ୍ଗରେ ଆମେରିକା ସହ ଆଉ କୌଣସି ଆଲୋଚନା ହେବ ନାହିଁ ବୋଲି ପରୋକ୍ଷରେ ଆଭାସ ଦେଇଛି। ଏହି ସମୟରେ ଭାରତ ଆମେରିକାରୁ କ୍ରୟ କରିବାକୁ ଥିବା ୩୫୦୦୦ କୋଟି ଟଙ୍କାର ବୋଇଂ କ୍ରୟକୁ ସ୍ଥଗିତ ରଖି ନିଜର ଆଭିମୁଖ୍ୟର କିଞ୍ଚିତ୍ ଆଭାସ ଦେଇଛି। ସେହିପରି ଆଗାମୀ ମାସରେ ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହଙ୍କ ଆମେରିକା ଗସ୍ତ କାର୍ଯ୍ୟକ୍ରମ ସ୍ଥଗିତ ରହିପାରେ ବୋଲି ମଧ୍ୟ କୁହାଯାଉଛି। ଏହା ସହ ଆମେରିକା ଉପରେ ଭାରତ ଅନୁରୂପ ଭାବରେ ୫୦% ଟାରିଫ୍ ଲଗାଇବା ପାଇଁ ପ୍ରସ୍ତୁତି ଆରମ୍ଭ କରିଛି।




**ଅନିଶ୍ଚିତତାରେ ୩୫୦୦୦ କୋଟିର ବୋଇଂ କ୍ରୟ**

**ସ୍ଥଗିତ ହୋଇପାରେ ପ୍ରତିରକ୍ଷା ମନ୍ତ୍ରୀଙ୍କ ଆମେରିକା ଗସ୍ତ**

ଏହି ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ଭାରତ ସରକାର ଭାରତୀୟ ରପ୍ତାନିକାରୀଙ୍କ ଦ୍ୱାରା ହୋଇଥିବା କ୍ଷତି ସହିତ ସମାନ ଅନୁପାତରେ କିଛି ଆମେରିକୀୟ ଉତ୍ପାଦ ଉପରେ ଶୁଳ୍କ ଲଗାଇବେ। ତେବେ ଏହି ନିଷ୍ପତ୍ତି ପ୍ରଧାନମନ୍ତ୍ରୀ ମୋଦୀଙ୍କ ବେଜିଂ ଗସ୍ତ କାର୍ଯ୍ୟକ୍ରମ ପରେ ହେବ। ଚଳିତ ବର୍ଷର୍ ଫେବୃଆରୀ ମାସରେ ଆମେରିକା ରାଷ୍ଟ୍ରପତି ଟ୍ରମ୍ପ ଭାରତୀୟ ଇସ୍ପାତ ଏବଂ ଆଲୁମିନିୟମ ଉପରେ ୨୫% ଶୁଳ୍କ ଲଗାଇଥିଲେ। ପରେ ଏହାକୁ ୫୦% ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଯାହା ଦ୍ୱାରା ପ୍ରାୟ ୭.୬ ବିଲିୟନ ଡଲାରର ଭାରତୀୟ ରପ୍ତାନିକୁ ପ୍ରଭାବିତ କରିଛି। ଆମେରିକାକୁ ଭାରତରୁ ବର୍ଷକୁ ପ୍ରାୟ ୨୦୦୦ କୋଟି ଟଙ୍କାର ଚିଙ୍ଗୁଡ଼ି ରପ୍ତାନୀ ହେଉଥିବାବେଳେ ଶୁଳ୍କ ବୃଦ୍ଧି ଯୋଗୁଁ ଚଳିତ ବର୍ଷ ପ୍ରଥମାର୍ଦ୍ଧରେ ମାତ୍ର ୫୦ କୋଟି ଟଙ୍କାର ଚିଙ୍ଗୁଡ଼ି ରପ୍ତାନୀ ହୋଇ ପାରିଛି। ସେହିପରି ଫାର୍ମା, ଆଇଟି ଓ ପେଟ୍ରୋ କେମିକାଲ ଶିଳ୍ପ ▶ପୃଷ୍ଠା-୧୦

## ଭାରତ ଉପରେ ତତ୍କାଳ ଶୁଳ୍କ; ଚୀନକୁ ୯୦ ଦିନର ମହଲତ

■ **ନୂଆଦିଲ୍ଲୀ,୧୦।୮ (ଏଜେନ୍ସି):** ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଚୀନରୁ ଆମଦାନି ହେଉଥିବା ସାମଗ୍ରୀ ଉପରେ ନୂତନ ଶୁଳ୍କ ହାର ଲାଗୁ କରିବାକୁ ୯୦ ଦିନ ସମୟସୀମା ଧାର୍ଯ୍ୟ କରିଛନ୍ତି। ଭାରତରୁ ଆସୁଥିବା ଉତ୍ପାଦ ଉପରେ ୨୫% ଆମଦାନୀ ଶୁଳ୍କ ଶୁଳ୍କ ଲାଗୁ ହୋଇସାରିଛି। କୌଣସି ଚୁକ୍ତି ନ ହେଲେ, ୨୭ ଅଗଷ୍ଟରୁ ତୁରନ୍ତ ପ୍ରଭାବରେ ଭାରତ ଉପରେ ୫୦% ଶୁଳ୍କ ଲାଗୁ କରାଯିବ, ଯାହା ସମଗ୍ର ବିଶ୍ୱରେ ସର୍ବାଧିକ ହେବ। ଏପରିସ୍ଥଳେ ଟ୍ରମ୍ପ୍ ଚୀନକୁ ୯୦ ଦିନର ଆଶ୍ୱସ୍ତି ପ୍ରଦାନ କରିଛନ୍ତି।

ଆମେରିକୀୟ ଗଣମାଧ୍ୟମ ଏବଂ ରଣନୈତିକ ବିଶେଷଜ୍ଞଙ୍କ ଅନୁଯାୟୀ, ଏହି ପଦକ୍ଷେପ କେବଳ ଅର୍ଥନୈତିକ ନୁହେଁ ବରଂ ରାଜନୈତିକ ଏବଂ କୂଟନୈତିକ ସନ୍ତୁଳନ ପାଇଁ ଏକ ପ୍ରୟାସ। ଆମେରିକା ବାଣିଜ୍ୟ ପ୍ରତିନିଧି କାର୍ଯ୍ୟାଳୟ (ୟୁଏସ୍‌ଟିଆର୍)ର ଜଣେ ବରିଷ୍ଠ ଅଧିକାରୀଙ୍କ କହିବାନୁଯାୟୀ, ଚୀନ୍ ସହିତ ବାଣିଜ୍ୟ ଆଲୋଚନା ଶେଷ ପର୍ଯ୍ୟାୟରେ ଅଛି ଏବଂ ଉଭୟ ପକ୍ଷକୁ ଏକ ପାରସ୍ପରିକ ଚୁକ୍ତିରେ ▶ପୃଷ୍ଠା-୧୦

**ବିହାର ଭୋଟର ତାଲିକା ସଂଶୋଧନ ବିବାଦ**

## ସୁପ୍ରିମକୋର୍ଟ-ନିର୍ବାଚନ କମିସନ ମୁହାଁମୁହିଁ



**ବାଦ୍ ପଡ଼ିଥିବା ୬୫ ଲକ୍ଷ ଲୋକଙ୍କ ତାଲିକା ଦେବାକୁ ମନାକଲେ ନିର୍ବାଚନ କମିସନ**

**ଏଭଳି ତାଲିକା ଦେବାକୁ ଆମେ ଆଇନ ଦୃଷ୍ଟିରୁ ବାଧ୍ୟ ନୁହେଁ**




■ **ନୂଆଦିଲ୍ଲୀ, ୧୦।୮ (ଏଜେନ୍ସି):** ବିହାରରେ ନିର୍ବାଚନ କମିସନଙ୍କ ପକ୍ଷରୁ ଚାଲିଥିବା ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା (ଏସ୍‌ଆଇଆର୍) ବିବାଦୀୟ ପରିସ୍ଥିତି ସୃଷ୍ଟି କରିଛି। ଏହି ପ୍ରକ୍ରିୟାରେ ବାଦ୍ ପଡ଼ିଥିବା ୬୫ ଲକ୍ଷ ଭୋଟରଙ୍କୁ ନେଇ ମୁହାଁମୁହିଁ ହୋଇଛନ୍ତି ସୁପ୍ରିମ କୋର୍ଟ ଏବଂ ନିର୍ବାଚନ କମିସନ। ବାଦ୍ ପଡ଼ିଥିବା ଭୋଟରମାନଙ୍କ ତାଲିକା ସହ ଅନ୍ୟାନ୍ୟ ବିବରଣୀ ଦାଖଲ କରିବା ଲାଗି ନିର୍ବାଚନ କମିସନ ନିର୍ଦ୍ଦେଶ ଦେଇଥିବା ବେଳେ ଏଭଳି ତାଲିକା ଦେବାକୁ ମନାକରିଦେଇଛନ୍ତି କମିସନ। କମିସନ ପକ୍ଷରୁ କୁହାଯାଇଛି ଯେ ଭୋଟର ଚିଠା ତାଲିକାକୁ ବାଦ୍ ପଡ଼ିଥିବା ୬୫ ଲକ୍ଷ ଲୋକଙ୍କ ସଂପର୍କରେ ସଂପୂର୍ଣ୍ଣ ବିବରଣୀ ଦେବାକୁ ନିର୍ବାଚନ କମିସନ ଆଇନ ଦୃଷ୍ଟିରୁ ବାଧ୍ୟ ନୁହନ୍ତି।

ଗତକାଲି ସୁପ୍ରିମ କୋର୍ଟରେ ଦାଖଲ କରିଥିବା ସାନି ସତ୍ୟପାଠରେ ଏଭଳି ଯୁକ୍ତି ▶ପୃଷ୍ଠା-୧୦

**ମେଟ୍ରୋ ରେଳ ପ୍ରକଳ୍ପ**

## ଦେଶସାରା କାମ ଚାଲିଛି; ଓଡ଼ିଶା ବେଳକୁ କୁଣ୍ଠକୁଣ୍ଠ

■ **ଭୁବନେଶ୍ୱର, ୧୦।୮ (ସମିସ):** ଦେଶର ଗମନାଗମନ ବ୍ୟବସ୍ଥା ଧୀରେ ଧୀରେ ସ୍ମାର୍ଟ ହେଉଥିବା ବେଳେ ଦେଶ ସହ ତାଳ ଦେଇ ରାଜ୍ୟଗୁଡ଼ିକ ନିଜର ପରିବହନ ବ୍ୟବସ୍ଥାକୁ ଉନ୍ନତ କରୁଛନ୍ତି। ଏ କ୍ଷେତ୍ରରେ ଏକାଧିକ ବିଜେପି ଶାସନାଧୀନ ରାଜ୍ୟ ସରକାର ମଧ୍ୟ ମେଟ୍ରୋ ସହ ଅନ୍ୟାନ୍ୟ ପ୍ରକଳ୍ପକୁ ଗୁରୁତ୍ୱ ଦେଉଛନ୍ତି। ମାତ୍ର ଓଡ଼ିଶାରେ ବିଜେପି ସରକାରଙ୍କ ଓଲଟା କାର୍ଯ୍ୟକଳାପ ସାଧାରଣରେ ଅସନ୍ତୋଷ ସୃଷ୍ଟି କରିଛି। ୨୦୩୬ ସୁଦ୍ଧା ବିକଶିତ ଓଡ଼ିଶା ଗଠନ ଲକ୍ଷ୍ୟ ରଖିଥିବା ରାଜ୍ୟ ସରକାରଙ୍କ ଆଭିମୁଖ୍ୟ ଆଦୌ ସନ୍ତୋଷଜନକ ନୁହେଁ ବୋଲି ବୁଦ୍ଧିଜୀବୀ ମହଲ ମତ ଦେଉଛନ୍ତି।

ନିକଟରେ ଆନ୍ଧ୍ରପ୍ରଦେଶ ସରକାର ଭାଇଜାକ୍ ମେଟ୍ରୋ ପାଇଁ ଟେଣ୍ଡର ଆହ୍ୱାନ କରିଥିବା ବେଳେ ବିଜୟୱାଡା ପାଇଁ ଟେଣ୍ଡର ଡାକିବାକୁ ପ୍ରସ୍ତୁତ ହେଉଛନ୍ତି। ସେହିପରି ମଧ୍ୟପ୍ରଦେଶର ଭୋପାଳରେ ମେଟ୍ରୋ ପ୍ରକଳ୍ପ ଜାରି ରହିଥିବା ବେଳେ ଏହା ୨୦୨୭ ସୁଦ୍ଧା କାର୍ଯ୍ୟକ୍ଷମ ହେବାକୁ ଲକ୍ଷ୍ୟ ରଖାଯାଇଛି। ବିହାରର ପାଟନାରେ ମଧ୍ୟ ପ୍ରକଳ୍ପ ନିର୍ମାଣାଧୀନ ରହିଛି। ଉତ୍ତରପ୍ରଦେଶର ୬ଟି ସହରରେ ମେଟ୍ରୋ ଗଡୁଥିବା ବେଳେ ଏହାକୁ ଅନ୍ୟ ସହରକୁ ସମ୍ପ୍ରସାରଣ କରିବାକୁ ରାଜ୍ୟ ସରକାର କାର୍ଯ୍ୟ କରୁଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରବିବାର ବେଙ୍ଗାଲୁରୁରେ ନମ୍ମା ମେଟ୍ରୋ ଅଧୀନରେ ୟେଲୋ ଲାଇନର ଉଦ୍‌ଘାଟନ କରିଛନ୍ତି। ତାମିଲନାଡୁ ସରକାର ମେଟ୍ରୋ କରିଡର୍ ପାଇଁ ନକ୍ସା ପ୍ରସ୍ତୁତ କରୁଛନ୍ତି। ଆନ୍ଧ୍ରପ୍ରଦେଶ ଓ ତେଲଙ୍ଗାନା ମଧ୍ୟ ମେଟ୍ରୋ ସେବା ପ୍ରତି ଆଗ୍ରହ ପ୍ରକାଶ କରିଛନ୍ତି। ମାତ୍ର ବିଡ଼ମ୍ବନା ହେଉଛି, ଓଡ଼ିଶାରେ ଦେଢ଼ ବର୍ଷ ପୂର୍ବରୁ ମେଟ୍ରୋ ପାଇଁ ତତ୍କାଳୀନ ନବୀନ ପଟ୍ଟନାୟକ ସରକାର ଆରମ୍ଭ କରିଥିବା ଏହି ପ୍ରକଳ୍ପ ଏବେ ଅନିଶ୍ଚିତତା ମଧ୍ୟକୁ ଠେଲି ହୋଇ ଯାଇଛି।

ବିଜେଡି ସରକାର ୨୦୨୭ ସୁଦ୍ଧା ରାଜଧାନୀରେ ମେଟ୍ରୋ ରେଳ ଗଡ଼ାଇବାକୁ ପ୍ରତିବଦ୍ଧତାର ସହ ପ୍ରକଳ୍ପ କାର୍ଯ୍ୟ ଆଗକୁ ବଢ଼ାଇଥିବା ବେଳେ ରାଜ୍ୟରେ ବିଜେପି ଶାସନକୁ ଆସିବା ପରେ ଏହି ପ୍ରକଳ୍ପର ▶ପୃଷ୍ଠା-୧୦



**ଆସନ୍ତା ୫ବର୍ଷ ମଧ୍ୟରେ ବି ପ୍ରକଳ୍ପ ଆଶା କ୍ଷୀଣ**

**୨୦୨୪ରେ ଶୁଭ ଦେଇଥିଲେ ନବୀନ ପଟ୍ଟନାୟକ**

**୨୦୨୭ ମସିହାରେ ଶେଷ ହୋଇଥା'ନ୍ତା ପ୍ରକଳ୍ପ**

**ପଛକୁ ପଛ ଆସୁଛି ଦୁଇଟି ଲଘୁଚାପ**

## ୧୨ରୁ ଲାଗିରହିବ ବର୍ଷା

■ **ଭୁବନେଶ୍ୱର, ୧୦।୮ (ସମିସ):** ରାଜ୍ୟକୁ ପୁଣି ଫେରିବ ବର୍ଷା। ପ୍ରାୟ ଦୁଇ ସପ୍ତାହର ବିରତି ପରେ ସକ୍ରିୟ ହେବ ମୌସୁମୀ। ବଙ୍ଗୋପସାଗରରେ ପଛକୁ ପଛ ଦୁଇଟି ଲଘୁଚାପ ଆସୁଥିବା ବେଳେ ଏହା ପୁଣି ଥରେ ମୌସୁମୀକୁ ସକ୍ରିୟ କରାଇବା ସହ ରାଜ୍ୟରେ ବର୍ଷା ପାଇଁ ପାଗ ଅନୁକୂଳ ହେବ। ପ୍ରଥମ ଲଘୁଚାପଟି ଦକ୍ଷିଣ ଓଡ଼ିଶାରେ ଅଧିକ ବର୍ଷା କରାଇବା ସହ ଦ୍ୱିତୀୟ ଲଘୁଚାପ ଉତ୍ତର ଓଡ଼ିଶାରେ ଭଲ ବର୍ଷା କରାଇବ। ତେଣୁ ମୋଟାମୋଟି ଭାବେ ଆଗକୁ ସାରା ରାଜ୍ୟରେ ଭଲ ବର୍ଷା ହେବାର ସମ୍ଭାବନା ରହିଛି।

ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ, ଆସନ୍ତା ୧୩ ତାରିଖରେ ବଙ୍ଗୋପସାଗରରେ ଏକ ଲଘୁଚାପ ସୃଷ୍ଟି ହେବ। ଏହା ଉତ୍ତର ପଶ୍ଚିମ ଓ ତା'ର ପାର୍ଶ୍ୱବର୍ତ୍ତୀ ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗରରେ ସକ୍ରିୟ ରହିବ। ଏହାର ପ୍ରଭାବରେ ୧୨ ତାରିଖରୁ ରାଜ୍ୟର ବିଭିନ୍ନ ସ୍ଥାନରେ ପାଗରେ ପରିବର୍ତ୍ତନ ଆସିବା ସହ ବର୍ଷା ପାଇଁ ସ୍ଥିତି ଅନୁକୂଳ ହେବ। ୧୨ରେ ରାଜ୍ୟର କିଛି କିଛି ସ୍ଥାନରେ ବର୍ଷା ହେବା ନେଇ ମଧ୍ୟ ଆକଳନ କରାଯାଇଛି। ତେବେ କନ୍ଧମାଳ, ରାୟଗଡ଼ା, ଗଜପତି, ଗଜପତି, କୋରାପୁଟ ▶ପୃଷ୍ଠା-୧୦

**ପଟ୍ଟାମୁଣ୍ଡାଇ ଛାତ୍ରୀ ଆତ୍ମଦାହ ମାମଲା**

## ଜେଲ୍ ଗଲା ପ୍ରେମିକ

**ଅଭିଯୁକ୍ତ ମୋବାଇଲରେ ୬୦ ଅଶ୍ଳୀଳ ଭିଡିଓ**

**କେନ୍ଦ୍ରାପଡ଼ା/ପଟ୍ଟାମୁଣ୍ଡାଇ, ୧୦।୮ (ସମିସ):** ବଡ଼ପଡ଼ା ପଞ୍ଚାୟତ କାଠିଆପଡ଼ା ଗ୍ରାମର ଶଶିକାନ୍ତ ପରିଡ଼ାଙ୍କ ଝିଅ ପି.ଡି ସଂଗୀତାଙ୍କ ଆତ୍ମାହୁତି ଘଟଣା ଆଜି ନୂଆ ମୋଡ଼ ନେଇଛି। ଏହି ଘଟଣାରେ ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ପୁଲିସ୍ ସଂଗୀତାଙ୍କ ପ୍ରେମିକ ତେରୋହୀ ଗାଁର ପ୍ରମୋଦ ବେହେରାକୁ ଗିରଫ କରି କୋର୍ଟଚାଲାଣ କରିଛି। ସଂଗୀତାଙ୍କୁ ସେ ବ୍ଲାକମେଲ୍ କରି ଆସୁଥିଲା। ଏପରିକି, ଆତ୍ମହତ୍ୟା କରିବା ପାଇଁ ସେ ତାଙ୍କୁ ଉସୁକାଇଥିଲା ବୋଲି ପୁଲିସ କହିଛି। ପ୍ରମୋଦ ମୋବାଇଲ୍‌ରୁ ପୁଲିସ୍‌କୁ ସଂଗୀତାଙ୍କ ୬୦ଟି ଅଶ୍ଳୀଳ ଭିଡିଓ ମିଳିଛି। ଗତ ଜୁଲାଇ ୧୭ରେ ପ୍ରମୋଦ ସେହି ଭିଡିଓରୁ ଗୋଟିଏ ସଂଗୀତାଙ୍କ ବାପାଙ୍କୁ ମଧ୍ୟ ପଠାଇଥିଲା। ଏହାଛଡ଼ା ଆହୁରି ମଧ୍ୟ ୫ଜଣଙ୍କୁ ମଧ୍ୟ ସେ ସେହି ଅଶ୍ଳୀଳ ଭିଡିଓ ପଠାଇଥିବା ପୁଲିସ ପ୍ରମାଣ ପାଇଛି। ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ଏସପି ସିଦ୍ଧାର୍ଥ କଟାରିଆ ▶ପୃଷ୍ଠା-୧୦

- **ପୀଡ଼ିତାଙ୍କ ବାପା ସମେତ ୬ଜଣଙ୍କୁ ପଠାଇଥିଲା ଭିଡିଓ: ଏସ୍‌ପି**
- **ଗିରଫଦାରୀ ପ୍ରତିବାଦରେ ଥାନା ଆଗରେ ଗ୍ରାମବାସୀଙ୍କ ଧାରଣା**
- **ଅବହେଳା କରିଥିବା କର୍ମଚାରୀଙ୍କ ବିରୋଧରେ ହେବ କାର୍ଯ୍ୟାନୁଷ୍ଠାନ**



**ସରକାରୀ ପ୍ରୋତ୍ସାହନ ଅଭାବ**

## ବୁଡ଼ିଯିବ ବେଲଗୁଣ୍ଠାର ପିତ୍ତଳ ମାଛ ଶିଳ୍ପ!

■ **ବେଲଗୁଣ୍ଠା, ୧୦।୮ (ସମିସ):** ଦୀର୍ଘ ୩୦୦ ବର୍ଷ ଧରି ଗଞ୍ଜାମ ଜିଲ୍ଲା ବେଲଗୁଣ୍ଠାରେ ତିଆରି ହେଉଛି ବିଶ୍ୱପ୍ରସିଦ୍ଧ ପିତ୍ତଳ ମାଛ। ନିର୍ଜୀବ ପିତ୍ତଳ ଚଦରରୁ ପ୍ରସ୍ତୁତ ଏହି ପିତ୍ତଳ ମାଛ ଜୀବନ୍ତ ମାଛ ଭଳି ପ୍ରତୀୟମାନ ହୋଇଥାଏ ଏବଂ ଏହା ହିଁ ଏହାର ବିଶେଷତ୍ୱ। ରାଜ୍ୟପାଳଙ୍କଠାରୁ ଆରମ୍ଭ କରି ମୁଖ୍ୟମନ୍ତ୍ରୀ, ବିଧାୟକ, ସାଂସଦ, ବିଭିନ୍ନ ବିଭାଗୀୟ ମନ୍ତ୍ରୀ, ସଚିବ, ଜିଲ୍ଲାପାଳ, ଉପଜିଲ୍ଲାପାଳ, ବିଡିଓ, ତହସିଲଦାର, ସ୍ଥାନୀୟ ନେତାଙ୍କ ସମେତ ବହୁ ବିଦେଶୀ ଅତିଥି ବିଭିନ୍ନ ସମ୍ବର୍ଦ୍ଧନା ସଭାରେ ପିତ୍ତଳ ମାଛଟିଏ ଉପହାର ପାଇ ଖୁସିରେ ଗଦଗଦ ହୋଇଥା'ନ୍ତି। କିନ୍ତୁ ବିଡ଼ମ୍ବନାର ବିଷୟ, ସେମାନଙ୍କ ମଧ୍ୟରୁ କେହି ଏହି ପିତ୍ତଳ ମାଛ ଶିଳ୍ପର ପ୍ରଚାରପ୍ରସାର ପାଇଁ କେବେହେଲେ ଆଗ୍ରହ ଦେଖାଇନାହାନ୍ତି। ଫଳରେ ଏହି ଶିଳ୍ପ କ୍ରମେ ବାଟ ହୁଡ଼ିବାକୁ ବସିଲାଣି। ସରକାର ବିଭିନ୍ନ କଳାକାର ଏବଂ ଶିଳ୍ପୀଙ୍କ ପାଇଁ ବିଭିନ୍ନ ପ୍ରକାର ପ୍ରୋତ୍ସାହନ ଭତ୍ତାର ବ୍ୟବସ୍ଥା କରିଥିବା ବେଳେ ବେଲଗୁଣ୍ଠାର ପିତ୍ତଳ ମାଛ କାରିଗର କିନ୍ତୁ ଏଥିରୁ ବଞ୍ଚିତ।

ବେଲଗୁଣ୍ଠାର ବିଶିଷ୍ଟ ପିତ୍ତଳ ମାଛ ଶିଳ୍ପୀ ପ୍ରଦୀପ ମହାରଣାଙ୍କ କହିବା କଥା, ବ୍ରିଟିଶ୍ ଶାସନ ସମୟରେ ସ୍ୱର୍ଗତ ଗଙ୍ଗାଧର ମହାରଣାଙ୍କ ଅମଳରୁ ଏହି ପିତ୍ତଳ ମାଛ ତିଆରି ଆରମ୍ଭ ହୋଇଥିଲା। ଏହା ତତ୍କାଳୀନ ବ୍ରିଟିଶ୍ ଶାସକମାନଙ୍କ ସହ ଭଞ୍ଜବଂଶୀୟ ରାଜା ରାମଚନ୍ଦ୍ର ଭଞ୍ଜଙ୍କୁ ବିମୁଗ୍ଧ କରିଥିଲା। କ୍ରମେ ଏହି ଶିଳ୍ପ ନାନା ବାଧାବିଘ୍ନ ଦେଇ ବିଂଶ ଶତାବ୍ଦୀ ପର୍ଯ୍ୟନ୍ତ ଚାଲିଥିଲା। ତେବେ ତାଲିମ୍ ଅଭାବରୁ ପିତ୍ତଳ ମାଛ ଶିଳ୍ପ ପାଇଁ ଆବଶ୍ୟକ କାରିଗର ସୃଷ୍ଟି ହୋଇପାରୁନାହାନ୍ତି। ସେହିପରି ଏହି ଶିଳ୍ପ ପାଇଁ ଆବଶ୍ୟକ କର୍ମଶାଳା ବେଲଗୁଣ୍ଠାରେ ନ ଥିବାରୁ ତାଲିମ୍‌ପ୍ରାପ୍ତ କାରିଗରମାନେ ଅନ୍ୟତ୍ର ଚାଲିଯାଉଛନ୍ତି।

ଗୋଟିଏ ଦଶ ଇଞ୍ଚ ଲମ୍ବର ମାଛ ତିଆରି ପାଇଁ ଦୁଇଦିନ ସମୟ ଲାଗେ ଓ ଏଥିରେ ପ୍ରାୟ ୭୦୦ ଟଙ୍କାର କଞ୍ଚାମାଲ୍ ଖର୍ଚ୍ଚ ହୋଇଥାଏ। ସେହି ମାଛଟି ମାତ୍ର ୧୦୦୦ ଟଙ୍କାରେ ବିକ୍ରି ହୋଇଥାଏ। ଅର୍ଥାତ୍ ଦୁଇ ଦିନରେ ଶିଳ୍ପୀଟିଏ ମାତ୍ର ୩୦୦ ଟଙ୍କା ରୋଜଗାର କରିଥାଏ। ଏହି ନିମ୍ନ ପାରିଶ୍ରମିକରେ ପରିବାର ପ୍ରତିପୋଷଣ ଏକପ୍ରକାର ଅସମ୍ଭବ ଓ ତେଣୁ ଏହି ପରିବାରର ଯୁବକମାନେ ପିତ୍ତଳ ମାଛ ଶିଳ୍ପରୁ ମୁହଁ ଫେରାଇ ପରିବାର ପ୍ରତିପୋଷଣ ପାଇଁ ଅନ୍ୟ ରାସ୍ତା ଆପଣାଉଛନ୍ତି। ▶ପୃଷ୍ଠା-୧୦



**ମୁହଁ ଫେରାଉଛନ୍ତି ଯୁବ କାରିଗର**

## ଆଜିର ରାଶିଫଳ

**ମେଷ:** ଦିନଟି ଭଲରେ କଟିବ। ପରିବାରର ସହଯୋଗ ମିଳିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ଘରେ ପୂଜାପାଠର ଆୟୋଜନ ହୋଇପାରେ। ବାହନ ସୁଖ ପ୍ରାପ୍ତ ହେବ। ବିଦ୍ୟାର୍ଥୀମାନେ କୃତକାର୍ଯ୍ୟ ହେବେ।

**ବୃଷ:** ଜମିବାଡ଼ି କିଣିବା ଯୋଗ ଅଛି। ଆଇଟି ଓ ବ୍ୟାଙ୍କ କ୍ଷେତ୍ରରେ ସଫଳତା ମିଳିବ। କୌଣସି ଶୁଭ ସମାଚାର ପ୍ରାପ୍ତ ହେବ। ସେୟାର ବଜାରରେ ନିବେଶ କରିବାକୁ ଭଲ ସମୟ। ଅଯଥା ଖର୍ଚ୍ଚ କରନ୍ତୁନି।

**ମିଥୁନ:** ଛାତ୍ରଛାତ୍ରୀ ପଢ଼ାରେ ମନଯୋଗ ଦେବେ। ବ୍ୟବସାୟରେ ପରିବର୍ତ୍ତନ ଆଣିବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଧାର୍ମିକ ସମାବେଶରେ ଯୋଗ ଦେଇପାରନ୍ତି। ଦୂରସ୍ଥାନକୁ ଯାତ୍ରାଯୋଗ ଅଛି।

**କର୍କଟ :** ଦିନଟି ବ୍ୟସ୍ତତା ଭିତରେ କଟିବ। ଛାତ୍ରଛାତ୍ରୀ ପଢ଼ାରେ ମନୋନିବେଶ କରିବେ। ଉଚ୍ଚଶିକ୍ଷା ପାଇଁ ଅନୁକୂଳ ସମୟ। କଥାବାର୍ତ୍ତାରେ ମଧୁରତା ରଖିବେ। ଗୁରୁଜନଙ୍କ ସ୍ୱାସ୍ଥ୍ୟ ସମସ୍ୟା ଚିନ୍ତା ବୃଦ୍ଧି କରିପାରେ।

**ସିଂହ:** ପରିବାର ସହ ଯାତ୍ରା ଯୋଗ ରହିଛି। ଘରକୁ ଅତିଥି ଆଗମନ କରିବେ। ଦିନଟି ହସଖୁସିରେ ଅତିବାହିତ ହେବ। ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ। ଆୟବ୍ୟୟ ସମାନ ରହିବ। ସଙ୍ଗୀତ ପ୍ରତି ରୁଚି ବଢ଼ିବ।

**କନ୍ୟା:** ନିଜ ଲୋକ ଶତ୍ରୁ ସାଜିପାରନ୍ତି। ମାପିଚୁପି କଥା କୁହନ୍ତୁ। ବ୍ୟବସାୟକୁ ଆଗକୁ ବଢ଼ାଇବାରେ ସଫଳ ହେବେ। ରିୟଲ ଇଷ୍ଟେଟ୍ ବ୍ୟବସାୟରେ ଲାଭ ହେବ। ବନ୍ଧୁଙ୍କ ଦ୍ୱାରା ଧନପ୍ରାପ୍ତି ଯୋଗ ରହିଛି।

**ତୁଳା:** ବ୍ୟସ୍ତତା ଭିତରେ ପରିବାର ପାଇଁ ସମୟ ବାହାର କରିବେ। ମନ ପ୍ରସନ୍ନ ରହିବ। ଖର୍ଚ୍ଚ ବୃଦ୍ଧି ପାଇବ। ମନପସନ୍ଦର କୌଣସି କାର୍ଯ୍ୟ କରିବେ। ରାଜନେତାଙ୍କ ପାଇଁ ଦିନଟି ଭଲ।

**ବିଛା:** ବରିଷ୍ଠ ଅଧିକାରୀଙ୍କ ସହ କଥାବାର୍ତ୍ତା ସମୟରେ ସଂଯମତା ରକ୍ଷା କରନ୍ତୁ। ପ୍ରଶାସନିକ କ୍ଷେତ୍ରରେ ସଫଳତା ପାଇବେ। ପରିବାରରେ ସୁଖଶାନ୍ତି ବଜାୟ ରହିବ। ଯୋଜନା ମୁତାବକ କାମ କରନ୍ତୁ।

**ଧନୁ:** ପ୍ରେମ ଜୀବନରେ ପ୍ରଗାଢ଼ତା ଆସିବ। ଯାନବାହନ ଓ ଜମି କିଣିବାର ଯୋଗ ଅଛି। କୌଣସି ନୂଆ କାମ ମିଳିପାରେ। ସରକାରି ଚାକିରିଆଙ୍କ ପାଇଁ ଦିନଟି ଭଲ। ସାମାଜିକ କାର୍ଯ୍ୟରେ ସାମିଲ ରହିବେ।

**ମକର:** କ୍ୟାରିୟର ପାଇଁ ଭଲ ସମୟ ରହିବ। ନୂଆ ଲୋକଙ୍କୁ ଭେଟିବାର ସୁଯୋଗ ଜୁଟିବ। ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପ୍ରସ୍ତୁତି କରିବେ। ଅଟକି ରହିଥିବା କାର୍ଯ୍ୟ ପୂରଣ ହେବ। ଅଯଥା ଯୁକ୍ତିତର୍କ ହୋଇପାରେ।

**କୁମ୍ଭ:** ସଫଳତା ପାଇଁ ଅଧିକ ପରିଶ୍ରମ କରିବେ। ପରିବାରର ସହଯୋଗ ମିଳିବ। ଚାକରିରେ ପଦୋନ୍ନତି ସମ୍ଭାବନା ରହିଛି। ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତି ହେବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।


**ମୀନ:** ବିବାହ ସ୍ଥିର ହେବ। କୌଣସି ନୂଆ ବିଷୟ ପ୍ରତି ଆଗ୍ରହ ବଢ଼ିବ। ଅଫିସ୍ କାର୍ଯ୍ୟ ପାଇଁ ବିଦେଶ ଯାତ୍ରା ଯୋଗ ରହିବ। କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ। ପଡ଼ୋଶୀଙ୍କ ସହ ସୁ-ସମ୍ପର୍କ ବଢ଼ିବ।

## ଆଜିର ଇତିହାସ

- ୧୯୦୮ - କ୍ରାନ୍ତିକାରୀ ଖୁଦିରାମ ବୋଷଙ୍କୁ ଫାଶୀ।
- ୧୯୧୪- ଅଷ୍ଟ୍ରିଆ ଓ ହଙ୍ଗେରୀ ଉପରେ ଫ୍ରାନ୍ସର ଆକ୍ରମଣ ଘୋଷଣା।
- ୧୯୪୮ -ଲଣ୍ଡନରେ ସମର୍ ଅଲିମ୍ପିକର ଆରମ୍ଭ।
- ୧୯୬୦- ଫ୍ରାନ୍ସଠାରୁ ଆଫ୍ରିକୀୟ ଦେଶ ଚାଦ୍‌ର ସ୍ୱାଧୀନତା ଲାଭ।
- ୧୯୮୫- ରୋନାଲ୍ଡ ରିଗନ୍ ଆମେରିକାର ରାଷ୍ଟ୍ରପତି ହେଲେ।

## ଆଜି ଆସିଥିଲେ

# ଔପନ୍ୟାସିକ କାହ୍ନୁଚରଣ ମହାନ୍ତି



ଓଡ଼ିଆ କଥାସାହିତ୍ୟର ଅପ୍ରତିଦ୍ୱନ୍ଦ୍ୱୀ ଔପନ୍ୟାସିକ ହେଉଛନ୍ତି କାହ୍ନୁଚରଣ ମହାନ୍ତି। ଓଡ଼ିଆ ଉପନ୍ୟାସଗୁଡ଼ିକୁ ଓଡ଼ିଶାର ଗାଁଗହଳିରେ ଲୋକପ୍ରିୟ କରାଇବାରେ ତାଙ୍କର ଅବଦାନ ଅତୁଳନୀୟ। ସାହିତ୍ୟ ଜୀବନର ପ୍ରାୟ ଛଅ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ମଧ୍ୟରେ ସେ ୫୬ଟି ଉପନ୍ୟାସ ରଚନା କରି ଓଡ଼ିଆ ବାଣୀଭଣ୍ଡାରକୁ ସମୃଦ୍ଧ କରିଛନ୍ତି। ପରିବେଶ ଓ ଘଟଣା ବର୍ଣ୍ଣନା ମାଧ୍ୟମରେ ସେ ଚରିତ୍ରମାନଙ୍କର ମାନସିକତାକୁ ଅବିକଳ ଭାବେ ପ୍ରଦର୍ଶନ କରିବାରେ ଥିଲେ ସିଦ୍ଧହସ୍ତ। କାହ୍ନୁଚରଣ ୧୯୦୬ ମସିହା ଆଜିର ଦିନରେ କଟକ ଜିଲ୍ଲାସ୍ଥିତ ନାଗବଳି ଗାଁରେ ଜନ୍ମଗ୍ରହଣ କରିଥିଲେ। ତାଙ୍କର ପିଲାଟି ବେଳୁ ସାହିତ୍ୟ ତଥା ଲେଖାଲେଖି ପ୍ରତି ଆଗ୍ରହ ଥିଲା। ପ୍ୟାରୀମୋହନ ଏକାଡେମୀରେ ପାଠ ପଢ଼ିବା ସମୟରେ ବିଦ୍ୟାଳୟ ପତ୍ରିକାରେ ତାଙ୍କର କେତୋଟି କବିତା ପ୍ରକାଶ ପାଇଥିଲା। ତେବେ ସେ କବିତା ଲେଖିବା ଜାରି ରଖି ନ ଥିଲେ। କାହ୍ନୁଚରଣ ଭାବୁଥିଲେ ସଂସ୍କୃତ ଭାଷାରେ କବିତା ଲେଖିଲେ ହିଁ, ପ୍ରକୃତ କବିର ପରିଚୟ ମିଳିପାରିବ। ମାତ୍ର ପରବର୍ତ୍ତୀ ସମୟରେ ତାଙ୍କର ହୃଦ୍‌ବୋଧ ହେଲା ଯେ, ବାପା, ମାଆ, ମାଉସୀ ଆଦି ଯେଉଁ ଭାଷାରେ କଥାବାର୍ତ୍ତା ହେଉଛନ୍ତି, ସେହି ଭାଷାରେ ବି ଲେଖାଲେଖି କରାଯାଇପାରିବ। ଆଉ ତା'ପରେ କାହ୍ନୁଙ୍କର ଲେଖନୀ ଯାତ୍ରା ଆରମ୍ଭ ହୋଇଥିଲା। ସେ ଫକୀର ମୋହନ ସେନାପତିଙ୍କ ରଚନାରେ ବେଶ୍ ପ୍ରଭାବିତ ଥିଲେ। ଗ୍ରାଜୁଏସନ୍ ଶେଷ ପରେ କାହ୍ନୁଚରଣ ସରକାରୀ ସେବାରେ କିରାଣି ଚାକିରି କରିଥିଲେ। ଆଉ ୧୯୬୪ରେ ବରିଷ୍ଠ ପ୍ରଶାସନିକ ଅଧିକାରୀ ଭାବେ ସରକାରୀ ସେବାରୁ ଅବସର ନେଲେ। ଏ ସବୁ ଭିତରେ ସେ ଲେଖାଲେଖି ଜାରି ରଖିଥିଲେ। କାହ୍ନୁଙ୍କ ପ୍ରଥମ ଉପନ୍ୟାସ ଥିଲା 'ଉତ୍ସବେ ବ୍ୟସନେ', କିନ୍ତୁ ଦୁଃଖର ବିଷୟ ତାହା ପ୍ରକାଶିତ ହୋଇ ନ ଥିଲା। 'ବାଲିରାଜା' ତାଙ୍କର ପ୍ରଥମ ପ୍ରକାଶିତ ଉପନ୍ୟାସ। ତାଙ୍କର ଅଧିକାଂଶ ଉପନ୍ୟାସରେ ମହିଳାଙ୍କ ଦୁର୍ଦ୍ଦଶା ଏବଂ ଜାତିଗତ ଓ ଆର୍ଥିକ ଶୋଷଣର ବାସ୍ତବବାଦୀ ଚିତ୍ରଣ ଦେଖିବାକୁ ମିଳେ। ତାଙ୍କର ଲୋକପ୍ରିୟ ଉପନ୍ୟାସ ମଧ୍ୟରୁ 'ବାଲିରାଜା', 'କା', 'ତୁଣ୍ଡବାଇଦ', 'ଅଦେଖା ହାତ', 'ହା ଅନ୍ନ', 'ଶାସ୍ତି', 'ଏପାରି ସେପାରି' ପ୍ରଭୃତି ଅନ୍ୟତମ। ତାଙ୍କର ଅଧିକାଂଶ ଉପନ୍ୟାସ ସାମାଜିକ ସ୍ଥିତି ଉପରେ ଆଧାରିତ। ସେହିପରି ତାଙ୍କର ଲୋକପ୍ରିୟ ଉପନ୍ୟାସ 'କା', 'ତୁଣ୍ଡବାଇଦ', 'ଅଭିନେତ୍ରୀ' ଆଦିକୁ ନେଇ ଫିଲ୍ମ ମଧ୍ୟ ତିଆରି ହୋଇଛି। 'କା' ଉପନ୍ୟାସ ଲାଗି ସେ ୧୯୫୮ ରେ କେନ୍ଦ୍ର ସାହିତ୍ୟ ଅକାଦେମୀ ପୁରସ୍କାର ପାଇଥିଲେ। ଏହାପରେ ତାଙ୍କୁ ସାହିତ୍ୟ ଏକାଡେମୀ ଫେଲୋ ସମ୍ମାନ ପ୍ରଦାନ କରାଯାଇଥିଲା। ୧୯୬୦ରୁ ୧୯୯୦ ମଧ୍ୟରେ ସେ ଥିଲେ ସବୁଠୁ ଲୋକପ୍ରିୟ ଔପନ୍ୟାସିକ। ୧୯୯୪ ଏପ୍ରିଲ ୬ ତାରିଖରେ କାହ୍ନୁଚରଣଙ୍କର ତିରୋଧାନ ହୋଇଥିଲା।

# 'ଛୁମନ୍ତର'ରେ ଅଭୟ-ଅନନ୍ୟା




ଦିନେଶ ବିଜାନ ଏବେ ସାଇନ୍ସ ଫିକ୍ସନ ଓ ରୋମାନ୍ସର ମିଶ୍ରଣରେ ଆଧାରିତ ଏକ ଫିଲ୍ମ ଆଣିବା ପାଇଁ ଯୋଜନା କରିଛନ୍ତି। ଫିଲ୍ମର ଟାଇଟଲ୍ ରହିଛି 'ଛୁମନ୍ତର'। ଏହି ଫିଲ୍ମ ପାଇଁ ଅନନ୍ୟା ପାଣ୍ଡେ ଓ 'ମୁଞ୍ଜା' ଫେମ୍ ଅଭିନେତା ଅଭୟ ବର୍ମାଙ୍କୁ ଫାଇନାଲ କରାଯାଇଛି। ଅବଶ୍ୟ ଏଯାଏଁ ଅନନ୍ୟା କି ଅଭୟ ଫିଲ୍ମ ସାଇନ୍ କରିନାହାନ୍ତି। ୨୦୨୩ରେ ଆସିଥିବା ଫିଲ୍ମ 'ଧକ୍ ଧକ୍'ର ନିର୍ଦ୍ଦେଶନା ଦେଇଥିବା ତରୁଣ ଡୁଡେଜା ଏହାର ନିର୍ଦ୍ଦେଶନା ଭାର ସମ୍ଭାଳିବେ। ଚଳିତବର୍ଷ ଶେଷ ଆଡ଼କୁ ଏହାର ସୁଟିଂ ଆରମ୍ଭ ହୋଇପାରେ। ତେବେ ଅଭୟ ପୂର୍ବରୁ ଦିନେଶଙ୍କ ସହ କାମ କରିଥିବାବେଳେ ଅନନ୍ୟା ପ୍ରଥମ ଥର ତାଙ୍କ ସହ କାମ କରିବେ। ଅଭୟ ଏହାବାଦ୍ 'କିଙ୍ଗ୍' ଫିଲ୍ମରେ ଅଭିଷେକ ବଚ୍ଚନ ଓ ସୁହାନା ଖାନ୍‌ଙ୍କ ସହ ନଜର ଆସିବେ। ଅନ୍ୟପକ୍ଷରେ ଅନନ୍ୟା କାର୍ତ୍ତିକ୍ ଆର୍ଯ୍ୟନ୍‌ଙ୍କ ସହ 'ତୁ ମେରି ମେ ତେରା ମେ ତେରା ତୁ ମେରି' ଫିଲ୍ମରେ ନଜର ଆସିବେ। 'ଛୁମନ୍ତର' ମାଧ୍ୟମରେ ପ୍ରଥମ ଥର ପାଇଁ ଅନନ୍ୟା, ଅଭୟଙ୍କ ସହ ସ୍କ୍ରିନ୍ ସେୟାର୍ କରିବାକୁ ଯାଉଛନ୍ତି।

# ସରକାରୀ ଚାକିରି ପାଇଁ ଲାଗେ ଭିଡ଼



ଭାରତରେ ଅନେକ ରହସ୍ୟମୟ ଓ ଚମତ୍କାରୀ ମନ୍ଦିର ରହିଛି। ଏହି କ୍ରମରେ ଆମ ଦେଶରେ ଏମିତି ଏକ ମନ୍ଦିର ରହିଛି, ଯେଉଁଠି ପୂଜା କଲେ ସରକାରୀ ଚାକିରି ମିଳୁଥିବା ସ୍ଥାନୀୟ ଲୋକଙ୍କ ମଧ୍ୟରେ ବିଶ୍ୱାସ ରହିଛି। ସରକାରୀ ଚାକିରି କରିବାକୁ ଅନେକ ଯୁବକ ଯୁବତୀ ସ୍ୱପ୍ନ ଦେଖନ୍ତି। କିନ୍ତୁ ଏହି ଇଚ୍ଛା ବହୁତ କମ୍ ଜଣକର ପୂର୍ଣ୍ଣ ହୋଇଥାଏ। ଅନେକ ଯୁବକଯୁବତୀ କଠିନ ପରିଶ୍ରମ ସତ୍ତ୍ୱେ ସରକାରୀ ଚାକିରିଟିଏ ପାଇ ନ ଥାନ୍ତି। ରାଜସ୍ଥାନର ଜୟପୁରଠାରୁ ୬୫ କିଲୋମିଟର ଦୂରରେ ଅନ୍ତେଲା ଗାଁ ରହିଛି। ଏହି ଗାଁରେ ଥିବା ଅନ୍ତେଲା କୁଣ୍ଡା ଧାମ ମନ୍ଦିରର ଦର୍ଶନ କଲେ ସରକାରୀ ଚାକିରି ମିଳିଥାଏ ବୋଲି ବିଶ୍ୱାସ ରହିଛି। ଏହି ମନ୍ଦିରଟି ଭଗବାନ ଶିବଙ୍କୁ ସମର୍ପିତ। ଗ୍ରାମବାସୀଙ୍କ କହିବା କଥା, ଏଠାରେ ଥିବା ମହାଦେବଙ୍କର ଶ୍ରଦ୍ଧାଳୁଙ୍କ ଉପରେ ବିଶେଷ କୃପା ରହିଛି। ଏଠାରେ ଜଣେ ପୂଜାର୍ଚ୍ଚନା କଲେ ସରକାରୀ ଚାକିରି ମିଳିଥାଏ। ଉଲ୍ଲେଖନୀୟ କଥାଟି ହେଲା, ଗାଁର ପ୍ରତ୍ୟେକ ଘରେ ଅତିକମ୍‌ରେ ଜଣେ ଜଣେ ସରକାରୀ ଚାକିରିଆ ଅଛନ୍ତି। ସରକାରୀ ଚାକିରି ଆଶାରେ ଏଠାରେ ବହୁ ଦୂର ଦୂରାନ୍ତରୁ ଲୋକ ମହାଦେବଙ୍କ ଦର୍ଶନ ପାଇଁ ଆସିଥାନ୍ତି। ତେବେ ଏହି ମନ୍ଦିର ଏବେ ଗ୍ରାମବାସୀଙ୍କ ପାଇଁ କେବଳ ଆସ୍ଥାର କେନ୍ଦ୍ର ନୁହେଁ, ରୋଜଗାର ଆଶାର କେନ୍ଦ୍ରସ୍ଥଳୀ ପାଲଟି ଯାଇଛି। ଗ୍ରାମବାସୀଙ୍କ ପାଇଁ ଏହି ମନ୍ଦିର କୌଣସି ଚମତ୍କାରିତାଠାରୁ କମ୍ ନୁହେଁ। ଅନ୍ୟପଟେ ଯେଉଁମାନେ ଏହା ଉପରେ ବିଶ୍ୱାସ କରନ୍ତିନି, ସେମାନେ ଏହାକୁ ଅନ୍ଧବିଶ୍ୱାସ ବୋଲି ଭାବିଥାନ୍ତି। ସବୁଠୁ ବଡ଼ କଥା ହେଉଛି, ରାଜସ୍ଥାନରେ ପାଣିର ଘୋର ଅଭାବ ଦେଖାଯାଏ। କିନ୍ତୁ କୁଣ୍ଡାଧାମ ମନ୍ଦିରରେ ଥିବା ଜଳକୁଣ୍ଡରୁ କେବେ ଜଳ ଶୁଖେ ନାହିଁ। ଏହାକୁ ମଧ୍ୟ ମହାଦେବଙ୍କ କୃପା ବୋଲି ଗ୍ରାମବାସୀ ମାନନ୍ତି।

# ଭାଦ୍ରବ ମାସର ମହତ୍ତ୍ୱ





**ଭାଦ୍ରବ ମାସ ଭଗବାନ କୃଷ୍ଣ ଏବଂ ଶ୍ରୀଗଣେଶଙ୍କୁ ସମର୍ପିତ। ଏହି ମାସରେ ଜନ୍ମାଷ୍ଟମୀ, ଗଣେଶ ପୂଜା, ଅନନ୍ତ ଚତୁର୍ଦ୍ଦଶୀ ଭଳି ଅନ୍ୟାନ୍ୟ ପର୍ବ ପଡ଼ିଥାଏ। ସେହିପରି ଭାଦ୍ରବ ମାସ ପୂର୍ଣ୍ଣିମାରୁ ପିତୃପକ୍ଷ ଆରମ୍ଭ ହେବ। ତେବେ ଏହି ମାସ ଧାର୍ମିକ ଦୃଷ୍ଟିକୋଣରୁ ବେଶ୍ ଶୁଭ ହୋଇଥାଏ।**

ହିନ୍ଦୁ ଶାସ୍ତ୍ରରେ ଏହି ମାସକୁ ବେଶ୍ ସ୍ୱତନ୍ତ୍ର ବୋଲି କୁହାଯାଇଛି। ଏହି ମାସରେ କୌଣସି ଶୁଭ କାମ କରାଯାଇ ନ ଥାଏ। ଭାଦ୍ରବ ମାସରେ ଭଗବାନ ଶ୍ରୀକୃଷ୍ଣ ଏବଂ ଶ୍ରୀ ଗଣେଶଙ୍କ ପୂଜାର୍ଚ୍ଚନା କଲେ ସମସ୍ତ ମନୋକାମନା ପୂରଣ ହୋଇଥାଏ। ସେହିପରି ଏହି ମାସରେ ଦେବୀ ଦେବତାଙ୍କ ଉପାସନା କରିବା ଦ୍ୱାରା ସମସ୍ତ କଷ୍ଟ ଓ ଦୁଃଖରୁ ମୁକ୍ତି ମିଳିଥାଏ। ଏହାସହ ସୁଖ, ସମୃଦ୍ଧି ଏବଂ ସୌଭାଗ୍ୟ ପ୍ରାପ୍ତି ହୋଇଥାଏ। ଏହା ଶ୍ରୀକୃଷ୍ଣଙ୍କ ପ୍ରିୟ ମାସ। ତେଣୁ କୃଷ୍ଣ ଭକ୍ତଙ୍କ ପାଇଁ ଏହି ମାସକୁ ସର୍ବୋତ୍ତମ ବୋଲି ବିବେଚନା କରାଯାଏ। ଶ୍ରୀକୃଷ୍ଣଙ୍କ ପୂଜା, ବ୍ରତ କରିବାର ବିଶେଷ ମହତ୍ତ୍ୱ ଅଛି। ସେହିପରି ଘରେ ଲଡ୍ଡୁ ଗୋପାଳଙ୍କୁ ସ୍ଥାପନା କରିବା, ଶଙ୍ଖ ସ୍ଥାପନା, ଗୀତାପାଠ କରିବାକୁ ଅଧିକ ଶୁଭ ବୋଲି କୁହାଯାଇଛି। ମାନ୍ୟତା ଅଛି, ଏଭଳି କରିବା ଦ୍ୱାରା ଧନ, ଯଶ ଏବଂ ବୈଭବ ପ୍ରାପ୍ତି ହୋଇଥାଏ। ଏହି ମାସରେ ଶ୍ରୀକୃଷ୍ଣଙ୍କୁ ତୁଳସୀ ଅର୍ପଣ କରିବା ଦ୍ୱାରା ପାରିବାରିକ ଜୀବନରେ ସୁଖସମୃଦ୍ଧି ଆସିଥାଏ।

# ବୁଧିବାମନ ଓଷା

ଭାଦ୍ରବ ମାସରେ ପାଳିତ ହେଉଥିବା ଓଷାବ୍ରତ ମଧ୍ୟରୁ ଅନ୍ୟତମ ବୁଧିବାମନ ବ୍ରତ। ଏହା 'ବୁଧେଇ ଓଷା' ନାଁରେ ମଧ୍ୟ ପରିଚିତ। ବୁଧବାର ଏହି ବ୍ରତ ପାଳନ କରାଯାଏ। ପ୍ରତ୍ୟେକ ବୁଧବାର ସଧବା ନାରୀମାନେ ସନ୍ତାନ କାମନା କରିବା ଏବଂ ସନ୍ତାନଙ୍କ ଶୁଭ ମନାସିବା ଉଦ୍ଦେଶ୍ୟରେ ଏହାକୁ ପାଳନ କରିଥାନ୍ତି। ଏହି ବ୍ରତକୁ ନିର୍ଜଳା ଭାବେ ନିଷ୍ଠାର ସହ ପାଳନ କରାଯାଏ। ଏହାକୁ ୪ଟି କିମ୍ବା ପାଞ୍ଚଟି ବୁଧବାରରେ ପାଳିତ ହୁଏ। ଏହାକୁ ଗହ୍ମା ପୂର୍ଣ୍ଣିମା ପରଦିନଠାରୁ ଭାଦ୍ରବ ପୂର୍ଣ୍ଣିମା ବା ଇନ୍ଦୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ପ୍ରତି ବୁଧବାର ସଧବା ନାରୀ ପୂଜାର୍ଚ୍ଚନା କରିଥାନ୍ତି।



ଏଥିରେ ବୁଧିବାମନଙ୍କୁ ପୂଜା କରାଯାଏ। ଏଠାରେ ବୁଧେଇ ହେଉଛନ୍ତି ଭୈରବୀ ବା ବିମଳା। ସେହିପରି ବାମନ କହିଲେ, ଭୈରବ, ଯିଏ ସ୍ୱୟଂ ଜଗନ୍ନାଥ। ଏଣୁ ଏହି ଓଷାର ଆରାଧ୍ୟ ଦେବୀ ଦେବତା ହେଲେ ଶ୍ରୀ ଜଗନ୍ନାଥ ଏବଂ ବିମଳା। ଅବଶ୍ୟ ଜ୍ୟୋତିଷ ଶାସ୍ତ୍ର ଅନୁସାରେ, ଏହି ଓଷାରେ ନାରୀରୂପୀ ବୁଧ ଏବଂ ମଙ୍ଗଳାଙ୍କୁ ପୂଜା କରାଯାଏ। ଏହି ପୂଜା ଲାଗି ପାଞ୍ଚଟି ରଙ୍ଗର ଫୁଲ, ପାଞ୍ଚ ପ୍ରକାର ଫଳ, ପାଞ୍ଚ ପ୍ରକାର ଧୂପ, ପାଞ୍ଚ ପ୍ରକାର ଦୁବ ଏବଂ ପାଞ୍ଚଟି ଅକ୍ଷତ ଦରକାର ହୁଏ। ଏଥିରେ ବେଲପତ୍ର, ଫୁଲମାଳ ଏବଂ ଖଇମାଳ ଠାକୁରାଣୀଙ୍କୁ ଲାଗି କରାଯାଏ। ପ୍ରଥମ ପାଳିରେ ଗୋଟିଏ ନଡ଼ିଆ ବସାଯାଏ ଏବଂ ତାହାକୁ ଶେଷ ପାଳିରେ ଭାଙ୍ଗି ଲାଗି କରାଯାଏ। ଶେଷ ପାଳିରେ ପାଞ୍ଚ ପ୍ରକାର ପିଠାପଣା ବି କରାଯାଏ।

ଏହିଦିନ ବ୍ରତଧାରୀ ଦିନଯାକ ଉପବାସ ରହି ରାତିରେ ପୂଜା ପରେ ଭୋଗ ଖାଆନ୍ତି। ଏହି ପୂଜାର ଦେବୀ ଦେବତା ହେଉଛନ୍ତି, ଶିଳ ଏବଂ ଶିଳପୁଆ। ପ୍ରଥମେ ଏହି ଶିଳ ପୁଆକୁ ବଟା ଅଁଳା ପାଣି ସହ ଗଙ୍ଗାଜଳରେ ସ୍ନାନ କରାଯାଏ। ତେବେ କଉଡ଼ି ଏବଂ ଗୁଆରେ ଆଖି, ନାକ, କାନ, ପାଟି କରାଯାଏ। ହଳଦୀକନା ଓ ସୂତା ଗୁଡ଼ାଇ ନାରୀ ବେଶ କରାଯାଏ। ମଥାରେ ସିନ୍ଦୂର ଓ ଆଖିରେ କଜଳ ଦିଆଯାଏ। ଏହାକୁ ପିଢ଼ା ଆସ୍ଥାନରେ ସ୍ଥାପନ କରାଯାଏ। ଏହି ଓଷା ବହିରେ ପାଞ୍ଚଟି ଅଧ୍ୟାୟ ଅଛି। ଏଥିରେ ବୁଧେଇଙ୍କ ମହିମାକୁ ବର୍ଣ୍ଣନା କରାଯାଇଛି।

# ସ୍ୱସ୍ତି

## ଜନ୍ମାଷ୍ଟମୀ ପର୍ବ




**ଭାଦ୍ରବ ମାସ ଶୁକ୍ଳ ପକ୍ଷ ଅଷ୍ଟମୀ ତିଥିରେ ଭଗବାନ ଶ୍ରୀକୃଷ୍ଣ ଜନ୍ମ ନେଇଥିଲେ। କୃଷ୍ଣଙ୍କ ଜନ୍ମ ଉତ୍ସବକୁ 'ଜନ୍ମାଷ୍ଟମୀ' ଭାବେ ପାଳନ କରାଯାଏ। କୃଷ୍ଣଙ୍କ ଜନ୍ମସ୍ଥାନ ମଥୁରା ଏବଂ ସେ ବଢ଼ିଥିବା ବୃନ୍ଦାବନରେ ଏହି ଦିନରେ ଭକ୍ତଙ୍କ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥାଏ। ତା'ସହ ଏହିଦିନ କୃଷ୍ଣ ମନ୍ଦିର ଚଳଚଞ୍ଚଳ ହୋଇଥାଏ ଏବଂ କୃଷ୍ଣ ମନ୍ଦିରକୁ ସୁନ୍ଦର ଭାବେ ସଜାଯାଇଥାଏ।**

ଶ୍ରୀକୃଷ୍ଣ ହେଉଛନ୍ତି ଭଗବାନ ବିଷ୍ଣୁଙ୍କର ଅଷ୍ଟମ ଅବତାର। ସେ ଅଧର୍ମ ତଥା ପାପ ବିରୋଧରେ ଠିକ୍ ମାର୍ଗଦର୍ଶନ କରାଇଥାନ୍ତି। ଦେବକୀ ଏବଂ ବସୁଦେବଙ୍କ ପୁତ୍ର ରୂପେ କୃଷ୍ଣ ମଥୁରାରେ ଜନ୍ମ ହୋଇଥିଲେ। ସେ କଂସର ବନ୍ଦୀଶାଳରେ ଜନ୍ମ ହୋଇଥିଲେ। କିନ୍ତୁ ପରେ କଂସ ଭୟରେ ବସୁଦେବ କୃଷ୍ଣଙ୍କୁ ମଥୁରାରେ ଛାଡ଼ି ଦେଇ ଥିଲେ। କୃଷ୍ଣଙ୍କ ଆଶୀର୍ବାଦ ଏବଂ କୃପା ପାଇବା ପାଇଁ କୃଷ୍ଣଭକ୍ତମାନେ ଶ୍ରଦ୍ଧାନୁସାରେ ଉପବାସ ରଖନ୍ତି। ମଧ୍ୟ ରାତ୍ରିରେ ବିଧିବିଧାନ ସହ ପୂଜାର୍ଚ୍ଚନା କରାଯାଏ। ଜନ୍ମାଷ୍ଟମୀ ବ୍ରତ ବହି ପାଠ କରାଯାଏ। କୃଷ୍ଣଭକ୍ତମାନେ ଭଜନ କୀର୍ତ୍ତନ କରି ଜନ୍ମୋତ୍ସବ ପାଳନ କରନ୍ତି। ଏହିପରି ଭାବେ ମଧ୍ୟ ରାତ୍ରରେ ଉପବାସ ଭାଙ୍ଗନ୍ତି। ଏହି ଅବସରରେ ମହାରାଷ୍ଟ୍ର ଭଳି ଅନ୍ୟ କେତେକ ସ୍ଥାନରେ ଦହି ହାଣ୍ଡି ଉତ୍ସବ ପାଳନର ପରମ୍ପରା ଅଛି। ତେବେ ଏହି ଅବସରରେ ରାସଲୀଳା ଆୟୋଜନ ହୁଏ। ଭାଗବତ ଟୁଙ୍ଗୀ ତଥା ମଠ ମନ୍ଦିରରେ ଭାଗବତ ପୁରାଣ ଏବଂ ଗୀତା ପାଠ କରାଯାଏ। କୃଷ୍ଣଙ୍କ ଭକ୍ତିଗୀତ ଗାନ କରାଯାଏ। ଅନ୍ୟପଟେ ଏହି ରାତିରେ କୃଷ୍ଣଙ୍କ ଧ୍ୟାନ କଲେ ସାଂସାରିକ ମୋହ ମାୟା ଆସକ୍ତି ଦୂର ହୁଏ ବୋଲି ବିଶ୍ୱାସ ଅଛି। ତେବେ ପୁରୀ ଶ୍ରୀମନ୍ଦିରରେ ଜନ୍ମାଷ୍ଟମୀର ସ୍ୱତନ୍ତ୍ର ନୀତି ତଥା ପୂଜାର୍ଚ୍ଚନାର ବିଧି ଅଛି। ଅନ୍ୟପଟେ ଜନ୍ମାଷ୍ଟମୀ ପରଦିନ ନନ୍ଦୋତ୍ସବ ପାଳନ କରାଯାଏ। ନନ୍ଦରାଜ ଓ ଯଶୋଦାଙ୍କ ଖୁସିକୁ ମନେ ପକାଇବା ପାଇଁ ଏହିଦିନ ଲୋକ ଭଜନ କୀର୍ତ୍ତନ କରିଥାନ୍ତି।

# କେଉଁଠି ରଖିବେ ପୂଜା ଦିଆସିଲି

**ପୂଜା ଘର ହେଉଛି ଏକ ପବିତ୍ର ସ୍ଥାନ। ତେଣୁ ପୂଜା ଘର ସହିତ ଏଠାରେ ରଖାଯାଉଥିବା ଜିନିଷର ବାସ୍ତୁ ନିୟମ ପାଳନ କରିବା ଉଚିତ। ଏହାକୁ ନ ମାନିଲେ ବାସ୍ତୁ ଦୋଷ ଲାଗେ। ଏହି କ୍ରମରେ ପୂଜା ଘରେ ବ୍ୟବହାର କରାଯାଉଥିବା ଦିଆସିଲିକୁ ମଧ୍ୟ ଠିକ୍ ସ୍ଥାନରେ ରଖିବା ଦରକାର।**

- ଜୋତା-ଚପଲ ପାଖରେ ପୂଜା ଦିଆସିଲି ରଖନ୍ତୁ ନାହିଁ।
- ପୂଜା ସ୍ଥାନରେ ଦିଆସିଲି ରଖୁଥିଲେ, ଏହାର କାଠିକୁ ଏଣେତେଣେ ଫିଙ୍ଗନ୍ତୁ ନାହିଁ।
- ପୂଜା ଘରେ ଦିଆସିଲିକୁ ସଫା, ଶୁଖିଲା ସ୍ଥାନରେ ରଖନ୍ତୁ ନାହିଁ। ମୁଖ୍ୟତଃ ପୂଜା ବାକ୍ସରେ ରଖନ୍ତୁ।
- ଶୌଚାଳୟ ତଥା ବାଥୁରମ୍ ଭଳି ଅଶୁଦ୍ଧ ସ୍ଥାନ ଆଖପାଖରେ ପୂଜା ଦିଆସିଲି ରଖନ୍ତୁ ନାହିଁ। ଏହାର ପ୍ରଭାବ ନକାରାତ୍ମକ ହୋଇଥାଏ।
- ପୂଜା ସହ ଜଡ଼ିତ କୌଣସି ଜିନିଷ ତଳେ ରଖନ୍ତୁ ନାହିଁ। ଏହାଦ୍ୱାରା ପବିତ୍ରତା ନଷ୍ଟ ହୋଇଥାଏ।



■ ପାରିବାରିକ କଳହର କରୁଣ ପରିଣତ

# ବିଷ ପିଇଦେଲେ ଦମ୍ପତି



ଭଦ୍ରେଶ୍ୱର,୧୦।୮ (ସମିସ): ଆଜି ମାହାଙ୍ଗା ବ୍ଲକ ଅଞ୍ଚଳରେ ଏକ ଅଭାବନୀୟ ଘଟଣା ଘଟିଛି। ବିଷ ପିଇ ଏକ ଦମ୍ପତି ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ସେମାନେ ହେଲେ, ଯାଜପୁର ଜିଲ୍ଲା ବଡଚଣା ବ୍ଲକ ନଳିପୁର ଗ୍ରାମର କନକଲତା ବେହେରା (୩୦) ଓ ତାଙ୍କ ସ୍ୱାମୀ ଭରତ ବେହେରା (୩୧)। ଦୁହିଁଙ୍କୁ ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ଅବସ୍ଥା ସଂକଟାପନ୍ନ ହେବାରୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ପାରିବାରିକ କଳହରୁ ଏହି ଅଘଟଣ ଘଟିଥିବା ଆଲୋଚନା ହେଉଛି। ସୂଚନାନୁଯାୟୀ, କନକଲତା ଓ ଭରତ ଗତ କିଛି ବର୍ଷ ହେଲା ମାହାଙ୍ଗା ଅଞ୍ଚଳରେ ବସବାସ କରିଆସୁଥିଲେ। ହେଲେ କୌଣସି କାରଣରୁ ଆଜି ଉଭୟ ସ୍ୱାମୀ ଓ ସ୍ତ୍ରୀ ମାନସିକସ୍ତରରେ ଭାଙ୍ଗି ପଡ଼ିବା ସହ ବିଷ ପିଇ ଦେଇଥିଲେ। ଯନ୍ତ୍ରଣା ହେବାରୁ ଦୁହିଁଙ୍କ ଚିତ୍କାର ଶୁଣି ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ମାହାଙ୍ଗା ହସ୍ପିଟାଲରେ ଭର୍ତ୍ତି କରାଇଥିଲେ।

## ୬୫୦ ଶଯ୍ୟା ବିଶିଷ୍ଟ ଶିକ୍ଷାଦାନ ଚିକିତ୍ସାଳୟ ଉଦ୍‌ଘାଟିତ

# ସ୍ୱାସ୍ଥ୍ୟସେବାରେ କୋରାପୁଟ ନୂଆ ଅଧ୍ୟାୟ ଯୋଡ଼ିବ: ମୁଖ୍ୟମନ୍ତ୍ରୀ

କୋରାପୁଟ, ୧୦।୮ (ସମିସ): କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲର ୬୫୦ଶଯ୍ୟା ବିଶିଷ୍ଟ ଶିକ୍ଷାଦାନ ଚିକିତ୍ସାଳୟ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଛନ୍ତି ଯେ

### ନବରଙ୍ଗପୁରରେ ହେବ ମେଡିକାଲ କଲେଜ: ମୁଖ୍ୟମନ୍ତ୍ରୀ

୨୮୦ କୋଟି ଟଙ୍କା ବ୍ୟୟରେ ନିର୍ମିତ ଏହି ଚିକିତ୍ସାଳୟ ରାଜ୍ୟର ନିରନ୍ତର ବିକାଶଧାରାରେ କୋରାପୁଟକୁ ଯୋଡ଼ିବ। ଚିକିତ୍ସା ପାଇଁ ଆଉ କୋରାପୁଟବାସୀଙ୍କୁ ଦୂରଦୂରାନ୍ତକୁ ଯିବାକୁ ପଡ଼ିବ ନାହିଁ। ଖୁବ୍‌ଶୀଘ୍ର ଏଠାରେ ଖାଲି ପଡ଼ିଥିବା ଡାକ୍ତର ଓ ଅନ୍ୟାନ୍ୟ ପଦ ପୂରଣ ହେବ। ସିଟି ସ୍କାନ୍, ଡାଏଲିସିସ୍, ମାମୋଗ୍ରାଫି ପରି ଅତ୍ୟାଧୁନିକ ରୋଗ ନିରୂପଣ ପରୀକ୍ଷାନିରୀକ୍ଷାର ମଧ୍ୟ ବ୍ୟବସ୍ଥା କରାଯାଉଛି। ଗୁରୁତର ରୋଗୀମାନଙ୍କ ପାଇଁ ଯେପରି ଅକ୍ସିଜେନ୍‌ର ଅଭାବ ନହେବ, ସେଥିନିମନ୍ତେ ସ୍ୱତନ୍ତ୍ର ଅକ୍ସିଜେନ୍ ପ୍ଲାଣ୍ଟ ସ୍ଥାପନ କରାଯାଇଛି। ଅବିଭକ୍ତ କୋରାପୁଟ ଜିଲ୍ଲା ସମେତ ପଡ଼ୋଶୀ ଆନ୍ଧ୍ର ଓ ଛତିଶଗଡ଼ବାସୀ ଏଠାରେ ସବୁପ୍ରକାରର ଅତ୍ୟାଧୁନିକ ଚିକିତ୍ସା ସୁବିଧା ପାଇପାରିବେ। ଏହି ହସ୍ପିଟାଲ ସଂଲଗ୍ନ ୨ଏକର ପରିମିତ ଜାଗାରେ କ୍ୟାନ୍ସର ଚିକିତ୍ସା ହସ୍ପିଟାଲ ମଧ୍ୟ ନିର୍ମାଣ କରାଯାଉଛି। ଏଥିପାଇଁ ଆମ ସରକାର ପ୍ରାୟ ୪୧ କୋଟି ୧୫ ଲକ୍ଷ ଟଙ୍କାର ବ୍ୟୟ ବରାଦ କରିଛନ୍ତି। ଖୁବ୍‌ଶୀଘ୍ର ନବରଙ୍ଗପୁରରେ ମେଡିକାଲ କଲେଜ ପ୍ରତିଷ୍ଠା କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି।



ସମ୍ମାନିତ ଅତିଥି ସ୍ୱାସ୍ଥ୍ୟ ତଥା ପରିବାର କଲ୍ୟାଣ ମନ୍ତ୍ରୀ ଡଃ ମୁକେଶ ମହାଲିଙ୍ଗ କହିଥିଲେ, କୋରାପୁଟ ଜିଲ୍ଲା ସ୍ୱାସ୍ଥ୍ୟସେବା ବିକାଶ ଇତିହାସରେ ଆଜି ଆଉ ଏକ ନୂଆ ଫର୍ଦ୍ଦ ଯୋଡ଼ି ହୋଇଛି। ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସପିଟାଲର ଅଧିକ୍ଷକ ପ୍ରଫେସର ଡା. ସୁଶାନ୍ତ କୁମାର ସାହୁ କହିଛନ୍ତି, ୬୫୦ ଶଯ୍ୟା ବିଶିଷ୍ଟ ନୂତନ ଚିକିତ୍ସାଳୟ ଦ୍ୱାରା ଲୋକମାନେ ନିଶ୍ଚିତ ଭାବେ ଉପକୃତ ହେବେ। ଅଧିକ ଶଯ୍ୟା ହେବା ଦ୍ୱାରା ଆଉ ରୋଗୀମାନଙ୍କ ପାଇଁ ଶଯ୍ୟା ଅଭାବ ରହିବ ନାହିଁ। ଖୁବ୍‌ଶୀଘ୍ର ଏମଆରଆଇ ସହ ଅତ୍ୟାଧୁନିକ ଚିକିତ୍ସା ସୁବିଧା ଲୋକ ମାନଙ୍କୁ ପ୍ରଦାନ କରାଯିବ ବୋଲି ସେ କହିଛନ୍ତି।

ଅନ୍ୟମାନଙ୍କ ମଧ୍ୟରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି, କୋରାପୁଟ ବିଧାୟକ ରଘୁରାମ ମାଛ, ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉଁତା, କୋଟପାଡ଼ ବିଧାୟକ ରୁପୁ ଭତ୍ରା, ଜିଲ୍ଲା ପରିଷଦ ଅଧ୍ୟକ୍ଷା ସସ୍ମିତା ମେଲେକା, ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନଙ୍କ ସମେତ ଜିଲ୍ଲାସ୍ତରୀୟ ଅଧିକାରୀ ଓ ମେଡିକାଲ କଲେଜ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଯୁବକଙ୍କୁ ଦଳିଦେଲା ହାତୀ

କେନ୍ଦୁଝର, ୧୦।୮ (ସମିସ): ବାଂଶପାଳ ବ୍ଲକ୍ ଅଧୀନ ତରମାକାନ୍ତ ପଞ୍ଚାୟତର ଜଳଡିହା ମାଣିକସାହି ଜଙ୍ଗଲ ରାସ୍ତାରେ ରବିବାର ସନ୍ଧ୍ୟାରେ ହାତୀ ଆକ୍ରମଣରେ ଜଣେ ଯୁବକର ମୃତ୍ୟୁ ଘଟିଛି। ମୃତ ଯୁବକଜଣଙ୍କ ହେଲେ, ଅଡ଼ାଳ ଗ୍ରାମର ପର୍ଶୁ ମୁଣ୍ଡା (୨୮)। ଜଙ୍ଗଲ ରାସ୍ତାଦେଇ ସାଇକଲରେ ସେ ଶ୍ୱଶୂର ଘର ଜଳଡିହା ମାଣିକ ସାହିରୁ ଅଡାଳକୁ ଫେରୁଥିଲେ। ଜଳଡିହା ମାଣିକସାହି ନିକଟ ଜଙ୍ଗଲରେ ସେ ୨ଟି ଦନ୍ତାହାତୀ ହାବୁଡ଼ରେ ପଡ଼ିଯାଇଥିଲେ। ସେଥିମଧ୍ୟରୁ ଗୋଟିଏ ଦନ୍ତା ପର୍ଶୁଙ୍କୁ ଆକ୍ରମଣ କରିଥିଲା। ଶୁଣ୍ଢରେ ତାଙ୍କୁ ଟେକି କଚାଡ଼ି ଦେଇଥିଲା। ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଏହାକୁ ନେଇ ଗାଁରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ଶବ ରଖି ପରିବାରଲୋକ ଧାରଣା ଦେଇଥିଲେ। ଖବର ପାଇ ଭୂୟାଁ ଜୁଆଙ୍ଗପିଢ଼ ରେଞ୍ଜର୍ ନୟନକାନ୍ତ ସାହୁ, ବନପାଳ ଜ୍ୟୋତିର୍ମୟୀ ପଟ୍ଟନାୟକ, ବନରକ୍ଷୀ ମିଲିରାଣୀ ଦାସ, ନିଲମ ମହାନ୍ତ ଏବଂ ବନବିଭାଗର ପାଟ୍ରୋଲିଂ ଟିମ୍ ପହଞ୍ଚି ଗ୍ରାମବାସୀଙ୍କୁ ବୁଝାସୁଝା କରିଥିଲେ। ଶୁଦ୍ଧିକ୍ରିୟା ପାଇଁ ବନ ବିଭାଗ ପକ୍ଷରୁ ତାଙ୍କ ପରିବାରକୁ ୧ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିବା ବେଳେ ସରକାରୀ ସହାୟତା ଏବଂ କ୍ଷତିପୂରଣ ଖୁବ୍‌ଶୀଘ୍ର ଦିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ପୁଲିସ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା।

# ନଦୀରେ ଭାସିଗଲେ ଯୁବକ

କୁଚିଣ୍ଡା,୧୦।୮ (ସମିସ): ଗୋଛରା ନଦୀରେ ଭାସି ଜଣେ ଯୁବକ ନିଖୋଜ ହୋଇଯାଇଛନ୍ତି। ସେ ହେଲେ, ସମ୍ବଲପୁର ଜିଲ୍ଲା ମହୁଲପାଲି ଥାନା ଅଧୀନ ଜନକଡିହିପଡ଼ାର ବାନ୍ଦନା ମୁଣ୍ଡା(୩୫)। ସୂଚନାନୁଯାୟୀ, ବାନ୍ଦନା ଓ ସୁଲେମାନ ମୁଣ୍ଡା (୪୦) ଆଜି ଅପରାହ୍ଣରେ ନଦୀକୁ ଗାଧୋଇବାକୁ ଯାଇଥିଲେ। ଏହି ସମୟରେ ନଦୀର ପ୍ରଖର ସ୍ରୋତରେ ବାନ୍ଦନା ଭାସି ଯାଇଥିଲେ। ତାଙ୍କୁ ବଞ୍ଚାଇବା ପାଇଁ ସୁଲେମାନ ବହୁ ଚେଷ୍ଟା କରିଥିଲେ ହେଁ ବଞ୍ଚାଇ ପାରିନଥିଲେ। ଖବର ପାଇ ଗ୍ରାମବାସୀ ବହୁ ଖୋଜାଖୋଜି କରି ବିଫଳ ହେବା ପରେ ଅଗ୍ନିଶମବାହିନୀକୁ ଖବର ଦେଇଥିଲେ। କୁଚିଣ୍ଡା ଦମକଳବାହିନୀ ନଦୀ ଗର୍ଭରେ ଖୋଜାଖୋଜି କରିଥିଲେ ହେଁ ସନ୍ଧ୍ୟା ପର୍ଯ୍ୟନ୍ତ ବାନ୍ଦନାଙ୍କ ଖୋଜଖବର ମିଳିନଥିଲା।

## ଚିକିତ୍ସା ବଦଳରେ ଘରକୁ ପଠାଇଦେଲେ

# ଦଶମ ଶ୍ରେଣୀ ଆଦିବାସୀ ଛାତ୍ରୀଙ୍କ ମୃତ୍ୟୁ

ବାରିପଦା/ଶୁଳିଆପଦା,୧୦।୮ (ସମିସ): ମୟୂରଭଞ୍ଜ ଜିଲ୍ଲାରେ ଆଦିବାସୀ ଛାତ୍ରଛାତ୍ରୀଙ୍କ ପ୍ରତି ହେଉଥିବା ବ୍ୟାପକ ଅବହେଳାର ଆଉ ଏକ ଉଦାହରଣ ଆଜି ପଦାକୁ ଆସିଛି। ସ୍କୁଲ କର୍ତ୍ତୃପକ୍ଷଙ୍କ ଅବହେଳା ପାଇଁ ଜଣେ ଛାତ୍ରୀଙ୍କ ଅକାଳରେ ଜୀବନ ଯାଇଛି। ଶୁଳିଆପଦା ବ୍ଲକର କୁଜିଡିହି ଏସ୍‌ଏସ୍‌ଡି ବାଳିକା ଉଚ୍ଚ ବିଦ୍ୟାଳୟରେ ଏହି ଅଘଟଣ ଘଟିଛି। ମୃତ ଛାତ୍ରୀଜଣଙ୍କ ହେଲେ, ପଥରନେସା ଗ୍ରାମର ଛାତ୍ରୀ ରୀନା ମୁର୍ମୁ (୧୫)। ସେ ସ୍କୁଲ ହଷ୍ଟେଲରେ ରହି ପାଠ ପଢୁଥିଲେ। ୩ ଦିନ ତଳେ ଏହି ଘଟଣା ଘଟିଥିବାବେଳେ କର୍ତ୍ତୃପକ୍ଷ ଏହାକୁ ଚାପିବାକୁ ଚେଷ୍ଟା କରିଥିଲେ। ଏହି ଘଟଣାରେ ଜିଲ୍ଲା ମଙ୍ଗଳ ଅଧିକାରୀ ଗୁରୁଚରଣ ମଲ୍ଲିକ ସମ୍ପୃକ୍ତ ସ୍କୁଲକୁ ଯାଇ ଘଟଣାର ତଦନ୍ତ କରିବା ପ୍ରଧାନଶିକ୍ଷକଙ୍କୁ କୈଫିୟତ ମାଗିବା ପରେ ଘଟଣା ପଦାକୁ ଆସିଛି।

ଉଲ୍ଲେଖଯୋଗ୍ୟ, ମୟୂରଭଞ୍ଜ ଜିଲ୍ଲାରେ ଛାତ୍ରଛାତ୍ରୀଙ୍କ ସୁରକ୍ଷା ଦାୟିତ୍ୱରେ ଥିବା ପ୍ରଧାନଶିକ୍ଷକ, ହଷ୍ଟେଲ ପରିଚାଳକଙ୍କ ଖାମଖିଆଲୀ ନୀତି ଯୋଗୁଁ ଛାତ୍ରୀ ମୃତ୍ୟୁ ଓ ଆତ୍ମହତ୍ୟା ଉଦ୍ୟମ ଭଳି ଘଟଣା ବୃଦ୍ଧି ପାଇବାରେ ଲାଗିଛି। ଯାହାକୁ ନେଇ ଅଭିଭାବକ ମହଲରେ ଅସନ୍ତୋଷ ତେଜିବାରେ ଲାଗିଥିବା ବେଳେ ବିଭାଗୀୟ କାର୍ଯ୍ୟକଳାପକୁ ନେଇ ଉଦ୍‌ବେଗ ପ୍ରକାଶ ପାଉଛି।



ସୂଚନାନୁଯାୟୀ, ରୀନାଙ୍କୁ କିଛି ଦିନ ତଳେ ଜ୍ୱର ହୋଇଥିଲା। ଏ ସଂପର୍କରେ ଜାଣିବା ପରେ ସ୍କୁଲ କର୍ତ୍ତୃପକ୍ଷ ତାଙ୍କ ଚିକିତ୍ସା କରିବା ପରିବର୍ତ୍ତେ ଜୁଲାଇ ୨୬ରେ ଘରକୁ ପଠାଇ ଦେଇଥିଲେ। ଏହା ବିଭାଗୀୟ ନିୟମର ଉଲ୍ଲଂଘନ। ଅଧ୍ୟୟନରତ ହଷ୍ଟେଲ ଛାତ୍ରଛାତ୍ରୀଙ୍କ ଶରୀର ଅସୁସ୍ଥ ହେଲେ ସ୍କୁଲ କର୍ତ୍ତୃପକ୍ଷ ଶେଷ ଚିକିତ୍ସା ପର୍ଯ୍ୟନ୍ତ ଦାୟିତ୍ୱବହନ କରିବା କଥା। କିନ୍ତୁ, ଅସୁସ୍ଥ ଛାତ୍ରୀଙ୍କୁ ଘରକୁ ପଠାଇଦେବାରୁ ଗରିବ ବାପାମାଆ ସଠିକ ଭାବରେ ଚିକିତ୍ସା କରିନଥିଲେ। ଫଳରେ ଗୁରୁତର ଅସୁସ୍ଥ ହେବାରୁ ତାଙ୍କୁ ବାରିପଦା ପିଆରଏମ ମେଡିକାଲରେ ଭର୍ତ୍ତି କରିଥିଲେ। ମାତ୍ର ଚିକିତ୍ସାଧୀନ ଅବସ୍ଥାରେ ସେଠାରେ ଗତ ୮ ତାରିଖରେ ଛାତ୍ରୀଙ୍କ ମୃତ୍ୟୁ ଘଟିଥିଲା।

ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା, ଛାତ୍ରୀଜଣଙ୍କ ଘରକୁ ଯିବା ପରେ ମଧ୍ୟ ହଷ୍ଟେଲ ଉପସ୍ଥାନ ଖାତାରେ ତାଙ୍କର ଉପସ୍ଥିତି ଦର୍ଶାଯାଇଥିଲା। ଏହି ସମୟ ମଧ୍ୟରେ ଛାତ୍ରୀଙ୍କ ଛାତ୍ରବୃତ୍ତି ଅର୍ଥ ମଧ୍ୟ ସମ୍ପୂର୍ଣ୍ଣ ଉପସ୍ଥାନ ଦେଖାଇ ବ୍ୟାଙ୍କରୁ ଟଙ୍କା ଉଠାଣ କରାଯାଇଛି। ମୃତ୍ୟୁ ଘଟିବା ପରେ ଦୋଷ ଲୁଚାଇବାକୁ ଯାଇ ଉପସ୍ଥାନ ଖାତାରେ ଇରେଜର୍ ଦ୍ୱାରା ଲିଭାଯାଇଛି। ଗୋଟିଏପଟେ ଅସୁସ୍ଥ ଛାତ୍ରୀଙ୍କ ପାଇଁ ଉଦ୍ଦିଷ୍ଟ ସେବା ନଯୋଗାଇ ତାଙ୍କ ପାଇଁ ମିଳୁଥିବା ସୁବିଧା ସୁଯୋଗର ଅନିୟମିତତା ପାଇଁ ଏପରି ଘୃଣ୍ୟ କାର୍ଯ୍ୟ କରାଯିବାକୁ ନେଇ ଭଞ୍ଜସେନାର ଅଧ୍ୟକ୍ଷ ସଞ୍ଜୀବ ରାଉତ ତୀବ୍ର ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏହାର ଏକ ଉଚ୍ଚସ୍ତରୀୟ ତଦନ୍ତ ପାଇଁ ସେ ଦାବି କରିଛନ୍ତି। ଏ ସମ୍ପର୍କରେ ଶ୍ରୀ ମଲ୍ଲିକଙ୍କ ପ୍ରତିକ୍ରିୟା ନେବା ପାଇଁ ଯୋଗାଯୋଗ କରିଥିଲେ ହେଁ ସେ ଫୋନ୍ ଉଠାଇନଥିଲେ।

**ଲାଞ୍ଚ ମାମଲା**

# ଖସି ଯାଉଛନ୍ତି 'ଦୁର୍ନୀତି ସାଥୀ'

■ ମାମଲା ରୁଜୁ ହେଉଛି; ଗିରଫ କରାଯାଉନାହିଁ
■ ତଦନ୍ତ ପରିସର ବାହାରେ ୫୦ରୁ ଊର୍ଦ୍ଧ୍ୱ ବାବୁଆଣୀ

ଭୁବନେଶ୍ୱର,୧୦।୮ (ସମିସ): ଆଇନ ଅନୁସାରେ ସ୍ୱାମୀଙ୍କ ସମ୍ପତ୍ତିରେ 'ଜୀବନ ସାଥୀ' କୁହାଯାଉଥିବା ସ୍ତ୍ରୀଙ୍କ ଭାଗ ଅଧା । ଗିରଫ ହେଉଥିବା ଦୁର୍ନୀତିଗ୍ରସ୍ତ ଅଧିକାରୀମାନେ ଠୁଳ କରିଥିବା ସମ୍ପତ୍ତିର ଏକ ବଡ଼ ଅଂଶ ନିଜ ପତ୍ନୀଙ୍କ ନାମରେ କରିଥିବା ପ୍ରମାଣ ମିଳୁଛି । ବ୍ୟକ୍ତିଗତ ଆୟର କୌଣସି ସୂତ୍ର ନ ଥାଇ ବି ଲାଞ୍ଚୁଆ ବାବୁଙ୍କ ପତ୍ନୀଙ୍କ ନାମରେ ବିପୁଳ ସମ୍ପତ୍ତି ଠାବ ହେଉଛି । ସ୍ୱାଭାବିକ ଭାବରେ ଆୟ ବର୍ହିଭୁତ ସମ୍ପତ୍ତି ଠୁଳ କରିବା ଓ ଲାଞ୍ଚ ନେବା ପଛରେ ପତ୍ନୀଙ୍କ ଭୂମିକା ଥିବା ଭିଜିଲାନ୍ସ ସନ୍ଦେହ କରୁଛି। ସେମାନଙ୍କୁ ତଦନ୍ତ ପରିସରଭୁକ୍ତ କରୁଛି। ଗତ ଦେଢ଼ ବର୍ଷ ମଧ୍ୟରେ ଲାଞ୍ଚ ଓ ଆୟ ବର୍ହିଭୁତ ସମ୍ପତ୍ତି ଠୁଳ ମାମଲାରେ ୫୦ ଅଧିକାରୀଙ୍କ ସହ ସେମାନଙ୍କ ପତ୍ନୀଙ୍କ ନାମରେ ମଧ୍ୟ ମାମଲା ରୁଜୁ ହୋଇଛି । ମାତ୍ର ବାବୁମାନେ ଗିରଫ ହୋଇ ଜେଲ୍ ଯାଉଛନ୍ତି ସିନା; ଆଜିଯାଏ ବାବୁଙ୍କ 'ଦୁର୍ନୀତି ସାଥୀ' ବୋଲାଉଥିବା ବାବୁଆଣୀଙ୍କ ମଧ୍ୟରୁ ଜଣକୁ ବି ଭିଜିଲାନ୍ସ ଗିରଫ କରିପାରି ନାହିଁ।

ଲାଞ୍ଚ, ଆୟ ବହିର୍ଭୁତ ସମ୍ପତ୍ତି ଠୁଳ ମାମଲାରେ ଦୁର୍ନୀତିଗ୍ରସ୍ ବାବୁମାନଙ୍କ ସହ ତାଙ୍କ ପତ୍ନୀଙ୍କର ଭୂମିକା କିଛି କମ୍ ନୁହେଁ। ଅଧିକାଂଶ କ୍ଷେତ୍ରରେ ଲାଞ୍ଚୁଆ ବାବୁମାନଙ୍କ ଅଧିକାଂଶ ଜମି, ପ୍ଲଟ, ଘର ସବୁ ପତ୍ନୀଙ୍କ ନାମରେ ଥିବା ଦେଖାଯାଉଛି। ତେଣୁ ବାବୁମାନଙ୍କୁ ଦୁର୍ନୀତି କରିବାରେ ସେମାନଙ୍କ ପତ୍ନୀମାନେ ପ୍ରୋତ୍ସାହିତ କରୁଥିବା ସ୍ୱାଭାବିକ ବୋଲି କୁହାଯାଉଛି। ଯେଉଁମାନେ ଭିଜିଲାନ୍ସ ହାତରେ ଧରାପଡୁଛନ୍ତି ସେମାନଙ୍କ ପତ୍ନୀଙ୍କ ନାମରେ ମାମଲା ରୁଜୁ କରାଯାଉଛି; କିନ୍ତୁ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ। କେବଳ ଭିଜିଲାନ୍ସ ମାମଲା ରୁଜୁ କରି ବସି ପଡୁଛି। ଚାର୍ଜସିଟରେ ଅଭିଯୁକ୍ତ ଅଧିକାରୀଙ୍କ ପତ୍ନୀଙ୍କ ନାମ ଦେଖିବାକୁ ମିଳୁନାହିଁ। ଗତ ଦେଢ ବର୍ଷରେ ୫୦ ଜଣ ସରକାରୀ ଅଧିକାରୀଙ୍କ ଦୁର୍ନୀତି ସାଥୀ କୁହାଯାଉଥିବା ସେମାନଙ୍କ ପତ୍ନୀଙ୍କ ନାମରେ ମାମଲା ରୁଜୁ କରାଯାଇଛି, ହେଲେ ସେମାନଙ୍କ ମଧ୍ୟରୁ ଜଣକୁ ଗିରଫ କରାଯାଇ ନାହିଁ କିମ୍ବା ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହୋଇନାହିଁ।

ଜଣେ ଭିଜିଲାନ୍ସ ଅଧିକାରୀଙ୍କ ସୂଚନା ଅନୁସାରେ ସ୍ୱାମୀ ଡିଏ ମାମଲାରେ ଗିରଫ ହେଲେ ପତ୍ନୀଙ୍କ ନାମରେ ରୁଜୁ କରାଯାଉଛି। ସେମାନଙ୍କ ନାମରେ ଏକାଧିକ ସମ୍ପତ୍ତି ତଥା ପ୍ଲଟ୍ ଏବଂ ଟଙ୍କା ରହିଥିଲେ କାର୍ଯ୍ୟାନୁଷ୍ଠାନ କରାଯାଉଛି। ସ୍ୱାମୀର ମୃତ୍ୟୁ ପରେ ଏହି ମାମଲାରେ ମଧ୍ୟ ପତ୍ନୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେଉଛି ବୋଲି ସେ କହିଛନ୍ତି ।

# ମହାନଦୀକୁ ଡେଇଁପଡ଼ିଲେ ମହିଳା

ସମ୍ବଲପୁର, ୧୦।୮ (ସମିସ): ଚାଉଁରପୁର ବ୍ରିଜ୍‌ରୁ ଆଜି ପୁଣି ଜଣେ ମହିଳା ମହାନଦୀକୁ ଡେଇଁ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। କିନ୍ତୁ ସୌଭାଗ୍ୟକୁ ଅଗ୍ନିଶମ ବିଭାଗ ସଙ୍ଗେସଙ୍ଗେ ସର୍ଚ୍ଚ ଅପରେସନ୍ କରି ମାତ୍ର ୨୦ ମିନିଟ୍ ଭିତରେ ମହିଳାଙ୍କୁ ଜୀବିତ ଉଦ୍ଧାର କରିଛି। ମହିଳାଜଣଙ୍କ ହେଲେ, ସୁନାପାଲିର ପୁଷ୍ପାଞ୍ଜଳି ବାଗ।



ସୂଚନାନୁସାରେ, ପୁଷ୍ପାଞ୍ଜଳି ଆଜି ଅପରାହ୍ଣ ପ୍ରାୟ ଅଢ଼େଇଟା ବେଳେ ମହାନଦୀକୁ ଡେଇଁ ପଡ଼ିଥିଲେ। ଲୋକଙ୍କଠାରୁ ସୂଚନା ପାଇ ଅଗ୍ନିଶମ ବିଭାଗର ୮ ଜଣିଆ ଏକ ଦଳ ତୁରନ୍ତ ସେଠାରେ ପହଞ୍ଚି ତାଙ୍କୁ ଖୋଜାଖୋଜି କରିଥିଲେ। ମାତ୍ର ୨୦ ମିନିଟ ଭିତରେ ଉଦ୍ଧାରକାରୀ ଦଳ ତାଙ୍କୁ ଉଦ୍ଧାର କରି ଜିଲ୍ଲା ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲା। ସେଠାରେ ତାଙ୍କର ସ୍ୱାସ୍ଥ୍ୟବସ୍ଥା ସ୍ଥିର ରହିଛି। ଅପରପକ୍ଷେ, ଏହି ଘଟଣାକୁ ନେଇ ପୁଷ୍ପାଞ୍ଜଳିଙ୍କ ବାପା ତାଙ୍କ ଶ୍ୱଶୁରଘର ଲୋକଙ୍କ ଉପରେ ସଂଗିନ୍ ଅଭିଯୋଗ ଆଣିଛନ୍ତି। ସେ କହିଛନ୍ତି ଯେ ଶ୍ୱଶୁରଘର ଲୋକ ବିଭିନ୍ନ ସମୟରେ ଝିଅକୁ ନିର୍ଯାତନା ଦେଇ ଆସୁଥିଲେ। ରାକ୍ଷୀ ପୂର୍ଣ୍ଣିମା ପାଇଁ ଗତକାଲି ପୁଷ୍ପାଞ୍ଜଳି ବାପଘରକୁ ଯାଇ ରାତି ୮ଟା

■ ୨୦ ମିନିଟରେ ଜୀବିତ ଉଦ୍ଧାର କଲା ଅଗ୍ନିଶମ ବିଭାଗ
■ ପାରିବାରିକ କଳହର ପରିଣାମ: ମହିଳାଙ୍କ ବାପା

ବେଳେ ଫେରିଥିଲେ। ତେବେ ଆଜି ପୁଣି କୌଣସି କଥାକୁ ନେଇ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଏ ସଂପର୍କରେ ପୁଷ୍ପାଞ୍ଜଳି ଫୋନ୍‌ରେ ତାଙ୍କର ଦୁଇ ଭାଇଙ୍କୁ କହିବା ସହ ତାଙ୍କ ଦୁଇ ପୁଅଙ୍କ କଥା ବୁଝିବାକୁ କହିଥିଲେ। ପରେ ସେ ମହାନଦୀକୁ ଡେଇଁ ପଡ଼ିଥିଲେ। ନିର୍ଯାତନାରେ ଅତିଷ୍ଠ ହୋଇ ଝିଅ ଏପରି ପଦକ୍ଷେପ ନେଇଥିବା ତାଙ୍କ ବାପା କହିଛନ୍ତି। ଟାଉନ୍ ଥାନା ପୁଲିସ ଏନେଇ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

■ ନର୍ସିଂ ଛାତ୍ରୀ ମୃତ୍ୟୁ ଘଟଣା

# ରାଇଘରରେ ବିଜେଡିର ୧୨ ଘଣ୍ଟିଆ ହରତାଳ ଆଜି

ଭୁବନେଶ୍ୱର,୧୦।୮ (ସମିସ): ରାଇଘର ଡୁମରିମୁଣ୍ଡା ନର୍ସିଂ ଛାତ୍ରୀର ମୃତ୍ୟୁକୁ ନେଇ ରାଜ୍ୟ ସରକାରଙ୍କୁ ତୀବ୍ର ନିନ୍ଦା କରିଛି ବିଜେଡି। ଏହାର ପ୍ରତିବାଦରେ ଦଳ ପକ୍ଷରୁ ସୋମବାର ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ୧୨ ଘଣ୍ଟିଆ ହରତାଳ ଡକରା ଦିଆଯାଇଛି। ଏହି ହରତାଳକୁ ସଫଳ ଏବଂ ସହଯୋଗ କରିବା ପାଇଁ ରାଇଘର ବ୍ଲକବାସୀଙ୍କୁ ନବରଙ୍ଗପୁର ବିଜେଡି ଅନୁରୋଧ କରିଛି। ଦଳ ପକ୍ଷରୁ ଜାରି ଏକ ପ୍ରେସ ବିଜ୍ଞପ୍ତିରେ ସରକାରୀ ଏବଂ ବେସରକାରୀ ଅନୁଷ୍ଠାନ, ଦୋକାନ, ବଜାର, ଯାନବାହନ ଚଳାଚଳ, ସ୍କୁଲ୍, କଲେଜ ଗୁଡ଼ିକ ୧୨ ଘଣ୍ଟିଆ ହରତାଳରେ ସାମିଲ ହେବାକୁ ଅନୁରୋଧ କରାଯାଇଛି। ଏହି ହରତାଳ ସମୟରେ ଜରୁରୀକାଳୀନ ସେବା ବ୍ୟାହତ ହେବ ନାହିଁ ବୋଲି ସୂଚନା ଦିଆଯାଇଛି। ବିଜେଡିର ଅଭିଯୋଗ ଅନୁଯାୟୀ ରାଜ୍ୟ ବିଜେପି ସରକାର ଓଡ଼ିଶାରେ ନାରୀକୁ ସୁରକ୍ଷା ଦେବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ପ୍ରତିଦିନ ନାରୀ ନିର୍ଯାତନା ଘଟଣା ଉଦବେଗଜନକ ଭାବେ ବୃଦ୍ଧି ପାଉଛି। ତେଣୁ ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଏବଂ ଶିଶୁ ବିକାଶ ମନ୍ତ୍ରୀ ପ୍ରଭାତୀ ପରିଡ଼ା ଇସ୍ତଫା ପ୍ରଦାନ କରନ୍ତୁ। ଏହା ସହିତ ରାଇଘର ନର୍ସିଂ ପୀଡ଼ିତାଙ୍କ ପରିବାରକୁ ୧ କୋଟି ଟଙ୍କା କ୍ଷତିପୂରଣ ଦେବା ପାଇଁ ମଧ୍ୟ ଦଳ ପକ୍ଷରୁ ଦାବି କରାଯାଇଛି। ଯେତେଦିନ ପର୍ଯ୍ୟନ୍ତ ଏହି ରାଜ୍ୟରେ ନାରୀ, ଛାତ୍ରୀ, ନାବାଳିକା ସୁରକ୍ଷିତ ହେବେ ନାହିଁ, ବିଜେଡି ସେମାନଙ୍କୁ ସୁରକ୍ଷା ଦେବା ପାଇଁ ସାରା ରାଜ୍ୟରେ ଆନ୍ଦୋଳନକୁ ବ୍ୟାପକ କରିବ।

## ମହଙ୍ଗା ପଡ଼ିଲା ସାମ୍ବାଦିକଙ୍କ ଗୋଡ଼ରେ ବେଡ଼ି ପକାଇବା

# ସାମ୍ବାଦିକଙ୍କୁ ୫ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ନିର୍ଦ୍ଦେଶ

ବାଲେଶ୍ୱର/ନୀଳଗିରି, ୧୦।୮ (ସମିସ): ଚିକିତ୍ସା ବେଳେ ହସ୍ପିଟାଲରେ ଜଣେ ସାମ୍ବାଦିକଙ୍କ ଗୋଡ଼ରେ ବେଡ଼ି ପକାଇବା ଜଣେ ହାବିଲଦାର ଓ ତଦନ୍ତକାରୀ ଅଧିକାରୀଙ୍କୁ ମହଙ୍ଗା ପଡ଼ିଛି। ଏହି ମାମଲାର ବିଚାର କରି ମାନବାଧିକାର ଆୟୋଗ ପୀଡ଼ିତ ସାମ୍ବାଦିକ ଲକ୍ଷ୍ମୀଧର ଦଳେଇଙ୍କୁ ୫ଲକ୍ଷ ଟଙ୍କାର କ୍ଷତିପୂରଣ ଆସନ୍ତା ସେପ୍ଟେମ୍ବର ୧୮ ତାରିଖ ସୁଦ୍ଧା ଦେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଉକ୍ତ ଅର୍ଥ ପରବର୍ତ୍ତୀ ସମୟରେ ହାବିଲଦାର ଚିତ୍ତରଞ୍ଜନ ସିଂ ଓ ଆଇଓ ସୁବର୍ଣ୍ଣା ବେହେରାଙ୍କଠାରୁ ଭରଣା କରାଯିବ ବୋଲି ଆୟୋଗ କହିଛନ୍ତି।

**ଭରଣା କରିବେ ହାବିଲଦାର ଓ ତଦନ୍ତକାରୀ ଅଧିକାରୀ**

ସୂଚନାନୁଯାୟୀ, ନୀଳଗିରିରେ କାର୍ଯ୍ୟରତ ସାମ୍ବାଦିକ ଲୋକନାଥ ଗତ ୨୦୨୨ ଏପ୍ରିଲ ୪ ତାରିଖରେ ଏକ ଖବର ସଂଗ୍ରହ ପାଇଁ ଯାଉଥିବା ବେଳେ ଗୃହରକ୍ଷୀ ନିରଂଜନ ରଣା(୬୨) ତାଙ୍କୁ ଧକ୍କା ମାରିଥିଲେ। ଏହାକୁ ନେଇ ଦୁହିଁଙ୍କ ମଧ୍ୟରେ ସାମାନ୍ୟ ବଚସା ହୋଇଥିଲା। ପରେ ଗୃହରକ୍ଷୀ ଶ୍ରୀ ରଣା ଏ ସଂପର୍କରେ ଥାନାରେ ଅଭିଯୋଗ କରିଥିଲେ। ତତ୍କାଳୀନ ନୀଳଗିରି ଆଇଆଇସି ଦ୍ରୌପଦୀ ଦାସ ସେହି ମାସ ୬ ତାରିଖରେ ଲୋକନାଥଙ୍କୁ ଗିରଫ କରିଥିଲେ। ଲୋକନାଥ ମଧୁମେହ ଓ ଉଚ୍ଚରକ୍ତଚାପରେ ପୀଡ଼ିତ ଥିବାରୁ ପୁଲିସ ତାଙ୍କୁ ନୀଳଗିରି ମେଡ଼ିକାଲରେ ଭର୍ତ୍ତି କରାଇଥିଲା। ଅବସ୍ଥା ଗୁରୁତର ହେବାରୁ ପରେ ତାଙ୍କୁ ବାଲେଶ୍ୱର ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସା ସମୟରେ ହଠାତ୍ ରାତିରେ ଗୋଡ଼ରେ ବେଡି ପକାଇ ଦେଇଥିଲେ। ଉକ୍ତ ଘଟଣା ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ଏନେଇ ବିଭିନ୍ନ ମହଲରେ ଆଲୋଡ଼ନ ସୃଷ୍ଟି ହୋଇଥିଲା। ଏପରିକି ଦଳଗତ ନିର୍ବିଶେଷରେ ନୀଳଗିରି ବନ୍ଦ କରାଯାଇଥିଲା। ଏନେଇ ମାନବାଧିକାର କର୍ମୀ ପ୍ରଦୀପ୍ତ ନାୟକ ଓ ଜୟକୃଷ୍ଣ ମହାନ୍ତି ମାନବାଧିକାର ଆୟୋଗର ଦ୍ୱାରସ୍ଥ ହୋଇଥିଲେ।

**ଅବଢ଼ା ଦର ତାଲିକା**

# ଘୋଷଣା ହେଉଛି; ତତ୍ପରତା ନାହିଁ

ପୁରୀ, ୧୦।୮ (ସମିସ): ଆନନ୍ଦବଜାରକୁ ଶୃଙ୍ଖଳିତ କରିବା ଲାଗି ବିଭିନ୍ନ ନିଷ୍ପତ୍ତି ନିଆଯାଉଛି। କିନ୍ତୁ ତାହା କାର୍ଯ୍ୟକାରୀ କରିବା ଦିଗରେ ବିଶେଷ ତତ୍ପରତା ପ୍ରକାଶ ପାଉନାହିଁ। ଫଳରେ ନିଷ୍ପତ୍ତି କେବଳ ଘୋଷଣାରେ ହିଁ ସୀମିତ ରହିଯାଉଛି। ମହାପ୍ରସାଦ ଦର ତାଲିକା ଲଗାଯିବା ପାଇଁ ବର୍ଷେ କି ଦୁଇବର୍ଷ ନୁହେଁ, ୭ବର୍ଷ ତଳୁ ନିଷ୍ପତ୍ତି ହୋଇଥିଲା। ଏଥିପାଇଁ ମଧ୍ୟ ପ୍ରକ୍ରିୟା ଆରମ୍ଭ କରାଯାଇଥିଲା। ପରୀକ୍ଷାମୂଳକ ଭାବେ ଥରେ ଅବଢ଼ା ପ୍ରସ୍ତୁତ କରାଯାଇ କେଉଁ ବାବଦରେ କେତେ ଖର୍ଚ୍ଚ ହେଉଛି, ତାହାକୁ ପରଖିଥିଲେ ଅଧିକାରୀ। ଏହାପରେ ବି ଦର ଧାର୍ଯ୍ୟ ହୋଇପାରିନାହିଁ କି ତାଲିକା ଲାଗିପାରିଲା ନାହିଁ। ଏବେ ପୁଣି ସେହି ସ୍ୱର ଉଠିଛି। ଗତ ୫ ତାରିଖରେ ଶ୍ରୀମନ୍ଦିର ପ୍ରଶାସନ ସୁଆରମହାସୁଆର ନିଯୋଗ ସହିତ ଆନନ୍ଦବଜାର ଶୃଙ୍ଖଳା ପାଇଁ ବୈଠକ କରିଥିଲା। ସେଥିରେ ଅବଢ଼ା ଦର ତାଲିକା ଲାଗିବା ପାଇଁ ନିଷ୍ପତ୍ତି ହୋଇଛି। ମୁଖ୍ୟ ପ୍ରଶାସକ ମଧ୍ୟ ଏହା ଘୋଷଣା କରିଛନ୍ତି। ହେଲେ ଏହା କେବେଠାରୁ କାର୍ଯ୍ୟକାରୀ ହେବ, ସେନେଇ କିଛି ସ୍ପଷ୍ଟତା ଆସି ନଥିବା ବେଳେ ଏହା ଲାଗୁ ହେଲେ ସାଧାରଣ ଭକ୍ତ ମହାପ୍ରସାଦ କିଣିବା କଷ୍ଟକର ହୋଇପଡ଼ିବ ବୋଲି ଅନେକ ଆଶଙ୍କା କରୁଛନ୍ତି।

ଶୃଙ୍ଖଳିତ ହେବ ଆନନ୍ଦବଜାର। କୌଣସି ଭକ୍ତ ଶୋଷଣର ଶିକାର ହେବେ ନାହିଁ। ମହାପ୍ରସାଦ କିଣିବା ବେଳେ ଦରକୁ ନେଇ କାହା ମନରେ ଯେପରି କୌଣସି ପ୍ରକାର ଭାବନା ନ ଆସିବ, ତାକୁ ଗୁରୁତ୍ୱ ଦେଇଥିଲା ଶ୍ରୀମନ୍ଦିର ପ୍ରଶାସନ। ତେଣୁ ମହାପ୍ରସାଦ ଦର ନିର୍ଦ୍ଧାରଣ କରାଯାଇ ଆନନ୍ଦବଜାର ସମେତ ଶ୍ରୀମନ୍ଦିରର ବିଭିନ୍ନ ସ୍ଥାନରେ ତାଲିକା (କୁଡୁଆ ଚିତ୍ର ସହ କାହାର ମୂଲ୍ୟ କେତେ) ଲଗାଯିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଏପରି ହେଲେ ଅବଢ଼ା କିଣିବାକୁ ନେଇ ସୁଆରଙ୍କ ସହ କାହାକୁ ମୂଲଚାଲ କରିବାକୁ ପଡ଼ିବ ନାହିଁ କି କେହି ଦୁର୍ବ୍ୟବହାରର ଶିକାର ହେବେ ନାହିଁ।



୨୦୧୮ ସେପ୍ଟେମ୍ବର ୧୧ ତାରିଖରେ ସୁଆର ମହାସୁଆର ନିଯୋଗ ସହ ତତ୍କାଳୀନ ମୁଖ୍ୟ ପ୍ରଶାସକ ପ୍ରଦୀପ୍ତ ମହାପାତ୍ର ବୈଠକ କରି ଏହି ନିଷ୍ପତ୍ତି ନେଇଥିଲେ। ଏହାବ୍ୟତୀତ ଆନନ୍ଦ ବଜାରରେ କିଭଳି ଶୃଙ୍ଖଳା ରକ୍ଷା କରାଯିବ, ମହାପ୍ରସାଦ ବିକ୍ରି କେଉଁଭଳି ସୁବ୍ୟବସ୍ଥିତ ହେବ, ସେଥିପାଇଁ ମଧ୍ୟ ଏକାଧିକ ନିଷ୍ପତ୍ତି ନିଆଯାଇଥିଲା। ଏଭଳି ପଦକ୍ଷେପକୁ ସମସ୍ତେ ସ୍ୱାଗତ କରିଥିଲେ। ଏହାକୁ ନେଇ ପ୍ରକ୍ରିୟା ବି ଜୋର୍‌ଦାର ଆରମ୍ଭ ହେଲା। ସେହିବର୍ଷ ଅକ୍ଟୋବର ୧୬ରେ ପୁନଶ୍ଚ ବୈଠକ ବସି ଏଥିପାଇଁ ଥରେ ଅବଢ଼ା ରୋଷେଇ କରାଯିବ। ଏଥିଲାଗି ଆବଶ୍ୟକ ଚାଉଳ, ଡାଲି, କୁଡୁଆ ଇତ୍ୟାଦି ମନ୍ଦିର ପ୍ରଶାସନ ଯୋଗାଇଦେବ। କୋଠ ରୋଷରେ ଏହା ରୋଷେଇ ହେବ। ଦେଉଳକରଣ ଏବଂ ସୁପରଭାଇଜର ନିରୀକ୍ଷଣ କରିବେ। ରୋଷେଇ ସରିବା ପରେ ସାମଗ୍ରୀ କିଣାରେ କେତେ ଖର୍ଚ୍ଚ ହେଉଛି ଏବଂ ସୁଆର ସେବକ କେତେ ଲାଭ ପାଇବେ ତାହା ଶ୍ରୀମନ୍ଦିର ପ୍ରଶାସନ ସ୍ଥିର କରିବ ବୋଲି ନିଷ୍ପତ୍ତି ହୋଇଥିଲା। ମାତ୍ର ପରବର୍ତ୍ତୀ ସମୟରେ ରୋଷେଇ ଲାଗି ଏକାଧିକ ତାରିଖ ସ୍ଥିର କରାଯାଇ ସମୟ ଗଡ଼ିଥିଲା। ଶେଷରେ ୨୦୧୮ ଡିସେମ୍ବର ୪ରେ ମହାପ୍ରସାଦ ଦର ନିର୍ଦ୍ଧାରଣ ଲାଗି ରୋଷେଇ ହୋଇଥିଲା। ଖୁବ୍‌ଶୀଘ୍ର ଦର ତାଲିକା ଚୂଡ଼ାନ୍ତ କରାଯାଇ ଆନନ୍ଦ ବଜାର ସମେତ ଶ୍ରୀମନ୍ଦିରର ବିଭିନ୍ନ ସ୍ଥାନରେ ଲଗାଯିବ ବୋଲି ତତ୍କାଳୀନ ମୁଖ୍ୟ ପ୍ରଶାସକ କହିଥିଲେ।

ରୋଷେଇ ହେବାର ଅଢ଼େଇ ବର୍ଷ ବିତିଗଲାଣି, ହେଲେ ଏପର୍ଯ୍ୟନ୍ତ ମହାପ୍ରସାଦ ଦର ନିର୍ଦ୍ଧାରଣ ହୋଇପାରିଲା ନାହିଁ। ନିଷ୍ପତ୍ତି ନିଆଯିବା ପରେ ଅନେକଥର ଶ୍ରୀମନ୍ଦିରରେ ଅବଢ଼ା ଦରକୁ ନେଇ ଭକ୍ତ-ସେବକ ମୁହାଁମୁହିଁ ହୋଇଛନ୍ତି। ଏପରିକି, ଶ୍ରଦ୍ଧାଳୁଙ୍କୁ ଦୁର୍ବ୍ୟବହାର ଏବଂ ଆକ୍ରମଣ ମଧ୍ୟ କରାଯାଇଛି। ନିଷ୍ପତ୍ତି ନେଇଥିବା ମୁଖ୍ୟ ପ୍ରଶାସକଙ୍କ ପରେ ଆହୁରି କିଛି ସେହି ପଦବୀ ରହି ବଦଳି ହୋଇଗଲାଣି। କିନ୍ତୁ ଅବଢ଼ା ଦର ଧାର୍ଯ୍ୟ ହୋଇପାରୁ ନାହିଁ। ଗୁରୁତ୍ୱପୂର୍ଣ୍ଣ କଥା, ଶ୍ରୀମନ୍ଦିର ପ୍ରଶାସନ କାହିଁକି ନିଷ୍ପତ୍ତି ନେଇପାରୁନି? ନା ସୁଆର ସେବାୟତଙ୍କ ଆଗରେ ଅସହାୟ ହୋଇପଡ଼ିଛି। ଏମିତି ପ୍ରଶ୍ନ ଏବେ ଭକ୍ତଙ୍କ ମହଲରେ ଉଙ୍କି ମାରିଥିବା ବେଳେ ଗତ ୫ ତାରିଖ ବୈଠକରେ ପୁନଶ୍ଚ ଅବଢ଼ା ଦର ତାଲିକା ପ୍ରସଙ୍ଗ ଉଠିଥିଲା। ଏଥିରେ ଦର ତାଲିକା ଲଗାଯିବା ପାଇଁ ନିଷ୍ପତ୍ତି ନିଆଯାଇଛି।

ଅନ୍ୟପକ୍ଷରେ ଏହି ତାଲିକା ଲାଗିଲେ ବାସ୍ତବରେ ଭକ୍ତଙ୍କ ପାଇଁ ଭଲ ହେବ ନା ଅଧିକ ଆର୍ଥିକ ବୋଝ ପଡ଼ିବ, ତାହା ସ୍ପଷ୍ଟ ହୋଇନାହିଁ। କିନ୍ତୁ ଏହାଦ୍ୱାରା ସାଧାରଣ ଭକ୍ତଙ୍କ ପାଇଁ ଅବଢ଼ା କିଣିବା କଷ୍ଟକର ହୋଇପଡ଼ିବ ବୋଲି କୁହାଯାଉଛି। ତେଣୁ ଶ୍ରୀମନ୍ଦିର ପ୍ରଶାସନ ଦରଧାର୍ଯ୍ୟ ପୂର୍ବରୁ ଏ ଦିଗ ପ୍ରତି ଧ୍ୟାନ ଦେବା ଦରକାର ବୋଲି ଭକ୍ତଙ୍କ ମହଲରେ ଆଲୋଚନା ହେଉଛି।

# କୁକୁର କାମୁଡ଼ାରେ ଦୁଇ ମୃତ





ବଲାଙ୍ଗିର, ୧୦।୮ (ସମିସ): ବଲାଙ୍ଗିର ଜିଲ୍ଲା ତୁଷୁରା ଥାନା ଅଞ୍ଚଳରେ କୁକୁର କାମୁଡ଼ାରେ ଦୁଇ ଜଣଙ୍କର ମୃତ୍ୟୁ ହୋଇଥିବା ଖବର ସାମ୍ନାକୁ ଆସିଛି। କୁକୁର କାମୁଡ଼ିବା ପରେ ଉଭୟଙ୍କୁ ପ୍ରଥମେ ଭୀମଭୋଇ ମେଡିକାଲ ଓ ପରେ ବୁର୍ଲା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଶନିବାର ବିଳମ୍ବିତ ରାତିରେ ଉଭୟଙ୍କ ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ମୃତ ଯୁବକଦ୍ୱୟ ହେଲେ, ତୁଷୁରା ଥାନା ଚିଡେଡ ଗାଁର ମିଥୁନ ରଣା ଓ ଯୋଗେନ୍ଦ୍ର ଛତ୍ରିଆ। ଗତ ଜୁଲାଇ ୨୩ ତାରିଖରେ ଗାଁରେ ଏକ କୁକୁର ଏକାଧିକ ଲୋକଙ୍କୁ କାମୁଡ଼ିଥିଲା। ସମସ୍ତଙ୍କୁ ଭୀମଭୋଇ ମେଡିକାଲ କଲେଜ ଡାକ୍ତରଖାନାକୁ ଚିକିତ୍ସା ପାଇଁ ଅଣାଯାଇଥିଲା। ମିଥୁନ ଓ ଯୋଗେନ୍ଦ୍ରଙ୍କ ଅବସ୍ଥା ଗୁରୁତର ରହିଥିବାରୁ ତାଙ୍କୁ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ କିଛି ଦିନ ଧରି ଚିକିତ୍ସା ଚାଲିଥିବା ବେଳେ ଶନିବାର ବିଳମ୍ବିତ ରାତିରେ ମୃତ୍ୟୁ ହୋଇଥିଲା। ଯୋଗେନ୍ଦ୍ର ଜଣେ ଭିନ୍ନକ୍ଷମ ହୋଇଥିବା ବେଳେ ସେ ଜଣେ ଜାତୀୟସ୍ତରର ଭିନ୍ନକ୍ଷମ ଖେଳାଳି ବୋଲି ଜଣାପଡ଼ିଛି। ଏହି ଦୁଇଜଣଙ୍କ ମୃତ୍ୟୁରେ ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

## ଲୋଇସିଂହା ଡାକ୍ତରଖାନାରେ ନବଜାତକ ମୃତ୍ୟୁ ଘଟଣା

# ପ୍ରଶାସନିକ ଛାନ୍‌ଭିନ ଆରମ୍ଭ

ବଲାଙ୍ଗିର, ୧୦।୮ (ସମିସ)

ବଲାଙ୍ଗିର ଜିଲ୍ଲା ଲୋଇସିଂହା ଡାକ୍ତରଖାନାରେ ନବଜାତ ମୃତ୍ୟୁ ଘଟଣାର ପ୍ରଶାସନିକ ତଦନ୍ତ ଆରମ୍ଭ ହୋଇଛି। ଘଟଣା ସାମ୍ନାକୁ ଆସିବା ପରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଘଟଣାର ଛାନଭିନ ଆରମ୍ଭ ହୋଇଥିବା ଜଣାପଡ଼ିଛି। ଘଟଣା ସମୟରେ କିଏ ଡ୍ୟୁଟିରେ ଥିଲା, କେଉଁ ନର୍ସ ମହିଳାଙ୍କ ପ୍ରସବ କରିଥିଲେ। ତାହା ଯାଞ୍ଚ ଆରମ୍ଭ ହୋଇଥିବା ବେଳେ ସୋମବାର ଏକ ଟିମ୍ ଡାକ୍ତରଖାନାକୁ ଆସି ତଦନ୍ତ କରିବାର ସୂଚନା ବିଶ୍ୱସ୍ତସୂତ୍ରରୁ ମିଳିଛି। ତେବେ ଡାକ୍ତରଖାନାର ଡାକ୍ତର ଓ ନର୍ସମାନଙ୍କ ଯୋଗୁଁ ନବଜାତକର ମୃତ୍ୟୁ ହୋଇଥିବା ପରିବାର ଲୋକ ଅଭିଯୋଗ କରିଥିବା ବେଳେ ସମ୍ପୃକ୍ତ ମହିଳାଙ୍କ ଏବେ ବି ଚିକିତ୍ସା ଏକ ଘରୋଇ ଡାକ୍ତରଖାନାରେ କରାଯାଉଥିବା ଜଣାପଡ଼ିଛି।

ଶୁକ୍ରବାର ବଲାଙ୍ଗିର ଜିଲ୍ଲା ଲୋଇସିଂହା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ନବଜତାକ ମୃତ୍ୟୁ ଘଟଣାକୁ ନେଇ ପ୍ରଶାସନିକ ସ୍ତରରେ ଛାନ୍‌ଭିନ ଆରମ୍ଭ ହୋଇଛି। ଏହି ଘଟଣା ବିଷୟରେ ଡାକ୍ତରଖାନା ମେଡିକାଲ ଅଧିକାରୀଙ୍କ କହିବା ଅନୁସାରେ ଏନେଇ ସୂଚନା ପାଇବା ପରେ ସେ ନିଜେ ଏହାର ଯାଞ୍ଚ ଆରମ୍ଭ କରିଦେଇଥିଲେ। ପରେ ଏନେଇ ଜିଲ୍ଲାପାଳ ଓ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ରେକର୍ଡ ପ୍ରଦାନ କରିବାକୁ କୁହାଯାଇଥିଲା। ଯାହାକି ପ୍ରଦାନ କରାଯାଇଅଛି। ଏହି ରେକର୍ଡ ଅନୁସାରେ ଘଟଣା ସମୟରେ କିଏ ଡ୍ୟୁଟିରେ ଥିଲା। କେଉଁ ଡାକ୍ତରଙ୍କ ଡ୍ୟୁଟି ଥିଲା ଓ କେଉଁ ଦୁଇ ଜଣ ନର୍ସ ପ୍ରସବ କରିଥିଲେ। ଉକ୍ତ ରେକର୍ଡ ଅନୁସାରେ ଘଟଣା ସମୟରେ ସ୍ତ୍ରୀ ଓ ପ୍ରସୂତି ବିଭାଗ ଡାକ୍ତର ଦୁଇ ଦିନିଆ ଛୁଟିରେ ରହିଥିବାରୁ ସେ ଅନୁପସ୍ଥିତ ଥିଲେ। କିନ୍ତୁ ଜଣେ ଏମବିବିଏସ୍ ଡାକ୍ତର ସୁପ୍ରିୟା ନାଗ ଡ୍ୟୁଟିରେ ରହିଥିଲେ। ନର୍ସମାନେ ବିଶେଷ କରି ପ୍ରସବ କରାଇଥାନ୍ତି କିନ୍ତୁ ଡାକ୍ତର ପ୍ରଥମେ ସ୍ୱାସ୍ଥ୍ୟ ଅବସ୍ଥା ଯାଞ୍ଚ କରିଥାନ୍ତି। ଯଦି କିଛି ସମସ୍ୟା ରହିଥାଏ ତେବେ ତାହା ଡାକ୍ତର ନିଜେ ଯାଞ୍ଚ କରିଥାନ୍ତି।କିନ୍ତୁ ସେହିଦିନ ସ୍ତ୍ରୀ ଓ ପ୍ରସୂତି ଡାକ୍ତର ନଥିବାରୁ ନର୍ସମାନେ

**ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କଲେ ପରିବାର ଲୋକ**

ପ୍ରସବ କରାଇଥିଲେ। ପରେ ନବଜାତକର ଅବସ୍ଥା ଗୁରୁତର ହେବା ପରେ ଡ୍ୟୁଟିରେ ଥିବା ଡାକ୍ତରଙ୍କ ପରାମର୍ଶକ୍ରମେ ଭୀମଭୋଇ ମେଡିକାଲ କଲେଜ ଡାକ୍ତରଖାନାକୁ ନିଆଯାଇଥିଲା। ଡାକ୍ତରଖାନାରେ ଜଣେ ଶିଶୁ ରୋଗ ବିଶେଷଜ୍ଞ ମଧ ରହିଛନ୍ତି। ସେହି ସମୟରେ ସେ ଡାକ୍ତରଖାନାରେ ନଥିବା ବେଳେ ଫୋନରେ ତାଙ୍କୁ ଯୋଗାଯୋଗ କରାଯାଇଥିଲା ଓ ସେ ଅକ୍ସିଜେନ ଦେଇ ରୋଗୀକୁ ସ୍ଥାନାନ୍ତର କରିବାକୁ କହିଥିଲେ। ତେବେ ସତରେ କଣ ଡାକ୍ତରଙ୍କ ଅନୁପସ୍ଥିତିରେ ବିନା ପରାମର୍ଶରେ ନର୍ସମାନେ ପ୍ରସବ କରାଉଛନ୍ତି। ଯଦି ସତ ତେବେ ତାହା ଏହା ଆଉ ଏକ ସାଂଘାତିକ ବିଷୟ। ଲୋଇସିଂହା ଡାକ୍ତରଖାନା ଉପରେ ଲୋଇସିଂହା ବ୍ଲକ, ବରଗଡ଼ ଜିଲ୍ଲା ଗାଇସିଲେଟ ବ୍ଲକର କିଛି ପଞ୍ଚାୟତ, ଆଗଲପୁର ବ୍ଲକ, ସୋନପୁର ଜିଲ୍ଲାର କିଛି ପଞ୍ଚାୟତର ଲୋକ ନିର୍ଭର କରିଥାନ୍ତି। ଦୀର୍ଘ ବର୍ଷ ଡାକ୍ତରଖାନାରେ ସ୍ତ୍ରୀ ଓ ପ୍ରସୂତି ବିଭାଗ ଖାଲି ପଡ଼ିଥିବା ବେଳେ ଜଣେ ସ୍ଥାନୀୟ ଡାକ୍ତରଙ୍କୁ ଏହି ଡାକ୍ତରଖାନାରେ ମନ୍ତ୍ରୀ ନିଜେ ନିଯୁକ୍ତି ଦେଇଥିଲେ। ତଥାପି ଅବସ୍ଥା ଯଥା ପୂର୍ବଂ ତଥା ପରଂ ହୋଇରହିଛି। ସୂଚନା ଯୋଗ୍ୟ ଯେ ଗତ ଶୁକ୍ରବାର ଲୋଇସିଂହା କୁମ୍ଭାରପଡ଼ାର ନବୀନ ରଣାଙ୍କ ସ୍ତ୍ରୀ ରିଙ୍କି ରଣାଙ୍କୁ ପ୍ରସବ ପାଇଁ ଭର୍ତ୍ତି କରିଥିଲେ।ତେବେ ରିଙ୍କିଙ୍କୁ ଡାକ୍ତରଖାନା ଭର୍ତ୍ତି କରିବା ପରେ ଦୁଇ ଜଣ ନର୍ସ ଲେବର ରୁମ୍‌କୁ ନେଇ ପ୍ରସବ କରାଇଥିଲେ। ତାହା ପୁଣି ବିନା ଡାକ୍ତରଙ୍କ ଉପସ୍ଥିତିରେ।ତେବେ ଜନ୍ମ ହେବା ପରେ ଶିଶୁ କୌଣସି ପ୍ରତିକ୍ରୀୟା କରିନଥିଲା।ପରେ ଶିଶୁକୁ ଭୀମଭୋଇ ମେଡିକାଲ କଲେଜ ଡାକ୍ତରଖାନା ପଠାଯାଇଥିଲା ସେଠାରେ ଡାକ୍ତର ମୃତ ଘୋଷଣା କରାଯାଇଥିଲା। ଏହି ଘଟଣାରେ ପ୍ରସୂତୀଙ୍କ ପରିବାର ଲୋକ ଡାକ୍ତରଖାନାର ଅବହେଳାକୁ ଦାୟୀ କରିଥିବା ବେଳେ ଘଟଣାର ତଦନ୍ତ ଓ କାର୍ଯ୍ୟନୁଷ୍ଠାନ ପାଇଁ ଦାବି କରିଥିଲେ।ତେବେ ପ୍ରସବ ସମୟରେ ଚିକିତ୍ସା ଅବହେଳା ଯୋଗୁଁ ପ୍ରସୂତୀରିଙ୍କି ରଣାଙ୍କ ସ୍ୱାସ୍ଥ୍ୟବସ୍ଥା ଏବେବି ଖରାପ ରହିଥିବାରୁ ତାଙ୍କୁ ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରି ଚିକିତ୍ସା କରାଯାଉଥିବା ସ୍ୱାମୀ କହିଛନ୍ତି। ଘଟଣାର ତଦନ୍ତ କରି ଦୋଷୀ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି।

## ଗଛକୁ ରାକ୍ଷୀବାନ୍ଧି ପୂଜାର୍ଚ୍ଚନା

ଟିଟିଲାଗଡ଼, ୧୦।୮ (ସମିସ): ବଙ୍ଗୋମୁଣ୍ଡା ବ୍ଲକ ଅନ୍ତର୍ଗତ ଅଲଣ୍ଡା ଚୌଦ୍ୱାର ମହିମା ଆଶ୍ରମରେ ବୃକ୍ଷରୋପଣ ଓ ରକ୍ଷାବନ୍ଧନ ଉତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ୨୦୨୦ ମସିହାରେ ପ୍ରଥମେ ବୃକ୍ଷମାନଙ୍କୁ ରାକ୍ଷୀ ବାନ୍ଧି ଓ ପୂଜାର୍ଚ୍ଚନା କରି ରକ୍ଷାବନ୍ଧନ ଉତ୍ସବର ଶୁଭାରମ୍ଭ କରାଯାଇଥିଲା। ଶନିବାର ଦିନ ଅପରାହ୍ନ ସମୟରେ ଚୌଦ୍ୱାର ମହିମା ଆଶ୍ରମଠାରେ ସ୍ଥାନୀୟ ଅଲେଖ ମହିମା ଧର୍ମାବଲମ୍ବୀ ଭକ୍ତ, ଅଞ୍ଚଳର ପରିବେଶ ପ୍ରେମୀ ସମବେତ ହୋଇ ବୃକ୍ଷମାନଙ୍କୁ ପୂଜାର୍ଚ୍ଚନା କରିବା ସହ ରାକ୍ଷୀବାନ୍ଧି ଥିଲେ। ପରିବେଶପ୍ରେମୀ ତଥା ପ୍ରକୃତି ବନ୍ଧୁ ସାଇପ୍ରସାଦ ସାହୁଙ୍କ ନେତୃତ୍ୱରେ ଆଶ୍ରମ



ପରିସରରେ ବିଭିନ୍ନ ପ୍ରକାରର ବୃକ୍ଷରୋପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ମହିମା ଆଶ୍ରମର ମୁଖ୍ୟ ସାଧୁ ପରମାନନ୍ଦ ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଆଶ୍ରମର ଚତୁଃପାର୍ଶ୍ୱରେ ବିଭିନ୍ନ ପ୍ରଜାତିର ବୃକ୍ଷ ତଥା ଔଷଧୀୟ ଗଛ ଅନେକ ପ୍ରକାରର ଲଗାଯାଇଥିଲା। ବୃକ୍ଷରୋପଣ ସମୟରେ ଅଲଣ୍ଡା ଗ୍ରାମର ଟଙ୍କ ପାଲ, ବିଷ୍ଣୁ ଭକ୍ତ, ଅଶୋକ ଭକ୍ତ, ମହତାବ ଭକ୍ତ, କୁଶଳ ଭକ୍ତ ଓ ପଣ୍ଡରିପାଣି ଗ୍ରାମର ଚୁଡାମଣି ଗହିର ପ୍ରମୁଖ ଚାରାରୋପଣ ସହଯୋଗ କରିଥିଲେ।ବୃକ୍ଷରୋପଣର ଆବଶ୍ୟକତା ସମ୍ପର୍କରେ ଶ୍ରୀ ସାହୁ ଉତ୍ସାହିତ କରିଥିଲେ।

## ଗଙ୍ଗାଧର ଜୟନ୍ତୀ ଓ ରକ୍ଷାବନ୍ଧନ କାର୍ଯ୍ୟକ୍ରମ



ବଲାଙ୍ଗିର, ୧୦।୮ (ସମିସ): ବଲାଙ୍ଗିର ଜିଲ୍ଲା ଟିକ୍ରାପଡ଼ା ଶ୍ରୀରାମ ମନ୍ଦିର ରେ ସ୍ୱଭାବ କବି ଗଙ୍ଗାଧର ଜୟନ୍ତୀ ଓ ରକ୍ଷାବନ୍ଧନ କାର୍ଯ୍ୟକ୍ରମ ସଭାପତି କେଶବ ଚନ୍ଦ୍ର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବରେ ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ ଓ ମୁଖ୍ୟବକ୍ତା ଭାବରେ ଡ.ଅଶୋକ କୁମାର ସେଠୀ, ସମ୍ମାନିତ ବକ୍ତା ଭାବରେ ଆଦର୍ଶ ଶିକ୍ଷକ କପିଳ ପତି ଯୋଗ ଦେଇ ଗଙ୍ଗାଧର ସାହିତ୍ୟ ଉପରେ ବିଷଦ ଆଲୋଚନା କରି ବର୍ତ୍ତମାନ ସେହି ସାହିତ୍ୟର ପ୍ରାସଙ୍ଗିକତା ଉପରେ ଆଲୋଚନା କରିଥିଲେ।

ସଭା ଆରମ୍ଭରେ ଗଙ୍ଗାଧରଙ୍କ ଫଟୋରେ ମାଲ୍ୟାର୍ପଣ କରାଯାଇଥିଲା। ସଭାକୁ କସ୍ତୁରୀ ରଥ ପରିଚାଳନା କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ଆଦ୍ୟାଶକ୍ତି ନାରୀ ସଂଗଠନର ଭଉଣୀମାନେ ପୂଜ୍ୟପୂଜା ସଂଗଠନର ଭାଇମାନଙ୍କୁ ରାକ୍ଷୀବାନ୍ଧି ଦୀର୍ଘଜିବନ କାମନା କରିଥିଲେ। କାର୍ଯ୍ୟକ୍ରମକୁ ସନାଧର ବନଛୋର, ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ, ଚୁଡେନ୍ଦ୍ର କୁମାର ବେହେରା, ଦୁର୍ଗା ଚରଣ ସାହୁ, ଅରୁଣ ଖୁଆସ, ନିହାରିକା ମିଶ୍ର, ସ୍ୱର୍ଣ୍ଣମୟୀ ମିଶ୍ର, ଦୀପ୍ତିମୟୀ ମିଶ୍ର, ରାଜଶ୍ରୀ ତ୍ରିପାଠୀ, ଆରତୀ ମିଶ୍ର, ମାଳତୀ ଉଦ୍‌ଗାତା, ପ୍ରଦୀପ ପସାୟତ, ରାମ ଶଙ୍କର ଶତପଥି, ଧର୍ମବ୍ରତ ରଥ ଓ ମଦନ ମୋହନ ରଥ ସହଯୋଗ କରିଥିଲେ।ଶେଷରେ ସୁରଥ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

### ରାଜ୍ୟରେ ଛାତ୍ରୀ ଓ ମହିଳାଙ୍କୁ ନିର୍ଯାତନା ପ୍ରତିବାଦ

## ଛାତ୍ରଛାତ୍ରୀଙ୍କ ସହ ବିଜେଡି କର୍ମକର୍ତ୍ତା ଘେରିଲେ ପାଟଣାଗଡ଼ ଥାନା

ପାଟଣାଗଡ଼, ୧୦।୮ (ସମିସ): ବିଜେପି ଶାସନରେ ସାରା ଓଡ଼ିଶାରେ ବଢ଼ି ଚାଲିଛି ଛାତ୍ରୀ ଓ ମହିଳା ନିର୍ଯାତନା। ପ୍ରତିବାଦରେ ରବିବାର ପାଟଣାଗଡ଼ ବ୍ଲକ ଏବଂ ପାଟଣାଗଡ଼ ଏନ୍‌ଏସିର ସମସ୍ତ କଲେଜର ଛାତ୍ରଛାତ୍ରୀଙ୍କ ସହିତ ବିଜୁ ଜନତା ଦଳ ତରଫରୁ ରବିବାର ପାଟଣାଗଡ଼ ଥାନା ଘେରଉ ସହ ପୁଲିସ ଡିଜିଙ୍କୁ ପାଟଣାଗଡ଼ ଥାନାଧିକାରୀଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରାଯାଇଛି। ପ୍ରଥମେ ସ୍ଥାନୀୟ ବ୍ରହ୍ମପୁରା ରଥଭଟା ଠାରେ ଜବାହାରଲାଲ କଲେଜ ପାଟଣାଗଡ଼, ଘସିଏନ ଡିଗ୍ରୀ କଲେଜ, ଧୂମାଭଟା କଲେଜ, ଭଇଁଷା କଲେଜ, ବାଳିକା କଲେଜ ପାଟଣାଗଡ଼ ସହ ଅନ୍ୟାନ୍ୟ କଲେଜ ଗୁଡିକର ଶତାଧିକ ଛାତ୍ରଛାତ୍ରୀଙ୍କ ସହ ପାଟଣାଗଡ଼ ଉପଖଣ୍ଡ ଅଞ୍ଚଳର ବିଜୁ ଜନତା ଦଳର କାର୍ଯ୍ୟକର୍ତ୍ତା ଏକତ୍ରିତ ହୋଇଥିଲେ। ସେଠାରୁ ଶୋଭାଯାତ୍ରା ବାହାରି ପ୍ଲାକାର୍ଡ ପ୍ରଦର୍ଶନ ପୂର୍ବକ ପାଟଣାଗଡ଼ ଥାନାରେ ପହଞ୍ଚିଥିଲେ। ସେଠାରେପ୍ରତିବାଦ ସଭାରେ କଲେଜ ଛାତ୍ରୀ ଚିତ୍ର ରେଖା ବରିହା, ପୂଜା ବରିହା ପ୍ରମୁଖ ଆଦିବାସୀ ଛାତ୍ରୀ ନିଜ ହକ ଅଧିକାର ତଥା ରାଜ୍ୟରେ ଛାତ୍ରୀ ଓ ମହିଳାଙ୍କୁ ସୁରକ୍ଷା ପାଇଁ ସ୍ୱର ଉଠାଇଥିଲେ। ସେହିପରି ପୂର୍ବତନ ପାଟଣାଗଡ଼ ବିଧାୟକ ସରୋଜ ମେହେର କହିଥିଲେ ଯେ ଗତ ୨୪ ବର୍ଷ ବିଜେଡି ଶାସନରେ ଛାତ୍ରୀ ଓ ନାରୀମାନେ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ନିଜକୁ ସୁରକ୍ଷିତ ମଣୁଥିଲେ



କିନ୍ତୁ ଗତ ତେର ମାସ ବିଜେପି ଶାସନରେ ମହିଳା ଓ ଛାତ୍ରୀ ଘରୁ ଗୋଡ଼ କାଢ଼ିବାକୁ ଭୟ କରୁଛନ୍ତି। ଆଇନ ଶୃଙ୍ଖଳା ବିପଯ୍ୟସ୍ତ ହୋଇପଡ଼ିଛି।ସାରା ରାଜ୍ୟରେ ସରକାର ଛାତ୍ରୀ, ମହିଳାଙ୍କୁ ସୁରକ୍ଷା ପ୍ରଦାନ କରନ୍ତୁ ଓ ମହିଳାଙ୍କ ପାଇଁ ସୁରକ୍ଷା ଆଇନ ଆଣନ୍ତୁ ଆଦି ଉଲ୍ଲେଖ ରହିଛି।ପରେ ପାଟଣାଗଡ଼ ଥାନାଧିକାରୀ ହରିବନ୍ଧୁ ଗଡ଼ତ୍ୟାଙ୍କୁ ପୁଲିସ ଡିଜିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଥିଲା। ଦାବିପତ୍ର ପ୍ରଦାନ ସମୟରେ ବିଜୁ ଜନତା ଦଳ ପୂର୍ବତନ ପାଟଣାଗଡ଼ ବିଧାୟକ ସରୋଜ ମେହେର, ଏନ୍‌ଏସି ଅଧ୍ୟକ୍ଷା ମାନସୀ ବିଶ୍ୱାଳ, ଏନ୍‌ଏସିର ଅନେକ କାଉନସିଲର, ବିଭିନ୍ନ ଜିଲ୍ଲାପରିଷଦ ସଭ୍ୟ, ସଭ୍ୟା, ବିଭିନ୍ନ ପଞ୍ଚାୟତ ଗୁଡିକର ସରପଞ୍ଚ, ସମିତି ସଭ୍ୟ, ସଭ୍ୟା, ଜୟନ୍ତ କୁମ୍ଭାର, ଗୋବିନ୍ଦ ମେହେର, ସୁକୁମାର ବାରିକ, ବ୍ଲକ ଉପାଧ୍ୟକ୍ଷା ଲକ୍ଷ୍ମୀ ମାଝୀ, ହିମାଞ୍ଚଳ ପଧାନ, ଗଣ୍ଡରାମ ବେହେରା ପ୍ରମୁଖଙ୍କ ସହ ବିଜେଡି ଦଳର କର୍ମକର୍ତ୍ତା ଓ ବିଭିନ୍ନ କଲେଜରୁ ଆସିଥିବା ଶତାଧିକ ଛାତ୍ରଛାତ୍ରୀ ସାମିଲ ଥିଲେ।

## ରୋଟାରି କ୍ଲବ୍ ଅଫ୍ ଏଲିଟ୍ ପକ୍ଷରୁ ବୃକ୍ଷରୋପଣ

ବଲାଙ୍ଗିର, ୧୦।୮ (ସମିସ): ବଲାଙ୍ଗିର ଜିଲ୍ଲା ଲୋଇସିଂହା ବ୍ଲକ ସିଙ୍ଗାଣିମୁଣ୍ଡା ଗ୍ରାମଠାରେ ରୋଟାରି ଏଲିଟ ତରଫରୁ 'ଗ୍ରୀନ ଡ୍ରିମ'ମା'ଙ୍କ ନାଁରେ ଗୋଟିଏ ଗଛ



ସ୍ଲୋଗାନ ଦେଇ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି।କାର୍ଯ୍ୟକ୍ରମରେ ଅତିଥି ଭାବରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣବୋର୍ଡର ବଲାଙ୍ଗିର ଶାଖାର ଆଞ୍ଚଳିକ ଅଧିକାରୀ ବବିତା ସିଂ ଯୋଗଦେଇ ରୋଟାରି ଏଲିଟର ସଭ୍ୟମାନଙ୍କୁ ଉତ୍ସାହିତ କରିଥିଲେ।ପ୍ରାୟ ୧୫୦ଟି ବିଭିନ୍ନ କିସମର ବୃକ୍ଷରୋପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଏଲିଟ ସଭାପତି ଦର୍ଶନ ଭମର, ସମ୍ପାଦକ ମୁକେଶ ପଟେଲ ଓ ଏଲିଟର ସମସ୍ତ ସଭ୍ୟ ସଭ୍ୟା ଗ୍ରୀନ ଡ୍ରିମ କାର୍ଯ୍ୟକ୍ରମକୁ ସଫଳ କରିବାରେ ସହଯୋଗ କରିଥିଲେ।ଆସନ୍ତା ଅଗଷ୍ଟ ୧୫ ଦିନ ବିଭିନ୍ନ କିସମର ଚାରା ରୋଟାରି ଏଲିଟ ତରଫରୁ ବଣ୍ଟନ କରା ହେବ ବୋଲି ସଭାପତି ଶ୍ରୀ ଦର୍ଶନ ଭମର କହିଛନ୍ତି।

## ଦୁଇ ଗାଡ଼ି ସହ ଗଞ୍ଜେଇ ଜବତ, ୨ ଗିରଫ

ସଇଁତଲା, ୧୦।୮ (ସମିସ): ଗଞ୍ଜେଇ ଚୋରା ଚାଲାଣ କରୁଥିବା ବେଳେ ପୁଲିସ ଚଢ଼ଉ କରି ୧୦୦କେଜି ଗଞ୍ଜେଇ ଜବତ କରିବାର ସହ ୨ ଜଣଙ୍କୁ ଗିରଫ କରିଛି। ଚାରି ଚକିଆ ଗାଡି ଡ଼ିକି ଭିତରେ ଏକ ରୋଲ ବ୍ୟାଗ ଭିତରେ ଗଞ୍ଜେଇ ଚାଲାଣ କରୁଥିଲେ। ସୂଚନା ମତେ ବଲାଙ୍ଗିର ଜିଲ୍ଲା ସଇଁତଲା ପୁଲିସ ଚାରି ଚକିଆ ଦୁଇଟି ଗାଡିରେ ଗଞ୍ଜେଇ ଚାଲାଣ ହେଉଥିବା ଖବର ପାଇବା ପରେ ଲାନ୍ଥ ନଦୀ ବ୍ରିଜ ନିକଟରେ ପେଟ୍ରୋଲିଂ କରୁ ଥିବା ବେଳେ ଗୋଟିଏ ଗାଡିକୁ କାବୁ କରିବା ପରେ ଅନ୍ୟ ଗାଡି ପୁଲିସକୁ



ଦେଖି ଫେରାର ମାରିବାକୁ ଚେଷ୍ଟା କରୁଥିଲା। ପୁଲିସ ଦୁଇଟି ଗାଡିକୁ ଜବତ କରିବାରେ ସଫଳ ହୋଇଛି। ପରେ ଥାନାକୁ ଦୁଇ ଜଣ ଗଞ୍ଜେଇ ଚାଲାଣକାରୀକୁ ଆଣି ପଚରାଉଚରା କରିବା ପରେ ବୌଦ୍ଧରୁ ଟିଟିଲାଗଡ଼ ଦେଇ ରାୟପୁରକୁ ଗଞ୍ଜେଇ ଚାଲାଣ କରିବା ପାଇଁ ବ୍ୟବସ୍ଥା କରାଯାଉ ଥିଲା। ପୁଲିସ ୧୦୦ କେଜି ୨୩୦ ଗ୍ରାମ ଗଞ୍ଜେଇ ଜବତ କରିଛି। ଅଭିଯୁକ୍ତମାନେ ସୁବର୍ଣ୍ଣପୁର ଜିଲ୍ଲାର ସଞ୍ଜୀବ ମିଶ୍ର ଓ ବୌଦ୍ଧର ଦେବନ୍ତ କର୍ଣ୍ଣ ବୋଲି ଜଣାପଡ଼ିଛି। ଦୁଇଟି ଚାରି ଚକିଆ ଗାଡ଼ି, ୧୫ ହଜାର ଟଙ୍କା ଓ ଦୁଇଟି ମୋବାଇଲ ଜବତ ହୋଇଛି। ଦୁଇ ଅଭିଯୁକ୍ତଙ୍କୁ ଆସନ୍ତାକାଲି କୋର୍ଟ ଚାଲାଣ କରାଯିବା ନେଇ ଟିଟିଲାଗଡ଼ ଏସଡ଼ିପିଓ ଯଶୋବନ୍ତ ପ୍ରଧାନୀ ସୂଚନା ଦେଇଛନ୍ତି।

## ସଇଁତଲା ଅଞ୍ଚଳରେ ସାର କଳାବଜାର

ସଇଁତଲା, ୧୦।୮ (ସମିସ): ସରକାର ଚାଷୀମାନଙ୍କ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି ଉତ୍କୃଷ୍ଟମାନର ଧାନ ପାଇବା ପାଇଁ ବିଭିନ୍ନ କିସମର ସାର ସୁଲଭ ମୂଲ୍ୟରେ ଧାନ ଗୁଳା ତଥା ଲାଇସେନ୍ସପ୍ରାପ୍ତ ସାର ବ୍ୟବସାୟୀ ନିଯୁକ୍ତ କରିଛନ୍ତି। କିନ୍ତୁ ସଇଁତଲା ଅଞ୍ଚଳରେ ଚାଷୀଙ୍କୁ ଠିକ ଭାବରେ ସାର ଦିଆ ଯାଉନାହିଁ। ସାର ବସ୍ତା ଗୁଡିକ ଓଜନ କମ ରହୁଥିବା ବେଳେ କିଛି ଅସାଧୁ ବ୍ୟବସାୟୀ ନିମ୍ନମାନର ସାରକୁ ଅନ୍ୟ କମ୍ପାନୀ ସାର ବସ୍ତାରେ ଭରି ମେସିନ ସିଲେଇ କରି ଚାଷୀଙ୍କୁ ଅଧିକ ଦରରେ ବିକ୍ରି କରୁଥିବା ଅଭିଯୋଗ ହୋଇଛି। ପଡୋଶୀ ରାଜ୍ୟ ଛତିଶଗଡ଼ରୁ ମଧ ଚୋରା ଚାଲାଣ କରି ନିମ୍ନମାନର ସାର ଆଣି କିଛି ଅସାଧୁ ବ୍ୟବସାୟୀ ଚାଷୀଙ୍କୁ ଶୋଷଣ କରୁଛନ୍ତି। କିନ୍ତୁ କୃଷି ବିଭାଗ ଏ ସବୁ ଜାଣି ମଧ ଚୁପ ରହୁଛି। ବ୍ୟବସାୟୀ ଓ କୃଷି ଅଧିକାରୀଙ୍କ ମଧୁଚନ୍ଦ୍ରିକା ଚାଷୀଙ୍କୁ ଶୋଷଣ କରି ମାଲାମାଲ ହେଉଛନ୍ତି। ଏ ନେଇ ଚାଷୀ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି। ଅସାଧୁ ବ୍ୟବସାୟୀଙ୍କ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଚାଷୀମାନେ ଦାବି କରିଛନ୍ତି। ସଇଁତଲା ବ୍ଲକର ସଇଁତଲା, ଖାସବାହାଲ, ଘୁନସର, ବେଲଗାଁ, ସିସକେଲା, କରମତଳା, ଟିକ୍ରାପଡ଼ା, ଝିକିଡୁଙ୍ଗରି ତଥା ବ୍ଲକର ସମସ୍ତ ପଞ୍ଚାୟତରେ ଥିବା ବ୍ୟବସାୟୀଙ୍କ ଦୋକାନ ଓ ଗୋଦାମ ଚେକ କରି ଯେଉ ବ୍ୟବସାୟୀ ଅସାଧୁ ଉପାୟ ଅବଲମ୍ବନ କରୁଛନ୍ତି ତାଙ୍କ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଦାବି ହେଉଛି। ଏହାକୁ ନେଇ ଚାଷୀମାନେ ଆଗାମୀ ଦିନରେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଦୃଢୋକ୍ତି ପ୍ରକାଶ କରିଛନ୍ତି।

## କେନ୍ଦୁମୁଣ୍ଡା କ୍ଲଷ୍ଟର ରେ 'ଆସ ସ୍କୁଲ ଯିବା' କାର୍ଯ୍ୟକ୍ରମ

ସିନାପାଲି, ୧୦।୮ (ସମିସ): ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକସ୍ଥିତ କେନ୍ଦୁମୁଣ୍ଡା କେନ୍ଦ୍ର ପ୍ରାଥମିକ ବିଦ୍ୟାଳୟ ଠାରେ କେନ୍ଦୁମୁଣ୍ଡା କ୍ଲଷ୍ଟରସ୍ତରୀୟ 'ଆସ ସ୍କୁଲ ଯିବା'କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଯାଇଛି। ଏହି କାର୍ଯ୍ୟକ୍ରମରେ ଅଧାରୁ ପାଠ ଛାଡ଼ିଥିବା ଛାତ୍ରଛାତ୍ରୀମାନଙ୍କୁ ପୁଣି ଥରେ ବିଦ୍ୟାଳୟକୁ ଆଣିବା ପାଇଁ ପ୍ରୟାସ କରାଯିବ ସହ ତାଙ୍କର ପିତା ମାତାଙ୍କ ସହ ଆଲୋଚନା କରିବା ଓ ୨୦୧୯ ଶିକ୍ଷା ନୀତି ଆଧାରରେ ଛାତ୍ରଛାତ୍ରୀଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନରେ କେହି ଯେମିତି ବଞ୍ଚିତ ନ ହେବେ ସେଥିପାଇଁ ଦୃଷ୍ଟି ଦେବାକୁ ଆହ୍ୱାନ କରାଯାଇ ଥିଲା। ଏହି କାର୍ଯ୍ୟକ୍ରମକୁ ସାର୍ବଜନୀନ କରିବା ପାଇଁ ସ୍ଥାନୀୟ ସ୍ୱୟଂ ସହାୟକ ଗୋଷ୍ଠୀ, ସ୍ଥାନୀୟ ଜନ ପ୍ରତିନିଧି, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ଅଙ୍ଗନବାଡ଼ି କର୍ମୀ, ସ୍ୱାସ୍ଥ୍ୟ କର୍ମୀ, ବୁଦ୍ଧିଜୀବୀ ସାମିଲରହି ଶିକ୍ଷାକ୍ଷେତ୍ରରେ ପରିବର୍ତ୍ତନ ଆଣିବା ପାଇଁ ମତ ପ୍ରକାଶ ପାଇଥିଲା। ଏହି ଅବସରରେ କେନ୍ଦୁମୁଣ୍ଡା କ୍ଲଷ୍ଟର ସିଆରସିସି ମହେନ୍ଦ୍ର ବାଗ, ସ୍ଥାନୀୟ ସରପଞ୍ଚ ମଦନ ଦଣ୍ଡସେନା, ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପୂର୍ଣ୍ଣାନନ୍ଦ ନାଏକ, ସହକାରୀ ଶିକ୍ଷକ ରମେଶ ଚନ୍ଦ୍ର ଖର୍ସେଲ ସମେତ କ୍ଲଷ୍ଟରର ବିଭିନ୍ନ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ, ଅଭିଭାବକ, ଜନ ପ୍ରତିନିଧି ଯୋଗଦାନ କରିଥିଲେ। ସେହିପରି ଏହି କାର୍ଯ୍ୟକ୍ରମ ସିନାପାଲି ବ୍ଲକର ବିଭିନ୍ନ କ୍ଲଷ୍ଟରରେ ହୋଇଛି।

## ବେଲପଡ଼ା ପଞ୍ଚାୟତରେ ମନରେଗା ଅନିୟମିତତା

# ପଞ୍ଚାୟତବାସୀ ଜିଲ୍ଲା ପ୍ରଶାସନର ଦ୍ୱାରସ୍ଥ

କଣ୍ଟାବାଞ୍ଜି/ବଙ୍ଗୋମୁଣ୍ଡା, ୧୦।୮ (ସମିସ)



**● ଲକ୍ଷାଧିକ ଟଙ୍କା ହଡ଼ପ ଅଭିଯୋଗ**
**● କାମ ନ କରି ଟଙ୍କା ଉଠାଇଥିବା ଅଭିଯୋଗ**

କେନ୍ଦ୍ର ସରକାର ମନରେଗା ଯୋଜନାରେ ଗ୍ରାମାଞ୍ଚଳ ଶ୍ରମିକଙ୍କୁ ରୋଜଗାର ଯୋଗାଇ ଦେଉଥିବା ବେଳେ ପଞ୍ଚାୟତ ଅଧିନସ୍ଥ ଅନେକ ଗାଁର ଉନ୍ନତିମୂଳକ କାର୍ଯ୍ୟ ମନରେଗା ଯୋଜନାରେ ମେଟ୍ରିଆଲ କାମ କରାଯାଉଛି। ଯେଉଁଥିରେ ପୋଖରୀ କଡରେ ଗାଡୱାଲ ନିର୍ମାଣ, ପାହାଚ ନିର୍ମାଣ, କଂକ୍ରିଟ ରାସ୍ତା ନିର୍ମାଣ କାର୍ଯ୍ୟ କରାଯାଉଛି। ମେଟ୍ରିଆଲ କାମରେ ଅନେକ ଅନିୟମିତା ହୋଇଥିବା ଅଭିଯୋଗ ହେଉଛି। ବଲାଙ୍ଗିର ଜିଲ୍ଲା ବଙ୍ଗୋମୁଣ୍ଡା ବ୍ଲକ ବେଲପଡ଼ାରୁ ଗତ ୫ ତାରିଖଦିନ ଶତାଧିକ ବେଲପଡ଼ା ପଞ୍ଚାୟତବାସୀ ବଲାଙ୍ଗିର ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇ ୬ଦଫା ଅଭିଯୋଗପତ୍ର ପ୍ରଦାନ କରିଛନ୍ତି। ଅଭିଯୋଗ ପତ୍ରରେ ବେଲପଡ଼ା ପଞ୍ଚାୟତର ଦେଓଗାଁ ଠାରୁ ତେଲିପଦର ରାସ୍ତା ଉନ୍ନତୀକରଣ କାମ ମନରେଗା ଯୋଜନାରେ ଅଟକଳ ପରିମାଣ ଦଶ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିବା ଦର୍ଶାଯାଉଥିବା ବେଳେ ୩ଲକ୍ଷ ୫୭ ହଜାର ୧୦୬ ଟଙ୍କା ମିଥ୍ୟା ବିଲ କରି ଅର୍ଥ ଆତ୍ମସାତ କରାଯାଇଛି। ସେହିପରି ଦେଓଗାଁ ଗ୍ରାମର ଲୁହାଖୁନି ନାଳା କାର୍ଯ୍ୟ କରାଯାଇଛି। ଯାହାର ଅଟକଳ ପରିମାଣ ଦଶ ଲକ୍ଷ ଟଙ୍କା ଅଟେ। ହେଲେ ପ୍ରକୃତରେ ଜେସିବିରେ କିଛି କାମ କରାଯାଇଛି ଓ ୫ଲକ୍ଷ ୫୮ ହଜାର ୧୨ ଟଙ୍କା ଓ ପଦାର୍ଥ ସାମଗ୍ରୀ ବାବଦକୁ ୩ଲକ୍ଷ ୩୦ହଜାର ୨୭୫ ଟଙ୍କା ସବୁ ମିଶି ୮ ଲକ୍ଷ ୧ହଜାର ୨୮୭ ଟଙ୍କା ଆତ୍ମସାତ କରାଯାଇଛି। ଏହି କାର୍ଯ୍ୟରେ କୌଣସି ଶ୍ରମିକ ନିୟୋଜିତ ନ କରି ନକଲି ଶ୍ରମିକଙ୍କ ନାଁରେ ମିଥ୍ୟା ବିଲ କରି ଟଙ୍କା ଉଠା ଯାଇଛି। ବାଗବାହାଲ ଠାରୁ ଦେଓଗାଁ ରାସ୍ତା ପଞ୍ଚାୟତ ତରଫରୁ ମନରେଗାର ଯୋଜନାରେ ଫାଇଲ ମଞ୍ଜୁର ହୋଇଯାଇଛି। ସେହି କାମକୁ ଜେସିବି ମେସିନ ଓ ଟ୍ରାକ୍ଟରରେ ମାଟି ପକାଇ କାମ କରୁଥିବାରୁ ଯାତାୟତ କରୁଥିବା ଲୋକମାନେ ବହୁତ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବେଲପଡ଼ା ପଞ୍ଚାୟତର ୧୧ ଟି ଗ୍ରାମକୁ ନେଇ ଗଠିତ ସବୁ ଗ୍ରାମରେ ମନରେଗା ଯୋଜନାରେ କାମ ଚାଲିଛି। ଏବଂ ସବୁ ଗ୍ରାମରେ ସରକାରୀ ଅନୁଦାନ ଆତ୍ମସାତ କରି ଚାଲିଛନ୍ତି ଏହାର ପୁଙ୍ଖାନୁପୁଙ୍ଖ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ପ୍ରତ୍ୟେକ ମନରେଗା କାମ ପଞ୍ଚାୟତର ଫାଇଲ ଅଟେ ସରପଞ୍ଚ ନିଜେ ଠିକା କାମ କରନ୍ତି। ପୁରୁଣା ଗାଁ ସାଥୀମାନଙ୍କର ସ୍ଥାନରେ ନୂତନ ଗାଁ ସାଥି ନିଯୁକ୍ତି କରି ତାଙ୍କୁ ସୁହାଇଲା ଭଳିଆ କାର୍ଯ୍ୟକରି ଅର୍ଥ ଆତ୍ମସାତ କରୁଛନ୍ତି। କାର୍ଯ୍ୟ ହେଉଥିବା ଗାଁର ଗାଁ ସାଥୀଙ୍କୁ ନ ଲଗାଇ ଅନ୍ୟ ଗାଁସାଥୀଙ୍କୁ ନିୟୋଯିତ କରାଯାଇଛି। ସବୁ ଜାଣିବା ଦାୟିତ୍ୱ ଥିବା ପଞ୍ଚାୟତ କନିଷ୍ଠ ଯନ୍ତ୍ରୀ କିପରି ବିଲ କରୁଛନ୍ତି ବୋଲି ପ୍ରଶ୍ନ ଉଠାଇଛନ୍ତି। ଅନ୍ୟପକ୍ଷରେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଓ ବିଡିଓ କ୍ଷେତ୍ର ପରିଦର୍ଶନ କରୁନାହାଁନ୍ତି। ମନରେଗା ଦୁର୍ନୀତିର ନିରପେକ୍ଷ ତଦନ୍ତ କରି ସମ୍ପୃକ୍ତ ବ୍ୟକ୍ତିମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ ନଚେତ ଆଗାମୀ ଦିନରେ ବ୍ଲକ କାର୍ଯ୍ୟାଳୟ ଘେରାଉ କରିବୁ ବୋଲି ବେଲପଡ଼ା ପଞ୍ଚାୟତ ଦେଓଗାଁ ବାସୀ ଅଭିଯୋଗ ପତ୍ର ଉଲ୍ଲେଖ ରଖିଛନ୍ତି।



# ନଙ୍ଗଲବୋର୍ଡ ସେବାଶ୍ରମ ପରିଦର୍ଶନ କଲେ ଅଧିକାରୀ



ସିନାପାଲି, ୧୦।୮ (ସମିସ): ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ନଙ୍ଗଲବୋର୍ଡ ସ୍ଥିତ ଆଦିବାସୀ ସେବାଶ୍ରମ ପରିଦର୍ଶନରେ ଯାଇ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବା ସହ ସଚେତନତା କରଯାଇଥିଲା। ନୂଆପଡ଼ା ଜିଲ୍ଲା ମଙ୍ଗଳ ଅଧିକାରୀ ଦୀପ୍ତିମନ୍ତ ଭୋଇ, ସିନାପାଲି ବିଡିଓ କାର୍ମୀ ଓରାମ, ସିନାପାଲି ବ୍ଲକମଙ୍ଗଳ ଅଧିକାରୀ ସୁନୀଲ ସାମଲ, ସ୍ଥାନୀୟ ସରପଞ୍ଚ ଜଗଦିଶ ମାଝୀଙ୍କ ସମେତ ଅନେକ ଅଧିକାରୀ ସେବା ପରିଦର୍ଶନ କରି ସେବାଶ୍ରମର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ସେବାଶ୍ରମରେ ଅନୁଷ୍ଠିତ ସ୍ୱଭାବ କବି ଗଙ୍ଗାଧର ଜୟନ୍ତୀ ଓ ଆଦିବାସୀ ଦିବସ କାର୍ଯ୍ୟକ୍ରମରେ ଯୋଗଦାନ କରି ଛାତ୍ରଛାତ୍ରୀଙ୍କୁ ଗଙ୍ଗାଧରଙ୍କ ଜୀବନୀ ଓ ତାଙ୍କ ଦ୍ୱାରା ଲିଖିତ କାଳଜୟୀ ଉପନ୍ୟାସ, କବିତା ଉପରେ ଛାତ୍ର ଛାତ୍ରୀଙ୍କୁ ବୁଝାଇବା ସହ ଗୁଣାତ୍ମକ ଶିକ୍ଷା ସମ୍ବନ୍ଧରେ ଆଲୋଚନା କରିଥିଲେ। ସେହିପରି ପରିବେଶ ସୁରକ୍ଷା ସାଙ୍ଗକୁ ସ୍ୱଚ୍ଛତା ଓ ପ୍ଲାଷ୍ଟିକ ମୁକ୍ତ ସମାଜ ଗଠନ ଦିଗରେ ସଚେତନ କରି ସେବାଶ୍ରମ ପ୍ରାଙ୍ଗଣରେ ଚାରା ରୋପଣ କାର୍ଯ୍ୟକ୍ରମ କରାଯାଇଥିଲା। ପ୍ରଧାନ ଶିକ୍ଷକ ଖଗେଶ୍ୱର ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଶ୍ରୀ ଅରବିନ୍ଦ ଶିକ୍ଷାକେନ୍ଦ୍ରରେ ଚାରାରୋପଣ

ଶଗଡ଼ା, ୧୦।୮ (ସମିସ): ପବିତ୍ର ରକ୍ଷାବନ୍ଧନ ଅବସରରେ ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଖଟଖଟିଆସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଠାରେ ରକ୍ଷାବନ୍ଧନ ଓ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଯୁବସମାଜସେବୀ ପୁରନ୍ଦର କର୍ମୀ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥିଭାବେ ସାମ୍ବାଦିକ ଅଜିତ ବସ୍ତିଆ, ଶ୍ରୀଅରବିନ୍ଦ



ପାଠଚକ୍ରର ଜିଲ୍ଲା ସଂଯୋଜକ ବୀରେନ୍ଦ୍ର କୁମାର ମେଁଡିଲି, ଅନ୍ୟତମ ଜିଲ୍ଲା ସଂଯୋଜକ ରାମପ୍ରସାଦ କର୍ଣ୍ଣ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଦିଲ୍ଲୀପ କୁମାର କର୍ଣ୍ଣ, କୈଳାଶ ଚନ୍ଦ୍ର ବାରିକ, ମଣ୍ଟୁ ସାହୁ, ରଞ୍ଜନ କୁମାର ପତ୍ର ଏବଂ ଲଳିତ ବସ୍ତିଆ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଅନୁଷ୍ଠିତ ରକ୍ଷାବନ୍ଧନ କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଅପାମାନେ ଅତିଥି ଏବଂ ଭାଇମାନଙ୍କୁ ରାକ୍ଷୀ ପିନ୍ଧାଇଥିଲେ। ଏହି ଅବସରରେ ବିଦ୍ୟାଳୟ ପରିସରରେ ବିଭିନ୍ନ ପ୍ରଜାତିର ଚାରାରୋପଣ କରାଯାଇଥିଲା। ଏହାର ସୁରକ୍ଷା ଦାୟିତ୍ୱ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଦ୍ୟାଳୟର ଅଧକ୍ଷ ଜଗନ୍ନାଥ ଖେତୀ, ସଭାପତି ଗଣେଶ ବାରିକ, ଶିକ୍ଷକ ସୁମିତ ପ୍ରଧାନ, ସତ୍ୟ ରଣା, ଶେଖର ମେହେର, ମଧୁ ଭାଇ, ସାଗରୀକା ବସ୍ତିଆ, ନିମେଷା ପାତ୍ର, ମମତା ସେଠି, ସନ୍ତୋଷିନୀ ନାଏକ, ସନ୍ଧ୍ୟା ମହାନନ୍ଦିଆ ପ୍ରମୁଖ ସହଯୋଗ କରିଥିଲେ।

# ଘଣ୍ଟାପଡ଼ା ଥାନାରେ ବକ୍ତୃତା ପ୍ରତିଯୋଗିତା

ଶଗଡ଼ା, ୧୦।୮ (ସମିସ): ନୂତନ ସଂଶୋଧିତ ଆଇନ, ସାଇବର କ୍ରାଇମ୍, ମହିଳା ସୁରକ୍ଷା ଆଦି ବିଷୟରେ ପୋଲିସ ପକ୍ଷରୁ ଚାଲିଥିବା ସଚେତନ କାର୍ଯ୍ୟକ୍ରମରେ ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଘଣ୍ଟାପଡ଼ା ଥାନାରେ ମହିଳା ସୁରକ୍ଷା ଉପରେ ଥାନା ଅଞ୍ଚଳର ପ୍ରତ୍ୟେକ ହାଇସ୍କୁଲର ଛାତ୍ରଛାତ୍ରୀଙ୍କୁ ନେଇ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଥାନାଧିକାରୀ ଇନିସ୍ପେକ୍ଟର ବାଲ୍ମିକୀ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଚାଲିଥିବା କାର୍ଯ୍ୟକ୍ରମରେ ଶିକ୍ଷାବିତ ନିଳାଚଳ ଭୋଇ, ସମାଜସେବୀ କରୁଣାକର ସାହୁ, ଅଶୋକ ସାହୁ, ପ୍ରଭାତ ସାହୁଙ୍କ ଉପସ୍ଥିତିରେ ବିଚାରକ ଭାବେ ନୂଆପାଲି ହାଇସ୍କୁଲର ପ୍ରଧାନଶିକ୍ଷକ ଅନନ୍ତ ଚରଣ କ୍ଷେତି, ଶିକ୍ଷାବିତ ଅଗସ୍ତି ମଲିକ ପ୍ରମୁଖ ଉପସ୍ଥିତ ରହି ମୂଲ୍ୟାଙ୍କନ କରିଥିଲେ। ଉକ୍ତ ପ୍ରତିଯୋଗୀତରେ ଆମ୍ବଗାଁ ହାଇସ୍କୁଲର ଛାତ୍ରୀ ଯାଜ୍ଞଶ୍ରୀ କୁମ୍ଭାର ପ୍ରଥମ, ଉକ୍ତ ବିଦ୍ୟାଳୟର ଛାତ୍ରୀ ଫାଲଗୁନୀ ରଣା ଦ୍ୱିତୀୟ ଓ ଘଣ୍ଟାପଡ଼ା ହାଇସ୍କୁଲର ଛାତ୍ର ସ୍ୱାଗତ ମଲିକ ତୃତୀୟ ସ୍ଥାନ ଅଧିକାର କରି ଥିବା ବେଳେ ସେମାନଙ୍କୁ ଟ୍ରଫି ସହ ଉପହାର ପ୍ରଦାନ କରାଯାଇଥିଲା। ଏସଆଇ ମାଧବଚନ୍ଦ୍ର ଟାକ୍ରି ସଭା ପରିଚାଳନା କରିଥିବା ବେଳେ ଏସ୍ଆଇ ବିଶ୍ୱାମିତ୍ର ଲୋଇ ଧନ୍ୟବାଦ ପ୍ରଦାନ କରିଥିଲେ। ଉକ୍ତ ପ୍ରତିଯୋଗୀତାରେ ଶିକ୍ଷକଶିକ୍ଷୟିତ୍ରୀ, ଶିକ୍ଷାବିତ, ସମାଜସେବୀ ନାରୀ ସୁରକ୍ଷା ଓ ଅଧିକାର ଉପରେ ବକ୍ତବ୍ୟ ରଖିଥିଲେ। ସମସ୍ତ କାର୍ଯ୍ୟରେ ଥାନାର ପୁଲିସ କର୍ମଚାରୀ ସହଯୋଗ କରିଥିଲେ।

# ଅବ୍ୟବସ୍ଥାରେ ତରବୋଡ଼ କଲୋନୀପଡ଼ା ପ୍ରାଥମିକ ବିଦ୍ୟାଳୟ

କୋମନା, ୧୦।୮ (ସମିସ): ନୂଆପଡ଼ା ଜିଲ୍ଲା କୋମନା ବ୍ଲକ ତରବୋଡ଼ସ୍ଥିତ କଲୋନୀପଡ଼ା ପ୍ରାଥମିକ ବିଦ୍ୟାଳୟ ନାନା ଅବ୍ୟବସ୍ଥରେ ଚାଲୁଛି। ଏହି ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ଯାଏ ୫୮ ଜଣ ଛାତ୍ରଛାତ୍ରୀ ପଢୁଛନ୍ତି। ୫ଟି ଶ୍ରେଣୀର ପିଲା କିନ୍ତୁ ଗୋଟିଏ କୋଠରିରେ ବସୁଛନ୍ତି। ଅନ୍ୟ ଏକ କୋଠରୀରେ ଅଫିସ ଚାଲୁଛି। ସେହିଭଳି ୫ଟି ଶ୍ରେଣୀକୁ ମାତ୍ର ୨ଜଣ ଶିକ୍ଷକ ଅଛନ୍ତି। ପ୍ରତ୍ୟହ ଛାତ୍ରଛାତ୍ରୀଙ୍କ ଲାଗି ଅନ୍ୟ ଜଣଙ୍କ ଘରେ ମଧ୍ୟାହ୍ନ ଭୋଜନ ପ୍ରସ୍ତୁତ କରି ଖାଇବା ସମୟରେ ଅଣାଯାଉଛି। ଏହିଭଳି ଭାବେ ନାନା ସମସ୍ୟା ଭିତରେ ଏହି ସ୍କୁଲଟି ଚାଲିଛି। ଏହାକୁ ନେଇ ଅଭିଭାବକ ମହଲରେ ଅସନ୍ତୋଷ ବୃଦ୍ଧି ହେଉଛି। ଜିଲ୍ଲା ପ୍ରଶାସନ ଏ ଦିଗରେ ଧ୍ୟାନ ଦେବାକୁ ସ୍କୁଲ ପରିଚାଳନା କମିଟି ସଭାପତି ନୂତନ ପ୍ରଧାନ, ଲୋଚନ ମହାରଥା, ମହେନ୍ଦ୍ର ବଂଛୋର, ଅହଲ୍ୟା ରଣା, କୁନ୍ତୀ ବକ୍ସି ପ୍ରମୁଖ ପଡ଼ାବାସୀ ଦାବି କରିଛନ୍ତି।

# ବିକାଶ ଖୋଜୁଛି କେରପାଇ ପଞ୍ଚାୟତ

ଥୁଆମୂଳ ରାମପୁର, ୧୦।୮ (ସମିସ)





କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକର ଦୁର୍ଗମ ଅଞ୍ଚଳ ଭାବେ ପରିଚିତ କେରପାଇ ପଞ୍ଚାୟତ ବିକାଶ ଖୋଜି ପାଉନି।। ଏହି ପଞ୍ଚାୟତର ପ୍ରାୟ ୨୦ ଖଣ୍ଡ ଛୋଟବଡ଼ ଗାଁର ଅଧିବାସୀ ଆଜି ମଧ୍ୟ ସମ୍ପୂର୍ଣ୍ଣ ଭାବେ ଉପେକ୍ଷିତ। ଏହି ପଞ୍ଚାୟତରୁ ପ୍ରାୟ ୪୫ କିଲୋମିଟର ଦୂରରେ ବ୍ଲକ ସଦର ମହକୁମା ରହିଛି। ଜିଲ୍ଲା ସଦର ମହକୁମା ଭବାନୀପାଟଣା ପ୍ରାୟ ୮୦ କିଲୋମିଟର ଦୂର ହେବ। ପଞ୍ଚାୟତର ପୂର୍ବ ଦିଗରେ ବକ୍ସାଇଟପୂର୍ଣ୍ଣ ଖଣିଜ ପାହାଡ କୁଟ୍ରୁମାଳି, ପଶ୍ଚିମ ଏବଂ ଉତ୍ତର ଦିଗରେ ରହିଛି ତିଜ୍ ମାଳି ଏବଂ କେଲୁଆ ମାଳି; ଯେଉଁଥିରୁ ପ୍ରବାହିତ ହେଉଛି ଛୋଟବଡ ନଦୀ ଓ ଝରଣା। ଏହି ନଦୀ, ଝରଣାର ପାଣି ଜୀବନ ଧାରଣର ମୁଖ୍ୟ ଉତ୍ସ ହୋଇଛି। ଚାଷବାସର ସାହାରା ମଧ୍ୟ ପାଲଟିଛି। ପିଣ୍ଡାପଦରରୁ ମେଲରଫା ଗାଁକୁ ସଂଯୋଗ କରୁଥିବା ସଡକ ମେଲରଫା ଗାଁଠୁ ୨ କିଲୋମିଟର ପୂର୍ବରୁ ଶେଷ ହୋଇଯାଇଛି। ଥୁଆମୂଳ ରାମପୁର ବ୍ଲକ ମୁଖ୍ୟାଳୟରୁ ଏହି ପଞ୍ଚାୟତକୁ ଆଜି ପର୍ଯ୍ୟନ୍ତ ସିଧାସଳଖ ପକ୍କା ରାସ୍ତା ଖଣ୍ଡେ ନାହିଁ। ରାୟଗଡ଼ା ଜିଲ୍ଲା କାଶୀପୁର ବ୍ଲକ କଣ୍ଟାମାଳ ଦେଇ ସଂଯୋଗ ହୋଇଥିବା ରାସ୍ତା କଣ୍ଟାମାଳଠୁ ଆଉ ଆଗକୁ ଯାଇପାରିନି। କଣ୍ଟାମାଳ ଏବଂ କେରପାଇର ସର୍ଗିପଦର ମଝିରେ ଥିବା ଚୁରାଘାଟି ରାସ୍ତା ଅତ୍ୟନ୍ତ ଶୋଚନୀୟ ହୋଇ ପଡ଼ିଛି। ନିକଟରେ କାଶୀପୁର ବ୍ଲକ ମୁଖ୍ୟାଳୟ ରହିଛି। ଏଥିଯୋଗୁଁ ଜରୁରୀକାଳୀନ ପରିସ୍ଥିତିରେ କାଶୀପୁର ଉପରେ ଏଠିକାର ଅଞ୍ଚଳବାସୀ ନିର୍ଭର କରିଥାନ୍ତି। ଅନ୍ୟପଟରେ ନାକୁରୁଣ୍ଡିଠାରୁ ସିଲେଟ ଏବଂ କେରପାଇକୁ ସଂଯୋଗ କରୁଥିବା ପ୍ରଧାନମନ୍ତ୍ରୀ ସଡକ ମଧ୍ୟ ଅଧବାଟରେ ଅଟକିଛି। ଏହାଫଳରେ ଏହି ରାସ୍ତା ଦେଇ ବ୍ଲକ ମୁଖ୍ୟାଳୟ ଏବଂ ଜିଲ୍ଲା ସଦର ମହକୁମାକୁ ଯାତାୟାତରେ ବାଧା ସୃଷ୍ଟି ହେଉଛି। ଏଠାରେ ଇଣ୍ଟରନେଟ ତଥା ମୋବାଇଲ ସେବା ମଧ୍ୟ ସ୍ୱପ୍ନ। ଆମ୍ବୁଲାନ୍ସ ହେଉ ଅବା ଯେକୌଣସି ଜରୁରୀକାଳୀନ ପରିସ୍ଥିତି ପାଇଁ ପାହାଡ ଚଢ଼ିବାକୁ ପଡ଼ିଥାଏ। ପଞ୍ଚାୟତ ମୁଖ୍ୟାଳୟ ହୋଇଥିବା ବେଳେ ଏଠାରେ ବିଭିନ୍ନ ଡିଜିଟାଲ କାମ ବାଧାପ୍ରାପ୍ତ ହେଉଛି। କେରପାଇଠାରୁ କାଟେଲେଖାକୁ ସଂଯୋଗ କରୁଥିବା ରାସ୍ତା ମଧ୍ୟ ଦୟନୀୟ। ଏହି ରାସ୍ତା ମଝିରେ ପ୍ରବାହିତ ନଦୀରେ ପୋଲ ନାହିଁ। ଏଥିଯୋଗୁଁ କାଟେଲେଖା ଏବଂ କୁଟ୍ରମାଳି ଗ୍ରାମବାସୀ ହଇରାଣ ହେଉଛନ୍ତି।

■ ଅଙ୍ଗ କେନାଲ ସମ୍ପ୍ରସାରଣ ପ୍ରକଳ୍ପ ଅସମ୍ପୂର୍ଣ୍ଣ

# ଚାଷୀଙ୍କୁ ମିଳୁନି ପ୍ରକଳ୍ପର ସୁଫଳ

ସୋନପୁର, ୧୦।୮ (ସମିସ): ସୁବର୍ଣ୍ଣପୁର ଜିଲ୍ଲାର ଅଣ ଜଳସେଚିତ ଅଞ୍ଚଳର ଜମିକୁ ପାଣି ଯୋଗାଇବା ପାଇଁ ସରକାରଙ୍କ ସ୍ୱପ୍ନ ସ୍ୱପ୍ନରେ ରହିଯାଇଛି। ତେଲନଦୀ କୂଳରୁ ମହାନଦୀ କୂଳ ଯାଏଁ ଶସ୍ୟ ଶ୍ୟାମଳା କରିବାର ଲକ୍ଷ୍ୟ ନେଇ ୨୦୦୬ରେ ଅଙ୍ଗ କେନାଲ ସମ୍ପ୍ରସାରଣ ପ୍ରକଳ୍ପ ଆରମ୍ଭ ହୋଇଥିଲା। ୧୭ ଡିସେମ୍ବର ୨୦୦୬ରେ ସଦର ବ୍ଲକ ଲଛିପୁର ନିକଟସ୍ଥ ବିଶାଳପାଲି ଠାରେ ଏହି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପିତ ହୋଇଥିଲା। ମୟୂରଉଡାନ, ଖଲିଆପାଲି, ବିଶିମୁଣ୍ଡା, ମଲ୍ଲିକମୁଣ୍ଡା, କଳାପଥର, ଜନମୁରା ଆଦି ପଞ୍ଚାୟତର ଚାଷୀଙ୍କ ବିଲକୁ ପାଣି ମାଡ଼ିବ ବୋଲି ଖୁସି ହୋଇଯାଇଥିଲେ। କେନାଲ ଖୋଳାରେ ୧୭ ବର୍ଷ ସରିଗଲାଣି, ହେଲେ ଏଯାଏଁ ପ୍ରକଳ୍ପ କାମ ସରିନାହିଁ। ତେବେ ଏହି ପ୍ରକଳ୍ପରୁ ତଳମୁଣ୍ଡର ଚାଷୀ କେତେ ଉପକୃତ



ହେବେ ତାକୁ ନେଇ ମଧ ଦ୍ୱନ୍ଦ୍ୱ ଉପୁଜୁଛି। ଅଞ୍ଚଳର ଚାଷୀଙ୍କ ମନରେ ଗୋଟିଏ ପ୍ରଶ୍ନ ଏହି ସମ୍ପ୍ରସାରିତ କେନାଲରେ ପାଣି ଆସିବ ତ। କାରଣ ପୂର୍ବରୁ ନିର୍ମିତ ଅଙ୍ଗ କେନାଲର ତଳମୁଣ୍ଡ ଗାଁ ହେଲା ଖଲିଆପାଲି ପଞ୍ଚାୟତର କୁଦୋପାଲି। ପ୍ରତିବର୍ଷ ବର୍ଷାଦିନେ ଠିକ୍ ଚାଷ ସମୟରେ କିଛିଦିନ ବର୍ଷା କମିଗଲେ କେନାଲରେ ପାଣି ଆସେନାହିଁ। ଉପରମୁଣ୍ଡରେ ବର୍ଷା ହେଉଥିବା ଯାଏଁ କେନାଲରେ ପାଣି ଆସିଥାଏ। ବର୍ଷା କମିଗଲେ ଏହି ଗାଁକୁ ପାଣି ସଂକଟ ଦେଖା ଦେଇଥାଏ। ପ୍ରତିବର୍ଷ କେନାଲର ତଳ ମୁଣ୍ଡର ଚାଷୀ ମାନେ କେନାଲ ପାଣି ପାଇଁ ବହୁ ସଂଘର୍ଷ କରିଥାନ୍ତି। ବିଲକୁ ପାଣି ମଡ଼ାଇବାକୁ ରାତିରାତି ଅନିଦ୍ରା ହୁଅନ୍ତି। ବିଭିନ୍ନ ଅଧିକାରୀଙ୍କୁ ବାରମ୍ବାର ପାଣି ପାଇଁ ଗୁହାରି କରନ୍ତି। ଏପଟେ ସମ୍ପ୍ରସାରିତ କେନାଲରେ ମୟୂରଉଡ଼ାନ, ବିଶିମୁଣ୍ଡା, କିର୍ତ୍ତୀପୁର, କଳାପଥର ଆଦି ଗାଁକୁ କେନାଲ ପାଣି କେମିତି ପହଞ୍ଚିବ ସେହି ଚିନ୍ତା ଅଞ୍ଚଳବାସୀଙ୍କୁ ଘାରିଲାଣି। ତେବେ ଗାଇଖାଇ ପ୍ରକଳ୍ପର ଉଚ୍ଚତା ବଢ଼ା ଯାଉଥିବା ନେଇ ବିଭାଗୀୟ ଅଧିକାରୀ କହୁଥିବା ବେଳେ ପ୍ରକୃତ ସୁଫଳ କଥା ସମୟ କହିବ। ଅଙ୍ଗ କେନାଲ ସମ୍ପ୍ରସାରଣ ପ୍ରକଳ୍ପ ଶୀଘ୍ର ସମ୍ପୂର୍ଣ୍ଣ କରିବାପାଇଁ ସାଧାରଣରେ ଦାବି ହେଉଛି।

■ ସ୍ୱଭାବକବି ଗଙ୍ଗାଧରଙ୍କ ଜୟନ୍ତୀ

# ସିନାପାଲି ଏବେ ବରପାଲି ଲାଗୁଛି

ସିନାପାଲି, ୧୦।୮ (ସମିସ): ନୂଆପଡ଼ା ଜିଲ୍ଲା ସିନାପାଲିଠାରେ ଗଙ୍ଗାଧର ସାରସ୍ୱତ ସମିତି ଆନୁକୂଲ୍ୟରେ ସ୍ୱଭାବକବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ସମାରୋହରେ ପାଳିତ ହୋଇଯାଇଛି। ବରିଷ୍ଠ ଆଇନଜୀବୀ ବୈଶମ୍ପାୟନ ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଜୟନ୍ତୀ ସଭାରେ ମୁଖ୍ୟ ଅତିଥି ଭାବରେ ଖଡ଼ିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ, ବିଶିଷ୍ଟ ଅତିଥି ଭାବରେ ଜିଲ୍ଲାପାଳ ମଧୁସୂଦନ ଦାଶ, ମୁଖ୍ୟବକ୍ତା ଓଡ଼ିଶାର ବିଶିଷ୍ଟ ପ୍ରବାଚିକା ବିଜୟିନୀ ଶତପଥୀ ଓ ସମ୍ମାନିତ ଅତିଥି ଭାବରେ ସୁସାହିତ୍ୟିକ ତଥା ଦୈନିକ ସକାଳର ଫିଚର ବିଭାଗ ମୁଖ୍ୟ ଡ. ସୁଶୀଳ କୁମାର ବାଗ ଯୋଗ ଦେଇଥିବାବେଳେ ସମିତିର ସଭାପତି ଯୁବ ଲେଖକ ବୈଷ୍ଣବ ମେହେର ଓ ସମ୍ପାଦକ ତରୁଣ କୁମାର ମେହେର ମଞ୍ଚାସିନ ଥିଲେ। ଗଙ୍ଗାଧରଙ୍କ ସାହିତ୍ୟ ମଣିଷ ସମାଜ ପାଇଁ ଅମୃତର ଧାର ବୋଲି ବକ୍ତାଗଣ ମତବ୍ୟକ୍ତ କରିଥିଲେ। ଗଙ୍ଗାଧରଙ୍କ ପ୍ରତି ସାଧାରଣରେ ଅପାର ଭକ୍ତିକୁ ଦେଖି ସିନାପାଲି କବିପୀଠ ବରପାଲି ଭଳି ଲାଗୁଛି ବୋଲି ଜିଲ୍ଲାପାଳ କହିଥିଲେ। ପ୍ରାରମ୍ଭରେ ରୂପେଶ ଚନ୍ଦ୍ର ମେହେର ସ୍ୱାଗତ ଓ ପରିଚୟ



ପ୍ରଦାନ କରିଥିଲେ। ବଂଶୀଧର ଜଗତ, ଚୂଡ଼ାମଣି ମେହେରଙ୍କ ନିର୍ଦ୍ଦେଶନାରେ କବିଙ୍କ ରଚିତ ଗୀତକୁ ସିନାପାଲି ହାଇସ୍କୁଲ ଛାତ୍ରୀମାନେ ସଙ୍ଗୀତରେ ପରିବେଷଣ କରିଥିଲେ। ବୈଷ୍ଣବ ମେହେରଙ୍କ ବାର୍ଷିକ ବିବରଣୀ ପଠନପରେ ଅତିଥିମାନେ ମୁଖପତ୍ର 'ଅମୃତଗଙ୍ଗା' ଓ ଇ-ପତ୍ରିକା 'ସ୍ୱର୍ଣ୍ଣୋଦୟ' କୁ ଉନ୍ମୋଚନ କରିଥିଲେ। ଏହାକୁ ଲଳିତ କୁମାର ସୂନାରୀ ପରିଚାଳନା କରିଥିଲେ। ଏହି ଅବସରରେ ଡ. ସୁଶୀଳ କୁମାର ବାଗ, କବି ପ୍ରବୋଧ ହୋତା, କବୀ ଗୀତାଶ୍ରୀ ପ୍ରିୟମ୍ବଦାଙ୍କୁ ସମିତି ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅଧ୍ୟାପକ ଧ୍ରୁବଚରଣ ପଧାନ ପରିଚାଳନା କରିଥିବାବେଳେ ଗୌତମ ମେହେର, ରଶ୍ମୀରଞ୍ଜନ ସା, ଲୋଚନ ମେହେର ମାନପତ୍ର ପାଠ କରିଥିଲେ। ସମ୍ପାଦକ ତରୁଣ କୁମାର ମେହେର ଧନ୍ୟବାଦ ଦେଇଥିଲେ। ସମିତି ସଭାପତି ବୈଷ୍ଣବ ମେହେରଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ କବିତା ପାଠର ଆୟୋଜନ ହୋଇଥିବାବେଳେ ଏଥିରେ ପଚାଶରୁ ଅଧିକ କବିକବୟିତ୍ରୀ କବିତା ପାଠ କରିଥିଲେ। ଶିବପ୍ରସାଦ ମେହେର, ତ୍ରିନାଥ ମେହେର, ବିଜୟ କୁମାର ଯୋଷୀ, ଗୌରାଙ୍ଗ କୁମାର ସାହୁ, ରବୀନ୍ଦ୍ର ନାଥ ଯୋଷୀ, ପରେଶ ପାଣିଗ୍ରାହୀ, ପ୍ରେମାନନ୍ଦ ମେହେର, ଆଲୋକ ମେହେର, ହାଡୁରାମ ମେହେର, ନୀଳାଞ୍ଚଳ ମେହେର, ପ୍ରଦ୍ୟୁମ୍ନ ଚିନ୍ଦା, ସୂରଜ ମେହେର, ପ୍ରଭାତ କୁମାର ମେହେର, ବେଣୁଧର ମେହେର, ନିତିଶ ମେହେର, ଭୀଷ୍ମରାଜ ମେହେର, ଯଶୋବନ୍ତ ସା, ହରେକୃଷ୍ଣ ମେହେର, ବୁଦ୍ଧଦେବ ମେହେର, ଜିତେନ ମେହେର, ସାନୁର୍ଯ୍ୟ ମେହେର, ହେମନ୍ତ, ଦର୍ଶନ, ଚନ୍ଦ୍ରଶେଖର, ସୋହନ, କିରଣ, ଲୋକନାଥ, ରାଜ, ହେମସାଗର, ମୁନା, ଅନୀଲ, ଦେବରାଜ ପ୍ରମୁଖ ସହଯୋଗ କରିଥିଲେ।

## ଆୟୁର୍ବେଦିକ ଦୋକାନରୁ ଚୋରି

ଗୋଲାମୁଣ୍ଡା, ୧୦।୮ (ସମିସ): କଳାହାଣ୍ଡି ଜିଲ୍ଲା କେଗାଁ ଥାନା ଅଧୀନ ଲେଡେର ପଞ୍ଚାୟତ ବାଗମୁଣ୍ଡା ଗ୍ରାମରେ ଥିବା ଏକ ଆୟୁର୍ବେଦିକ ଦୋକାନରୁ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଦୋକାନ ମାଲିକ ମହାଲିଙ୍ଗ ଗ୍ରାମର ଘନଶ୍ୟାମ ଅଗ୍ରୱାଲଙ୍କ ଏହି ଦୋକାନରୁ ଚୋରି ହୋଇଛି। କିଛିଦିନ ତଳେ ମଧ୍ୟ ଏହି ଦୋକାନରୁ ଚୋରି ହୋଇଥିଲା। ଏ ନେଇ କେଗାଁ ଥାନାରେ ଅଭିଯୋଗ ହୋଇଛି। ପୁଲିସ କିନ୍ତୁ କାର୍ଯ୍ୟାନୁଷ୍ଠାନ ନେଇନି।

## ଢାବାରୁ ବିଦେଶୀ ମଦ ଜବତ

ଶଗଡ଼ା, ୧୦।୮ (ସମିସ): ମନମୁଣ୍ଡା ଥାନା ଗୁଦଗୁଦା ଛକସ୍ଥିତ କାଳିଆ ଢ଼ାବାରେ ମନମୁଣ୍ଡା ପୁଲିସର ଚଡାଉ କରି ୧୬ ଲିଟରରୁ ଊର୍ଦ୍ଧ୍ୱ ବିଦେଶୀ ମଦ ଜବତ କରିଛି। ଘଟଣାରେ ପୁଲିସ ମାମଲା ରୁଜୁ କରି ଜଣକୁ ଆଣି ପରେ ନୋଟିସ ଦେଇ ଛାଡି ଦେଇଛି। ଅଞ୍ଚଳରେ ଚୋରି ରାହାଜାନି ଡକାୟତ ବୃଦ୍ଧି ପାଇଥିବା ବେଳେ ବିଳମ୍ବିତ ରାତି ପର୍ଯ୍ୟନ୍ତ ଉକ୍ତ ଢ଼ାବାରେ ମଦ ବିକ୍ରି ଚାଲିଥିବା ନେଇ ପୁଲିସ ପକ୍ଷରୁ ଚଢ଼ାଉ କରି ଉକ୍ତ ଢ଼ାବାରୁ ବିପୁଳ ମଦ ଜବତ କରିଥିବା ସୂଚନା ମିଳିଛି।

## ସମସ୍ୟାରେ ୪୫ ଅଙ୍ଗନବାଡ଼ି କେନ୍ଦ୍ର; ଭଡ଼ାଘରେ ୫

କୋକସରା, ୧୦।୮ (ସମିସ): କୋକସରା ବ୍ଲକର କେତେକ ଅଙ୍ଗନବାଡ଼ି କେନ୍ଦ୍ରର ଭିତ୍ତିଭୂମି ଶୂନ ଥିବା ଦେଖିବାକୁ ମିଳୁଛି। ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁସାରେ, କୋକସରା ବ୍ଲକରେ ମୋଟେ ୧୬୮ ଅଙ୍ଗନବାଡ଼ି କେନ୍ଦ୍ର ରହିଛି। ସେଗୁଡିକୁ ୮ଟି ସେକ୍ଟରରେ ଭାଗ କରାଯାଇଛି। ମୋଟେ ୧୬୮ ଅଙ୍ଗନବାଡ଼ି କେନ୍ଦ୍ର ମଧ୍ୟରୁ ୧୨୩ କେନ୍ଦ୍ରରେ ନିଜସ୍ୱ କୋଠା ରହିଛି। ତେବେ ୫ଟି କେନ୍ଦ୍ର ଭଡ଼ାଘରେ ଚାଲିଛି। ୩୩ଟି କେନ୍ଦ୍ରର କୋଠା ନିର୍ମାଣାଧୀନ ରହିଛି। ୪ଟି କେନ୍ଦ୍ରର କୋଠା କାମ ସରିଛି। ଆମପାଣି କଲୋନୀପଡ଼ା, ବସ୍ତିପଡ଼ା, ଲଡୁଗାଁ ବନ୍ଦପଡ଼ା, ସିର୍ଲିଗୁଡା ତେନ୍ତୁଳିପଡ଼ା ଓ ପଦରପଡ଼ା କେନ୍ଦ୍ରର କୋଠା ନିମନ୍ତେ ଅନୁଦାନ ଆସିଥିଲେ ମଧ୍ୟ ବିଭିନ୍ନ କାରଣରୁ ନିର୍ମାଣ କାର୍ଯ୍ୟ ଏଯାବତ୍ ଆରମ୍ଭ ହୋଇପାରିନାହିଁ। ୪୫ଟି ଅଙ୍ଗନବାଡ଼ି କେନ୍ଦ୍ର ସମସ୍ୟାରେ ରହିଛି। ଏ ନେଇ ଅଭିଭାବକ ଓ ଗ୍ରାମବାସୀ ବାରମ୍ବାର ସମ୍ପୃକ୍ତ ବିଭାଗ ଓ ପ୍ରଶାସନକୁ ଅବଗତ କରାଇଥିଲେ ମଧ୍ୟ କୌଣସି ସୁଫଳ ମିଳିପାରିନାହିଁ।

## ମହିଳା ଶୌଚାଳୟକୁ ଗୋଷ୍ଠୀ ଶୌଚାଳୟ କରିବାକୁ ଦାବି

କେସିଙ୍ଗା, ୧୦।୮ (ସମିସ): କେସିଙ୍ଗା ଡେଲି ମାର୍କେଟ ରାସ୍ତା ଉପରେ ଗୋଟିଏ ଶୌଚାଳୟ ରହିଛି। ତାହା କିନ୍ତୁ କେବଳ କେବଳ ମହିଳାଙ୍କ ପାଇଁ ଉଦ୍ଦିଷ୍ଟ। ଆଗରୁ ସେହି ଶୌଚାଳୟ ସମସ୍ତଙ୍କ ପାଇଁ ଉପଯୋଗୀ ଥିଲା। ପାଖରେ କେସିଙ୍ଗା ହସ୍ପିଟାଲ, ଡାକଘର, ଏଲଆଇସି ଅଫିସ ରହିଛି। ପ୍ରତି ଦିନ ମେଡିକାଲ ସମେତ ଡାକଘରକୁ ଆଧାର ସଂଶୋଧନ ପାଇଁ ଶହ ଶହ ଲୋକେ ଆସୁଛନ୍ତି। ଏହାସହ ବିଭିନ୍ନ ଗାଁରୁ ଲୋକେ ମାର୍କେଟିଂ ପାଇଁ ଆସନ୍ତି। ଏହି ମହିଳା ଶୌଚାଳୟ ହେତୁ ପୁରୁଷମାନେ ଆବଶ୍ୟକବେଳେ ବ୍ୟବହାର କରି ପାରୁ ନାହାନ୍ତି। ବାହାରେ ଏଣେତେଣେ ପରିସ୍ରା କରୁଥିବାରୁ ପରିବେଶ ଦୂଷିତ ହେଉଛି। ଦୁର୍ଗନ୍ଧରେ ନାକ ଫାଟି ପଡୁଛି। ତେଣୁ କେସିଙ୍ଗା ମାର୍କେଟ ମୁଖ୍ୟ ରାସ୍ତାରେ ଥିବା ମହିଳା ଶୌଚାଳୟକୁ ଉଭୟ ମହିଳା ଓ ପୁରୁଷ ବ୍ୟବହାର କରିବା ଭଳି ଉଦ୍ଦିଷ୍ଟ କରିବା ଆବଶ୍ୟକ ହୋଇଛି।

ଛାତ୍ରୀ ତୋଫାଳି ନାଏକ ମୃତ୍ୟୁ ଘଟଣା

# ପୁଲିସ ତଦନ୍ତରେ ଏକମତ ହୋଇପାରୁନି ପରିବାର

ଭବାନୀପାଟଣା, ୧୦।୮ (ସମିସ)

ଭବାନୀପାଟଣାସ୍ଥିତ ମା' ମାଣିକେଶ୍ୱରୀ ବିଦ୍ୟାଳୟର ଇନ୍ଦ୍ରାବତୀ ଛାତ୍ରୀ ନିବାସ ଭିତରୁ ଗତ ବର୍ଷ ଡିସେମ୍ବର ୧୯ ତାରିଖରେ ଯୁକ୍ତ ଦୁଇ ଛାତ୍ରୀ ତୋଫାଳି ନାଏକଙ୍କ ମୃତଦେହ ଗାଧୁଆ ଘରୁ ଉଦ୍ଧାର ହୋଇଥିଲା। ଟାଉନ ଥାନା ପୁଲିସ

- ସତ ଲୁଚି ଯାଉଥିବା ବାପାଙ୍କ ଅଭିଯୋଗ
- ସନ୍ତୁଷ୍ଟ କରିପାରୁନି ପୁଲିସ ଭୂମିକା

ଘଟଣାର ଛାନଭିନ କରି ତଦନ୍ତ ପ୍ରକ୍ରିୟାରେ ଭିତରେ ତୋଫାଳିଙ୍କ ମୃତ୍ୟୁ ଆତ୍ମହତ୍ୟାଜନିତ ବୋଲି ଚାର୍ଜସିଟ ପ୍ରସ୍ତୁତ କରି ଚୁପ୍। ମୋବାଇଲ ଫୋନକୁ କେନ୍ଦ୍ର କରି ସବୁ ଘଟିଯାଇଛି। ର୍ୟାଗିଙ୍ଗ ଓ ନିର୍ଯାତନା କଥା ତୋଫାଳିଙ୍କ ବାପା ଉଠାଇଛନ୍ତି। ପୁଲିସ ତଦନ୍ତରେ ପରିବାର ଲୋକେ ଏକମତ ହୋଇପାରୁନାହାନ୍ତି। ସତ ଲୁଚି ଯାଉଥିବା ଛାତ୍ରୀଙ୍କ ବାପା ରାମଚନ୍ଦ୍ର ନାଏକ ଅଭିଯୋଗ କରି ଆସୁଛନ୍ତି। ପୁଲିସର ଭୂମିକାରେ ଆଦୌ ସେମାନେ ସନ୍ତୁଷ୍ଟ ନ ଥିବା ମଧ୍ୟ କହୁଛନ୍ତି। ରହସ୍ୟ ଘେରରେ ମୃତ୍ୟୁ ଘଟଣା ରହିବା ସନ୍ଦେହରେ ଜାତୀୟ ମାନବାଧିକାର କମିଶନ ମଧ୍ୟ ଏହି ମାମଲାରେ ମୁଣ୍ଡ ପୁରାଇବାକୁ ବାଧ୍ୟ ହୋଇଥିଲେ। ଶେଷରେ ତୋଫାଳି ମୃତ୍ୟୁର ୮ମାସ ବିତିବାକୁ ବସିଛି। ଗତମାସରେ ମାମଲାର ରହସ୍ୟ ଉନ୍ମୋଚନ ପାଇଁ କ୍ରାଇମବ୍ରାଞ୍ଚ କେସ୍



ହାତକୁ ନେଇ ତଦନ୍ତ ଆରମ୍ଭ କରିଛି। କ୍ରାଇମବ୍ରାଞ୍ଚର ତଦନ୍ତ ଶେଷରେ ପରିବାର ସଦସ୍ୟଙ୍କୁ କେବଳ ଆଶ୍ୱସନା ପାଇଁ ନୁହେଁ ତ ବୋଲି ପ୍ରଶ୍ନ ଉଠୁଛି। କ୍ରାଇମବ୍ରାଞ୍ଚ ଦିଗହରା ନ ହୋଇ ତୋଫାଳି ପରିବାରକୁ କେତେଦୂର ନ୍ୟାୟ ଦେଇପାରିବ ତାହା ମଧ୍ୟ ଦେଖିବାକୁ ପଡ଼ିବ। କାରଣ ପୁଲିସ ଉପରୁ ଜନସାଧାରଣଙ୍କ ଆସ୍ଥା ଓ ବିଶ୍ୱାସ ତୁଟିଯାଉଛି। ପୁଲିସକୁ କେହି ଭରସା କରି ପାରୁନାହାନ୍ତି। ରାଜ୍ୟରେ ଗୋଟିଏ ପରେ ଗୋଟିଏ ଚିତା ଜଳୁଛି। ବର୍ତ୍ତମାନ କ୍ରାଇମବ୍ରାଞ୍ଚ ତୋଫାଳି ମୃତ୍ୟୁ ଘଟଣାର ତଦନ୍ତ ଦାୟିତ୍ୱ ନେଇଛି। ଗତ ଜୁନ ମାସ ଦ୍ୱିତୀୟ ସପ୍ତାହରେ ୩ ଦିନ ଧରି କ୍ରାଇମବ୍ରାଞ୍ଚର ୨ ଜଣିଆ ଟିମ କଳାହାଣ୍ଡିରେ ପହଞ୍ଚିଥିଲେ। ବିଭିନ୍ନ ସ୍ଥାନକୁ ଗସ୍ତ କରିବା ସହ ହଷ୍ଟେଲ ଯାଇ ସମସ୍ତଙ୍କୁ ଭେଟି ଟିକିନିକି ପଚାରି ବୁଝିଥିଲେ। ଅନେକ ଛାତ୍ରୀଙ୍କୁ ପଚରାଉଚୁରା କରି ସେ ସମୟର ଘଟଣା ସମ୍ପର୍କରେ କିଛି ତଥ୍ୟ ନେଇଥିଲେ। ତୋଫାଳି ନାୟକଙ୍କ ବାପା ରାମଚନ୍ଦ୍ର ନାୟକଙ୍କୁ ମଧ୍ୟ ସାକ୍ଷାତ କରିଥିଲେ। ମୃତ୍ୟୁକୁ ନେଇ ଅଣାଯାଇଥିବା ଅଭିଯୋଗର କପି ସବୁ ନେଇଥିଲେ। ଯୁକ୍ତ ଦୁଇ ଅଧକ୍ଷଙ୍କୁ ଭେଟି ତୋଫାଳିଙ୍କ ଆଡ଼ମିଶନ ସମ୍ପର୍କିତ କାଗଜପତ୍ର ଓ ଅନ୍ୟାନ୍ୟ ଜରୁରୀ କାଗଜପତ୍ର ମଧ୍ୟ ନେଇ ଫେରିଛନ୍ତି।

# ଉଚ୍ଚ ବିଦ୍ୟାଳୟରେ ନାମଲେଖାରୁ ବଞ୍ଚିତ

ଲାଞ୍ଜିଗଡ଼, ୧୦।୮ (ସମିସ): କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ଭଟାଙ୍ଗପଦର ପଞ୍ଚାୟତ ପରାବାହାଲି ଗାଁରେ ଛାତ୍ରଛାତ୍ରୀ ଉଚ୍ଚ ବିଦ୍ୟାଳୟରେ ନାମଲେଖାରୁ ବଞ୍ଚିତ ହେଉଛନ୍ତି। ଗାଁରେ ୨୦ଘର ଆଦିବାସୀ ରହିଛନ୍ତି। ଏମାନେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ଓ ବିଜୁଳି ଭଳି ଅନେକ ମୌଳିକ ସୁବିଧାରୁ ବଞ୍ଚିତ। ଗାଁରେ ପାଠ ପଢ଼ିବା ପାଇଁ କୌଣସି ବ୍ୟବସ୍ଥା ନାହିଁ। ବଣପାହାଡ଼ ଘେରା ତଥା ଆବୁଡ଼ା ଖାବୁଡ଼ା ରାସ୍ତା ଦେଇ ଏହି ଗାଁର ପିଲା ୪କି.ମି ଆମପଦର ଗାଁ ପ୍ରାଥମିକ ବିଦ୍ୟାଳୟକୁ ଯାଇଥାନ୍ତି; କିନ୍ତୁ ସେହି ସ୍କୁଲରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ରହିଛି। ଏଣୁ ଛାତ୍ରଛାତ୍ରୀ ହାଇସ୍କୁଲ ମାଟି ମାଡି ପାରୁ ନାହାନ୍ତି। ତେବେ ଏହି ଗାଁର ଛାତ୍ରଛାତ୍ରୀ ଷଷ୍ଠ ଶ୍ରେଣୀରେ ନାମ ଲେଖାଇବା ପାଇଁ ଭଟାଙ୍ଗପଦର ଓ କାଉଗୁଡା ଆବାସିକ ବିଦ୍ୟାଳୟକୁ ଯାଇଥିଲେ; ହେଲେ ସେହି ବିଦ୍ୟାଳୟରେ ନାମ ଲେଖା ସମ୍ପୂର୍ଣ୍ଣ ହୋଇସାରିଛି। ଆଉ ନାମ ଲେଖି ହେବ ନାହିଁ ବୋଲି ସେମାନଙ୍କୁ କୁହାଯାଇଛି।



ଏବେ ଏହି ଗାଁର ଲଛେ ମାଝୀ, ମମିତା ମାଝୀ, ଲକ୍ଷମେ ମାଝୀ, ବାଲମତି ମାଝୀ, ଶିବାନୀ ମାଝୀ, ଅର୍ଚିତା ମାଝୀ, ରବି ମାଝୀ, ଛବି ମାଝୀ, ଅଜିତ ମାଝୀ, ସଞ୍ଜୁ ମାଝୀ ପ୍ରମୁଖ ଛାତ୍ରଛାତ୍ରୀଙ୍କ ଲାଗି ହାଇସ୍କୁଲ ମାଟି ମାଡିବା ସ୍ୱପ୍ନ ହୋଇଛି। ଏବେ ଏମାନଙ୍କ ଭବିଷ୍ୟତ ନଷ୍ଟ ବୋଲି ମନୋଜ ମାଝୀ, ରାଜେଶ ମାଝୀ, ଘସେନ ମାଝୀ, ମୁନି ମାଝୀ, ଲକ୍ଷ୍ମଣ ମାଝୀ ପ୍ରମୁଖ କହିଛନ୍ତି। ପ୍ରଶାସନ ଏଥି ଲାଗି ଧ୍ୟାନ ଦେବାକୁ ଏମାନେ ଅନୁରୋଧ କରିଛନ୍ତି। ତେବେ ଅଧାରୁ ପାଠ ଛାଡିଥିବା କିଛି ଛାତ୍ରଛାତ୍ରୀଙ୍କୁ ଚିହ୍ନଟ କରି ଆବାସିକ ବିଦ୍ୟାଳୟରେ ନାମ ଲେଖା ସରିଛି। ଚିହ୍ନଟ ପ୍ରକ୍ରିୟା ଜାରି ରହିଛି। ସମସ୍ତ ଛାତ୍ରଛାତ୍ରୀଙ୍କୁ ଆବାସିକ ବିଦ୍ୟାଳୟରେ ପଢ଼ିବା ବ୍ୟବସ୍ଥା କରାଯିବ ବୋଲି ଲାଞ୍ଜିଗଡ଼ ଗୋଷ୍ଠୀ ଶିକ୍ଷା ଅଧିକାରୀ ରଷିଆ ମେହେର କହିଛନ୍ତି।

ସକାଳ THE SAKALA

# ସମ୍ପାଦକୀୟ



ଯେତେବେଳ ପର୍ଯ୍ୟନ୍ତ ତୁମ ନିଜ ଉପରେ ବିଶ୍ୱାସ ଆସିନାହିଁ ତୁମେ ଈଶ୍ୱରଙ୍କ ସତ୍ତା ଅନୁଭବ କରିପାରିବ ନାହିଁ।
-ବିବେକାନନ୍ଦ

## ନିମିଷକେ ନିଶ୍ଚିହ୍ନ

ସମୟର ଆବଶ୍ୟକତା ଦୃଷ୍ଟିରୁ ସରକାର ବାଧ୍ୟ ହୋଇଥା'ନ୍ତି ନିର୍ମାଣକାର୍ଯ୍ୟ ହାତକୁ ନେବା ପାଇଁ। କିନ୍ତୁ ଏହାର ଅର୍ଥ ନୁହେଁ ସମସ୍ତ ଶୃଙ୍ଖଳା ଓ କଟକଣାକୁ ଆଖିବୁଜି ଦେବା। ୨୦୧୩ରେ ଅନୁରୂପ ବିପର୍ଯ୍ୟୟ ଘଟିଥିଲା ଉତ୍ତରକାଶୀରେ। ବିଭିନ୍ନ ପର୍ଯ୍ୟଟନ ସ୍ଥଳକୁ ସଂଯୋଗ ଓ ବର୍ଦ୍ଧିତ ତୀର୍ଥଯାତ୍ରୀଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ସଂରଚନା କ୍ଷେତ୍ରରେ ବିକାଶ, ବିଶେଷକରି ହୋଟେଲ ଓ ବିପଣନ କେନ୍ଦ୍ର ନିର୍ମାଣ ସକାଶେ ଆଖିବୁଜା ଅନୁମତି ଦେବାର ଯଥାର୍ଥତା ନଥିଲା। ତତ୍କାଳୀନ ପରିସ୍ଥିତିକୁ ବିଚାର କରି ଯେଉଁ କଟକଣା ପ୍ରୟୋଗ କରାଯାଇଥିଲା ପରବର୍ତ୍ତୀ ସମୟରେ ତାହାର ଆଖିବୁଜା ଉଲ୍ଲଂଘନ କରାଗଲା। ପ୍ରକୃତି ଓ ପରିବେଶ ଅସୁରକ୍ଷିତ ହୋଇଗଲେ କେତେବେଳେ କ'ଣ ପ୍ରାକୃତିକ ବିପର୍ଯ୍ୟୟ ଉପୁଜିବ ତାହାର ଆକଳନ କରିହେବ ନାହିଁ। ଏହାର ଅର୍ଥ ନୁହେଁ ଯେ ଆଦୌ ପ୍ରାକୃତିକ ବିପର୍ଯ୍ୟୟ ଘଟିବ ନାହିଁ, କିନ୍ତୁ କ୍ରମାଗତ ଭାବେ ଏହା ଉପୁଜିଲେ କେବଳ ଜନଜୀବନ ହାନି ଘଟିବନି, ବ୍ୟବସ୍ଥିତ ସଂରଚନା ମଧ୍ୟ ଭୁଶୁଡ଼ି ପଡ଼ିବ। ଏଠାରେ ବିଚାର୍ଯ୍ୟ, ଯେ କଟକଣା ନମାନି ଆମର କେତେ ଲାଭ ଓ କ୍ଷତି ହୋଇଛି। ବରଂ ପାରିବେଶିକ ସନ୍ତୁଳନ ବିଗିଡ଼ି ଯାଇଥିବାରୁ ବଡ଼ଧରଣର ବିପର୍ଯ୍ୟୟକୁ ଆମେ ଡାକି ଆଣୁଛୁ।

ଗତ ମଙ୍ଗଳବାର ଉତ୍ତରକାଶୀରେ ଆଖିପିଛୁଳାକେ ଖିରଗଙ୍ଗା ନଦୀର ବନ୍ୟାଜଳ ଓ ସ୍ଖଳିତ ମୃତ୍ତିକା ମାଡ଼ି ଆସିବାରୁ ଧରାଲି ଗ୍ରାମ ସଂପୂର୍ଣ୍ଣ ରୂପେ ପୋଛି ହୋଇଗଲା। ହର୍ସିଲ ଓ ସୁକି ଗ୍ରାମରେ ମଧ୍ୟ ଅନୁରୂପ ବିପର୍ଯ୍ୟୟ ଉପୁଜିଥିଲା। ଏବେ ମଧ୍ୟ ଏହାପଛର କାରଣ ରୂପେ ବାଦଲ ଫଟା ବର୍ଷା ଦର୍ଶାଯାଇଥିବା ବେଳେ ତାହାକୁ ଭାରତୀୟ ପାଣିପାଗ ନିର୍ଦ୍ଦେଶାଳୟ ଅସ୍ୱୀକାର କରୁଛି। ବିଭାଗୀୟ ବିଶେଷଜ୍ଞଙ୍କ କହିବା କଥା ହେଲା, ଘଣ୍ଟାକ ମଧ୍ୟରେ ୧୦୦ ମିଲିମିଟର ବା ତଦୁର୍ଦ୍ଧ୍ୱ ବର୍ଷା ହେଲେ ତାହାକୁ ବାଦଲଫଟା ବର୍ଷା କୁହାଯାଇପାରିବ। କିନ୍ତୁ ରେକର୍ଡ କରାଯାଇଥିବା ତଥ୍ୟ ଅନୁଯାୟୀ ସେଠାରେ ଏତେ ବର୍ଷା ହୋଇନାହିଁ। ଯେଉଁ ବର୍ଷା ହୋଇଛି ସେଥିରେ କୌଣସି ଅସ୍ୱାଭାବିକ ଲକ୍ଷଣ ପରିଲକ୍ଷିତ ହୋଇନାହିଁ। ତେବେ କାରଣକୁ ନେଇ ତର୍ଜମା ଚାଲିଥିବା ବେଳେ ଉପର ମୁଣ୍ଡରେ ଥିବା ତୁଷାର ହ୍ରଦ ଜଳବାୟୁର ପ୍ରଭାବରେ ତରଳି ହଠାତ୍ ଉଛୁଳି ବା ଭୁଶୁଡ଼ି ପଡ଼ିବାର ସମ୍ଭାବନା ସପକ୍ଷରେ ମତ ପ୍ରକାଶ ପାଇଥିଲା। ଖିରଗଙ୍ଗାରେ ପ୍ରଳୟକାରୀ ବନ୍ୟାର ଏହା ଅନ୍ୟତମ କାରଣ ହୋଇପାରେ। କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ସଠିକ୍ ଓ ନିର୍ଦ୍ଦିଷ୍ଟ ତଥ୍ୟ ସଂଗ୍ରହ ପାଇଁ ଉପଗ୍ରହ ସୂତ୍ରରୁ ଆଧାରିତ ତଥ୍ୟ ବିଶ୍ଳେଷଣ କରିବାକୁ ଇସ୍ରୋକୁ ନିର୍ଦ୍ଦେଶ ଦେଇଛନ୍ତି। ଆମକୁ ଏଠାରେ ବିସ୍ମିତ ହେବାକୁ ପଡୁଛି ଯେ ଏହି ଆଲେଖ୍ୟ ଲେଖା ହେବା ସୁଦ୍ଧା ଘଟଣାର ଏତେବଡ଼ ବିପର୍ଯ୍ୟୟର କାରଣ ଜାଣିବା ସମ୍ଭବ ହୋଇପାରିନାହିଁ।

ଭାଗିରଥୀ ନଦୀର ଖିରଗଙ୍ଗା ଅନ୍ୟତମ ଉପନଦୀ। କ୍ରମାଗତ ବିପର୍ଯ୍ୟୟ ସୃଷ୍ଟି କରିବାର ତାହାର ପୁରୁଣା ରେକର୍ଡ ଅଛି। ଶ୍ରୀକାନ୍ତ ଗିରିଶୃଙ୍ଗରୁ ଏହା ବାହାରିଛି। ଊନବିଂଶ ଶତାବ୍ଦୀରେ ତାହାର ପ୍ରଳୟକାରୀ ବନ୍ୟାରେ କଳ୍ପକେଦାରର କିଛିଅଂଶ ସମେତ ୨୪୦ ମନ୍ଦିର ଧ୍ୱଂସ ହୋଇଥିଲା। ଏହା ସୌଭାଗ୍ୟର ବିଷୟ ଯେ ମଙ୍ଗଳବାର ୨୩୦ ପରିବାରକୁ ନେଇ ଗଠିତ ଧରାଲି ଗ୍ରାମର ଅଧିକାଂଶ ଲୋକ 'ହରଦୁଧ ମେଳା' ଦେଖିବାକୁ ଯାଇଥିଲେ। ନହେଲେ କେତେ କିଏ ମରିହଜି ଯାଇଥା'ନ୍ତେ ତାହାର କୌଣସି ଇୟତ୍ତା ନଥା'ନ୍ତା। ସେ ଯାହା ହେଉ ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଇଛି। ଉଦ୍ଧାରକାରୀ ଦଳର ତଥ୍ୟ ଅନୁଯାୟୀ ସଂପୂର୍ଣ୍ଣ ଧରାଲି ଗାଁ, ବଜାର, ୨୪ ହୋଟେଲ ଭାସିଯାଇଛି। ଗଙ୍ଗୋତ୍ରୀ ଧାମ ଦର୍ଶନାର୍ଥୀ ଦୀର୍ଘଯାତ୍ରା କ୍ଳାନ୍ତି ଦୂର ସକାଶେ ଏଠାରେ ଅବସ୍ଥାନ କରୁଥିବାରୁ ବ୍ୟାପକ ସୁବିଧା ସୁଯୋଗ ସୃଷ୍ଟି କରାଯାଇଥିଲା। ପର୍ଯ୍ୟଟକଙ୍କ ଏହି ନିରାପଦ ଆଶ୍ରୟସ୍ଥଳ ସଂପୂର୍ଣ୍ଣ ରୂପେ ଭାସିଯାଇଥିବାରୁ କ୍ଷୟକ୍ଷତି ପରିମାଣ କେତେ ବିପୁଳ ହେବ ତାହା ସହଜରେ ଅନୁମାନ କରାଯାଇପାରେ।

ଏନ୍‌ଡିଆରଏଫ, ଏସ୍‌ଡିଆଇଏଫ, ଆଇଟିବିପି ଓ ସେନାବାହିନୀର ସମ୍ମିଳିତ ଉଦ୍ଧାର କାର୍ଯ୍ୟରେ ପ୍ରତିକୂଳ ପାଣିପାଗ ବାଧକ ହୋଇଛି। ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଜାରି ରହିଛି। ଉଦ୍ଧାରକାରୀ ଦଳ ବିଭିନ୍ନ ସ୍ଥାନରୁ ୪ଟି ମୃତଦେହ ଉଦ୍ଧାର କରିଛନ୍ତି। ମୃତ୍ୟୁ ସଂଖ୍ୟା ୫ ଦର୍ଶାଯାଇଥିଲେ ମଧ୍ୟ ଶତାଧିକ ନିଖୋଜ ଥିବାର ଜଣାପଡ଼ିଛି। ସେମାନଙ୍କ ମଧ୍ୟରେ ଅଛନ୍ତି ୧୧ ଯବାନ ଓ ୨୮ ପର୍ଯ୍ୟଟକ। ୧୫୦ରୁ ଊର୍ଦ୍ଧ୍ୱଙ୍କୁ ବିଭିନ୍ନ ସ୍ଥାନରୁ ଉଦ୍ଧାର କରାଯାଇଛି। ଉତ୍ତରକାଶୀରୁ ଗଙ୍ଗୋତ୍ରୀ ଅଭିମୁଖେ ଯାତ୍ରା କରୁଥିବା ବେଳେ ହଠାତ୍ ଭୂସ୍ଖଳନ ଘଟିବାରୁ ପର୍ଯ୍ୟଟକଙ୍କ ସହ ସେମାନଙ୍କ ସହାୟକଙ୍କ କୌଣସି ପତ୍ତା ମିଳୁନି। ଏହି ବନ୍ୟା ବିପର୍ଯ୍ୟୟରେ କେତେ କିଏ ମରିଥିବେ ଏତେ ଶୀଘ୍ର ଆକଳନ କରିବା ସହଜ ନୁହେଁ। ଭାଗିରଥୀ, ଅଳକାନନ୍ଦା, ମନ୍ଦାକିନୀ, ଧଉଳି ଗଙ୍ଗା ଓ ଯମୁନା ନଦୀର ଉତ୍ପତ୍ତିସ୍ଥଳ ଉତ୍ତରାଖଣ୍ଡ। ହିମପ୍ରବାହ ସାଙ୍ଗକୁ ବର୍ଷା ଜଳ ମିଶିଗଲେ ଏମାନେ ରାଜ୍ୟରେ ବନ୍ୟାର ଖଣ୍ଡପ୍ରଳୟ ସୃଷ୍ଟି କରିଥା'ନ୍ତି। ପର୍ଯ୍ୟଟନ ଶିଳ୍ପର ବିକାଶ ନାମରେ ବ୍ୟାପକ ଜଙ୍ଗଲ କଟାଯିବା, ରାସ୍ତାନିର୍ମାଣ ଓ ଯୋଗାଯୋଗ ସୁବିଧା ସୁଯୋଗ ସୃଷ୍ଟିରୁ ଭୌଗୋଳିକ ସ୍ଥିତିରେ ଯେ ଅସନ୍ତୁଳନ ପରିଲକ୍ଷିତ ହେଉଛି ତାହା ପ୍ରାକୃତିକ ବିପର୍ଯ୍ୟୟ ସୃଷ୍ଟି ସକାଶେ ଅନେକାଂଶରେ ଦାୟୀ। ପରିସ୍ଥିତି ଏପରି ହୋଇଛି ଯେ ସରକାରୀ ଉଦ୍ୟମରେ ଗଢ଼ି ଉଠିଥିବା ବିକାଶର ମାନଚିତ୍ରକୁ ପ୍ରକୃତି ମୁହୂର୍ତ୍ତକରେ ଧୂଳିସାତ କରିଦେଉଛି।

ଉତ୍ତରାଖଣ୍ଡରେ ୨୦୧୩, ୨୦୨୧ ଏବେ ୨୦୨୫ରେ କ୍ରମାଗତ ଭାବେ ପ୍ରଳୟକାରୀ ବନ୍ୟା ଆସି ରାଜ୍ୟ ଅର୍ଥନୀତିରେ ବଡ଼ ଧରଣର ବିପର୍ଯ୍ୟୟ ସୃଷ୍ଟି କରିଛି। କେବଳ ମୃତାହତଙ୍କ ସଂଖ୍ୟା ଆକଳନ ଯଥେଷ୍ଟ ନୁହେଁ। ବିକଶିତ ପର୍ଯ୍ୟଟନ ଭିତ୍ତିଭୂମିକୁ ମଧ୍ୟ ଧୂଳିସାତ କରିଛି। ୨୦୧୩ କେଦାରନାଥ ବନ୍ୟାରେ ୬୦୦୦ ଲୋକଙ୍କ ମୃତ୍ୟୁ ଘଟିଥିଲା। ୨୦୨୧ରେ ହିମପ୍ରବାହ ଓ ବାଦଲଫଟା ବର୍ଷା ପ୍ରଭାବରେ ନନ୍ଦାଦେବୀରେ ବନ୍ୟା ବିପର୍ଯ୍ୟୟ ସୀମା ଲଙ୍ଘିଥିଲା। ସେହି ବନ୍ୟାରେ ମୃତ୍ୟୁସଂଖ୍ୟା ୨୦୦ ଅତିକ୍ରମ କରିଥିଲା। ଏହି ପରିସଂଖ୍ୟାନ ଉପସ୍ଥାପନ କରିବାର ଉଦ୍ଦେଶ୍ୟ ହେଲା, ପ୍ରାକୃତିକ ବିପର୍ଯ୍ୟୟର ବ୍ୟବଧାନ କିଭଳି ସଂକୁଚିତ ହେଉଛି ତାହା ଦର୍ଶାଇବା। ଏହାର ପୃଷ୍ଠଭାଗରେ ଅଛି ସମତୁଲ ବିକାଶର ଗତି ନିୟନ୍ତ୍ରଣ ହରାଇବା ସାଙ୍ଗକୁ ଲୋଭ ଓ ଲାଭ ପ୍ରତି ଆକର୍ଷଣ ବୃଦ୍ଧି।

## ପାଞ୍ଚବର୍ଷରେ ଜାତୀୟ ଶିକ୍ଷାନୀତି

ହୃଷିକେଶ ପ୍ରଧାନ

ଜାତୀୟ ଶିକ୍ଷାନୀତି(ଏନ୍‌ଇପି) ୨୦୨୦ ସ୍ୱାଧୀନତା ପରେ ଦେଶର ତୃତୀୟ ଶିକ୍ଷାନୀତି ଭାବେ କେନ୍ଦ୍ର କ୍ୟାବିନେଟ ଦ୍ୱାରା ମଞ୍ଜୁରୀ ପାଇବାର ଇତିମଧ୍ୟରେ ପାଞ୍ଚ ବର୍ଷ ବିତିଯାଇଛି। ଏନ୍‌ଇପି ବିଦ୍ୟାଳୟ ଶିକ୍ଷା ଓ ଉଚ୍ଚଶିକ୍ଷା ଉଭୟର ବ୍ୟାପକ ପୁନଃ ସଂଯୋଗର ପ୍ରତିଶ୍ରୁତି ଦେଇଛି। ଏହି ଦୃଷ୍ଟିକୋଣର କିଛିଅଂଶ ଶ୍ରେଣୀଗୃହରେ ପ୍ରବେଶ କରିଛି। କିନ୍ତୁ ଅନେକକିଛି କେବଳ କାଗଜପତ୍ରରେ ସୀମିତ ରହିଛି। ରାଜ୍ୟ ଓ କେନ୍ଦ୍ର ମଧ୍ୟରେ ସମନ୍ୱୟର ଅଭାବ ଯୋଗୁଁ କାର୍ଯ୍ୟକାରିତା ଗତିରେ ମନ୍ଥର ଘଟିଛି।

ନୂତନ ଶିକ୍ଷାନୀତିରେ ପୂର୍ବର ୧୦+୨ ଶୈକ୍ଷିକ ଢାଞ୍ଚାକୁ ଏକ ନୂତନ ଶୈକ୍ଷିକ ଓ ପାଠ୍ୟକ୍ରମ ଢାଞ୍ଚାରେ ପରିବର୍ତ୍ତନ କରାଯାଇଛି। ମୌଳିକ (ଅଙ୍ଗନବାଡ଼ି/ ଶିଶୁବାଟିକାରୁ ଶ୍ରେଣୀ ୨), ପ୍ରସ୍ତୁତି (ଶ୍ରେଣୀ ୩ ରୁ ୫), ମଧ୍ୟମା (ଶ୍ରେଣୀ ୬ ରୁ ୮) ଏବଂ ମାଧ୍ୟମିକ (ଶ୍ରେଣୀ ୯ ରୁ ୧୨)। ୨୦୨୩ରେ ବିଦ୍ୟାଳୟ ଶିକ୍ଷା ପାଇଁ ପ୍ରଣୀତ ଜାତୀୟ ପାଠ୍ୟକ୍ରମ ଢାଞ୍ଚା(ଏନସିଏଫ୍‌ଏସ୍‌ଇ) ପ୍ରତ୍ୟେକ ପର୍ଯ୍ୟାୟ ପାଇଁ ଉତ୍ତମ ଶିକ୍ଷଣ ଫଳାଫଳ ଓ ଦକ୍ଷତା ପ୍ରଦାନର ଲକ୍ଷ୍ୟ ରଖିଛି। ଏନସିଇଆରଟି ଏହି ଢାଞ୍ଚାକୁ ଆଧାର କରି ଶ୍ରେଣୀ (୧ ରୁ ୮) ପାଇଁ ନୂତନ ପାଠ୍ୟପୁସ୍ତକ ପ୍ରସ୍ତୁତ କରିଛି। ଉଦାହରଣ ସ୍ୱରୂପ, ପୂର୍ବର ଇତିହାସ, ଭୂଗୋଳ, ରାଜନୀତି ବିଜ୍ଞାନ ଓ ଅର୍ଥନୀତି ଭଳି ପ୍ରତ୍ୟେକ ବିଷୟ ପାଇଁ ଥିବା ପୃଥକ୍ ପାଠ୍ୟପୁସ୍ତକ ପରିବର୍ତ୍ତେ ବର୍ତ୍ତମାନ ସାମାଜିକ ବିଜ୍ଞାନକୁ ଏକକ ପୁସ୍ତକ ଭାବରେ ପଢ଼ାଯାଉଛି। ପରବର୍ତ୍ତୀ ସମୟରେ ଶ୍ରେଣୀ (୯ ରୁ ୧୨) ପାଇଁ ନୂତନ ପୁସ୍ତକ ଆସିବାର ସମ୍ଭାବନା ରହିଛି। ୨୦୩୦ ସୁଦ୍ଧା ଏନ୍‌ଇପି ପ୍ରାକ୍-ପ୍ରାଥମିକ ଶିକ୍ଷାକୁ ସାର୍ବଜନୀନ କରିବାର ଲକ୍ଷ୍ୟ ରଖିଛି। ଏନସିଇଆରଟିର ଜାଦୁଇ ପିଟାରା ଶୈକ୍ଷିକ ଉପକରଣ ରୂପେ ବ୍ୟବହୃତ ହେଉଛି ଏବଂ ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ ଦ୍ୱାରା ଏକ ଜାତୀୟ ଆଦ୍ୟ ଶୈଶବ ଯତ୍ନ ଓ ଶିକ୍ଷା ପାଠ୍ୟକ୍ରମ ଜାରି ହୋଇଛି।

ଦିଲ୍ଲୀ, କର୍ଣ୍ଣାଟକ ଓ କେରଳ ଖୁବ୍‌ଶୀଘ୍ର ପ୍ରଥମ ଶ୍ରେଣୀରେ ପ୍ରବେଶ ପାଇଁ ସର୍ବନିମ୍ନ ଛଅ ବର୍ଷ ବୟସସୀମା ଲାଗୁ କରିବେ। ୨୦୨୩-୨୪ ତଥ୍ୟ ଦର୍ଶାଉଛି ଯେ, ସମ୍ଭବତଃ ଏହି ବୟସ କଟକଣା ଯୋଗୁଁ ପ୍ରଥମ ଶ୍ରେଣୀ ନାମଲେଖା ହାର ପୂର୍ବ ବର୍ଷର ୨.୧୬କୋଟିରୁ ୧.୮୭ କୋଟିକୁ ହ୍ରାସ ପାଇଛି। ପଞ୍ଜୀକୃତ କରାଇଥିବା ଶିଶୁଙ୍କ ମଧ୍ୟରୁ ପ୍ରାୟ ୭୩% ଔପଚାରିକ ଭାବେ କୌଣସି ପ୍ରାକ୍ ବିଦ୍ୟାଳୟରେ ଯୋଗ ଦେଇଛନ୍ତି। ଅଙ୍ଗନବାଡ଼ି କର୍ମୀଙ୍କ ପାଇଁ ଉତ୍ତମ ତାଲିମ ଏବଂ ପ୍ରାରମ୍ଭିକ ଶିକ୍ଷାକେନ୍ଦ୍ରଗୁଡ଼ିକରେ ଭିତ୍ତିଭୂମି ଓ ଶିକ୍ଷାଦାନ ଗୁଣବତ୍ତାରେ ଅଭାବ ହେଉଛି ସବୁଠୁ ବଡ଼ ପ୍ରତିବନ୍ଧକ।

୨୦୨୧ ମସିହାରେ ଆରମ୍ଭ ହୋଇଥିବା ନିପୁଣ ଭାରତ, ତୃତୀୟ ଶ୍ରେଣୀ ଶେଷ ସୁଦ୍ଧା ପ୍ରତ୍ୟେକ ଶିଶୁର ମୌଳିକ ଗଣିତ ଶିକ୍ଷାକୁ ସୁନିଶ୍ଚିତ କରିବାର ଲକ୍ଷ୍ୟ ରଖିଛି। ଏହାର ହାରାହାରି ମୂଲ୍ୟାଙ୍କ ଭାଷା ଓ ଗଣିତ ପାଇଁ ଯଥାକ୍ରମେ ୬୪% ଓ ୬୦%। ପ୍ରାରମ୍ଭିକ ପରୀକ୍ଷଣର ଫଳାଫଳ ସାର୍ବଜନୀନ ଦକ୍ଷତାଠାରୁ ବହୁତ କମ୍। ଏନ୍‌ଇପି ଏକାଡେମିକ୍ ବ୍ୟାଙ୍କ୍ ଅଫ୍ କ୍ରେଡିଟ୍ସ (ଏବିସି) ପାଇଁ ପରାମର୍ଶ ଦେଇଛି ଏବଂ ଏଥିପାଇଁ ଏକ ଜାତୀୟ କ୍ରେଡିଟ୍ ଫ୍ରେମୱାର୍କ (ଏନସିଆରଏଫ୍) ବିକଶିତ ହୋଇଛି। ୨୦୨୧ରେ ପ୍ରକାଶିତ ୟୁଜିସି ନିୟମ ଛାତ୍ରଛାତ୍ରୀମାନଙ୍କୁ ସଞ୍ଚାର ମାଧ୍ୟମରେ କ୍ରେଡିଟ୍ ଅର୍ଜନ ଓ ସଂରକ୍ଷଣର ସୁଯୋଗ ଦେଇଛି। ଏପରିକି ବିଭିନ୍ନ ଶିକ୍ଷାନୁଷ୍ଠାନରେ, ପାଠ୍ୟକ୍ରମ ମଧ୍ୟରେ ସ୍ଥାନାନ୍ତର, ପ୍ରସ୍ଥାନ ଓ ପୁନଃ ପ୍ରବେଶ ସମ୍ଭବ ହୋଇପାରିଛି। ଏହି ବ୍ୟବସ୍ଥା ଛାତ୍ରଛାତ୍ରୀମାନଙ୍କୁ ଗୋଟିଏ ବର୍ଷ ପରେ ସାର୍ଟିଫିକେଟ୍, ଦୁଇ ବର୍ଷ ପରେ ଡିପ୍ଲୋମା ଓ ଚାରି ବର୍ଷର ବହୁବିଧ ଡିଗ୍ରୀ ସମାପନ କରିବାର ସୁଯୋଗ ଦେଇଛି। ଏନସିଆରଏଫରେ ବିଦ୍ୟାର୍ଥୀମାନଙ୍କ ପାଇଁ ଉଦ୍ଦିଷ୍ଟ ସମଯୋଜିତ ବ୍ୟବସ୍ଥାରେ ଦକ୍ଷତା-ଆଧାରିତ ଶୈକ୍ଷିକ ସମୟ କ୍ରେଡିଟ୍‌ରେ ପରିଣତ ହୋଇପାରୁଛି। ସିବିଏସସିଇ ଗତବର୍ଷ ବିଦ୍ୟାଳୟଗୁଡ଼ିକୁ ଏନସିଆରଏଫ୍ ପ୍ରୋତ୍ସାହନର ଅଂଶୀଦାର ହେବାକୁ ଆମନ୍ତ୍ରଣ କରିଥିଲା। ୨୦୨୨ରେ ପ୍ରଚଳିତ ସାଧାରଣ ବିଶ୍ୱବିଦ୍ୟାଳୟ ପ୍ରବେଶ ପରୀକ୍ଷା (ସିୟୁଇଟି), ବର୍ତ୍ତମାନ ସ୍ନାତକ ଓ ସ୍ନାତକୋତ୍ତର ପ୍ରବେଶ ପାଇଁ ଏକ ପ୍ରମୁଖ ପଥ। ଏନ୍‌ଇପି ଏକାଧିକ କଲେଜ ପ୍ରବେଶ ପରୀକ୍ଷାକୁ ଏକକ ଜାତୀୟ ପରୀକ୍ଷାରେ ପରିବର୍ତ୍ତନ କରିବାର ପରାମର୍ଶ ଦେଇଛି।

ଆଇଆଇଟି ମାଡ୍ରାସ, ଆଇଆଇଟି ଦିଲ୍ଲୀ ଓ ଆଇଆଇଏମ୍ ଅହମ୍ମଦାବାଦ ଯଥାକ୍ରମେ ଜାଞ୍ଜିବର, ଆବୁଧାବି ଓ ଦୁବାଇରେ ଅନ୍ତର୍ଜାତୀୟ କ୍ୟାମ୍ପସମାନ ସ୍ଥାପନ କରିଛି। ଗୁଜରାଟର ଗିଫ୍ଟ ସିଟିରେ ଅନ୍ୟ ଦୁଇଟି ବିଦେଶୀ ବିଶ୍ୱବିଦ୍ୟାଳୟ ପରେ ସାଉଥାମ୍ପଟନ୍ ବିଶ୍ୱବିଦ୍ୟାଳୟ ସମ୍ପ୍ରତି ଭାରତରେ ଖୋଲିଛି। ଜୁଲାଇ ମାସ ଆରମ୍ଭରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ କହିଛନ୍ତି, ୟୁଜିସି ନିୟମ ଅନୁଯାୟୀ ଅନ୍ୟ ୧୨ଟି ବିଦେଶୀ ବିଶ୍ୱବିଦ୍ୟାଳୟ ଓ ଗିଫ୍ଟ ସିଟିରେ ଆଉ ଦୁଇଟି ବିଶ୍ୱବିଦ୍ୟାଳୟ ଅନୁମୋଦନ ହେବା ପ୍ରକ୍ରିୟାରେ ଅଛି। ଏନ୍‌ଇପି କମ୍ ଉଚ୍ଚ-ପାଣ୍ଠିରେ ବୋର୍ଡ ପରୀକ୍ଷାର କଳ୍ପନା କରିଛି। ୨୦୨୬ରୁ ସିବିଏସସିଇ ଦଶମ ଶ୍ରେଣୀର ଛାତ୍ରଛାତ୍ରୀଙ୍କ ପାଇଁ ବର୍ଷକୁ ଦୁଇଥର ବୋର୍ଡ ପରୀକ୍ଷା ବ୍ୟବସ୍ଥାର ଯୋଜନା କରିଛି। କର୍ଣ୍ଣାଟକ ଏହାକୁ ପରୀକ୍ଷାମୂଳକ ଭାବେ ବ୍ୟବହାର କରିଛି। ଅନ୍ୟ ବୋର୍ଡଗୁଡ଼ିକ ଏହାର ସଫଳତା ଦେଖିବାକୁ ଅପେକ୍ଷା କରିଛନ୍ତି। ସିବିଏସସିଇ (୨୦୧୯-୨୦) ଶିକ୍ଷାବର୍ଷରେ ଦୁଇଟି ସ୍ତର(ମାନକ ଓ ଉଚ୍ଚତର)ରେ ସମସ୍ତ ବିଷୟ ପାଇଁ ପ୍ରବର୍ତ୍ତନ କରିଥିବା ଏନ୍‌ଇପି ଧାରଣା କେବଳ ଦଶମ ଶ୍ରେଣୀ ଗଣିତରେ ହିଁ ସୀମିତ ରହିଯାଇଛି। ଏନସିଇଆରଟି ଅଧୀନସ୍ଥ ଏକ ୟୁନିଟ୍ 'ପରଖ' ଦ୍ୱାରା ବିକଶିତ ହୋଇଥିବା ପ୍ରଗତି ପତ୍ର ମୂଲ୍ୟାଙ୍କ ପରିବର୍ତ୍ତେ ସହପାଠୀ ଓ ସ୍ୱମୂଲ୍ୟାୟନକୁ ଅନ୍ତର୍ଭୁକ୍ତ କରିଛି। କିନ୍ତୁ କିଛି ବିଦ୍ୟାଳୟ ବୋର୍ଡ ଏପର୍ଯ୍ୟନ୍ତ ଏହାକୁ ପରିବର୍ତ୍ତନ କରିନାହାନ୍ତି। କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟଗୁଡ଼ିକ ବହୁବିଧ ପ୍ରସ୍ଥାନ ବିକଳ୍ପ ସହିତ ଏନ୍‌ଇପିର ଚାରି ବର୍ଷର ସ୍ନାତକ ଡିଗ୍ରୀର ଧାରଣାକୁ କାର୍ଯ୍ୟକାରୀ କରିଛନ୍ତି। କେରଳ ଏହାକୁ ଅନୁସରଣ କରିଛି। କିନ୍ତୁ ଅନେକ ସ୍ଥାନରେ କଲେଜଗୁଡ଼ିକରେ ଏପର୍ଯ୍ୟନ୍ତ ପର୍ଯ୍ୟାପ୍ତ ଅଧ୍ୟାପକ/ଅଧ୍ୟାପିକା ଓ ଭିତ୍ତିଭୂମିର ଅଭାବ ରହିଛି। ଏନ୍‌ଇପି ଅତି କମରେ ଶ୍ରେଣୀ ୫ ପର୍ଯ୍ୟନ୍ତ ଶିକ୍ଷାର ମାଧ୍ୟମ ଭାବରେ ମାତୃଭାଷାର ବ୍ୟବହାରକୁ ପ୍ରୋତ୍ସାହିତ କରିଛି। ସିବିଏସସିଇ ବିଦ୍ୟାଳୟଗୁଡ଼ିକୁ ପ୍ରାକ୍-ବିଦ୍ୟାଳୟରୁ ଶ୍ରେଣୀ ୨ ପର୍ଯ୍ୟନ୍ତ, ଶ୍ରେଣୀ(୩-୫)ରେ ରହିବା ବା ପରିବର୍ତ୍ତନ କରିବାର ବିକଳ୍ପ ବଜାୟ ରଖିବାର ବ୍ୟବସ୍ଥା ଆରମ୍ଭ କରିବାକୁ ନିର୍ଦ୍ଦେଶ ଦେଇଛି। ଏନସିଇଆରଟି ଏବେ ଏକାଧିକ ଭାରତୀୟ ଭାଷାରେ ପାଠ୍ୟପୁସ୍ତକ ଉପରେ କାମ କରୁଛି।

ଏନ୍‌ଇପି ଅନ୍ତର୍ଗତ ତ୍ରି-ଭାଷା ପ୍ରସ୍ତାବ ଅନୁଯାୟୀ, ଅତିକମରେ ଦୁଇଟି ଭାରତୀୟ ଭାଷାର ଅନ୍ତର୍ଭୁକ୍ତୀକରଣ ଆବଶ୍ୟକ। କିନ୍ତୁ ତାମିଲ-ଇଂରାଜୀ ମଡେଲ ଅନୁସରଣ କରୁଥିବା ତାମିଲନାଡୁ ଏହାକୁ ହିନ୍ଦୀ ଭାଷା ଲାଗୁ କରିବାର ପ୍ରୟାସ ଭାବରେ ଦେଖୁଛି। ୨୦୨୧ରେ ହେବାକୁ ଥିବା ଶିକ୍ଷକ ଶିକ୍ଷା ପାଇଁ ଜାତୀୟ ପାଠ୍ୟକ୍ରମ ଢାଞ୍ଚା ଏପର୍ଯ୍ୟନ୍ତ ପ୍ରକାଶିତ ହୋଇନାହିଁ। ସମନ୍ୱିତ ଶିକ୍ଷକ ଶିକ୍ଷା କାର୍ଯ୍ୟକ୍ରମ ଅଧୀନରେ ଚାରିବର୍ଷିଆ ସମନ୍ୱିତ ବି.ଏଡ୍ ପାଠ୍ୟକ୍ରମ ଘୋଷଣା କରାଯାଇଥିଲେ ସୁଦ୍ଧା ପ୍ରାଥମିକ ଶିକ୍ଷା ସ୍ନାତକ (ବିଏଲ୍‌ଏଡ) ପରି ବିଦ୍ୟମାନ କାର୍ଯ୍ୟକ୍ରମ ପ୍ରଦାନ କରୁଥିବା କଲେଜଗୁଡ଼ିକ ଏହାକୁ ପଛକୁ ଠେଲି ଦେଇଛନ୍ତି। ୨୦୧୮ର ଏକ ଡ୍ରାଫ୍ଟ ବିଲ୍ ୟୁଜିସିକୁ ଭାରତୀୟ ଉଚ୍ଚଶିକ୍ଷା ଆୟୋଗରେ ପରିବର୍ତ୍ତନ କରିବାର ପ୍ରସ୍ତାବ ଦେଇଥିଲା। ଏନ୍‌ଇପି ଏହି ଧାରଣାକୁ ଆନୁଷ୍ଠାନିକ କରିଛି। ଚିକିତ୍ସା ଓ ଆଇନଶିକ୍ଷା ବ୍ୟତୀତ ଭାରତୀୟ ଉଚ୍ଚଶିକ୍ଷା ଆୟୋଗ ଉଚ୍ଚଶିକ୍ଷାରେ ନିୟନ୍ତ୍ରଣ, ପାଣ୍ଠି, ମାନ୍ୟତା ଏବଂ ଶୈକ୍ଷିକ ମାନଦଣ୍ଡକୁ ପରିଚାଳନା କରିବ। କିନ୍ତୁ ଶିକ୍ଷା ମନ୍ତ୍ରଣାଳୟ ଏବେ ବି ବିଲ୍ ପ୍ରସ୍ତୁତ କରିବା ପର୍ଯ୍ୟାୟରେ ଅଛି।

ଏନ୍‌ଇପି ମଧ୍ୟାହ୍ନ ଭୋଜନ ସହିତ ଜଳଖିଆର ବ୍ୟବସ୍ଥା ପାଇଁ ସୁପାରିସ କରିଥିଲା। କିନ୍ତୁ ୨୦୨୧ ମସିହାରେ ଅର୍ଥ ମନ୍ତ୍ରଣାଳୟ ପ୍ରାକ୍-ପ୍ରାଥମିକ ଓ ପ୍ରାଥମିକ ଶ୍ରେଣୀରେ ଶିକ୍ଷା ମନ୍ତ୍ରଣାଳୟର ଜଳଖିଆ ଅନ୍ତର୍ଭୁକ୍ତୀକରଣ ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିଥିଲା। କିଛି ରାଜ୍ୟ ଏନ୍‌ଇପିର ପ୍ରମୁଖ ବ୍ୟବସ୍ଥା ବିରୁଦ୍ଧରେ ପଛଘୁଞ୍ଚା ଦେଇଛନ୍ତି। କେରଳ, ତାମିଲନାଡୁ ଓ ପଶ୍ଚିମବଙ୍ଗ ଭଳି ରାଜ୍ୟ ଏନ୍‌ଇପିକୁ ସମ୍ପୂର୍ଣ୍ଣ ଗ୍ରହଣ କରିବା ପାଇଁ ଆବଶ୍ୟକ ଉପଖଣ୍ଡ ବିବୃତି ଦେଇ ପିଏମ୍ ଶ୍ରୀ ବିଦ୍ୟାଳୟ ସ୍ଥାପନ ପାଇଁ କେନ୍ଦ୍ର ସହିତ ବୁଝାମଣାପତ୍ର ସ୍ୱାକ୍ଷର କରିବାକୁ ମନା କରିଦେଇଛନ୍ତି। ତାମିଲନାଡୁ ତ୍ରି-ଭାଷା ନିୟମ ଓ ଚାରି ବର୍ଷିଆ ୟୁଜି ଢାଞ୍ଚା ଉଭୟକୁ ବିରୋଧ କରୁଛି। ଶିକ୍ଷା ସମବର୍ତ୍ତୀ ସଂଘୀୟ ତାଲିକାରେ ଥିବାରୁ କେନ୍ଦ୍ର ଏକପାଖିଆ ଭାବରେ ଏହି ପରିବର୍ତ୍ତନଗୁଡ଼ିକୁ ବାଧ୍ୟତାମୂଳକ କରିପାରିବ ନାହିଁ ବୋଲି କେରଳ ଓ ତାମିଲନାଡୁ ଭଳି ରାଜ୍ୟ ଯୁକ୍ତି କରିଛନ୍ତି। କେନ୍ଦ୍ର ଏହି ଅର୍ଥକୁ ଏନ୍‌ଇପି ସଂଲଗ୍ନ ସଂସ୍କାର ସହିତ ଜଡ଼ିତ ଦର୍ଶାଇ ଏହି ରାଜ୍ୟଗୁଡ଼ିକର ସମଗ୍ର ଶିକ୍ଷା ପାଣ୍ଠିକୁ ସ୍ଥଗିତ ରଖିଛି। ତାମିଲନାଡୁ ଏହି କଟକଣା ବିରୁଦ୍ଧରେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛି। ଚାରିବର୍ଷିଆ ୟୁଜି ପାଠ୍ୟକ୍ରମ ପ୍ରଚଳନ ଏବଂ ପରେ ବାତିଲ କରିଥିବା କର୍ଣ୍ଣାଟକ ୨୦୨୩ରେ କଂଗ୍ରେସ ଦ୍ୱାରା ଦିଆଯାଇଥିବା ଏକ ନିର୍ବାଚନୀ ପ୍ରତିଶ୍ରୁତି, ନିଜସ୍ୱ ରାଜ୍ୟ ଶିକ୍ଷା ନୀତି ଉପରେ କାମ କରୁଛି।

(ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ)
ଭୁବନେଶ୍ୱର, ମୋ:୮୦୧୮୧୭୨୩୦୧ଆବଶ୍ୟକ।

## ଓଡ଼ିଶାରେ ଗ୍ରନ୍ଥାଗାର ଆନ୍ଦୋଳନ

ନିରଞ୍ଜନ ମହାପାତ୍ର

ଓଡ଼ିଶା ସର୍ବସାଧାରଣ ଗ୍ରନ୍ଥାଗାର ଆଇନ-୨୦୦୧ ଏବଂ ଗ୍ରନ୍ଥାଗାର ନିୟମାବଳୀ-୨୦୧୬ରେ ପରାମର୍ଶ ପରିଷଦ, ଅଧିକାରୀ, ତହବିଲ, ଜିଲ୍ଲା ସ୍ତରର କମିଟିର ବ୍ୟବସ୍ଥା ରହିଛି। କିନ୍ତୁ ଦୁଇଦଶକ ପରେ ବି ଏହି ବ୍ୟବସ୍ଥାଗୁଡ଼ିକ କେବଳ କାଗଜରେ ସୀମିତ ରହିଯାଇଥିବା ଅଭିଯୋଗ ହୋଇଛି। ୨୪ ମାର୍ଚ୍ଚ ୨୦୨୫ରେ ଦାଖଲ ହୋଇଥିବା ଏକ ଜନସ୍ୱାର୍ଥ ମାମଲାରେ ଉଲ୍ଲେଖ କରାଯାଇଛି ଯେ ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାରରେ ୫୮ ଟି ଅନୁମୋଦିତ ପଦବୀ ମଧ୍ୟରୁ ୪୮ ଟି ଖାଲି ଅଛି। ୨୦୨୨ରେ କେବଳ ୬୦ ଜଣ ଗ୍ରନ୍ଥାଗାରିକ/କନିଷ୍ଠ ଗ୍ରନ୍ଥାଗାରିକଙ୍କ ନିଯୁକ୍ତି ହୋଇଛି ଏବଂ ଅବଶିଷ୍ଟ ପଦବୀଗୁଡ଼ିକ ଖାଲି ଅଛି। ଓଡ଼ିଶା ଆଦର୍ଶ ବିଦ୍ୟାଳୟଗୁଡ଼ିକରେ ୩୧୫ଟି ଗ୍ରନ୍ଥାଗାରିକ ପଦ ଥିଲେ ମଧ୍ୟ କେବଳ ଜଣେ ନିଯୁକ୍ତ ହୋଇଛନ୍ତି। ବାକିଗୁଡ଼ିକୁ ଶିକ୍ଷକ ଓ ଅନ୍ୟ କର୍ମଚାରୀଙ୍କ ଦ୍ୱାରା ଚାଲୁଛି, ଯାହା ସିବିଏସଇ ନିୟମ ଭଙ୍ଗ କରୁଛି।

ଓଡ଼ିଶା ସରକାରଙ୍କ ଅଧୀନରେ ୧୨୫ଟି ସର୍ବସାଧାରଣ ଗ୍ରନ୍ଥାଗାର ଭିନ୍ନ ଭିନ୍ନ ବିଭାଗ ଅଧୀନରେ ଅଛି। ସେଥିମଧ୍ୟରୁ ୩୦ଟି ସଂସ୍କୃତି ବିଭାଗ, ୮୩ ଟି ସୂଚନା ଓ ଜନସମ୍ପର୍କ ବିଭାଗ ଏବଂ ୧୨ ଟି ଗୃହ ଓ ନଗର ଉନ୍ନୟନ ବିଭାଗ ଅଧୀନରେ ଅଛି। ଭିତ୍ତିଭୂମି ଓ ଗ୍ରନ୍ଥାଗାର କର୍ମଚାରୀ ଅଭାବରୁ ତାହା ଉପଯୋଗୀ ହୋଇପାରୁନାହିଁ। ସଂସ୍କୃତି ବିଭାଗର ୧୬ଟି ଜିଲ୍ଲା ଗ୍ରନ୍ଥାଗାରରେ କେବଳ ୩ଜଣ ଗ୍ରନ୍ଥାଗାରିକ କାର୍ଯ୍ୟରତ। ବାକି ୧୩ ଟି କେମିତି ପରିଚାଳିତ ହେଉଛି, ତାହା ଅନୁମାନ କରାଯାଇପାରେ! ଓଡ଼ିଶାରେ ପ୍ରାୟ ୨୦ଟି ପ୍ରତିଷ୍ଠାନ ଗ୍ରନ୍ଥାଗାର ବିଜ୍ଞାନ ଶିକ୍ଷା ଦେଉଛି। ତଥାପି ଅଧିକାଂଶ ଅନୁଷ୍ଠାନ ଶିକ୍ଷକ ଅଭାବରେ ଚାଲିଛି। ରାଜ୍ୟରୁ ପ୍ରତିବର୍ଷ ୭୦୦ରୁ ଅଧିକ ଗ୍ରନ୍ଥାଗାରିକ ପ୍ରସ୍ତୁତ ହେଉଛନ୍ତି। କିନ୍ତୁ ଗତ ୧୦ ବର୍ଷ ଧରି ଓଡ଼ିଶାରେ ଗ୍ରନ୍ଥାଗାରିକ ନିଯୁକ୍ତିକୁ ହିସାବ କଲେ ୧୦୦ ରୁ ଅଧିକ କଦାପି ହୋଇ ନ ଥିବ। ବାକି ଥିବା ଗ୍ରନ୍ଥାଗାରିକ ଆଶାୟୀ ସବୁ କରିବେ କ'ଣ? ଇ-ଗ୍ରାମ ସ୍ୱରାଜର ରିପୋର୍ଟ ଅନୁଯାୟୀ, ଓଡ଼ିଶାର ୧୦୬୮ଟି ଗ୍ରାମ ପଞ୍ଚାୟତରେ ପଞ୍ଚାୟତସ୍ତରୀୟ ଗ୍ରନ୍ଥାଗାର ଅଛି। କିନ୍ତୁ ସେଗୁଡ଼ିକ ଯୋଜନା ଲକ୍ଷ୍ୟଠାରୁ ବହୁତ ପଛରେ ପଡ଼ିଯାଇଛି।

ଏହି ପରିସ୍ଥିତିରେ ବିଭିନ୍ନ ସାମାଜିକ ସଂଗଠନ, ଗ୍ରନ୍ଥାଗାର ମଞ୍ଚ, ଗ୍ରନ୍ଥାଗାରିକ ସଂଘ ଆଦି ସହଯୋଗର ହାତ ବଢ଼େଇବାକୁ ପଡ଼ିବ। ସୂଚନା ମୁତାବକ ଓଡ଼ିଶା ସୋସାଇଟି ଅଫ୍ ଆମେରିକା (ଓଏସଏ), ବକୁଳ ଫାଉଣ୍ଡେସନ୍, ଓଡ଼ିଶା ଲାଇବ୍ରେରୀ ଏକାଡେମି, ଲାଇବ୍ରେରୀ ମୁଭମେଣ୍ଟ ଓଡ଼ିଶା, ଓଡ଼ିଶା ଗ୍ରନ୍ଥାଗାର ମହାମଞ୍ଚ, ଯୁବ ଓ ସାମାଜିକ ବିକାଶ କେନ୍ଦ୍ର (ସିୱାଇଏସଡି) ପ୍ରମୁଖ ଓଡ଼ିଶାରେ ପାଠାଗାର ଆନ୍ଦୋଳନ ସହିତ ଜଡ଼ିତ ଅଛନ୍ତି। ଓଏସ୍‌ଏ ଦ୍ୱାରା ପ୍ରତିବର୍ଷ ଓଡ଼ିଶା ସର୍ବସାଧାରଣ ଗ୍ରନ୍ଥାଗାର ଅଧିବେଶନର ଆୟୋଜନ କରିବା ସହିତ ସରକାରଙ୍କୁ ଦାବିପତ୍ର ଦେଇ ଆସୁଛି। ରାଜ୍ୟର ବିଭିନ୍ନ ସ୍ଥାନରେ ସାର୍ବଜନୀନ ଗ୍ରନ୍ଥାଗାର ସ୍ଥାପନ ପାଇଁ ଆର୍ଥିକ ସହଯୋଗ ସହିତ ପଞ୍ଚାୟତ ଓ ବ୍ଲକସ୍ତରର ଗ୍ରନ୍ଥାଗାର ପାଇଁ ସରକାରଙ୍କୁ ପ୍ରସ୍ତାବ ଇତ୍ୟାଦି ଚର୍ଚ୍ଚାରେ ଅଛି। ବକୁଳ ଫାଉଣ୍ଡେସନ୍ ତୃଣମୂଳ ସ୍ତରରେ ଗ୍ରନ୍ଥାଗାର ସଂସ୍କୃତିକୁ ଉନ୍ନତ କରିବା ପାଇଁ ଦୃଢ଼ ପଦକ୍ଷେପ ନେଉଛି। ଓଡ଼ିଶା ଲାଇବ୍ରେରୀ ଏକାଡେମି ପ୍ରତିବର୍ଷ ବିଭିନ୍ନ ସେମିନାର ଓ ସମ୍ମିଳନୀ ଆୟୋଜନ କରି ଆସୁଛି। ଓଡ଼ିଶା ମହାବିଦ୍ୟାଳୟ ଗ୍ରନ୍ଥାଗାରିକ ସଂଘ ମଧ୍ୟ ବର୍ଷ ବର୍ଷ ଧରି ମହାବିଦ୍ୟାଳୟରେ ଗ୍ରନ୍ଥାଗାରମାନଙ୍କ କ୍ୟାଡର ରୁଲ ପାଇଁ ସଂଘର୍ଷ କରି ଆସିଛି। ଗତବର୍ଷ ବକୁଳ ଫାଉଣ୍ଡେସନ ଓ ସିୱାଇଏସଡି ଦ୍ୱାରା ଆୟୋଜିତ 'ଓଡ଼ିଶାର ଗ୍ରାମୀଣ ଗ୍ରନ୍ଥାଗାର ଓ ସୂଚନା ସମ୍ବଳ କେନ୍ଦ୍ର ଆନ୍ଦୋଳନ' ଉପରେ ଆଲୋଚନାଚକ୍ର ଉଲ୍ଲେଖଯୋଗ୍ୟ।

ଏତଦ୍‌ବ୍ୟତୀତ ସାମାଜିକ ଗଣମାଧ୍ୟମ ମଧ୍ୟ ପାଠାଗାର ଆନ୍ଦୋଳନରେ ଏକ ଶକ୍ତିଶାଳୀ ଉତ୍ପ୍ରେରକ ପାଲଟିଛି। ଫେସବୁକ୍ ଏବଂ ଏକ୍ସ (ପୂର୍ବରୁ ଟ୍ୱିଟର)ରେ 'ଗ୍ରନ୍ଥାଗାର ଆନ୍ଦୋଳନ ଓଡ଼ିଶା' ଗୋଷ୍ଠୀଗୁଡ଼ିକ ଗ୍ରନ୍ଥାଗାର ବୃତ୍ତିଗତ, ଶିକ୍ଷକ, ଛାତ୍ର ଓ ନାଗରିକଙ୍କୁ ଏକତ୍ରିତ କରୁଥିବା ଗତିଶୀଳ ପ୍ଲାଟଫର୍ମ ଭାବରେ ଉଭା ହୋଇଛି। ସେମାନଙ୍କର ତୃଣମୂଳ ସ୍ତରର ଡିଜିଟାଲ୍ ସକ୍ରିୟତା ଓଡ଼ିଶାର ଗ୍ରନ୍ଥାଗାର ଓ ଗ୍ରନ୍ଥାଗାରିକଙ୍କ ଜରୁରୀ ଆବଶ୍ୟକତା ପ୍ରତି ଜନସାଧାରଣ ଓ ପ୍ରଶାସନିକ ଦୃଷ୍ଟି ଆକର୍ଷଣ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି।

ଓଡ଼ିଶା ଏକ ସମୃଦ୍ଧ ଐତିହ୍ୟର ରାଜ୍ୟ। ତଥାପି ସାଂଗଠନିକ ଜଡ଼ତା ଅର୍ଥପୂର୍ଣ୍ଣ ସଂସ୍କାରକୁ ବାଧା ଦେଇଛି। ଯଦି ଆଜିର ଦିନରେ ଗ୍ରନ୍ଥାଗାର ଆନ୍ଦୋଳନ କଥା ଉଠିବ ନାହିଁ, ତେବେ ଓଡ଼ିଶାର ବିକାଶ ପଛରେ ପଡ଼ିଯିବ। ସରକାର, ନାଗରିକ ଓ ଗ୍ରନ୍ଥାଗାରିକମାନଙ୍କ ପ୍ରତିଶ୍ରୁତିବଦ୍ଧତା ରାଜ୍ୟର ଗ୍ରନ୍ଥାଗାରଗୁଡ଼ିକୁ ଜ୍ଞାନ, ସମାନତା ଓ ସାମାଜିକ ପ୍ରଗତିରେ ପରିଣତ କରିପାରିବ। ଗ୍ରନ୍ଥାଗାର ଆଇନର ପୂର୍ଣ୍ଣ କାର୍ଯ୍ୟାନ୍ୱୟନ, ଗ୍ରନ୍ଥାଗାରିକ ପଦବୀ ତୁରନ୍ତ ପୂରଣ, ଆଧୁନିକ ଭିତ୍ତିଭୂମି, ଭ୍ରାମ୍ୟମାଣ ଗ୍ରନ୍ଥାଗାର ଏବଂ ପଞ୍ଚାୟତ ଗ୍ରନ୍ଥାଗାର ସ୍ଥାପନ ଭଳି ତୃଣମୂଳ ସ୍ତରରୁ ଏହି ଆନ୍ଦୋଳନକୁ ସମର୍ଥନ ପାଇଁ ଜନସଚେତନତା ଆବଶ୍ୟକ। ଗ୍ରନ୍ଥାଗାରଗୁଡ଼ିକୁ ଜୀବନ୍ତ ଜ୍ଞାନକେନ୍ଦ୍ର ରୂପରେ ଗଢ଼ିତୋଳିବା ପାଇଁ ସମସ୍ତଙ୍କ ସହଯୋଗ ନିତାନ୍ତ ଆବଶ୍ୟକ।

(ବିଶ୍ୱ ଦକ୍ଷତା କେନ୍ଦ୍ର)
ଭୁବନେଶ୍ୱର, ମୋ: ୮୮୮୨୩୧୨୩୪ପ୍ରଶ୍ନ।

## ଆମ ବୃକ୍ଷଲତା ଆମ ଜୀବନ

ପ୍ରକୃତି-ପରିବେଶ

### ଶତାବରୀ

ସୌଭାଗ୍ୟସୁନ୍ଦର

ଶତାବରୀ ମୂଳତଃ ଏକ ଔଷଧୀୟ ଉଦ୍ଭିଦ, ଯାହା ସାଧାରଣତଃ ଏସିଆ, ଅଷ୍ଟ୍ରେଲିଆ, ଆଫ୍ରିକାରେ ଦେଖିବାକୁ ମିଳେ। ଭାରତରେ ଏହା ମୁଖ୍ୟତଃ କେରଳ, ତାମିଲନାଡୁ, ଆନ୍ଧ୍ରପ୍ରଦେଶ, କର୍ଣ୍ଣାଟକ, ଗୁଜରାଟ, ଓଡ଼ିଶା ଓ ପଶ୍ଚିମବଙ୍ଗରେ ଦେଖାଯାଏ। ଏହାର ଅନନ୍ୟ ଔଷଧୀୟ ଗୁଣ ଯୋଗୁଁ ଏହାକୁ ପ୍ରକୃତିର ଉପହାର ଭାବରେ ବର୍ଣ୍ଣନା କରାଯାଇଛି।

ଶତାବରୀ ଏକ ବହୁବର୍ଷୀୟ ତୃଣଜାତୀୟ ଉଦ୍ଭିଦ। ଏହା ପ୍ରଥମେ ସିଧା ବଢ଼େ। ଦୁର୍ବଳ କାଣ୍ଡ ହେତୁ ପରେ ନିକଟବର୍ତ୍ତୀ ଉଦ୍ଭିଦର ଆଶ୍ରୟ ନିଏ। ୧-୨ ମିଟର ଲମ୍ବ ପର୍ଯ୍ୟନ୍ତ ବିସ୍ତାରିତ ହୁଏ। ଏହାର ପତ୍ର ପତଳା ଏବଂ ପାଇନ ପତ୍ର ପରି ଛୁଞ୍ଚି ଭଳି ଦେଖାଯାଏ। ଏହାର ମୂଳ ଏକାଧିକ ସଂଖ୍ୟାରେ ଗୁଚ୍ଛ ହୋଇ ରହିଥିବା କନ୍ଦମୟ, ଧଳା ଓ ମୂଳା ଆକୃତିର। ପୁଷ୍ପଦଗମ ଅନେକ ଛୋଟ ଛୋଟ ଧଳା ସୁଗନ୍ଧିତ ଫୁଲ ଧାରଣ କରିଥାଏ। ଫଳଗୁଡ଼ିକ ଛୋଟ ବେରି ଆକାରରେ ଥାଏ, ଯାହାର ରଙ୍ଗ ଦେଖିବାକୁ ବାଇଗଣୀରୁ କଳା।

ଆୟୁର୍ବେଦ ଶାସ୍ତ୍ରରେ ଶତାବରୀକୁ ଔଷଧି ଉଦ୍ଭିଦ ଜଗତର ରାଣୀ ଭାବରେ ବର୍ଣ୍ଣନା କରାଯାଇଛି। ଏହା ଏକ ମିଠା ଓ ତିକ୍ତଯୁକ୍ତ ପ୍ରାକୃତିକ ଔଷଧି, ଯାହା ପୁଷ୍ଟିକର ଟନିକ୍, ଆଣ୍ଟାସିଡ୍ ବା ଅମ୍ଳରୋଧକ, ମୂତ୍ରବର୍ଦ୍ଧକ, ନବଯୌବନ ପ୍ରାପ୍ତି, କାମୋଦ୍ଦୀପକ, ରେଚକ, ମାଂସପେଶୀ ସଙ୍କୋଚ ନିରୋଧକ, ଆଣ୍ଟିଟ୍ୟୁମର, ଜ୍ୱଳନ ନିରୋଧୀ, ଆଣ୍ଟି-ଡିପ୍ରେସାଣ୍ଟ ବା ଅବସାଦ ନିରୋଧକ, ଆଣ୍ଟି-ମାଇକ୍ରୋବାୟଲ୍, ଆଣ୍ଟି-ଅକ୍ସିଡାଣ୍ଟ, ଆଡାପ୍ଟୋଜେନିକ୍ ଏବଂ ଇମ୍ୟୁନୋମୋଡ୍ୟୁଲେଟର ଭାବରେ ଅନେକ ଔଷଧୀୟ ଗୁଣ ସହିତ ଆଶୀର୍ବାଦପ୍ରାପ୍ତ। ଶତାବରୀ ପିତ୍ତଦୋଷକୁ ସନ୍ତୁଳିତ କରିବା, ଧଳା ରକ୍ତକୋଷର ସ୍ତର ବୃଦ୍ଧି, ପ୍ରତିରୋଧ ଶକ୍ତିକୁ ଉତ୍ତେଜିତ କରିବା, କ୍ୟାଣ୍ଡିଡା ଭଳି ଫୁରଫୁରି ବା ଫଙ୍ଗସର ମୁକାବିଲାରେ ଫଳପ୍ରଦ ପ୍ରୟୋଗ। ଏହା ମଧ୍ୟ ଜ୍ୱର, ପ୍ରଦାହ, ପେଟ ଅଲସର, ହଇଜା, ଟାଇଫଏଡ୍ ପତଳା ଝାଡ଼ା, ଚର୍ମରୋଗର ଚିକିତ୍ସା ପାଇଁ ଏହା ଏକ ମହୌଷଧୀ।

ଶତାବରୀ ମୂଳରେ ସାର୍ସାପୋଜେନିନ୍, ସ୍ପାଇରୋଷ୍ଟାନୋଲିକ୍ ଏବଂ ଫୁରୋଷ୍ଟାନୋଲିକ୍ ସ୍ୟୋନିନ୍, ସିଟୋଷ୍ଟେରୋଲ୍, ଆସ୍ପାରାଗାମିନ୍ ଏ ପ୍ରଚୁର ପରିମାଣରେ ଥାଏ। ଫଳଗୁଡ଼ିକରେ ବି-ସିଟୋଷ୍ଟେରୋଲ୍, ସାର୍ସାପୋଜେନିନ୍, ଡାୟୋସେନିନ୍, ଆସ୍ପାରାମିନ୍ ଏ ଏବଂ ବି ଥାଏ। ପତ୍ରଗୁଡ଼ିକ ଫ୍ଲାଭୋନଏଡ୍ସ, ରୁଟିନ୍ର ଏକ ପ୍ରଚୁର ଉତ୍ସ, ଯାହା ଇ.କୋଲି ଏବଂ ଷ୍ଟାଫିଲୋକୋକସ୍ ଭଳି ବ୍ୟାକ୍ଟେରିଆ ସହିତ ମୁକାବିଲା ଶକ୍ତି ରହିଛି। 'ଶତବରୀ'ନାମଟି 'ଯାହାର ୧୦୦ ସ୍ୱାମୀ ଅଛନ୍ତି' ବୋଲି ବ୍ୟାଖ୍ୟା କରେ, ଯାହା ମହିଳା ପ୍ରଜନନ କ୍ଷମତା ଏବଂ ଋତୁସ୍ରାବକୁ ନିୟମିତ କରିବା ଏବଂ ମାତୃକ୍ଷୀର ବୃଦ୍ଧି ପାଇଁ ଉପାଦେୟ। ଏହା ଆମେନୋରିଆ, ଡିସମେନୋରିଆ, ଲ୍ୟୁକୋରିଆ ଏବଂ ଅନ୍ୟାନ୍ୟ ପେଲଭିକ୍ ପ୍ରଦାହ ରୋଗରେ ଅତ୍ୟନ୍ତ ଲାଭଦାୟକ ଔଷଧି। କୋଭିଡ୍ ସମୟରେ ଲୋକମାନେ ଶତାବରୀର ଲାଭ ପାଇଛନ୍ତି ଏବଂ ତା'ପରେ ଏହି ଔଷଧିର ପ୍ରତିରୋଧକ ଶକ୍ତି ବୃଦ୍ଧିକାରୀ ଭାବରେ ବ୍ୟବହାର ବୃଦ୍ଧି ପାଇଛି। ଏହା ପୁରୁଷମାନଙ୍କ ମଧ୍ୟରେ ଷ୍ଟାମିନା ବୃଦ୍ଧି, ଇରେକ୍ଟାଇଲ୍ ଡିସଫଙ୍କସନ୍ ଏବଂ ଅକାଳ ବୀର୍ଯ୍ୟପାତ ପରିଚାଳନା ପାଇଁ ଉପଯୋଗୀ। ଶତାବରୀ ମୂଳ ଏବଂ ପତ୍ର ମୁଖ୍ୟତଃ ଔଷଧୀୟ ଉଦ୍ଦେଶ୍ୟରେ ବ୍ୟବହୃତ ହୁଏ। ଶତାବରୀ କିଛି ଲୋକଙ୍କଠାରେ ଫୁସଫୁସ କିମ୍ବା ଚର୍ମର ଆଲର୍ଜିକ ପ୍ରତିକ୍ରିୟା ସୃଷ୍ଟି କରିପାରେ। ବୃକକ୍ ବିକାର କିମ୍ବା ହୃଦୟର ଅସମ୍ପୂର୍ଣ୍ଣ କାର୍ଯ୍ୟକାରିତା ଯୋଗୁଁ ଆକ୍ରାନ୍ତ ଥିବା ଲୋକଙ୍କଠାରେ ଏହାର ବ୍ୟବହାର ଏଡ଼ାଇବା ଉଚିତ।

ଶତାବରୀର ମୂଳ ବା ଚେର ହେଉଛି ଅଧିକ ମୂଲ୍ୟଯୁକ୍ତ। ତେବେ ଏହାର କାଣ୍ଡ ଓ ପତ୍ରର ନିଜସ୍ୱ ମୂଲ୍ୟ ଓ ଚାହିଦା ରହିଛି। ଅଧିକ ଉପାଦେୟ ଅମଳ ପାଇଁ ଆର୍ଦ୍ରତା ସ୍ତର ପହଞ୍ଚିବା ପର୍ଯ୍ୟନ୍ତ ଏହାକୁ କାଟି ଭଲ ଭାବରେ ଶୁଖାଯାଇପାରିବ। ଚେର ଗୁଡ଼ିକୁ ମାଟି ଏବଂ କାଦୁଅ କଣିକା ଗୁଡ଼ିକୁ ଅପସାରଣ କରିବା ପାଇଁ ଧୋଇ ଦିଆଯାଏ। ଧୋଇବା ପରେ ଲମ୍ବା ମୂଳଗୁଡ଼ିକୁ ଫୁଟା ଯାଏ ଏବଂ ଛଡ଼ା ଯାଏ (ଆଳୁର ଚୋପା ପରି ମୂଳର ଛେଦା ବାହାର କରି)। ପୂର୍ବରୁ ଏହି ଔଷଧି ତୃଣ ଜଙ୍ଗଲରୁ ସଂଗ୍ରହ କରାଯାଉଥିଲା ଏବଂ ଏହାର ବିପୁଳ ଚାହିଦା ଏବଂ ଔଷଧୀୟ ମୂଲ୍ୟ ହେତୁ ସ୍ଥାୟୀତ୍ୱ ବଜାୟ ନ ରଖି ଏହାକୁ ଶୋଷଣ କରାଯାଉଥିଲା। ଏବେ ଏହାକୁ ବିଭିନ୍ନ ଆୟୁର୍ବେଦ ଔଷଧ କମ୍ପାନୀମାନେ ବ୍ୟବସାୟ ପାଇଁ ଚାଷ କରୁଛନ୍ତି।

ଭୁବନେଶ୍ୱର, ମୋ: ୯୪୩୭୧୯୦୪୨୦

ସକାଳ THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ରାହୁଲଙ୍କୁ କର୍ଣ୍ଣାଟକ ସିଇଓଙ୍କ ନୋଟିସ

## ଭୋଟ ଚୋରି ଅଭିଯୋଗର ପ୍ରମାଣ ମାଗିଲେ





**ବେଙ୍ଗାଲୁରୁ, ୧୦।୮ (ଏଜେନ୍ସି):** କର୍ଣ୍ଣାଟକ ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ) ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କୁ ନୋଟିସ ଜାରି କରିଛନ୍ତି। ୨୦୨୪ ଲୋକସଭା ନିର୍ବାଚନରେ ଭୋଟର ଜାଲିଆତିକୁ ନେଇ ରାହୁଲ ଲଗାଇଥିବା ଅଭିଯୋଗର ପ୍ରମାଣ ମାଗିଛନ୍ତି। ଗତ ୭ ତାରିଖରେ ରାହୁଲ ଦିଲ୍ଲୀରେ ସାମ୍ବାଦିକ ସମ୍ମିଳନୀ କରି ଗମ୍ଭୀର ଅଭିଯୋଗ ଲଗାଇ ଥିଲେ। ବେଙ୍ଗାଲୁରୁ ସେଣ୍ଟ୍ରାଲର ମହାଦେବପୁରା ବିଧାନସଭା କ୍ଷେତ୍ରରେ ବିପୁଳ ଭୋଟ ଜାଲିଆତି ହୋଇଥିବା ଅଭିଯୋଗ କରିଥିଲେ। ସକୁନା ରାଣୀ ନାମକ ଭୋଟର ଦୁଇ ଥର ଭୋଟ ଦେଇଥିବା ଅଭିଯୋଗ କରିଥିଲେ। ନିର୍ବାଚନ କମିଶନଙ୍କ ତଥ୍ୟରେ ଏହି ସୂଚନା ଦିଆଯାଇଥିବା କହିଥିଲେ। ଏବେ ଏହାକୁ ନେଇ କର୍ଣ୍ଣାଟକ ସିଇଓ ରାହୁଲଙ୍କୁ ନୋଟିସ ଜାରି କରିଛନ୍ତି। କେଉଁ ଆଧାରରେ ଏହି ଅଭିଯୋଗ ଲଗାଇଲେ ତାହାର ପ୍ରମାଣ ଦେବାକୁ ଏଥିରେ କୁହାଯାଇଛି। ସିଇଓଙ୍କ କାର୍ଯ୍ୟାଳୟ ପକ୍ଷରୁ ଏହି ଅଭିଯୋଗର ଯାଞ୍ଚ କରାଯାଇଥିଲା। ରାହୁଲ ସାମ୍ବାଦିକ ସମ୍ମିଳନୀରେ ଦେଖାଇଥିବା ଠିକ୍ ଚିହ୍ନ ଇସିଙ୍କ ଅଫିସିଆଲ ଡକୁମେଣ୍ଟରେ ନାହିଁ। ଏ ନେଇ ଶକୁନୀ ରାଣୀ ମଧ୍ୟ ଟିପ୍ପଣୀ ଦେଇଛନ୍ତି। ସେ କେବଳ ଥରେ ଭୋଟ ଦେଇଥିବା କହିଛନ୍ତି। ତେଣୁ ବିସ୍ତୃତ ବିବରଣୀ ଦେଲେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କୁହାଯାଇଛି। ଅନ୍ୟପକ୍ଷରେ ମହାରାଷ୍ଟ୍ର ଏବଂ ହରିୟାଣା ରାଜ୍ୟ ସିଇଓ ରାହୁଲଙ୍କୁ ନୋଟିସ୍ ଜାରି କରିଥିବା ସୂଚନା ମିଳିଛି।

# ୨ଟି ଭୋଟର କାର୍ଡ ରଖିଛନ୍ତି ଉପମୁଖ୍ୟମନ୍ତ୍ରୀ: ତେଜସ୍ୱୀ

**ପାଟନା, ୧୦।୮ (ଏଜେନ୍ସି):** ବିହାର ବିଧାନସଭା ନିର୍ବାଚନ ପୂର୍ବରୁ ରାଜନୀତି ସରଗରମ ହୋଇ ଉଠିଛି। ଦୁଇଟି ଭୋଟର କାର୍ଡକୁ ନେଇ ଆରଜେଡି ନେତା ତେଜସ୍ୱୀ ଯାଦବଙ୍କୁ ନିର୍ବାଚନ କମିଶନ ନୋଟିସ ଜାରି କରି ଜବାବ ମାଗିଛନ୍ତି। ଏବେ ତେଜସ୍ୱୀ ନିଜେ ବଡ଼ ଦାବି କରିଛନ୍ତି। ବିହାର ଉପ-ମୁଖ୍ୟମନ୍ତ୍ରୀ ବିଜୟକୁମାର ସିହ୍ନାଙ୍କ ପାଖରେ ୨ଟି ଭୋଟର କାର୍ଡ ରହିଛି ବୋଲି ସେ କହିଛନ୍ତି। ଭୋଟର ତାଲିକାରେ ଲକ୍ଷ୍ମୀସରାୟ ଏବଂ ପାଟନାର ବାଙ୍କିପୁର ବିଧାନସଭା କ୍ଷେତ୍ରରେ ଶ୍ରୀ ସିହ୍ନାଙ୍କ ନାମରେ ଏପିକ ନମ୍ବର ରହିଛି ବୋଲି ବିରୋଧୀ ଦଳନେତା ତେଜସ୍ୱୀ ଯାଦବ ଅଭିଯୋଗ କରିଛନ୍ତି। ଉଭୟରେ ବୟସ ଏବଂ ଠିକଣା ଅଲଗା ଅଲଗା ରହିଛି। ତେବେ ମାତାପିତାଙ୍କ ନାମ ସମାନ ରହିଛି। କିନ୍ତୁ ଗୋଟିଏ ଭୋଟର ଆଇକାର୍ଡରେ ପିତାଙ୍କ ନାମରେ ସ୍ୱର୍ଗତ ଶାରଦା ରମଣ ସିଂହ ଲେଖା ହୋଇଛି। ୨୦୨୦ରେ ଉପ-ମୁଖ୍ୟମନ୍ତ୍ରୀ ଦାଖଲ କରିଥିବା ସତ୍ୟପାଠରେ ବୟସ ୫୪ ଏବଂ ଠିକଣାରେ ପାଟନାର ଏକ୍ଜିବେସନ ରୋଡ ସ୍ଥିତ ଘର ଉଲ୍ଲେଖ କରାଯାଇଥିଲା। ଏହି ଠିକଣା ଉଭୟ ଭୋଟର କାର୍ଡରେ ନ ଥିବା ଜଣାପଡ଼ିଛି। ଏହାକୁ ନେଇ ତେଡସ୍ୱୀ ଯାଦବ ରବିବାର ସାମ୍ବାଦିକ ସମ୍ମିଳନୀ କରିଛନ୍ତି।

ତେଜସ୍ୱୀ କହିଛନ୍ତି ଯେ ସିହ୍ନାଙ୍କ ଦୁଇଟି ଭୋଟର କାର୍ଡରେ ବୟସ ଅଲଗା ଅଲଗା ରହିଛି। ସେ ଉପ-ମୁଖ୍ୟମନ୍ତ୍ରୀଙ୍କ ଏପିକ ନମ୍ବରକୁ ଅନ୍‌ଲାଇନରେ ଯାଞ୍ଚ କରି ଦେଖାଇ ଥିଲେ। ମାତ୍ର ଏହି ସମୟରେ ହଠାତ୍ ବିଦ୍ୟୁତ କଟି ଯାଇଥିଲା। ଏହା ମୁଖ୍ୟମନ୍ତ୍ରୀଙ୍କ ମାଗଣା ବିଜୁଳି କି ବୋଲି ତେଜସ୍ୱୀ ପ୍ରଶ୍ନ କରିଥିଲେ। ସେ ଏହି ଅଭିଯୋଗ ଲଗାଇ ସ୍ପେସିଆଲ ଇଣ୍ଟେନସିଭ ରିଭିଜନ ( ଏ ସ ଆ ଇ ଆ ର ) ଉପରେ ପ୍ରଶ୍ନ ଉଠାଇଛନ୍ତି। ବିଜୟ ସିହ୍ନା ଉଭୟ ସ୍ଥାନକୁ ଯାଇ ସ୍ୱାକ୍ଷର କରିଛନ୍ତି କିମ୍ବା ନିର୍ବାଚନ କମିଶନ ଜାଲିଆତି କରିଛନ୍ତି। ବିହାର ଉପ-ମୁଖ୍ୟମନ୍ତ୍ରୀ ଜାଲ୍ କି ବୋଲି ସେ ପଚାରିଛନ୍ତି। ଇସିଙ୍କୁ ନିରପେକ୍ଷ ଏବଂ ସ୍ୱଚ୍ଛତା କଥା କୁହାଯାଉଛି।




ନିଜ ଉପରେ ମିଡିଆ ଟ୍ରାଏଲ ହେଉଥିବା ତେଜସ୍ୱୀ ଅଭିଯୋଗ କରିଛନ୍ତି। ଦିଲ୍ଲୀରେ ବସି କିଛି ଲୋକ ଜେଲ୍ ପଠାଇବାକୁ ଚାହୁଁଥିଲେ। ଗତ ୭ ତାରିଖ ସନ୍ଧ୍ୟାରେ ଇସି ତାଙ୍କୁ ନୋଟିସ ଜାରି କରିଥିଲେ। ପରଦିନ ସକାଳେ ସ୍ପିଡ୍ ପୋଷ୍ଟରେ ଏହାର ଜବାବ ଦିଆଯାଇଥିଲା। ଏପରି ଭାବେ ଜିଲ୍ଲା ପ୍ରଶାସନ ଉପମୁଖ୍ୟମନ୍ତ୍ରୀଙ୍କୁ ନୋଟିସ୍ ପଠାଇବ କି? ବିଜେପିର ଦୁଇ ଉପ-ମୁଖ୍ୟମନ୍ତ୍ରୀ ଅଜବ ଲୋକ। ସମ୍ରାଟ ଚୌଧୁରୀ ପ୍ରଥମେ ବୟସ ଜାଲିଆତି କରିଥିଲେ। ଏବେ ବିଜୟ ସିହ୍ନା ମଧ୍ୟ ଏପରି କରିଛନ୍ତି। ସେ ଜାଲିଆତି କରିଥିବା ଜଣାପିଡ଼ିଲେ ଇସ୍ତଫା ଦେବା ଉଚିତ। ଯଦି ଇସି ଭୁଲ୍ ତେବେ ଏସଆଇଆର ପ୍ରତ୍ୟାହାର କରାଯିବା ଉଚିତ।


ମୁଖ୍ୟ ନିର୍ବାଚନ କମିଶନଙ୍କୁ ତେଜସ୍ୱୀ ଆହ୍ୱାନ ଦେଇଛନ୍ତି। ବିଧାନସଭା କ୍ଷେତ୍ରକୁ ଆସି ବନ୍ୟା ସ୍ଥିତି ଦେଖିବାକୁ କହିଛନ୍ତି। ଦିଲ୍ଲୀରେ ବସି ବିଜେପି କଥାରେ ସବୁ କିଛି ହେବନାହିଁ। ପୋଷ୍ଟ ଅଫିସ ହୋଇ ରହିଲେ ଚଳିବ ନାହିଁ। ଏସଆଇଆରରେ ୬୫ ଲକ୍ଷ ଲୋକଙ୍କ ନାମ କଟାଯାଇଛି। ଏହାର ବିସ୍ତୃତ ତଥ୍ୟ ଲୋକଙ୍କ ସାମ୍ନାରେ ରଖନ୍ତୁ। ୨୨ ଲକ୍ଷଙ୍କ ମୃତ୍ୟୁ ହୋଇଥିବା କୁହାଯାଉଛି। ସମସ୍ତଙ୍କ ମୃତ୍ୟୁ ପ୍ରମାଣପତ୍ର ନିଆଯାଇଛି କି? ଏହି ପ୍ରମାଣପତ୍ର ବି ଦେଖାଇବାକୁ ହେବ।

## ଭାରତକୁ ମୁନିରଙ୍କ ପରମାଣୁ ଧମକ

**ୱାଶିଂଟନ, ୧୦।୮ (ଏଜେନ୍ସି):** ପାକିସ୍ତାନ ସେନାମୁଖ୍ୟ ତଥା ଫିଲ୍ଡ ମାର୍ଶାଲ ଅସୀମ ମୁନିର ଦ୍ୱିତୀୟ ଥର ପାଇଁ ଆମେରିକା ଗସ୍ତରେ ଯାଇଛନ୍ତି। ସେ ସେଠାରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଭେଟିବାର କାର୍ଯ୍ୟକ୍ରମ ରହିଛି। ମାତ୍ର ଏହା ପୂର୍ବରୁ ସେ ଆମେରିକାରୁ ଭାରତକୁ ପରମାଣୁ ଯୁଦ୍ଧର ଧମକ ଦେଇଛନ୍ତି। ସିନ୍ଧୁ ଜଳ ଚୁକ୍ତି ସ୍ଥଗିତ କରି ଭାରତ ଏହା ଉପରେ ବନ୍ଧ ନିର୍ମାଣ କଲେ ୧୦ କ୍ଷେପଣାସ୍ତ୍ର ମାଡ଼ କରି ଏହାକୁ ଧ୍ୱଂସ କରିଦେବୁ। ପାକିସ୍ତାନ ପାଖରେ କ୍ଷେପଣାସ୍ତ୍ରର ମଧ୍ୟ କୌଣସି ଅଭାବ ନାହିଁ। ଭାରତ ଉପରେ ଆକ୍ରମଣ କରିବୁ ବୋଲି ସେ କହିଛନ୍ତି। ମୁନିରଙ୍କ ଅନୁଯାୟୀ ସିନ୍ଧୁ ନଦୀ ଭାରତର ବ୍ୟକ୍ତିଗତ ସମ୍ପତ୍ତି ନୁହେଁ। ସିନ୍ଧୁ ଚୁକ୍ତି ରଦ୍ଦ ନିଷ୍ପତ୍ତି ଦ୍ୱାରା ୨୫ କୋଟି ଲୋକ ଅନାହାର ମୃତ୍ୟୁମୁଖରେ ପଡ଼ିପାରନ୍ତି। ପାକିସ୍ତାନ ଏକ ପରମାଣୁ ଶକ୍ତି ସମ୍ପନ୍ନ ରାଷ୍ଟ୍ର। ଯଦି ଦେଶ ବୁଡିଯିବ ବୋଲି ଲାଗିବ ତେବେ ଅଧା ବିଶ୍ୱକୁ ଆମେ ସାଙ୍ଗରେ ନେଇଯିବୁ। ଟାମ୍ପାର ଗ୍ରାଣ୍ଡ ହାୟେତ ହୋଟେଲରେ ପାକିସ୍ତାନ ବଂଶୋଦ୍ଭବ ବ୍ୟବସାୟୀ ଅଦନାନ ଅସଦଙ୍କ ପକ୍ଷରୁ ଆୟୋଜିତ ନୈଶ୍ୟ ଭୋଜିରେ ସାମିଲ ହୋଇ ମୁନିର ଏହି ଧମକ ଦେଇଛନ୍ତି। ଏଠାରେ ପାକିସ୍ତାନ ଦୂତାବାସର ୧୨୦ ଅଧିକାରୀ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଲୋକଙ୍କଠାରୁ ସୂଚନା ସଂଗ୍ରହ କରି ଅନ୍ତର୍ଜାତୀୟ ଗଣମାଧ୍ୟମ ପକ୍ଷରୁ ଏହି ରିପୋର୍ଟ ପ୍ରକାଶ ପାଇଛି। ଏଠାରେ ମୁନିର ଭାରତକୁ ଚମକୁଥିବା ମର୍ସିଡିଜ ଏବଂ ପାକିସ୍ତାନକୁ ବାଲି ଭର୍ତ୍ତି ଡମ୍ପର ଟ୍ରକ ସହ ତୁଳନା କରିଥିଲେ। ଟ୍ରକ ସହ କାର ଧକ୍କା ହେଲେ କାହାର କ୍ଷତି ହେବ ବୋଲି ପଚାରି ଥିଲେ। ପୂର୍ବ ଭାରତରୁ ଆକ୍ରମଣ କରିବୁ ବୋଲି ମୁନିର କହିଥିଲେ। କାରଣ ଏଠାରେ ବହୁ ମୂଲ୍ୟବାନ ସମ୍ବଳ ରହିଛି। ଏଠାରୁ ପରେ ପଶ୍ଚିମ ଭାରତ ଅଭିମୁଖେ ଅଗ୍ରସର ହେବୁ। ସୂଚନା ଅନୁଯାୟୀ ମୁନିର ଆମେରିକା ମଧ୍ୟ କମାଣ୍ଡରର ଜେନେରାଲ ମାଇକେଲ କୁରିଲ୍ଲଙ୍କ ଅବସର କାର୍ଯ୍ୟକ୍ରମରେ ସାମିଲ ହେବା ପାଇଁ ଆମେରିକା ଗସ୍ତରେ ଯାଇଛନ୍ତି। ଏହି କାର୍ଯ୍ୟକ୍ରମରେ ଇସ୍ରାଏଲ ସେନାର ପ୍ରତିନିଧି ମଧ୍ୟ ସାମିଲ ଥିଲେ। ଦୁଇ ମାସରେ ଦ୍ୱିତୀୟଥର ପାଇଁ ସେ ଆମେରିକା ଗସ୍ତରେ ଅଛନ୍ତି। ଏହା ପୂର୍ବରୁ ଏପ୍ରିଲ ୧୪ରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ତାଙ୍କ ପାଇଁ ନୈଶ୍ୟଭୋଜି ଆୟୋଜନ କରିଥିଲେ।

## ଆଇପିଏସ୍ ବାପାଙ୍କୁ କୋର୍ଟକୁ ଟାଣି ଜିତିଲେ ଓକିଲ ଝିଅ

**ଲକ୍ଷ୍ନୌ, ୧୦।୮ (ଏଜେନ୍ସି):** ଉତ୍ତର ପ୍ରଦେଶ ଲକ୍ଷ୍ନୌର ଏକ କୋର୍ଟରୁମ୍‌ରୁ ଭିନ୍ନ ଦୃଶ୍ୟ ସାମ୍ନାକୁ ଆସିଛି। ଏହା କୌଣସି ଚଳଚ୍ଚିତ୍ର ଦୃଶ୍ୟଠାରୁ କମ୍ ନୁହେଁ। ଅବସରପ୍ରାପ୍ତ ଆଇପିଏସ ବାପା ଦେଇଥିବା ନିଲମ୍ବନ ନିର୍ଦ୍ଦେଶ ବିରୋଧରେ ଓକିଲ ଝିଅ ମାମଲା ଲଢ଼ିଛି। ଆଉ କୋର୍ଟରେ ବାପାଙ୍କ ସହ ମୁହାଁମୁହିଁ ହୋଇଛି। ବିଜୟୀ ହୋଇ କନଷ୍ଟେବଲଙ୍କ ନିଲମ୍ବନ ନିର୍ଦ୍ଦେଶକୁ ପ୍ରତ୍ୟାହାର କରିବାରେ ସଫଳ ହୋଇଛନ୍ତି। ଏହି ମାମଲା ବରେଲି ରେଞ୍ଜର ପୂର୍ବତନ ଆଇଜ ରାକେଶ ସିଂହ ଏବଂ ତାଙ୍କ ଓକିଲ ଝିଅ ଅନୁରା ସିଂହଙ୍କ ସହ ଜଡ଼ିତ। ୨୦୨୩ ଜାନୁଆରୀରେ ତ୍ରିବେଣୀ ଏକ୍ସପ୍ରେସରେ ଯାଉଥିବା ଜଣେ ବାଳିକା କନଷ୍ଟେବଲ ତୌଫିକ ଅହମ୍ମଦଙ୍କ ବିରୋଧରେ ଯୌନ ନିର୍ଯାତନା ଅଭିଯୋଗ ଲଗାଇ ଥିଲେ। ଏ ନେଇ ବାଳିକାଙ୍କ ପିତା ପୋକ୍ସ ଅଧିନରେ ଏତଲା ରୁଜୁ କରିଥିଲେ। ମାତ୍ର ନିମ୍ନ କୋର୍ଟ ଅହମ୍ମଦଙ୍କୁ ଦୋଷମୁକ୍ତ କରିବା ପରେ ପୁଲିସ ବିଭାଗ ତାଙ୍କୁ ଚାକିରିରୁ ବରଖାସ୍ତ କରିଦେଇଥିଲା। ଏହା ବିରୋଧରେ ଅହମ୍ମଦ କରିଥିବା ଆବେଦନକୁ ଆଇଜି ରାକେଶ ସିଂହ ଖାରଜ କରିଦେଇଥିଲେ। ତେଣୁ ଅହମ୍ମଦଙ୍କ ପକ୍ଷରୁ ଅନୁରା ଏହି ମାମଲାରେ ଆହ୍ଲାବାଦ ହାଇକୋର୍ଟ ଯାଇଥିଲେ। କୋର୍ଟରେ ଅନୁରା ଯୁକ୍ତି କରିଥିଲେ ଯେ ବିଭାଗୀୟ ତଦନ୍ତ ଏବଂ ବରଖାସ୍ତ ନିର୍ଦ୍ଦେଶ ତ୍ରୁଟିପୂର୍ଣ୍ଣ ଥିଲା। ଏହା ନିୟମ ଅନୁଯାୟୀ ହୋଇ ନ ଥିଲା। ଏହି ମାମଲାରେ କୋର୍ଟ ତାଙ୍କ ବାପାଙ୍କୁ ସମନ ଜାରି କରିଥିଲେ। ରାକେଶ ସିଂହ ଉପସ୍ଥିତ ହୋଇ ବିଭାଗୀୟ କାର୍ଯ୍ୟାନୁଷ୍ଠାନକୁ ଉଚିତ ଦର୍ଶାଇ ଥିଲେ। ତେବେ ଅନୁରା ପୁଲିସ ବିଭାଗର ଭୁଲ୍ ଦର୍ଶାଇ ତାଙ୍କ ମହକିଲଙ୍କ ସହ ଅନ୍ୟାୟ ହୋଇଥିବା କହିଥିଲେ। ପରେ ହାଇକୋର୍ଟ ଅହମ୍ମଦଙ୍କ ସପକ୍ଷରେ ରାୟ ଦେଇ ତାଙ୍କୁ ପୁର୍ନଅବସ୍ଥାପିତ କରିଥିଲେ। ଗତ ଜୁଲାଇରେ କୋର୍ଟ ଏହି ରାୟ ଦେଇଥିଲେ। ଝିଅର ଏହି ବିଜୟକୁ ନେଇ ବାପା ଗର୍ବିତ ବୋଲି କହିଥିଲେ।




# ଟ୍ରମ୍ପଙ୍କୁ ମୋଦୀ ଓ ରାଜନାଥଙ୍କ ନିଶାଣ

## ମୃତ ନୁହେଁ; ବିଶ୍ୱର ତୃତୀୟ ବୃହତ ଅର୍ଥନୀତି ହେବାକୁ ଯାଉଛି ଭାରତ: ପ୍ରଧାନମନ୍ତ୍ରୀ

**ବେଙ୍ଗାଲୁରୁ, ୧୦।୮ (ଏଜେନ୍ସି):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ରବିବାର ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟାର୍ଗେଟ କରିଛନ୍ତି। ଉଭୟେ ବିଭିନ୍ନ ପ୍ରସଙ୍ଗରେ ଟ୍ରମ୍ପଙ୍କୁ ସମାଲୋଚନା କରିଛନ୍ତି। ବେଙ୍ଗାଲୁରୁରୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ 'ମୃତ ଅର୍ଥନୀତି' ମନ୍ତବ୍ୟର ଜବାବ ଦେଇଛନ୍ତି ପ୍ରଧାନମନ୍ତ୍ରୀ ମୋଦୀ। ଟ୍ରମ୍ପଙ୍କ ନାମ ନ ନେଇ ସେ କହିଛନ୍ତି ଯେ ଭାରତ ବିଶ୍ୱର ଦ୍ରୁତ ଅଭିବୃଦ୍ଧିଶୀଳ ଅର୍ଥନୀତି। ଭାରତ ଦଶ ନମ୍ବରରୁ ୫ ନମ୍ବରକୁ ଆସିଯାଇଛି। ମୃତ ନୁହେଁ, ଖୁବଶୀଘ୍ର ଦେଶ ବିଶ୍ୱର ତୃତୀୟ ବୃହତ୍ତ ଅର୍ଥନୀତି ହେବାକୁ ଯାଉଛି। ଏହା ସଂସ୍କାର, ପ୍ରଦର୍ଶନ ଏବଂ ରୂପାନ୍ତରଣ ଯୋଗୁଁ ସମ୍ଭବ ହୋଇଛି। ଦେଶ ସଫଳତାର ପତାକା ଉଡ଼ାଉଛି। ସୂଚନାଯୋଗ୍ୟ ଯେ ଗତ ୩୧ ତାରିଖରେ ଟ୍ରମ୍ପ ଭାରତ ଉପରେ ୨୫ ପ୍ରତିଶତ ଶୁଳ୍କ ଲଗାଇ ଥିଲେ। ଭାରତ ଏବଂ ରୁଷକୁ ମୃତ ଅର୍ଥନୀତି କହିଥିଲେ। ଆଜି ବେଙ୍ଗାଲୁରୁରେ ମେଟ୍ରୋ ରେଳର ୟେଲୋ ଲାଇନ ଏବଂ ତିନୋଟି ବନ୍ଦେ ଭାରତ ଏକ୍ସପ୍ରେସ ଚଳାଚଳର ଶୁଭାରମ୍ଭ ଅବସରରେ ଆୟୋଜିତ କାର୍ଯ୍ୟକ୍ରମକୁ ସମ୍ବୋଧନ କରି ମୋଦୀ ଏହି ଟିପ୍ପଣୀ ଦେଇଛନ୍ତି।







### ଭାରତର ବିକାଶକୁ ସହି ପାରୁନାହାନ୍ତି 'ବସ୍': ପ୍ରତିରକ୍ଷା ମନ୍ତ୍ରୀ

ମୋଦୀ 'ଅପରେସନ ସିନ୍ଦୂର'କୁ ନେଇ କହିଛନ୍ତି ଯେ ଆତଙ୍କବାଦୀ ଏବଂ ପାକିସ୍ତାନକୁ ଦୃଢ଼ ଜବାବ ଦେଇଥିବା ଭାରତୀୟ ସେନାର କ୍ଷମତା ସାରା ବିଶ୍ୱ ଦେଖିଛି। ଏହି ସଫଳତା ପଛରେ ଭାରତୀୟ ପ୍ରଯୁକ୍ତିବିଦ୍ୟା ଏବଂ 'ମେକ୍ ଇନ୍ ଇଣ୍ଡିଆ'ର ଶକ୍ତି ରହିଛି। ଏଥିରେ ବେଙ୍ଗାଲୁରୁର ବହୁତ ଯୋଗଦାନ ରହିଛି।

ଅନ୍ୟପକ୍ଷରେ ଡୋନାଲ୍ଡ ଟ୍ରମ୍ପଙ୍କ ଉପରେ ବର୍ଷିଛନ୍ତି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ। ସେ ଟ୍ରମ୍ପଙ୍କ ନାମ ନ ନେଇ କହିଛନ୍ତି, ଭାରତର ଦ୍ରୁତ ବିକାଶକୁ 'ସମସ୍ତଙ୍କ ବସ୍' ସହିପାରୁ ନାହାନ୍ତି। ତେଣୁ ଭାରତରେ ନିର୍ମିତ ଉତ୍ପାଦର ମୂଲ୍ୟ ବଢ଼ାଇବାକୁ ଚାହୁଁଛନ୍ତି। କିନ୍ତୁ ଭାରତକୁ ସୁପରପାୱାର ହେବାକୁ କେହି ରୋକିପାରିବେ ନାହିଁ ବୋଲି ରାଜନାଥ ସ୍ପଷ୍ଟ ବାର୍ତ୍ତା ଦେଇଛନ୍ତି। ମଧ୍ୟପ୍ରଦେଶ ରାଇସେନରେ ରେଳ ବଗି କାରଖାନାର ଶିଳାନ୍ୟାସ କରି ରାଜନାଥ ଏହି ଟିପ୍ପଣୀ ଦେଇଛନ୍ତି।

ରାଜନାଥ କହିଛନ୍ତି ଯେ କିଛି ଲୋକ ନିଜକୁ ଦୁନିଆର ବସ ଭାବୁଛନ୍ତି, କିନ୍ତୁ ତାଙ୍କୁ ଜଣା ନାହିଁ ଆମେ ସମସ୍ତଙ୍କ ବସ୍। କିଛି ଲୋକଙ୍କ ପାଇଁ ଭାରତର ଦ୍ରୁତ ଅଭିବୃଦ୍ଧି ଅସହ୍ୟ ହୋଇଛି। ତେଣୁ ଭାରତରେ ନିର୍ମିତ ସାମଗ୍ରୀକୁ ଅଧିକ ମହଙ୍ଗା କରିବାକୁ ପ୍ରୟାସ ହେଉଛି। ମାତ୍ର ଭାରତର ଆଭିମୁଖ୍ୟ ଭିନ୍ନ ରହିଛି। ଭାରତ କେବଳ ନିଜର ନୁହେଁ, ସାରା ବିଶ୍ୱର ମଙ୍ଗଳ ଚାହୁଁଛି। କିନ୍ତୁ ଯିଏ ଆକ୍ରମଣ କରୁଛି ତାହାକୁ ଛଡ଼ାଯିବ ନାହିଁ। ଧର୍ମ ଦେଖି ନୁହେଁ, କର୍ମ ଦେଖି ମାରିବୁ।

# ବାୟୁସୀମା ବନ୍ଦ କରି ୧୨୪୦ କୋଟି ହରାଇଲାଣି ପାକିସ୍ତାନ

**ଇସଲାମାବାଦ, ୧୦।୮ (ଏଜେନ୍ସି):** ଘୋର ଆର୍ଥିକ ସଙ୍କଟ ଦେଇ ଗତି କରୁଥିବା ପାକିସ୍ତାନକୁ ଆଉ ଏକ ବଡ଼ ଝଟ୍‌କା ଲାଗିଛି। ଭାରତୀୟ ବିମାନ ପାଇଁ ବାୟୁସୀମା ବନ୍ଦ କରିବା ପାକିସ୍ତାନ ପାଇଁ ମହଙ୍ଗା ପଡ଼ିଛି। ଏହି ନିଷ୍ପତ୍ତି ଇସଲାମାବାଦର ଆର୍ଥିକ କ୍ଷତି କରୁଛି। ଭାରତରେ ପଞ୍ଜିକୃତ, ପରିଚାଳିତ, ନିଜସ୍ୱ କିମ୍ବା ଭଡ଼ାରେ ନିଆଯାଇଥିବା ବିମାନ ପାଇଁ ବାୟୁସୀମା ବନ୍ଦ କରିବା ଯୋଗୁଁ ପାକିସ୍ତାନ ଗତ ୨ ମାସରେ ୧୨୪୦ କୋଟି ଟଙ୍କା ହରାଇଛି। ଏଥିଲାଗି ବିପୁଳ ରାଜସ୍ୱହାନି ହେଉଛି ବୋଲି ପ୍ରତିରକ୍ଷା ମନ୍ତ୍ରୀ ଖ୍ୱାଜା ମହମ୍ମଦ ଆସିଫ କହିଛନ୍ତି। ଗତ ଏପ୍ରିଲ ୩୦ରୁ ଜୁନ ୩୦ ମଧ୍ୟରେ ଦିନକୁ ପ୍ରାୟ ୧୦୦ରୁ ୧୫୦ ବିମାନ ଅନ୍ୟ ଆକାଶପଥ ମାର୍ଗରେ ଯାଉଛନ୍ତି। ଫଳରେ ପାକିସ୍ତାନ ଏୟାର ଟ୍ରାଫିକ ୨୦ ପ୍ରତିଶତ ହ୍ରାସ ପାଇଛି। ସୂଚନାଯୋଗ୍ୟ ଯେ ପହଲଗାମ ଆକ୍ରମଣ ପରେ ଭାରତ ସିନ୍ଧୁ ଚୁକ୍ତିକୁ ରଦ୍ଦ କରିଦେଇଥିଲା। ଭାରତର ଏହି ପଦକ୍ଷେପ ପରେ ଏପ୍ରିଲ ୨୪ରୁ ପାକିସ୍ତାନ ହଡ଼ବଡ଼େଇ ନିଜ ବାୟୁସୀମାକୁ ବନ୍ଦ କରିଦେଇଥିଲା।କିନ୍ତୁ ପାକିସ୍ତାନର ଏହି ନିଷ୍ପତ୍ତି ଦ୍ୱାରା ଭାରତର କୌଣସି କ୍ଷତି ହୋଇନାହିଁ। ଅନ୍ୟ ଆନ୍ତର୍ଜାତିକ ମାର୍ଗରେ ଭାରତୀୟ ବିମାନ କମ୍ପାନୀଗୁଡ଼ିକ ସେବା ଜାରି ରଖିଛନ୍ତି। ଅନ୍ୟପକ୍ଷରେ ଭାରତ ମଧ୍ୟ ଏପରି କାର୍ଯ୍ୟାନୁଷ୍ଠାନ ନେଇଛି। ପାକିସ୍ତାନୀ ବିମାନ କମ୍ପାନୀଗୁଡ଼ିକ ଉପରେ ଭାରତୀୟ ଆକାଶ ସୀମାରେ ପ୍ରବେଶକୁ ନିଷିଦ୍ଧ କରି ଦିଆଯାଇଛି। ସାମରିକ ବିମାନ ଚଳାଚଳ ରାଷ୍ଟ୍ରମନ୍ତ୍ରୀ ସ୍ପଷ୍ଟ କରିଛନ୍ତି ଯେ ଅଗଷ୍ଟ ୨୩ ପର୍ଯ୍ୟନ୍ତ ଏହି ନିଷ୍ପତ୍ତି ବଳବତ୍ତର ରହିବ।

## ପୁଣି ହୋଇପାରେ ଯୁଦ୍ଧ: ସେନାମୁଖ୍ୟ


**ଚେନ୍ନାଇ, ୧୦।୯:** ଖୁବଶୀଘ୍ର ପାକିସ୍ତାନ ସହ ପୁଣି ଯୁଦ୍ଧ ହୋଇପାରେ ବୋଲି ସ୍ଥଳ ସେନାଧ୍ୟକ୍ଷ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ ଆଶଙ୍କା କରିଛନ୍ତି। ସେହି ଅନୁସାରେ ଦେଶକୁ ପ୍ରସ୍ତୁତି କରିବାକୁ ପଡ଼ିବ ବୋଲି ସେ କହିଛନ୍ତି। ଚଳିତ ଥର ସମସ୍ତଙ୍କୁ ମିଶି ଲଢେଇ ଲଢିବାକୁ ପଡ଼ିବ ବୋଲି ସେ ଉଲ୍ଲେଖ କରିଛନ୍ତି। ବାୟୁସେନା ମୁଖ୍ୟଙ୍କ ପରେ 'ଅପରେସନ ସିନ୍ଦୂର'କୁ ନେଇ ସେ ମଧ୍ୟ ମୁହଁ ଖୋଲିଛନ୍ତି। ସେ ସମୟରେ ସରକାର ଆମକୁ ସମ୍ପୂର୍ଣ୍ଣ ସ୍ୱାଧୀନତା ଦେଇଥିଲେ ବୋଲି ସ୍ଥଳ ସେନାଧ୍ୟକ୍ଷ କହିଛନ୍ତି। ଏପ୍ରିଲ ୨୨ର ପହଲଗାମ ଆକ୍ରମଣ ସାରା ଦେଶକୁ ବଡ଼ ଆଘାତ ଦେଇଥିଲା। ଏପ୍ରିଲ ୨୩ରେ ପ୍ରତିରକ୍ଷାମନ୍ତ୍ରୀ କହିଥିଲେ ଯେ ଏବେ ବହୁତ ହୋଇଗଲା। କିଛି ଗୋଟେ କରିବାକୁ ପଡ଼ିବ ବୋଲି ତିନି ସେନାମୁଖ୍ୟ ଜାଣିଥିଲେ। କ'ଣ କରିବାକୁ ପଡ଼ିବ ସେଥିପାଇଁ ସେନାକୁ ସମ୍ପୂର୍ଣ୍ଣ ସ୍ୱାଧୀନତା ଦିଆଯାଇଥିଲା। ଏଭଳି ଆତ୍ମବିଶ୍ୱାସ, ରାଜନୈତିକ ସ୍ୱଷ୍ଟତା ଆମେ ପ୍ରଥମ ଥର ପାଇଁ ଦେଖିଥିଲୁ। ଏପରି ସ୍ପଷ୍ଟ ରାଜନୈତିକ ସମର୍ଥନ ସୈନିକଙ୍କ ମନୋବଳକୁ ବୃଦ୍ଧି କରେ। ଜେନେରାଲ ଦ୍ୱିବେଦୀଙ୍କ ଅନୁଯାୟୀ ଏପ୍ରିଲ ୨୫ରେ ଆମେ ଉତ୍ତର କମାଣ୍ଡରେ ପହଞ୍ଚି ଥିଲୁ। ଏଠାରେ ସବୁ ଯୋଜନା କରି ତାହାକୁ କାର୍ଯ୍ୟକାରୀ କରା ଯାଇଥିଲା। ୯ରୁ ୭ଟି ଆତଙ୍କବାଦୀ ଆଡ୍ଡାକୁ ଧ୍ୱଂସ କରାଯାଇଥିଲା। ଏଥିରେ ଅନେକ ଆତଙ୍କବାଦୀ ନିହତ ହୋଇଥିଲେ। ଏପ୍ରିଲ ୨୯ରେ ନରେନ୍ଦ୍ର ମୋଦୀଙ୍କ ସହ ସାକ୍ଷାତ ହୋଇଥିଲା। 'ଅପରେସନ୍ ସିନ୍ଦୂର' ଏକ ଛୋଟ ନାମ ହୋଇଥିଲେ ବି ସାରାଦେଶକୁ ଏକତ୍ର କରିଥିଲା। 'ସିନ୍ଧୁରୁ ସିନ୍ଦୂର' ଆମେ ସବୁକିଛିର ଯତ୍ନ ନେଇଛୁ। ଏବେ କାହିଁକି ଅପରେସନ ବନ୍ଦ କରାଗଲା ବୋଲି ସାରା ଦେଶ ପଚାରୁଛି। ଏହାର ଉତ୍ତର ମଧ୍ୟ ଦିଆଯାଇ ସାରିଛି। ଏହି ଅଭିଯାନରେ ଆମେ ଚେସ ଖେଳୁ ଥିଲୁ। ଶତ୍ରୁର ଆଗାମୀ ଚାଲ କଣ ହେବ ଏବଂ କି ପଦକ୍ଷେପ ନେବ ତାହା ଆମକୁ ଜଣା ନ ଥିଲା। ଆମେ ଗୋଟି ଚାଳନା କରି ଚାଲିଥିଲୁ। ଶତ୍ରୁ ମଧ୍ୟ ଚେସ ଖେଳୁ ଥିଲା। ଭାରତ ଶତ୍ରୁକୁ ମାତ୍ ଦେଉଥିଲା। ଆଉ କେତେବେଳେ ଜୀବନ ହରାଇବା ଭୟରେ ହାର ମାନି ଯାଉଥିଲୁ। ଏହା ହିଁ ତ୍ ଜୀବନ। ଏହାକୁ ଗ୍ରେ ଜୋନ କୁହାଯାଏ। ଅର୍ଥାତ୍ ଏହା ପାରମ୍ପରିକ ଅଭିଯାନ ନ ଥିଲା। ଗତ ୪ ତାରିଖରେ ଆଇଆଇଟି ମାଡ୍ରାସରେ ‹ଅଗ୍ନିଶୋଧ- ଭାରତୀୟ ସେନା ରିସର୍ଚ୍ଚ ସେଲର ଉଦ୍‌ଘାଟନ କରି ସେନା ମୁଖ୍ୟ ଏହି ଟିପ୍ପଣୀ ଦେଇଥିଲେ। ସେ ଅପରେସନ ସିନ୍ଦୂରକୁ ସୁନିୟୋଜିତ, ଗୁଇନ୍ଦା ଆଧାରିତ ଅଭିଯାନ କହିଥିଲେ।

## କେନ୍ଦ୍ରମନ୍ତ୍ରୀ ଗୋପୀ ନିଖୋଜ

**ତିରୁଅନନ୍ତପୁରମ, ୧୦।୮ (ଏଜେନ୍ସି):** କେନ୍ଦ୍ରମନ୍ତ୍ରୀ ତଥା ତ୍ରିଶୁର ସାଂସଦ ସୁରେଶ ଗୋପୀ ନିଜ ସଂସଦୀୟ କ୍ଷେତ୍ରରୁ ଗାଏବ ହୋଇ ଯାଇଛନ୍ତି। ଗତ ଦୁଇ ମାସ ହେଲା ତାଙ୍କୁ କୌଣସି ସାର୍ବଜନୀନ କାର୍ଯ୍ୟକ୍ରମରେ ଦେଖିବାକୁ ମିଳିନାହିଁ। ସେ କେଉଁଆଡେ ଯାଇଛନ୍ତି ଏବଂ କେବେ ଫେରିବେ ତାହା ମଧ୍ୟ ଜଣାନାହିଁ। ତାଙ୍କ କାର୍ଯ୍ୟାଳୟ ମଧ୍ୟ ସ୍ପଷ୍ଟ ସୂଚନା ଦେଇପାରୁ ନାହିଁ। ତ୍ରିଶୁରର ମେୟର ଏବଂ ରାଜ୍ୟର ରାଜସ୍ୱ ମନ୍ତ୍ରୀ କେ.ରାଜନ ମଧ୍ୟ ତାଙ୍କ ସହ ଯୋଗାଯୋଗ କରିପାରି ନାହାନ୍ତି। ତେଣୁ କେନ୍ଦ୍ରମନ୍ତ୍ରୀ ଗାଏବ ହେବାକୁ ନେଇ କେରଳ ଛାତ୍ର ସଂଘ (କେଏସ୍‌ୟୁ) ରବିବାର ତ୍ରିଶୁର ଇଷ୍ଟ ପୁଲିସରେ ତାଙ୍କ ବିରୋଧରେ ଏତଲା ରୁଜୁ କରାଇଛି। ଛତିଶଗଡ଼ରେ ଦୁଇ କେରଳ ନନ୍ ଗିରଫ ହେବା ପରଠାରୁ ସୁରେଶ ଗୋପୀଙ୍କୁ ଦେଖା ଯାଇ ନାହିଁ ବୋଲି କେଏସୟୁ ଜିଲ୍ଲାଧ୍ୟକ୍ଷ ଗୋକୁଲ ଗୁରବାୟୁର କହିଛନ୍ତି। ସେ ମନ୍ତ୍ରୀଙ୍କ ବିରୋଧରେ ଅଭିଯାନ ଚଳାଇବାକୁ ଚେତାବନୀ ଦେଇଛନ୍ତି। ତାଙ୍କ ଅନୁପସ୍ଥିତିର ଯାଞ୍ଚ ଦାବି କରିଛନ୍ତି।

## ପ୍ରଶ୍ନପତ୍ର ପ୍ରଘଟ: ଗେହଲଟ୍‌ଙ୍କ ପିଏସ୍‌ଓ ଗିରଫ

**ଜୟପୁର, ୧୦।୮ (ଏଜେନ୍ସି):** ରାଜସ୍ଥାନର ସବ-ଇନସ୍ପେକ୍ଟର ପରୀକ୍ଷାର ପ୍ରଶ୍ନପତ୍ର ପ୍ରଘଟ ମାମଲାରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟଙ୍କ ସମସ୍ୟା ବଢ଼ିପାରେ। ଏହି ମାମଲାରେ ତାଙ୍କ ବ୍ୟକ୍ତିଗତ ସୁରକ୍ଷା ଅଧିକାରୀ (ପିଏସ୍‌ଓ) ତଥା ହେଡ୍ କନଷ୍ଟେବଲ ରାଜକୁମାର ଯାଦବ ଏବଂ ତାଙ୍କ ପୁଅ ଭରତ ଯାଦବଙ୍କୁ ଗିରଫ କରିଛି। ଉଭୟଙ୍କୁ ଶନିବାର ଗିରଫ କରାଯାଇ ୧୨ ତାରିଖ ପର୍ଯ୍ୟନ୍ତ ହେପାଜତକୁ ନିଆଯାଇଛି। ରାଜକୁମାରଙ୍କ ଗିରଫ ରାଜସ୍ଥାନ ରାଜନୀତିରେ ହଇଚଇ ସୃଷ୍ଟି କରିଛି। ସେ ଗେହଲଟଙ୍କ ସାଙ୍ଗରେ ଥିବାବେଳେ ମଧ୍ୟ ସେ ଗେହଲଟ ସରକାରରେ ସବୁବେଳେ ଛାଇ ପରି ରହୁଥିଲେ। ମୁଖ୍ୟମନ୍ତ୍ରୀ ତାଙ୍କର ପିଏସଓ ଥିଲେ । ମନ୍ତ୍ରୀ ଥିବା ଜଣେ କଂଗ୍ରେସ ନେତାଙ୍କଠାରୁ ସେ ପ୍ରଶ୍ନପତ୍ର ନେଇଥିଲେ ବୋଲି କୁହାଯାଉଛି। ଏଡିଜି ଭିକେ ସିଂହ କହିଛନ୍ତି ଯେ ୨୦୨୧ର ଏହି ପ୍ରଶ୍ନପତ୍ର ପ୍ରଘଟ ମାମଲାରେ ପ୍ରବୋସନାରୀ ଏସ୍‌ଆଇ ସତ୍ୟେନ୍ଦ୍ର ସିଂହ ଯାଦବଙ୍କୁ ଗିରଫ କରାଯାଇଥିଲା। ତାଙ୍କଠୁ ହିଁ ରାଜକୁମାର ପ୍ରଶ୍ନପତ୍ର ନେଇ ନିଜ ପୁଅ ଏବଂ ସମ୍ପର୍କୀୟ ରବୀନ୍ଦ୍ର ସାଇନିଙ୍କୁ ଦେଇଥିଲେ। ଏହା ଫଳରେ ସତ୍ୟେନ୍ଦ୍ର ଏବଂ ରବୀନ୍ଦ୍ର ଏସଆଇଏସ ନିଯୁକ୍ତ ହୋଇଥିଲେ। ତେବେ ଭରତ କେବଳ ଲିଖିତ ପରୀକ୍ଷା ପାସ୍ କରିପାରି ଥିଲା। ଏ ପର୍ଯ୍ୟନ୍ତ ଏହି ମାମଲାରେ ୧୨୦ ଜଣଙ୍କୁ ଗିରଫ କରାଗଲାଣି। ଏମାନଙ୍କ ମଧ୍ୟରେ ୫୪ ଟ୍ରେନି ଏସ୍‌ଆଇ ସାମିଲ ହୋଇଛନ୍ତି।



## ୫ ଲକ୍ଷ କହି ଧରାଇଦେଲେ ୫ ହଜାର

**ଡେରାଡୁନ, ୧୦।୮ (ଏଜେନ୍ସି):** ବାଦଲଫଟା ବର୍ଷା ଯୋଗୁଁ ଉତ୍ତରକାଶୀରେ ଅଚାନକ ବନ୍ୟା ମାଡ଼ି ଆସିଥିଲା। ଏଥିଯୋଗୁଁ ଧରାଲି ଗ୍ରାମ ଧ୍ୱଂସସ୍ତୁପରେ ପରିଣତ ହୋଇ ଯାଇଛି। ଅନେକ ଲୋକ ଏବେ ବି ଅବଶେଷ ତଳେ ଫସି ରହିଛନ୍ତି। ଲୋକେ ମୁଣ୍ଡ ଗୁଞ୍ଜିବା ପାଇଁ ଛାତ ଟିକେ ପାଉନାହାନ୍ତି। ପରିବାର ସଦସ୍ୟଙ୍କୁ ଧରି ଆଶ୍ରୟସ୍ଥଳରେ ଶରଣ ନେଇଥିବାବେଳେ ପୀଡ଼ିତଙ୍କୁ ଉତ୍ତରାଖଣ୍ଡ ସରକାର ବଡ଼ ଧୋକା ଦେଇଛନ୍ତି। ୫ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ କହି ପ୍ରତି ପରିବାରକୁ ୫ ହଜାର ଟଙ୍କାର ଚେକ୍ ଧରାଇ ଦେଇଛନ୍ତି। ଭୟଙ୍କର ବିପଦର ସମ୍ମୁଖୀନ ହୋଇଥିବା ଏହି ପରିବାରଗୁଡ଼ିକ ପାଇଁ ସରକାର ଦେଇଥିବା ଏହି କ୍ଷତିପୂରଣ ସମୁଦ୍ରକୁ ଶଙ୍ଖେ ସଦୃଶ ହୋଇଛି। ସରକାରଙ୍କ ପକ୍ଷରୁ ଏହାକୁ ତତ୍କାଳ ରିଲିଫ କୁହାଯାଇଛି। କିନ୍ତୁ ଏହାକୁ ବିରୋଧ କରି ଧରାଲି ଓ ହର୍ଷିଲର ପୀଡ଼ିତ ପରିବାର ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। 'ମୁଖ୍ୟମନ୍ତ୍ରୀ ପୁଷ୍କର ସିଂହ ଧାମି ତାଙ୍କ ସମସ୍ୟାକୁ କମ୍ କରି ଆକଳନ କରିଛନ୍ତି' ବୋଲି ପୀଡ଼ିତମାନେ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ଉତ୍ତରକାଶୀ ବିପର୍ଯ୍ୟୟକୁ ନେଇ ବିଶେଷଜ୍ଞମାନେ ଭିନ୍ନ ମତ ଦେଇଛନ୍ତି। ଦେବଦାରୁ ଗଛ ଏହି ଘଟଣାକୁ ରୋକିପାରିଥାନ୍ତା ବୋଲି କହିଛନ୍ତି। ହିମାଳୟ ଉପରେ ଅନେକ ଗବେଷଣା ପୁସ୍ତକ ଲେଖିଥିବା ପ୍ରଫେସର ଶେଖର ପାଠକ କହିଛନ୍ତି ଯେ ସମୁଦ୍ର ପତ୍ତନଠାରୁ ୨ ହଜାର ମିଟର ଉଚ୍ଚରେ ଥିବା ଧରାଲି ପୂର୍ବରୁ ଦେବଦାରୁ ପରିପୂର୍ଣ୍ଣ ଥିଲା। ଏକ ବର୍ଗ କିମିରେ ହାରାହାରି ୪୦୦-୫୦୦ଟି ଏହି ଗଛ ଥିଲା। ବାଦଲ ଫଟା ବର୍ଷା ହେଉ ଅବା ଭୂସ୍ଖଳନ, ଦେବଦାରୁ ଗଛଗୁଡ଼ିକ ଭଗ୍ନାବଶେଷ ଏବଂ ପାଣିକୁ ତଳକୁ ଆସିବାକୁ ଦେଉ ନ ଥିଲା। ଏବେ ଏହି ଗଛ କାଟି କୋଠା ନିର୍ମାଣ କରାଯାଇଛି। ଅନେକ ପ୍ରକଳ୍ପ ଆରମ୍ଭ ହୋଇଛି। ଏହାର ପରିଣାମ ସ୍ୱରୂପ ଏହି ଅଞ୍ଚଳର ଏକ ବର୍ଗ କିଲୋମିଟରରେ ହାରାହାରି ୨୦୦-୩୦୦ ଗଛ ଅଛି। ଧରାଲିର ଧ୍ୱଂସ ଏହାର ପରିଣାମ। ଯେଉଁ ଗାଁକୁ ବିପର୍ଯ୍ୟୟ ଆସିଥିଲା ସେହି ରାସ୍ତାରେ ଏକ ଘନ ଦେବଦାରୁ ଜଙ୍ଗଲ ଥିଲା। କିନ୍ତୁ ସେହି ଜଙ୍ଗଲ ନଷ୍ଟ ହୋଇଯାଇଛି।

## ଟ୍ରାଫିକ୍ ଜାମ୍; ଆମ୍ବୁଲାନ୍ସରେ ଗଲା ମହିଳାଙ୍କ ଜୀବନ

**ମୁମ୍ବାଇ, ୧୦।୮ (ଏଜେନ୍ସି):** ମୁମ୍ବାଇରୁ ବିଚଳିତ କରିବା ଭଳି ଖବର ସାମ୍ନାକୁ ଆସିଛି। ଏନ୍‌ଏଚ୍-୪୮ରେ ଟ୍ରାଫିକ ଜାମ୍ ଯୋଗୁଁ ଗୁରୁତର ଆହତ ହୋଇଥିବା ଜଣେ ମହିଳାଙ୍କୁ ଡାକ୍ତରଖାନାରେ ପହଞ୍ଚିବା ଲାଗି ୪ ଘଣ୍ଟା ସମୟ ଲାଗିଛି। ମାତ୍ର ୭୦ କିମି ଯିବାକୁ ଏତେ ସମୟ ଲାଗିବାରୁ ମହାରାଷ୍ଟ୍ର ପାଲଘର ଜିଲ୍ଲାର ଛାୟା ପରବଙ୍କ ମୃତ୍ୟୁ ହୋଇଛି। ଏହି ଘଟଣା ପାଲଘର ଜିଲ୍ଲାର ଟ୍ରାଫିକ ଯନ୍ତ୍ରଣା ଏବଂ ସ୍ୱାସ୍ଥ୍ୟ ଭିତ୍ତିଭୂମିର ବିକଳ ଚିତ୍ରକୁ ଦର୍ଶାଉଛି। ଗତ ୩୧ ତାରିଖରେ ପାଲଘରର ମଧୁକର ନଗରରେ ଥିବା ତାଙ୍କ ଘର ପାଖରେ ଏକ ଗଛ ଡାଳ ପଡ଼ିଯିବାରୁ ପରବ ଗୁରୁତର ଆହତ ହୋଇଥିଲେ। ପାଖରେ କୌଣସି ଟ୍ରମା ସେଣ୍ଟର ନ ଥିବାରୁ ତାଙ୍କୁ ମୁମ୍ବାଇ ହିନ୍ଦୁଜା ହସ୍ପିଟାଲକୁ ନିଆଯାଉଥିଲା। ବାଟ ଯାକ ଖାଲଖମାରେ ପୂର୍ଣ୍ଣ ଥିଲା। ତେଣୁ ଆହତଠାରୁ ରାସ୍ତା ଯନ୍ତ୍ରଣା ବଳି ଯାଇଥିଲା। ଯନ୍ତ୍ରଣାରେ ଛଟପଟ ହୋଇ ଶୀଘ୍ର ହସ୍ପିଟାଲରେ ପହଞ୍ଚାଇବାକୁ ନିବେଦନ କରିଥିଲେ। କିନ୍ତୁ ଲକ୍ଷ୍ୟସ୍ଥଳରେ ପହଞ୍ଚି ପାରି ନ ଥିଲେ। ସ୍ୱାସ୍ଥ୍ୟାବସ୍ଥା ବିଗୁଡୁ ଥିବା ଦେଖି ଡ୍ରାଇଭର ଅନ୍ୟ ଏକ ଡାକ୍ତରଖାନାରେ ତାଙ୍କୁ ଭର୍ତ୍ତି କରିଥିଲେ। ମାତ୍ର ହସ୍ପିଟାଲକୁ ଆଣିବାରେ ବହୁତ ଡେରି ହୋଇଗଲା ବୋଲି ଡାକ୍ତର କହିଥିଲେ।



## ଦେଓଗାଁ ବ୍ଲକ୍ ଅଞ୍ଚଳରେ ନିଅଣ୍ଟିଆ ବର୍ଷା

# ମରୁଡ଼ି ଆଶଙ୍କାରେ ଚାଷୀ

ଦେଓଗାଁ, ୧୦।୮ (ସମିସ)



ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକରେ ଚଳିତ ଖରିଫ ଋତୁରେ ନିଅଣ୍ଟିଆ ବର୍ଷା ଯୋଗୁଁ ମରୁଡ଼ି ହେବା ଏକ ପ୍ରକାର ସୁନିଶ୍ଚିତ ହୋଇଛି। ଆଉ ୩/୪ଦିନ ମଧ୍ୟରେ ଭଲବର୍ଷା ନ ହେଲେ ବାହାଲଜମି ମାନଙ୍କରେ ରୋପଣ କରିଥିବା ଧାନ ମଧ୍ୟ ମରିବା ନିଶ୍ଚିତ।ଏଣୁ ବର୍ଷା ଚିନ୍ତାରେ ଅଞ୍ଚଳର ସମସ୍ତ ଚାଷୀକୂଳ ରହିଥିବା ଜଣାପଡ଼ିଛି। ଶ୍ରାବଣ ମାସ ଶେଷ ହୋଇଥିବା ବେଳେ ଏଯାଏ ଦେଓଗାଁ ବ୍ଲକର ପ୍ରାୟତଃ ପଞ୍ଚାୟତରେ ଭଲବର୍ଷା ହୋଇନଥିବାରୁ ବହୁ ଚାଷୀଙ୍କ ଚାଷ ଆଗେଇନଥିବା ଅଭିଯୋଗ ହୋଇଛି। ଯେଉଁ ଚାଷ ଜମିରେ ଜଳସେଚନ ବ୍ୟବସ୍ଥା ରହିଛି କେବଳ ସେଠାରେ ହିଁ ଚାଷ ହୋଇଥିବା ବେଳେ ବର୍ଷାକୁ ନିର୍ଭର ଥିବା ଜମିମାନଙ୍କରେ ହୋଇଥିବା ଧାନ ପ୍ରାୟତଃ ଶୁଖିଲା ପଡ଼ିଲାଣି। ଏଣୁ ଚାଷୀମାନେ ଏବେ ହତାଶ ହୋଇ ଚାତକପରି ବର୍ଷାକୁ ଚାହିଁ ରହିଛନ୍ତି। ବିଭିନ୍ନ ଗାଁରେ ଇନ୍ଦ୍ରଦେବତାଙ୍କୁ ପୂଜାର୍ଚ୍ଚନା ଆରମ୍ଭ କରିଦେଇ ଥିବା ମଧ୍ୟ ନଜରକୁ ଆସିଛି।ଅନ୍ୟପଟେ ମରୁଡ଼ି ଆଶଙ୍କା ଦେଖାଦେବା ପରେ କେତେକ ଦଲାଲ ବୀମା ହାତେଇବା ପାଇଁ ବିଭିନ୍ନ ପଞ୍ଚାୟତରେ ଡେରା ପକାଇବା ଆରମ୍ଭ କରିଦେଇଥିବା ଅଭିଯୋଗ ହେଉଛି। ଚାଷୀଙ୍କୁ ହାତବାରିଶ କରି ନିଜେ ବୀମା ପାଇଁ ପ୍ରିମିୟମ ଅର୍ଥ ଭରଣା କରି ଆଗକୁ ବୀମାରାଶି ହାତେଇବା ପାଇଁ ସଜବାଜ ହେଉଥିବା ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି।।କୃଷି ବିଭାଗର ତଥ୍ୟ ଅନୁସାରେ ଦେଓଗାଁ ବ୍ଲକରେ ୨୦ହଜାର ୧୭୫ ହେକ୍ଟର ଚାଷ ଜମି ମଧ୍ୟରୁ ଖରିପ୍ ଋତୁରେ ପ୍ରାୟ ୯୫୦୦ହେକ୍ଟର ଚାଷଜମିରେ ବିଭିନ୍ନ କିସମର ଧାନଚାଷ ହୋଇଥାଏ। ତେବେ ଚଳିତବର୍ଷ ନିଅଣ୍ଟିଆ ବର୍ଷା ଯୋଗୁଁ ପ୍ରାୟତଃ ୪୦ପ୍ରତିଶତ ଚାଷଜମିରେ ଚାଷ ହୋଇପାରିନଥିବା ଏକ ସର୍ଭେରୁ ଜଣାପଡ଼ିଛି। ଆଗକୁ ଭଲବର୍ଷା ନ ହେଲେ ଚଳିତବର୍ଷ ଧାନଉତ୍ପାଦନରେ ହ୍ରାସପାଇବ ବୋଲି ଆଲୋଚନା ହେଉଛି। ଜଳସେଚନ ବିଭାଗର ତଥ୍ୟ ଅନୁସାରେ ବ୍ଲକରେ ଉଠାଜଳସେଚନ ପ୍ରକଳ୍ପ, ଗଭୀର ନଳକୂପ, ମାଇକ୍ରୋ ଉଠାଜଳସେଚନ ପ୍ରକଳ୍ପ ଦ୍ୱାରା ଠିକରୂପେ ଜଳସେଚନ ହେଉନାହିଁ। ବ୍ଲକ ଅଞ୍ଚଳରେ ଥିବା ବହୁ ଉଠାଜଳସେଚନ ଠିକରୂପେ କାମକରୁନଥିବାରୁ ଚାଷୀମାନେ ଜଳସେଚନ ଥାଇ ମଧ୍ୟ ଚାଷ କାର୍ଯ୍ୟରେ ଆଗେଇ ନଥିବା ଅଭିଯୋଗ ହେଉଛି। ଏଦିଗରେ ସମ୍ପୃକ୍ତ ବିଭାଗ ସ୍ୱତନ୍ତ୍ରଭାବେ ଦୃଷ୍ଟିଦେବାକୁ ଚାଷୀ ମହଲରେ ଦାବି ହେଉଛି।

### ବୀମା ହାତେଇବା ପାଇଁ ଦଲାଲଙ୍କ ସଜବାଜ

## ଗଙ୍ଗାଧର ମେହେରଙ୍କ ଜୟନ୍ତୀ



ବୌଦ୍ଧ, ୧୦।୮ (ସମିସ): ବୌଦ୍ଧ ସହରର ଟୁଟୁସିଙ୍ଗା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ପରିସରରେ ବୌଦ୍ଧ ଜିଲ୍ଲା କଲଚରାଲ ଏକାଡେମୀ ଆନୁକୂଲ୍ୟରେ ଗଙ୍ଗାଧର ମେହେର ଜୟନ୍ତୀ ପାଳିତ ହୋଇଛି। ଅନୁଷ୍ଠାନର ସଭାପତି ଧ୍ରୁବଚରଣ ଘିବେଲା ଏଥିରେ ସଭାପତିତ୍ୱ କରିଥିଲେ। ବରିଷ୍ଠ ଅଧିବକ୍ତା ତଥା ଉପଦେଷ୍ଟା ସୁଧୀର କର୍ଣ୍ଣ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସୋନପୁର ମହିଳା ମହାବିଦ୍ୟାଳୟର ଇଂରାଜୀ ଅଧ୍ୟାପକ ମଦନ ସୁନ୍ଦର ଖେତୀ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥବଲେ। ସମ୍ମାନୀତ ଅତିଥି ଭାବେ ସୋନପୁର ମହାବିଦ୍ୟାଳୟର ଇଂରାଜୀ ଅଧ୍ୟାପକ ରାଜେନ୍ଦ୍ର ରଣା, ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟର ସଂସ୍କୃତ ଅଧ୍ୟାପକ ପ୍ରତାପ ରଥ, ଅନୁଷ୍ଠାନର ସମ୍ପାଦକ ରାଧାମୋହନ ମହାଣା, ସହସମ୍ପାଦକ କାର୍ତ୍ତିକେଶ୍ୱର ନାୟକ ମଞ୍ଚାସୀନ ଥିଲେ। ହୃଷିକେଶ ପ୍ରଧାନ, ଚନ୍ଦ୍ରକାନ୍ତ ନାୟକ, ବି କେ ନିର୍ମଳ, ରାଜକୁମାର ପ୍ରଧାନ, ମଞ୍ଜୁପ୍ରଭା ପଟ୍ଟନାୟକ, ରଶ୍ମିତା ବେହେରା, ନିରୋଦ ମେହେରଙ୍କ ସହ ବିଦ୍ୟାଳୟର ବହୁତ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ଅନୁଷ୍ଠାନର ସାହସମ୍ପାଦକ କାର୍ତ୍ତିକେଶ୍ୱର ନାୟକ ଧନ୍ୟବାଦ ଦେଇଥିଲେ।



ହରଭଙ୍ଗା ପୁଲିସ ପକ୍ଷରୁ ଗାଡି ଚାଳକଙ୍କୁ ରକ୍ଷା ବନ୍ଧନ

## ଶେଷ ଶ୍ରାବଣରେ ଶିବାଳୟରେ ଶ୍ରଦ୍ଧାଳୁଙ୍କ ଭିଡ଼



ଦେଓଗାଁ, ୧୦।୮ (ସମିସ): ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକର ଐତିହାସିକ ଶିବାଳୟ ସିକୁଆଁ ସିଦ୍ଧେଶ୍ୱର ବାବାଙ୍କ ମନ୍ଦିର ସମେତ ବିଭିନ୍ନ ଶିବାଳୟରେ ଶେଷ ଶ୍ରାବଣ ତଥା ରାକ୍ଷୀ ପୂର୍ଣ୍ଣିମାରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ ଦେଖିବାକୁ ମିଳିଛି। ସିକୁଆଁ ସିଦ୍ଧେଶ୍ୱର ବାବା ମନ୍ଦିରରେ ବୋଲବମ୍ ଭକ୍ତଙ୍କ ବେଶ ସମାଗମ ଦେଖିବାକୁ ମିଳିଥିଲା। ସେହିପରି ବହଲି, ବଡବନ୍ଧ, କୁହିମୁଣ୍ଡା, ନାଇକେନଶିରା, କରୁଆଁଝର ସମେତ ପର୍ଯ୍ୟଟନସ୍ଥଳୀ ଭୀମପାହାଡ ଓ ଚାନ୍ଦିଲି ପାହାଡରେ ଭକ୍ତଙ୍କ ଭିଡ ଜମିଥିଲା।

## ମାଲପଡ଼ା ନାଗରିକ କମିଟିର ବୈଠକ



ବଲାଙ୍ଗିର, ୧୦।୮ (ସମିସ): ମାଲପଡ଼ା ନାଗରିକ କମିଟିର ବୈଠକ ସଭାପତି ଗୋପବନ୍ଧୁ ପୁରୋହିତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ସଭାରେ ବିଦ୍ୟୁତ୍ ବିଭାଗ ଦ୍ୱାରା ଅଘୋଷିତ ବିଦ୍ୟୁତ୍‌କାଟ ଯୋଗୁଁ ଜନସାଧାରଣ ଅସନ୍ତୋଷ ହେଉଛନ୍ତି। ତେଣୁ ସଭ୍ୟମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି ଏବଂ ପଡ଼ାର ବରିଷ୍ଠ ବରିଷ୍ଠ ନାଗରିକ ୮୦ ବର୍ଷରୁ ଊର୍ଦ୍ଧ୍ୱଙ୍କୁ ସମ୍ବର୍ଦ୍ଧିତ କରିବା ପାଇଁ ଆଲୋଚନା ହୋଇଥିଲା। ପଡ଼ାର ବରିଷ୍ଠ ନାଗରିକମାନଙ୍କୁ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ସ୍ୱାସ୍ଥ୍ୟ ଶିବିର କରାଯିବା ପାଇଁ ଅନୁମୋଦନ କରାଯାଇଥିଲା ଏବଂ ପରିବେଶ ସୁରକ୍ଷା ପାଇଁ ସହରକୁ ପଲିଥିନ ମୁକ୍ତ ପାଇଁ ଜିଲ୍ଲାପାଳଙ୍କ ପତ୍ରାଳାପ କରିବାକୁ ପ୍ରସ୍ତାବ ପାରିତ ହୋଇଥିଲା। ମଶାର ପ୍ରର୍ଦୁଭାବ ଦିନକୁ ଦିନ ବୃଦ୍ଧି ପାଉଥିବାରୁ ନିରାକରଣ ପାଇଁ ନର୍ଦ୍ଦମାରେ ମଶାତେଲ ଓ ଧୂଆଁ ଦେବା ପାଇଁ ପୌରପାଳିକା ଅନୁରୋଧ କରାଗଲା। ସଭାରେ ସଂଘର ଉପସଭାପତି ପ୍ରଫେସର ତରୁଣ କୁମାର ମିଶ୍ର, ସମ୍ପାଦକ ପଞ୍ଚାନନ ସେଠ, ବରିଷ୍ଠ ସଭ୍ୟ ଦିବାକର ହୋତା, ଆକୁଳ ବେହେରା, ଶ୍ୟାମ ସୁନ୍ଦର ଆଚାର୍ଯ୍ୟ, ଶୁଶିଲ କୁମାର ନାଏକ ଓ ସୂର୍ଯ୍ୟଭାନୁ ମିଶ୍ର ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ।

## ଅନଶନ ପାଇଁ ଉଫୁଲା ସରପଞ୍ଚଙ୍କ ଚେତାବନୀ



ସୁବଳୟା, ୧୦।୮ (ସମିସ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ଉଫୁଲା ପଞ୍ଚାୟତ ସରପଞ୍ଚ ଶ୍ରୀୟା କର୍ମୀ ସ୍ୱାଧୀନତା ଦିବସରେ ପଞ୍ଚାୟତ ବିଭିନ୍ନ ସମସ୍ୟାକୁ ନେଇ ଆମରଣ ଅନଶନ କରିବେ। ଏଥିପାଇଁ ସେ ବିଡିଓଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ପଞ୍ଚାୟତର ବିଭିନ୍ନ ସାମୂହିକ କାର୍ଯ୍ୟ ଲାଗି ସେ ବିଭିନ୍ନ ସମୟରେ ବିଡିଓଙ୍କୁ ଅନୁରୋଧ କରିଛନ୍ତି। ବ୍ଲକ ପ୍ରଶାସନ କିନ୍ତୁ ଟାଳଟୁଳ ନୀତି ଅବଲମ୍ବନ କରୁଛି। ଏଣୁ ତାଙ୍କର ମୂଲ୍ୟବାନ ବର୍ଷେ ନଷ୍ଟ ହୋଇଛି। ଗଣତାନ୍ତ୍ରିକ ପ୍ରକ୍ରିୟାରେ ନିର୍ବାଚିତ ତୃଣମୂଳ ପ୍ରତିନିଧିଙ୍କ ସ୍ୱର ଚପେଇ ଦେବାକୁ ଉଦ୍ୟମ କରାଯାଉଛି। ଏଣୁ ଏବେ ସେ ବିଡିଓଙ୍କ କାର୍ଯ୍ୟାଳୟ ଆଗରେ ଆମରଣ ଅନଶନ କରିବାକୁ ନିଷ୍ପତ୍ତି ନେଇ ପ୍ରଶାସନକୁ ଜଣାଇଛନ୍ତି।

## ଜିଲ୍ଲା ଶିଳ୍ପ ସଂଘର ବୈଠକ



ବଲାଙ୍ଗିର, ୧୦।୮ (ସମିସ): ସ୍ଥାନୀୟ ଭଗବତି ଇଣ୍ଡଷ୍ଟ୍ରି ପରିସରରେ ବଲାଙ୍ଗିର ଜିଲ୍ଲା ଶିଳ୍ପ ସଂଘ ଓଏସ୍‌ମେର ଗୁରୁତ୍ୱପୂର୍ଣ୍ଣ ବୈଠକ ସଭାପତି ପ୍ରକାଶ ନେପାକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି।ବୈଠକରେ ରାଜ୍ୟ ସରକାର ବଲାଙ୍ଗିର ଠାରେ ଟେକ୍ସଟାଇଲ ପାର୍କ ସ୍ଥାପନ ପାଇଁ ନିଷ୍ପତ୍ତି ନେଇଥିବା ତଥା ଦେଓଗାଁ ଚିନି କାରଖାନା ପୁନଃ କାର୍ଯ୍ୟକ୍ଷମ କରିବା ପ୍ରଚେଷ୍ଟାକୁ ସ୍ୱାଗତ କରିବା ସହ ବଲାଙ୍ଗିର ଦାଦନ ସମସ୍ୟା ସମାଧାନ ପାଇଁ କିଛିଟା ସହାୟକ ହେବ ବୋଲି ଆଶା ପ୍ରକାଶ କରାଯାଇଥିଲା। ଜିଲ୍ଲା ପ୍ରଶାସନ ତଥା ରାଜ୍ୟ ସରକାର ଇଡକୋ ଦ୍ୱାରା ଜମି ପ୍ରଦାନ କରାଯାଇଥିବା ଜମିର ବର୍ଷ ବର୍ଷ ଧରି କିସମ ସଂଶୋଧନ କରିବା ବିଷୟରେ ବଲାଙ୍ଗିର ଶିଳ୍ପ ସଂଘ ବାରମ୍ବାର ଦାବି ଜଣାଉଥିଲେ ମଧ୍ୟ ଜିଲ୍ଲା ପ୍ରଶାସନ ତଥା ରାଜ୍ୟ ସରକାର ଇଡକୋ ବଲାଙ୍ଗିର କର୍ଣ୍ଣପାତ କରୁନଥିବାରୁ କ୍ଷୋଭ ପ୍ରକାଶ କରାଯାଇଥିଲା ଏବଂ ଆଗାମୀ ଦିନରେ ସଂଘ ଆନ୍ଦୋଳାତ୍ମକ ପଦକ୍ଷେପ ଗ୍ରହଣ କରିବାକୁ ଆଲୋଚନା ହୋଇଥିଲା। ସଂଘର ସମ୍ପାଦକ ଦିବ୍ୟଜ୍ୟୋତି ପୁରୋହିତ ଆସନ୍ତା ଅଗଷ୍ଟ ୧୨ ତାରିଖ ରେ ଭୁବନେଶ୍ୱର ରେ ହେବାକୁ ଥିବା ଓଏସ୍‌ମେର ୪୦ ତମ ପ୍ରତିଷ୍ଠା ଦିବସରେ ଯୋଗଦାନ ସହ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ମୁଖ୍ୟମନ୍ତ୍ରୀ ତଥା ରାଜସ୍ୱମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରିବା ପ୍ରସ୍ତାବ ଆଗତ କରିଥିଲେ। ସଂଘର ଉପସଭାପତି ସବ୍ୟସାଚୀ ମାଝି ଓ ଓଏସ୍‌ମେର ପ୍ରାନ୍ତୀୟ ଅଧ୍ୟକ୍ଷ ସିଦ୍ଧେଶ୍ୱର ମିଶ୍ର ଦ୍ୱାରା ଦେଇଥିବା ବିଭିନ୍ନ ପ୍ରସ୍ତାବ ଉପରେ ଆଲୋଚନା ହୋଇଥିଲା। ଓଏସ୍‌ମେର ସହ ସମ୍ପାଦକ ମୁସ୍କାନ, କୋଷାଧ୍ୟକ୍ଷ ଆଲୋକ ମହାନ୍ତି, ବରିଷ୍ଠ ସଭ୍ୟ କୁଳଭୂଷଣ ପୁରୋହିତ, ରାଜ କିଶୋର ପଟେଲ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

## ଆଦ୍ୟାଶକ୍ତି ନାରୀ ସଂଗଠନ ପକ୍ଷରୁ ବିଶ୍ୱ ସ୍ତନ୍ୟପାନ ଦିବସ



ବଲାଙ୍ଗିର, ୧୦।୮ (ସମିସ): ବଲାଙ୍ଗିରର ନାରୀ ସଂଗଠନ ଆଦ୍ୟାଶକ୍ତି ନାରୀ ସଂଗଠନ ତରଫରୁ ବିଶ୍ୱ ସ୍ତନ୍ୟପାନ ଦିବସ ଗୋପାଳଜୀ ମନ୍ଦିର ଠାରେ ସଭାପତି ମାଳତୀ ଉଦ୍‌ଗାତାଙ୍କ ଅଧ୍ୟକ୍ଷତାରେ ପାଳନ କରାଯାଇଛି। ପ୍ରଥମରେ ଆଦ୍ୟାଶକ୍ତି ସ୍ୱରୁପିଣୀ ମାଁ ଦୁର୍ଗାଙ୍କର ପୂଜା କରାଯାଇଥିଲା। ସମ୍ପାଦିକା କସ୍ତୁରୀ ରଥ ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ମାନିତ ବକ୍ତା ଭାବରେ ଡାକ୍ତର ଲକ୍ଷ୍ମୀପ୍ରିୟା ସେଠି ଯୋଗ ଦେଇ ମା'ର କ୍ଷୀର ଅମୃତ ସମାନ ଏବଂ ମାଆର କ୍ଷୀର ଶିଶୁର ରୋଗ ପ୍ରତିରୋଧ ଶକ୍ତି ବଢ଼ାଏ ଏବଂ ଶିଶୁକୁ ଶକ୍ତିଶାଳୀ କରିଥାଏ। ପ୍ରତ୍ୟେକ ମା' ଶିଶୁକୁ ସ୍ତନ୍ୟପାନ କରାଇବା ଜରୁରୀ ଏବଂ ଏଥି ପାଇଁ ଆବଶ୍ୟକ ସଚେତନ କରାଇବା ଆବଶ୍ୟକ ବୋଲି କହିଥିଲେ। କାର୍ଯ୍ୟକ୍ରମକୁ ନିହାରିକା ମିଶ୍ର, ବିଣାପାଣୀ ଆଚାର୍ଯ୍ୟ, ସଂଯୁକ୍ତା ମିଶ୍ର, ଆରତି ମିଶ୍ର, ମାଧୁରି କୁଅଁର, ଅଞ୍ଜଳି ବେହେରା, ଗୀତା ପୋଡ, ସୁକାନ୍ତୀ ଷାଣ୍ଢ, ସୁଚାରୁ ଷାଣ୍ଢ, କାମିନୀ ମାହାର, ବବିତା ଦାଶ, ସ୍ୱର୍ଣ୍ଣମୟୀ ମିଶ୍ର, ଦିପ୍ତିମୟୀ ମିଶ୍ର ଓ ତପସ୍ୱିନୀ ପଶାୟତ ସହଯୋଗ କରିଥିଲେ। ଶେଷରେ ରାଜଶ୍ରୀ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।

## ନରେନ୍ଦ୍ର କବାଟଙ୍କ ପରଲୋକ



ବଲାଙ୍ଗିର, ୧୦।୮ (ସମିସ): ବଲାଙ୍ଗିର ସହରର ବରପାଲିପଡ଼ା ନିବାସୀ ତଥା ସାମାଜିକ ସଂଗଠକ ନରେନ୍ଦ୍ର କବାଟ (୬୫)ଙ୍କ ଶନିବାର ପରଲୋକ ହୋଇଯାଇଛି। ସେ ଗତ କିଛି ଦିନ ହେଲା ଶାରିରିକ ଅସୁସ୍ଥତା ଅନୁଭବ କରିବାରୁ ପରିବାର ଲୋକେ ବିଶାଖାପାଟଣାସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରି ଚିକିତ୍ସା କରିଥିଲେ। କିନ୍ତୁ ସେଠାରେ ତାଙ୍କର ପରଲୋକ ହୋଇଛି। ତାଙ୍କ ମୃତ୍ୟୁ ଶର୍ଯାରେ ନିକଟରେ ସ୍ତ୍ରୀ ଆନନ୍ଦିନୀ, ବଡ ପୁଅ ମାନସ, ଅମିତ, ଝିଅ ସଂଗିତା, ଜ୍ୱାଇଁ ଦେବରାଜ ସ୍ୱାଇଁଙ୍କ ସମେତ ପରିଚିତ ବର୍ଗ ଉପସ୍ଥିତ ଥିଲେ। ବଲାଙ୍ଗିର ନାଗରିକ କମିଟି, ବରିଷ୍ଠ ନାଗରିକ କମିଟି, ରେଳ ଉପଭୋକ୍ତା ସଂଘ, ବଲାଙ୍ଗିର ଖଣ୍ଡାୟତ ସମାଜର କୋଷାଧ୍ୟକ, ଦେବାଳୟ ସୁରକ୍ଷା କମିଟିର ସମ୍ପାଦକରେ ବିଭିନ୍ନ ପଦପଦବୀରେ ଥିଲେ।ସମସ୍ତ ସଂଗଠନରେ କାର୍ଯ୍ୟକର୍ତ୍ତାଙ୍କ ବହୁ ବ୍ୟକ୍ତି ଶବାଧାରରେ ଯୋଗ ଦେଇଥିଲେ।

## ବିଶ୍ୱ ଆଦିବାସୀ ଦିବସ ପାଳନ



ବଲାଙ୍ଗିର, ୧୦।୮ (ସମିସ): ବଲାଙ୍ଗିର ଇଚ୍ଛାପଡ଼ାସ୍ଥିତ ଶବରୀ ନାରାୟଣ ମନ୍ଦିର ଧର୍ମଶାଳା ପରିସରରେ ଆଦିବାସୀ ଅଧିକାର ମହାସଂଘ ଆନୁକୂଲ୍ୟରେ ସଭାପତି ମୟ ପ୍ରଧାନୀଙ୍କ ସଭାପତିତ୍ୱରେ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ରଣଜିତ ବେହେରା, ସମ୍ମାନିତ ଅତିଥି ଚମାର ସିଂ ଭୋଇ, ମୁଖ୍ୟବକ୍ତା ଜିଲ୍ଲା ସଭାପତି ଶବର ସମାଜ ବଲାଙ୍ଗିର ଯଥା ବିଶ୍ୱାଳ, ସମ୍ମାନିତ ଅତିଥି ବିରବର ଧରୁଆ ଜିଲ୍ଲା ସଭାପତି ଗଣ୍ଡ ସମାଜ, ପ୍ରଭାସିନୀ ଭୋଇ, ମୁଖ୍ୟପୂଜକ ସୁଲିଆ ଯାତ୍ର ସୋମନାଥ ବେହେରା, ଡ.ସୁରେନ୍ଦ୍ର ଭୋଇ, ରାହାସ ବିହାରୀ ଭୋଇ, ଅଶୋକ ବୁଡେକ ପ୍ରମୁଖ ଉପସ୍ଥିତ ଥିଲେ।ମୟ ପ୍ରଧାନୀ ସଭା ପରିଚାଳନା କରୁଥିବା ବେଳେ କାଳିନ୍ଦ୍ରି ମାଝି ଧନ୍ୟବାଦ ଦେଇଥିଲେ।ମଧୁବନ ଭୋଇ ସହ ଶୁଲିଆ ଯାତ୍ର ସମସ୍ତ ଦେହେରୀ, ପୂଜାରୀ, ସତ୍ୟବତୀ ପ୍ରଧାନୀ, ପୁଷ୍ପାଞ୍ଜଳି ବୁଡେକ, ଜଗଣା ମାଝି, ଶୋଭାମଣି ମାଝି, ସୁରେନ୍ଦ୍ର ମାଝି ପ୍ରମୁଖ ସହଯୋଗ କରିଥିଲେ। ୭ ଦଫା ଦାବିପତ୍ର ଜିଲ୍ଲାପାଳ ବଲାଙ୍ଗିରଙ୍କ ଜରିଆରେ ରାଷ୍ଟ୍ରପତି, ରାଜ୍ୟପାଳ ଓଡ଼ିଶାଙ୍କୁ ଇଚ୍ଛାପଡ଼ା ବଲାଙ୍ଗିର ସ୍ଥିତ ଶବରୀ ନାରାୟଣୀ ମନ୍ଦିର ଠାରୁ ଜିଲ୍ଲପାଳ କାର୍ଯ୍ୟାଳୟକୁ ଶହ ଶହ ଆଦିବାସୀ ଓ ମହିଳା ଢକା ବାଦ୍ୟ ସହ ଶୋଭାଯାତ୍ରା କରିଥିଲେ।

## ସର୍ବ ଭାରତୀୟ ଶକ୍ତି ଉତ୍ତୋଳନ ପ୍ରତିଯୋଗିତାରେ ବଲାଙ୍ଗିରର ବାଜିମାତ



ବଲାଙ୍ଗିର, ୧୦।୮ (ସମିସ): ଗୁଜୁରାତର ମେହେସନା ସହରରେ ଅନୁଷ୍ଠିତ ହୋଇଯାଇଥିବା ସର୍ବଭାରତୀୟ ଶକ୍ତି ଉତ୍ତୋଳନ ପ୍ରତିଯୋଗିତାରେ ବଲାଙ୍ଗିରର ଯୁବକମାନେ ବିଭିନ୍ନ ବିଭାଗରେ ଅବତିର୍ଣ୍ଣ ହୋଇ ସ୍ୱଣର୍, ରୌପ୍ୟ ତଥା ବ୍ରୋଞ୍ଜ ପଦକ ଲାଭ କରି ବଲାଙ୍ଗିରକୁ ଗୋରବାନ୍ୱିତ କରିଛନ୍ତି। ଅଗଷ୍ଟ ୧ ତାରିଖରୁ ୩ ତାରିଖ ପର୍ଯ୍ୟନ୍ତ ତିନି ଦିନ ଧରି ଆୟୋଜିତ ପ୍ରତିଯୋଗିତାରେ ଓଡ଼ିଶାର ୧୭ ଜଣଙ୍କୁ ମିଶାଇ ୪୫୦ ଜଣ ପ୍ରତିଯୋଗୀ ଭାରତର ବିଭିନ୍ନ ରାଜ୍ୟରୁ ଭାଗ ନେଇଥିଲେ। ପ୍ରତିଯୋଗିତାରେ ୬୬ କେଜି ବର୍ଗ (ଜୁନିୟର)ରେ ଦଳମଣି ଦେହେରୀ ସ୍ୱର୍ଣ୍ଣ, କୁଦରତ ନାଗ ରୌପ୍ୟ, ଟଙ୍କଧର ଦେହେରୀ (ସିନିୟର) ସ୍ୱର୍ଣ୍ଣ, ୭୪ କେଜି ବର୍ଗରେ ବିକାଶ ପଟେଲ (ଜୁନିୟର ଡେଡ୍‌ଲିଫ୍ଟ) ରେ ସ୍ୱର୍ଣ୍ଣ, ୮୩ କେଜି ବର୍ଗରେ ମହମ୍ମଦ ଅଲି ରାଜା (ସିନିୟର ବେଞ୍ଚ ପ୍ରେସ), ୮୩ କେଜି ବର୍ଗରେ ମହମ୍ମଦ ଅଲି ରାଜା (ସିନିୟର ବେଞ୍ଚ ପ୍ରେସ) ରେ ବ୍ରୋଞ୍ଜ, ପ୍ରଶାନ୍ତ ଦାଶ ସ୍ୱର୍ଣ୍ଣ, ୯୩ କେଜି ବର୍ଗରେ (ସବ ଜୁନିୟର) ଆଭାସ ଗୁପ୍ତ ସ୍ୱର୍ଣ୍ଣ, ତାଳଧ୍ୱଜ ସାହୁ (ସିନିୟର ସବ ଜୁନିୟର) ୧୦୫ କେଜି ବର୍ଗର ସିନିୟର ବେଞ୍ଚପ୍ରେସରେ ସଞ୍ଜିବ ରଥ ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି। ରାଜ୍ୟ ସଭାପତି ରୁଦ୍ରନାରାୟଣ ସାହୁଙ୍କ ନେତୃତ୍ୱରେ ଓଡ଼ିଶା ଟିମ୍ ସଫଳତା ହାସଲ କରିଛି। ବଲାଙ୍ଗିରର ଯୁବକମାନେ ଜିଲ୍ଲା ସମ୍ପାଦକ ତଥା ଏମ୍‌ଏମ୍‌ଫିଟନେସର ପ୍ରଶାନ୍ତ ଦାଶଙ୍କ ସହ ଓଡ଼ିଶା ଟିମ୍ ସହ ଯୋଗଦାନ କରିଥିଲେ। ଶକ୍ତି ଉତ୍ତୋଳନ ପ୍ରତିଯୋଗିତା ରେ ସଫଳତାରେ ଜିଲ୍ଲା ଶକ୍ତି ଉତ୍ତୋଳନ ସଂଘର ବରିଷ୍ଠ ଉପଦେଷ୍ଟା ରୁପକ କୁମାର ବରାଳ, ସଭାପତି ପ୍ରଶାନ୍ତ ମଟାରୀ ପ୍ରମୁଖ ସମସ୍ତଙ୍କୁ ଅଭିବାଦନ ଜଣାଇବା ସହ ଆଗକୁ ଥିବା ପ୍ରତିଯୋଗିତା ପାଇଁ ଶୁଭ କାମନା ଜଣାଇଛନ୍ତି।

### ଢାବା କର୍ମଚାରୀଙ୍କୁ ମାଡ଼

## ଅଭିଯୁକ୍ତ ପୁଲିସ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

ମନମୁଣ୍ଡା, ୧୦।୮ (ସମିସ)



ମନମୁଣ୍ଡା ଥାନା ଖଲିଆପାଲି (ପୁରୁମୁଣ୍ଡା) ପଞ୍ଚାୟତ ଗୁଦ୍ରୁଗୁଦାସ୍ଥିତ କାଳିଆ ଢାବା କର୍ମଚାରୀଙ୍କୁ ପୁଲିସ ମାଡ ମାରିଛି। ଏହି ଦବଙ୍ଗଗିରିକୁ ନେଇ ଢାବା କର୍ମଚାରୀ ପୁଲିସ ବିରୋଧରେ ନାରାବାଜି କରିଛନ୍ତି। ଶୋଭାଯାତ୍ରାରେ ଯାଇ ଥାନା ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ପୁଲିସ ଏତଲା କପି ଦେଇନାହିଁ। ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ। ଏହାରି ପ୍ରତିବାଦରେ ଢାବା ମାଲିକଙ୍କ ସହ ଅନ୍ୟମାନେ ଗର୍ଜିଥିଲେ।

ଶଗଡ଼ା ଫାଣ୍ଡି ଏସ୍‌ଆଇ ଚନ୍ଦନ ଜେନା ଓ ଆହୁରି ଅନେକ ପୁଲିସ ଅଧିକାରୀଙ୍କ ସମେତ ସାଦା ପୋଷାକଧାରୀ ବ୍ୟକ୍ତିମାନେ ଗୁରୁବାର ରାତି ପ୍ରାୟ ୧.୩୦ରେ କବାଟ ବନ୍ଦ ଥିବା କାଳିଆ ଢାବାରେ ପହଞ୍ଚି କବାଟ ବାଡେଇଥିଲେ। ସେତେବେଳେ ଢାବା କର୍ମଚାରୀ ଶୋଇଥିଲେ। ଏସ୍‌ଆଇ ଚନ୍ଦନ ଜେନା ଖାଇବାକୁ ମାଗିଥିଲେ। ରାତି ୧୧.୩୦ରୁ ଢାବା ବନ୍ଦ ହେଲାଣି। ଖାଦ୍ୟ ନାହିଁ ବୋଲି କର୍ମଚାରୀମାନେ କହିଥିଲେ। ସେତିକିରେ ଚନ୍ଦନ ଜେନା ଓ ତାଙ୍କ ସହ ଥିବା ଅନ୍ୟମାନେ କର୍ମଚାରୀଙ୍କୁ ଲାଠିରେ ନିସ୍ତୁକ ମାଡ ମାରିଥିଲେ। ପିସ୍ତଲ ଦେଖାଇ ଢାବାର ଡ୍ରରୁ ୬୨୦୦ ଟଙ୍କା ନେଇ ପଳାଇଯାଇଥିଲେ। ଗଲାବେଳେ ଢାବା କର୍ମଚାରୀ ଶକ୍ତି ବେହେରାଙ୍କୁ ଉଠାଇ ନେଇଯାଇଥିଲେ। ପୁଲିସ ମାଡରେ ୮ ଜଣ ଢାବା କର୍ମଚାରୀ ଆହତ ହୋଇଛନ୍ତି।

ଢାବା ପକ୍ଷରୁ କେଶନ ଭୋଇ ଏନେଇ ଥାନାରେ ଏତଲା ଦେଇଛନ୍ତି। ଅଭିଯୁକ୍ତଙ୍କ ବିରୋଧରେ କିନ୍ତୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇନ। ଏସପିଙ୍କ ନିକଟକୁ ମଧ୍ୟ ଅଭିଯୋଗ କରିବାକୁ ଯାଇଥିଲେ; ହେଲେ ସେ ନ ଥିବାରୁ ଅତିରିକ୍ତ ଏସପିଙ୍କୁ ଭେଟିଥିଲେ।

## ଯୁବକଙ୍କ ମୃତଦେହ ଠାବ

ଥୁଆମୂଳରାମପୁର, ୧୦।୮ (ସମିସ): କଳାହାଣ୍ଡି ଜିଲ୍ଲା କର୍ଲାପାଟ ଥାନା ଅଧୀନସ୍ଥ ଗୁଣପୁରପଞ୍ଚାୟତ କିରକିଚା ଗ୍ରାମର ଭଙ୍ଗା ଅଙ୍ଗନବାଡ଼ିକେନ୍ଦ୍ରରେ ମୃତଦେହ ପଡ଼ିଥିବା ସ୍ଥାନୀୟ ଲୋକେ ଦେଖିବାକୁ ପାଇ କର୍ଲାପାଟ ଥାନାକୁ ଖବର ଦେଇଥିଲେ। ଭାରପ୍ରାପ୍ତ ଥାନା ଅଧିକାରୀ ଶ୍ରୀକାନ୍ତ କୋଲକା ସାଇଣ୍ଟିଫିକ୍ ଟିମ୍‌କୁ ନେଇ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ଗାଁ ଲୋକଙ୍କ ସହଯୋଗ ନେଇ ଯୁବକଙ୍କ ମୃତଦେହ ଚିହ୍ନଟ ଓ ପ୍ରାଥମିକ ତଦନ୍ତ ପାଇଁ ଚେଷ୍ଟା କରି ମଧ କିଛି ଜାଣି ପାରିନଥିଲେ। ତଦନ୍ତ ପ୍ରକ୍ରିୟାରେ ସହାୟତା ପାଇଁ ସନ୍ଧାନୀ କୁକୁର ଅଣାଯାଇଥିଲା। କିଛି ସମୟର ତଦନ୍ତ ପରେ ମୃତ ଯୁବକ ପାଖରେ ପଡ଼ିଥିବା କିଛି ମୋବାଇଲ ନମ୍ବର ଲେଖାଥିବା ଏକ କାଗଜ ପୁଲିସ ପାଇଥିଲା। ସେହି ନମ୍ବରରୁ ଯୋଗାଯୋଗ କଲାପରେ ମୃତ ବ୍ୟକ୍ତି ଜଣକ ଭବାନୀପାଟଣା ବ୍ଲକ କର୍ଲାପଡ଼ା ଥାନା କଲମ ପଞ୍ଚାୟତ ତେନ୍ତୁଳିପଡ଼ାର ରତ୍ନାକର ନାଏକଙ୍କ ପୁଅ ଧରଣୀଧର (୩୦) ବୋଲି ଜଣାପଡ଼ିଥିଲା। ପରେ କର୍ଲାପଡ଼ା ଥାନା ଓ ସେ ଗ୍ରାମକୁ ଫୋନ୍ କରିବା ସହ ମୃତ ବ୍ୟକ୍ତିଙ୍କ ଫୋଟୋ ପଠାଇଲା ପରେ ତାଙ୍କ ବାପା ରତ୍ନାକର ଓ ତାଙ୍କ ପରିବାର ଲୋକେ ଆସିଥିଲେ। ପରିବାରଲୋକ ହତ୍ୟା ଅଭିଯୋଗ ଆଣିଛନ୍ତି। କର୍ଲାପାଟ ପୁଲିସ ଶବ ଚିହ୍ନଟ ପରେ ଶବକୁ ପରିବାରର ଲୋକଙ୍କ ଉପସ୍ଥିତିରେ ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଜାରି ରଖିଛି।

## ଆଜିଠୁ ସାମୂହିକ ଛୁଟିରେ ଯିବେ ଅମଲା

ତରଭା, ୧୦।୮ (ସମିସ): ଓଡ଼ିଶା ରାଜସ୍ୱ ଅମଲା ସଂଘର ନିଷ୍ପତ୍ତି କ୍ରମେ ତରଭା ତହସିଲ କାର୍ଯ୍ୟାଳୟର ସମସ୍ତ ଅମଲା ଅଗଷ୍ଟ ୧୧ ତାରିଖରୁ ସାମୂହିକ ଛୁଟିରେ ଯାଉଛନ୍ତି। ତହସିଲ କାର୍ଯ୍ୟାଳୟର ସେକ୍ସନ ଅଫିସର ବିରେନ୍ଦ୍ର ରଥ, ବରିଷ୍ଠ ରାଜସ୍ୱ ସହାୟକ ଶିବାନନ୍ଦ ବାଘ, ପ୍ରେମାନନ୍ଦ କୁଅଁର, ଅଚ୍ୟୁତ ଭୋଇ, ରଞ୍ଜିତା ମେହେର, କଳାକାହ୍ନୁ ପଧାନ, ପ୍ରଶାନ୍ତ ନାଗ, ତନ୍ମୟବାଘ, ସଞ୍ଜୟମେହେରପ୍ରମୁଖ ୧୧ତାରିଖରୁଛୁଟିରେରହିବେବୋଲି ଅତିରିକ୍ତ ତହସିଲଦାର ଦୀପ୍ତିମୟୀ ଭୁଏଁଙ୍କୁ ଲିଖିତ ଅବଗତ କରାଇଛନ୍ତି।

## ଓଲଟିଲା ଧାନ ବୋଝେଇ ଟ୍ରକ୍

ଲାଞ୍ଜିଗଡ଼, ୧୦।୮ (ସମିସ): କଳାହାଣ୍ଡି ଜିଲ୍ଲା ଭବାନୀପାଟଣାଠାରୁ ରାୟଗଡ଼ାକୁ ସଂଯୋଗ କରୁଥିବା ୬ନମ୍ବର ରାଜ୍ୟ ରାଜପଥର କିତିଙ୍ଗ ବେହେରା ପୋଲରେ ଏକ ଧାନ ବୋଝେଇ ଟ୍ରକ୍ (ସିଜି-୦୬-ଜି-ୱାଇ ୬୩୬୬) ଓଲଟି ପଡ଼ିଛି। ଟ୍ରକଟି ଭାରସାମ୍ୟ ହରାଇ ବେହେରା ପୋଲ ରାସ୍ତା କଡ଼ରେ ଓଲଟି ପଡ଼ିଥିଲା। ଏଥିରେ ଡ୍ରାଇଭର ଓ ସହଯୋଗୀ ସାମାନ୍ୟ ଆଘାତ ହୋଇଛନ୍ତି। ଟ୍ରକଟି ରାୟପୁର ଛତିଶଗଡ଼ରୁ ଧାନ ବୋଝେଇ କରି ଆନ୍ଧ୍ରପ୍ରଦେଶ ଅଭିମୁଖେ ଯାଉଥିଲା।

## ୧୦୦୦ଲିଟରର ମହୁଲ ପୋଚ ନଷ୍ଟ

ବୌଦ୍ଧ, ୧୦।୮ (ସମିସ): ବୌଦ୍ଧ ହରଭଙ୍ଗା ଥାନା ଅଧିକାରୀ ନଳିନୀ କାନ୍ତ ଦାଶଙ୍କ ନେତୃତ୍ୱରେ ସ୍ୱତନ୍ତ୍ର ଟିମ୍ ତଳଙ୍ଗା ପଞ୍ଚାୟତରେ ଚଢ଼ଉ କରିଥିଲେ। ବଡ଼ଭୁରୁଡ଼ା, ଭୁରୁଡ଼ା, ପତକାବାଲି ଗାଁରେ ଚଢ଼ଉ କରି ୪୦୦ଲିଟର ଦେଶୀ ମହୁଲ ପୋଚ ନଷ୍ଟ କରିଥିବା ସହ ମଦ ତିଆରିର ବିଭିନ୍ନ ସରଞ୍ଜାମ ଜବତ କରିଥିଲେ। ଚଢ଼ଉରେ ଥାନା ଅଧିକାରୀ ସମେତ ଏଏସ୍‌ଆଇ ଜିତେନ୍ଦ୍ର ମେହେର, ହାବିଲଦାର ସନ୍ତୋଷ କହଁର, କନେଷ୍ଟବଳ ନିରଞ୍ଜନ ପୃଷ୍ଟି ଓ ଆଇଆରବି ଯବାନ ସାମିଲ ଥିଲେ। ଅନ୍ୟପଟେ ବ୍ଲକର ରାମ୍ବିକଟା, ଚଣ୍ଡୀପୁର ଓ ନୂଆପଡ଼ା ଗ୍ରାମରେ ବୌଦ୍ଧ ପୁଲିସ ଓ ଅବକାରୀ ବିଭାଗ ଚଢ଼ଉ କରି ୬୦୦ଲିଟର ମହୁଲପୋଚ ନଷ୍ଟ କରିଛନ୍ତି। ଚଢ଼ଉରେ କୌଣସି ଅଭିଯୁକ୍ତ ଗିରଫ ହୋଇନାହାଁନ୍ତି।

## ଶ୍ରାବଣୀ ଉଷାକର୍ମ ଯଜ୍ଞ ଉତ୍ସବ

ଶଗଡ଼ା, ୧୦।୮ (ସମିସ): କନ୍ଧମାଳ ବ୍ଲକର ବିଭିନ୍ନ ଗ୍ରାମରେ ଶ୍ରାବଣୀ ଉଷାକର୍ମ ଯଜ୍ଞଉତ୍ସବ ତଥା ସତସଙ୍ଗ ଅନୁଷ୍ଠିତ ହୋଇଯାଇଛି। ଶନିବାର ଠାରୁ ଆରମ୍ଭ ହୋଇ ଆସନ୍ତା ୧୫ ତାରିଖ ପର୍ଯ୍ୟ ଚାଲିବ ବୋଲି ସୂଚନା ମିଳିଛି। ନିରଞ୍ଜନ ଆଚାର୍ଯ୍ୟ ଓ ସଭାପତି ଲକ୍ଷ୍ମଣ ଭୋଇଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହେଉଛି। ପ୍ରଥମ ଦିବସରୁ ରୁଣ୍ଡି ମହୁଲ ଆଶ୍ରମରେ କୁଞ୍ଜ ବିହାରୀ ସାହୁ ଓ ପତ୍ନୀ ମହେନ୍ଦ୍ରି କର୍ତ୍ତା ଭାବରେ ସହଯୋଗ କରିଥିଲେ। ଦ୍ୱିତୀୟ ଦିନ ସ୍ମୃତି ସଦନ ଠାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ତୃତୀୟ ଦିବସ କନ୍ଧମାଳ ସତସଙ୍ଗ ବିହାର ନିକଟସ୍ଥ ଚୈତନ୍ୟ ରଣା ଓ ଧର୍ମପତ୍ନୀ ସୁଶୀଳା ରଣାଙ୍କ ତତ୍ତ୍ୱାବଧାନରେ ପଣ୍ଡିତ ନିରଞ୍ଜନାଚାର୍ଯ୍ୟ ପୌରାହିତ୍ୟରେ ଯଜ୍ଞେଶ୍ୱଉତ୍ସବ ଓ ସତସଙ୍ଗ ଅନୁଷ୍ଠିତ ହୋଇଥିଲା। ରଣା ପରିବାର ସହ ସବିତା ସାହୁ ଓ ପୁଷ୍ପାଞ୍ଜଳି ଭୋଇ ସହଯୋଗ କରିଥିଲେ।

## ଦେବାନସାହେବପଡ଼ାରେ ବନ୍ଧୁମିଳନ

ଭବାନୀପାଟଣା, ୧୦।୮ (ସମିସ): ସ୍ଥାନୀୟ ଦେବାନସାହେବପଡ଼ାସ୍ଥିତ ଶ୍ରୀରାମ ମନ୍ଦିର ପରିସରରେ ଇଚ୍ଛାପୁର ଗ୍ରାମର ଯୁବତୀମାନଙ୍କ ଏକ ବନ୍ଧୁମିଳନ ଅନୁଷ୍ଠିତ ହୋଇଯାଇଛି। ବିନୋଦିନୀ ଦାଶ, ସ୍ୱର୍ଣ୍ଣପ୍ରଭା ମିଶ୍ର, ସାବିତ୍ରୀ ମୁଣ୍ଡ, ପଙ୍କଜିନୀ ପୁରୋହିତ, ସରୋଜିନୀ ଆଚାର୍ଯ୍ୟ, ବୈଜୟନ୍ତୀମାଳା ମିଶ୍ର, ବିଜୟଲକ୍ଷ୍ମୀ ଦାଶ, ପ୍ରେମଦିନି, କଳ୍ପନା ଆଚାର୍ଯ୍ୟ, ମାମି ଆଚାର୍ଯ୍ୟ, ସୁମି ଆଚାର୍ଯ୍ୟ, ରଞ୍ଜିତା ଆଚାର୍ଯ୍ୟ, ମିନାକ୍ଷୀ ରଥ, ଫୁଲ୍ଲୁ ଆଚାର୍ଯ୍ୟ, ରମିତା ମିଶ୍ର, ଶାନ୍ତିଲତା ମିଶ୍ର, ଚନ୍ଦ୍ରପ୍ରଭା ମିଶ୍ର, ଭୁବନି ମିଶ୍ର, ଅଳି ଆଚାର୍ଯ୍ୟ, ପିଙ୍କି ପାଣିଗ୍ରାହୀ, କଲ୍ୟାଣୀ ମହାପାତ୍ର, ରଞ୍ଜିତା ଆଚାର୍ଯ୍ୟ ପ୍ରମୁଖ ଯୋଗଦେଇ ପିଲାଦିନର ସ୍ମୃତି ମନେ ପକାଇଥିଲେ।

## ହର୍ ଘର୍ ତିରଙ୍ଗା ପାଇଁ ପ୍ରସ୍ତୁତି

ବୌଦ୍ଧ, ୧୦।୮ (ସମିସ): ବୌଦ୍ଧ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ହର୍ ଘର୍ ତିରଙ୍ଗା କାର୍ଯ୍ୟକ୍ରମର ସୁପରିଚାଳନା ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ବିଭୂତି ଭୂଷଣ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ, ଡିଏସପି ଆନନ୍ଦ ଚନ୍ଦ୍ର ଡୁଙ୍ଗଡୁଙ୍ଗ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସେନା, ଉପ ଜିଲ୍ଲାପାଳ ବିନୟ ଭୋଇ, ଅବକାରୀ ଅଧୀକ୍ଷକ ଶାନ୍ତି ମାରାଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ।

### 'କଳାହାଣ୍ଡିର କୃଷି ଓ କୃଷକ' ସମ୍ପର୍କିତ ଖୋଲା ଆଲୋଚନା

# କୃଷି ବିଶ୍ୱବିଦ୍ୟାଳୟ ପାଇଁ ଉଠିଲା ଦାବି

ଭବାନୀପାଟଣା, ୧୦।୮ (ସମିସ):




ଭବାନୀପାଟଣାରେ 'କଳାହାଣ୍ଡିର କୃଷି ଓ କୃଷକ' ସମ୍ପର୍କିତ ଖୋଲା ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଦୀର୍ଘ ବର୍ଷପରେ କଳାହାଣ୍ଡି ଜିଲ୍ଲାର ଗଣମାଧ୍ୟମ ପ୍ରତିନିଧିଗଣ ଗୋଟିଏ ଛାତତଳେ କୃଷି ଓ କୃଷକ ପ୍ରସଙ୍ଗକୁ ଏକ ନିଆରା ଢଙ୍ଗରେ ଉପସ୍ଥାପନ କରିଛନ୍ତି। କଳାହାଣ୍ଡି ଜିଲ୍ଲାରେ କୃଷିଭିତ୍ତିକ ଶିଳ୍ପ ସ୍ଥାପନ ଓ କୃଷି ଉତ୍ପାଦର ବିପଣନ ଏକ ପ୍ରମୁଖ ପ୍ରସଙ୍ଗ। ଜିଲ୍ଲାରେ ଅନେକ କୃଷି ସମସ୍ୟା ରହିଛି। ସେଥିମଧ୍ୟରୁ ଉପଯୁକ୍ତ କୃଷି ଭିତ୍ତିଭୂମି ପାଇଁ ଜମିଜମାର ରେକର୍ଡ ସଂଶୋଧନ ସହ ଅଭାବୀ ବିକ୍ରି ସମସ୍ୟାର ସମାଧାନ କରାଯିବାର ଆବଶ୍ୟକତା ରହିଛି। ଖାଲି ପଡ଼ିଥିବା ଜାଗାକୁ କୃଷି ଉପଯୋଗୀ କରାଯିବାର କୌଶଳ ନିର୍ଣ୍ଣୟ ଆବଶ୍ୟକ। ବିଭିନ୍ନ ସରକାରୀ ଯୋଜନା ଦ୍ୱାରା ଚାଷ ଓ ଚାଷୀଙ୍କୁ ଗୁରୁତ୍ୱ ଦିଆଯିବା ସହ କୃଷି ଶ୍ରମିକ ବିଶେଷ କରି ମହିଳା କୃଷି ଶ୍ରମିକ ଓ ଶିକ୍ଷିତ ଯୁବକ ଯୁବତୀଙ୍କୁ ପ୍ରୋତ୍ସାହିତ କରାଯିବାର ସମୟ ଆସିଛି। ମନରେଗା ଭଳି ଯୋଜନାକୁ ଚାଷ ଓ ଚାଷୀଙ୍କ ହିତ ପାଇଁ ବିନିଯୋଗ କରାଯିବା ଉଚିତ। ରାଜ୍ୟରେ ଚାଷୀଙ୍କ ଉନ୍ନତି ପାଇଁ କୃଷି କମିସନ ସ୍ଥାପନ, କୃଷି ଯନ୍ତ୍ରପାତି ଓ ଉପକରଣ କିଣିବାରେ ରିହାତି, ସଘନ ଚାଷ ପ୍ରଣାଳୀର ବ୍ୟବହାର, କୃଷି ଭିତ୍ତିକ ପ୍ରୋସେସିଂ ୟୁନିଟ ସ୍ଥାପନ, ସୁବ୍ୟବସ୍ଥିତ ବଜାର, ଷ୍ଟୋରେଜ ପଏଣ୍ଟ, ଜିଲ୍ଲାବ୍ୟାପି ଶୀତଳ ଭଣ୍ଡାର ସ୍ଥାପନ, ଚାଷୀ ଦ୍ୱାରା ଉତ୍ପାଦିତ ଫସଲ ମଧ୍ୟରୁ ୮୦ ପ୍ରତିଶତ ମଣ୍ଡିରେ ବିକ୍ରି ଓ ବାଧ୍ୟତାମୂଳକ ୨୦ ପ୍ରତିଶତ ବିହନ ଭାବେ ବ୍ୟବହାର, କୃଷକ ସଂଗଠନଗୁଡ଼ିକୁ ସଶକ୍ତ କରିବା, ଆଖୁଚାଷକୁ ପ୍ରୋତ୍ସାହନ ଓ ଦେଶୀଗୁଡ଼ ପ୍ରସ୍ତୁତି ୟୁନି ସ୍ଥାପନ, ଗୋପାଳନ, ମତ୍ସ୍ୟ ଚାଷ, କଦଳୀ, ଆମ୍ବ ଓ ପିଆଜ ଚାଷ ପାଇଁ ପ୍ରୋତ୍ସାହନ, ପ୍ରବାହ ଜଳସେଚନ ବଦଳରେ ଉଠା ଜଳସେଚନ ଉପରେ ଗୁରୁତ୍ୱ, ବର୍ଜ୍ୟ ଜଳ ପରିଚାଳନା, ଛୋଟଛୋଟ ନଦୀର ସଂଯୋଗୀକରଣ, ଇନ୍ଦ୍ରାବତୀ ଜଳବିଦ୍ୟୁତ ପ୍ରକଳ୍ପ ଶଯ୍ୟାରେ ଚାରାରୋପଣ, ସରକାରୀ ଗୋଦାମରେ ଗଚ୍ଛିତ ଚାଉଳର ସଦ୍ ବ୍ୟବହାର, ଭବାନୀପାଟଣା ଓ ଧର୍ମଗଡ଼ ଉପଖଣ୍ଡରେ ୨ଟି ବିଶାଳ ଗାଈଗୋରୁ, ଛେଳି ମେଣ୍ଢା ବଜାର ସ୍ଥାପନ, କପା ମଣ୍ଡି ସ୍ଥାପନ, ଜଳପୁରୁଷ କାର୍ଜୀ ମାଝୀଙ୍କ ଦ୍ୱାରା ନିର୍ମିତ କେନାଲର ପୁନଃରୁଦ୍ଧାର, ଲାଞ୍ଜିଗଡ଼ ବ୍ଲକରେ ରେତ କେନାଲର ସମ୍ପ୍ରସାରଣ, ନିୟମଗିରି ଅଧିବାସୀଙ୍କ ଉତ୍ପାଦିତ ଜଙ୍ଗଲଜାତ ଦ୍ରବ୍ୟର ଠିକ ବିକ୍ରିବଟା, ଚାଷ ଓ ଚାଷୀଙ୍କ ମଧ୍ୟରେ ଦଲାଲରାଜ ଶେଷ କରିବା, ମରୁଡ଼ି ପ୍ରପୀଡ଼ିତ ଅଞ୍ଚଳରେ କୃଷିକୁ ପ୍ରୋତ୍ସାହନ, ମଣ୍ଡି ବ୍ୟବସ୍ଥାରେ ଉନ୍ନତି, ଜିଲ୍ଲାରେ କୃଷି ବିଶ୍ୱ ବିଦ୍ୟାଳୟ ସ୍ଥାପନର ଆବଶ୍ୟକତା ରହିଛି। ସାରା ରାଜ୍ୟରେ କୃଷିରେ ଅଗ୍ରାଧିକାର ହାସଲ କରିଥିବା କଳାହାଣ୍ଡି ପାଇଁ ଏକ ସ୍ୱତନ୍ତ୍ର ପଲିସୀର ଆବଶ୍ୟକତା ରହିଛି ଏବଂ ଜିଲ୍ଲାର କୃଷି ପ୍ରସଙ୍ଗ ବିଧାନସଭାରେ ଉଠିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି। କଳାହାଣ୍ଡି ଜିଲ୍ଲା ସାମ୍ବାଦିକ ୟୁନିୟନର ସଭାପତି କମ୍ବୁପାଣି ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କଳାହାଣ୍ଡି ଜିଲ୍ଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂଦେଓ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ଲେଖକ ଓ ଗବେଷକ ଉମାଶଙ୍କର କର, ବରିଷ୍ଠ ସାମ୍ବାଦିକ ସ୍ୱାଧୀନ ପାତ୍ର, ଶାନ୍ତନୁ ବେହେରା, ସୁଶାନ୍ତ ମହାପାତ୍ର, ବିଶିଷ୍ଟ ଚାଷୀ କୃଷ୍ଣ ନାଗ, ପ୍ରଶାନ୍ତ ପାଟଯୋଶୀ, ଦୀପ୍ତିରଞ୍ଜନ ପ୍ରହରାଜ, ଭବାନୀପାଟଣା ସମବାୟ ବ୍ୟାଙ୍କର ସଭାପତି ଗିରୀଶ ଚନ୍ଦ୍ର ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ। ଅନ୍ୟପକ୍ଷରେ ପ୍ରବୋଧ ରଥ ସାମ୍ବାଦିକମାନଙ୍କ ଏଭଳି ଭୂମିକାକୁ ପ୍ରଶଂଶା କରିବା ସହିତ ବିଭିନ୍ନ ତଥ୍ୟ ସମ୍ବଳିତ ପ୍ରସ୍ତାବ ବାସ୍ତବ ରୂପନେବା ଜରୁରୀ ବୋଲି ମତଦେଇଥିଲେ। ଜୁନାଗଡ଼ ବିଧାୟକ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ରଙ୍କ ଆବାହକତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ସାମ୍ବାଦିକ ହେମନ୍ତ ସାହୁ ପରିଚାଳନା କରିଥିବାବେଳେ ପ୍ରଶାନ୍ତ ସାମନ୍ତରା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ କାର୍ଯ୍ୟକ୍ରମର ଆବାହକ ବିଧାୟକ ଶ୍ରୀ ମିଶ୍ର ଆଗାମୀ ଦିନରେ ଜିଲ୍ଲାର କୃଷିଭିତ୍ତିକ ପ୍ରସଙ୍ଗଗୁଡ଼ିକୁ ବିଧାନସଭାରେ ଉପସ୍ଥାପନ କରିବେ ବୋଲି ଦୃଢତାର ସହିତ ପ୍ରକାଶ କରିଥିଲେ। ଏଥିରେ ଜିଲ୍ଲାର ୧୩ଟି ବ୍ଲକ ଅଞ୍ଚଳରୁ ଶତାଧିକ ସାମ୍ବାଦିକଙ୍କ ସହ ଚାଷୀ, ବୁଦ୍ଧିଜୀବୀ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ।

## ପାଠ ପଢ଼ିବାକୁ ଯାଇଥିବା ପୁଅକୁ ଅପହରଣ

ଥୁଆମୂଳରାମପୁର, ୧୦।୮ (ସମିସ): ରବିବାର ଅପରାହ୍ନ ୫ଟା ରେ ନିଜ ପୁଅକୁ କେହି ଅପହରଣ କରିନେଇଥିବା ନେଇ ଉଡିଗୁଣାର ଟାକୁ ମାଝୀ ଥୁଆମୂଳରାମପୁର ଥାନାରେ ଅଭିଯୋଗ କରିଛନ୍ତି। ସୂଚନା ଅନୁସାରେ ଥୁଆମୂଳ ରାମପୁର ପୁଲିସ ଥାନା ଅଧୀନସ୍ଥ ଉଡିଗୁଣାର ଟାକୁ ମାଝୀଙ୍କ ପୁଅ ବିଶ୍ୱ ବିଶ୍ୱନାଥ(୧୫) ଭବାନିପାଟଣା ବିଶ୍ୱ ବିଦ୍ୟାଳୟରେ ପାଠ ପଢୁଛି। ଗତ ୪ତାରିଖ ଦିନ ୫ହଜାର ଟଙ୍କା ନେଇ ଘରରୁ ବାହାରି ଭବାନିପାଟଣା ଯାଇଥିଲା। କିନ୍ତୁ ଗତ ୭ ତାରିଖ ଦିନ ବିଶ୍ୱନାଥର ମୋବାଇଲ ନମ୍ବରରୁ ଅନ୍ୟ କେହି ଜଣେ ଫୋନ କରି ତୁମ ପୁଅ



ଆମ ପାଖରେ ଅଛି। ୧୫ ହଜାର ଟଙ୍କା ଦିଅ ନଚେତ ତୁମ ତୁମ ପୁଅକୁ ଜୀବନରେ ମାରି ଦିଆଯିବ ବୋଲି ଧମକ ଦେଇଥିଲେ। ଯାହା ଶୁଣିବା ପରେ ନିଜେ ଟାକୁ ମାଝୀ ଭବାନିପାଟଣା ଯାଇ ବିଶ୍ୱନାଥର ସାଙ୍ଗମାନଙ୍କୁ ବିଶ୍ୱନାଥ ସମ୍ବନ୍ଧରେ ପଚାରି ବୁଝିଥିଲେ। କିନ୍ତୁ ବିଶ୍ୱନାଥ ତାଙ୍କ ନିକଟକୁ ପହଞ୍ଚି ନଥିବା ସେମାନେ ସୂଚନା ଦେଇଥିଲେ। ପୁଣି ରବିବାର ସକାଳେ ବିଶ୍ୱନାଥର ମୋବାଇଲ ନମ୍ବରରୁ ପୁଣି ଫୋନ ଆସିଥିଲା। ସେମାନେ ଉତରପ୍ରଦେଶର କାନପୁର ଠାରେ ଥିବା କହିବା ସହ ଶୀଘ୍ର ଟଙ୍କା ନେଇ ଯିବା ପାଇଁ ଧମକ ଦେଇଥିଲେ। ଏନେଇ ବାପା ଟାକୁ ମାଝୀ ଥୁଆମୂଳରାମପୁର ଥାନାର ଦ୍ୱାରସ୍ଥ ହୋଇ ପୁଅକୁ ଠାବ କରିବା ପାଇଁ ଅନୁରୋଧ କରିଛନ୍ତି।

## ବ୍ଲକ୍ ଉପାଧ୍ୟକ୍ଷଙ୍କ ଉଦ୍ୟମରେ ଫେରିଲେ ୩ ଯୁବତୀ

କୋକସରା, ୧୦।୮ (ସମିସ): ତାମିଲନାଡୁ ତ୍ରିପୁରକୁ ସିଲେଇ କରିବାକୁ ଯାଇ ନିର୍ଯାତିତ ହେଉଥିବା କୋକସରା ଅଞ୍ଚଳର ୩ଜଣ ଯୁବତୀଙ୍କୁ ବ୍ଲକ ଉପାଧ୍ୟକ୍ଷ ରାଜୀବ ଅଗ୍ରୱାଲଙ୍କ ଉଦ୍ୟମରେ ଉଦ୍ଧାର କରାଯାଇଛି। କୋକସରା ଅଞ୍ଚଳର କିଛି ଯୁବତୀଙ୍କ ସହ ଏହି ଯୁବତୀମାନେ ଗତ ୮ ମାସ ତଳେ ତାମିଲନାଡୁ ତ୍ରିପୁରକୁ ସିଲେଇ କରିବା ପାଇଁ ଯାଇଥିଲେ। ସେଠାକାର ଏକ ସିଲେଇ କେନ୍ଦ୍ରରେ କାମ କରୁଥିଲେ; ହେଲେ ସିଲେଇ କେନ୍ଦ୍ରରେ ସେମାନଙ୍କୁ ଅଳ୍ପ କିଛି ଟଙ୍କା ଦେଇ ୧୨ ଘଣ୍ଟାରୁ ଅଧିକ ପରିଶ୍ରମ କରାଯାଉଥିଲା। ଏହା ସହିତ ସେମାନଙ୍କ ସ୍ୱାସ୍ଥ୍ୟ ଖରାପ ହେଲେ କିମ୍ବା ଘରକୁ ଯିବାକୁ କହିଲେ ଛୁଟି ନ ଦେଇ ମାନସିକ ନିର୍ଯାତନା ଦିଆଯାଉଥିଲା। ଏନେଇ ଯୁବତୀମାନେ ତାଙ୍କ ଘର ଲୋକଙ୍କୁ ଜଣାଇବା ସହ କୋକସରା ବ୍ଲକ ଉପାଧ୍ୟକ୍ଷଙ୍କୁ ମଧ୍ୟ ଜଣାଇଥିଲେ। ଶ୍ରୀ ଅଗ୍ରୱାଲ ଏହି ଯୁବତୀମାନଙ୍କୁ ଉଦ୍ଧାର କରିବା ପାଇଁ ଜିଲ୍ଲା ପ୍ରଶାସନ ସହ ଆଲୋଚନା କରି ସିଲେଇ କେନ୍ଦ୍ରର ମାଲିକଙ୍କୁ ଯୋଗାଯୋଗ କରିଥିଲେ। ଏହାପରେ ଯୁବତୀଙ୍କ ଭାଇଙ୍କୁ ତ୍ରିପୁର ପଠାଇ ସେମାନଙ୍କୁ ଉଦ୍ଧାର କରାଯାଇଛି। ଏବେ ସେମାନେ ନିଜ ଗାଁକୁ ଫେରିଛନ୍ତି।

## ରାଷ୍ଟ୍ରୀୟ ସମ୍ମାନର ସହ ଯବାନଙ୍କ ଅନ୍ତିମ ସଂସ୍କାର

କୋମନା, ୧୦।୮ (ସମିସ): ନୂଆପଡ଼ା ଜିଲ୍ଲା କୋମନା ଥାନା ଅନ୍ତର୍ଗତ ଖଇରଭାଡ଼ି ଗ୍ରାମର ଯବାନ ପରମାନନ୍ଦ ମାଝୀ ଗତ ଦୁଇଦିନ ତଳେ ୩୫୩ ନଂ ଜାତୀୟ ରାଜପଥର କ୍ରିସ୍ତା ଓ ଉଦ୍ୟାନବନ୍ଧର ମଧ୍ୟ ଭାଗରେ ଥିବା ବୁଲାଣିରେ ଯାଉଥିବା ବେଳେ ଟ୍ରକ୍ ଧକ୍କାରେ ମୃତ୍ୟୁ ହୋଇଥିଲା। ସହିଦ ପରମାନନ୍ଦ ୧୯-ବିହାରର ରେଜିମେଣ୍ଟ ରେ କାର୍ଯ୍ୟରତ ଥିବା ବେଳେ ୮ ତାରିଖ ଦିନ ଛୁଟିରେ ଘରକୁ ଆସିଥିଲେ। ସନ୍ଧ୍ୟା ବେଳେ ମାମୁଁ ଭଣଜା ମିଶି କୌଣସି କାମରେ କୋମନା ଯାଉଥିବା ବେଳେ ପଛପଟୁ ଟ୍ରକ୍ ଆସି ମାଡି ଯାଇଥିଲା। ଯାହାଫଳରେ ଘଟଣା ସ୍ଥଳରେ



ଉଭୟଙ୍କ ମୃତ୍ୟୁ ହୋଇଥିଲା। ଖବର ପାଇ ବିହାର ରେଜିମେଣ୍ଟର ବିଭିନ୍ନ ଅଧିକାରୀ ନୂଆପଡ଼ା ପହଞ୍ଚି ଯବାନଙ୍କ ମର ଶରୀରକୁ ରାଷ୍ଟ୍ରୀୟ ସମ୍ମାନ ଦିଆ ଯାଇଥିଲା। ରବିବାର ପୂର୍ବାହ୍ନ ୧୧ ଟାରେ ମରଶରୀର ଗାଁରେ ପହଞ୍ଚିବା ପରେ ଗାଁ କାନ୍ଦବୋବାଳିରେ ଫାଟି ପଡ଼ିଥିଲା। କୁରେଶ୍ୱର ପଞ୍ଚାୟତ କାର୍ଯ୍ୟାଳୟରୁ ମର ଶରୀରକୁ କୁରେଶ୍ୱର ଓ ଖଇରଭାଡି ଗାଁରେ ପରିକ୍ରମା କରାଯାଇଥିଲା। ଶୋଭାଯାତ୍ରାରେ ପୂର୍ବତନ କଳାହାଣ୍ଡି ସଂସଦ ବସନ୍ତ ପଣ୍ଡା, ପୂର୍ବତନ କୁରେଶ୍ୱର ସରପଞ୍ଚ ଅନ୍ତ ସାହୁ, ସରପଞ୍ଚ ସତ୍ୟବାନ ସାହୁ, ୧୯- ରେଜିମେଣ୍ଟର ବହୁ ପଦାଧିକାରୀ, ଗ୍ରାମବାସୀ ତଥା ଲକ୍ଷାଧିକ ସଂଖ୍ୟାରେ ବିଭିନ୍ନ ଅଞ୍ଚଳର ଜନସାଧାରଣ ସାମିଲ ହୋଇଥିଲେ। ଶେଷରେ ରାଷ୍ଟ୍ରୀୟ ମର୍ଯ୍ୟାଦାରେ ମୃତଦେହ ସଂସ୍କାର କରାଯାଇଥିଲା।

## ଛେଳିକିଣା କାରବାରରେ ଯୁବକଙ୍କୁ ହତ୍ୟା

ନୂଆପଡ଼ା/ଖଡ଼ିଆଳ, ୧୦।୮ (ସମିସ): ନୂଆପଡ଼ା ଜିଲ୍ଲା ଖଡ଼ିଆଳ ଥାନା ଚିଚେର ଗ୍ରାମର ଏକ ଚାଷ ଜମିରୁ ଅର୍ଦ୍ଧ ନଗ୍ନ ମୃତଦେହ ଉଦ୍ଧାର ହେବା ଘଟଣାରେ ଖଡ଼ିଆଳ ଥାନା ପୁଲିସ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଛି। ଏହାସହ ହତ୍ୟାର ଗୁମର ଖୋଲିଛି। ଛେଳିକିଣା କାରବାର ପରେ ଟଙ୍କା ଦିଆ ନିଆକୁ ନେଇ ଗାମୁଛାରେ ତଣ୍ଟି ଚିପି ହତ୍ୟା କରାଯାଇଥିବା ଜଣା ପଡ଼ିଛି। ଏହି ଘଟଣାରେ ଚିଚେର ଗାଁର ସଦାଶିବ ବୈଠାରୁ (୩୦) ଏବଂ ତାଙ୍କ ସାନ ଭାଇ କାର୍ତ୍ତିକ ବୈଠାରୁ (୨୭) ଗିରଫ ହୋଇଛନ୍ତି। ଶନିବାର ସକାଳେ ଚିଚେର ଗାଁର ଏକ ଚାଷ ଜମିରେ ମାଣ୍ଡୋଶିଲ ଗ୍ରାମର ଦିନ ପାନ(୪୫) ନାମକ ଜଣେ ଛେଳି ବ୍ୟବସାୟୀଙ୍କ ମୃତ ଦେହ ପଡ଼ିଥିଲା। ଖଡ଼ିଆଳ ପୁଲିସ ତଦନ୍ତ କରି ଶେଷରେ ହତ୍ୟାକାରୀଙ୍କୁ ଠାବ କରିଛି। ସଦାଶିବ ଦିନଙ୍କ ସହ ମିଶି ନେହେନା ଗ୍ରାମର ପ୍ରେମ ସୁନାନୀଙ୍କ ଘରକୁ ଛେଳି କିଣିବା ପାଇଁ ଯାଇଥିଲେ। ଛେଳିକିଣାରେ ମୁଲଚାଲ ନ ହେବାରୁ ସଦାଶିବ ଓ ଦିନ ସଦାଶିବଙ୍କ ଘରକୁ ପଳାଇ ଆସିଥିଲେ। ସଦାଶିବର ଘରେ ଦିନ ଶୁକ୍ରବାର ରାତିରେ ଖାଇଥିଲେ। ପରେ ସଦାଶିବ ଓ କାର୍ତ୍ତିକ (ଦୁଇ ଭାଇ) ଦିନଙ୍କୁ ତାଙ୍କ ଘରକୁ ଛାଡିବାକୁ ଯାଇଥିଲେ। ବାଟରେ ଟଙ୍କା ଦେବା ପାଇଁ ସଦାଶିବର ଭାଇ କାର୍ତ୍ତିକ ଦିନଙ୍କୁ ଜାବୁଡି ଧରି ଦେଇଥିଲା। ସଦାଶିବ ଧରିଥିବା ଟାୱାଲରେ ଦିନର ଗଳା ଜୋରରେ ଚିପି ଦେବାରୁ ଦିନଙ୍କ ମୃତ୍ୟୁ ଘଟିଥିଲା। ମୃତ୍ୟୁ ଘଟିଥିବା ଜାଣି ତାଙ୍କୁ ନେଇ ସେମାନେ ଏକ ଚାଷ ଜମିରେ ଫିଙ୍ଗି ଦେଇଥିଲେ।

## ଲଛିପୁର ଶିଶୁ ମନ୍ଦିରରେ ବିଜ୍ଞାନ ମେଳା

ଲଛିପୁର, ୧୦।୮ (ସମିସ): ଲଛିପୁର ସରସ୍ୱତୀ ଶିଶୁ ମନ୍ଦିରରେ ସଂକୁଳସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ସଂକୁଳ ପ୍ରମୁଖ ଦିଲ୍ଲୀପ ସାହୁ ଅଧ୍ୟକ୍ଷତା କରିଥିଲେ। ଜିଲ୍ଲା ପ୍ରମୁଖ ବିଭୁତି ଭୂଷଣ ଓତା, ଦିଗଶିରା ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ଅମ୍ଳାନ ପଣ୍ଡିଆ, ସଂକୁଳ ସଂଯୋଜକ ସୁବାଷ ଚନ୍ଦ୍ର ମିଶ୍ର, ପବିତ୍ର ନାରାୟଣ ନେପାକ, ଶରତ ଶତପଥୀ ଅତିଥି ଭାବେ ଯୋଗ ଦେଇଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ବଳରାମ ପୂଜାରୀ ଅତିଥି ପରିଚୟ ଓ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଗୁରୁଜୀ ପ୍ରଭାତ ଦାଶ ମଞ୍ଚ ପରିଚାଳନା କରିଥିଲେ। ୧୧ଟି ବିଦ୍ୟାଳୟର ୪୫୨ ଜଣ କୁନି ବୈଜ୍ଞାନିକ ଅଂଶ ଗ୍ରହଣ କରିଥିଲେ। ପବିତ୍ର ନାରାୟଣ ନେପାକ, ଶୋଭନା ମହାପାତ୍ର, ଅଶୋକ ଦେହୁରୀ ଓ ମୁକୁଲ ରଣାଙ୍କୁ ସମ୍ମାନିତ କରାଯାଇଥିଲା। ଅଶ୍ୱିନୀ ଦନ୍ତା, ସୁବାଷ ଚନ୍ଦ୍ର ମିଶ୍ର, ରମାକାନ୍ତ ହୋତା ପ୍ରମୁଖ ବିଭିନ୍ନ ଦାୟିତ୍ୱ ତୁଲାଇଥିଲେ।

## ତରଭା ଜେଏନ୍‌ଭିରେ ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମ

ତରଭା, ୧୦।୮ (ସମିସ): ତରଭା ପିଏମ ଶ୍ରୀ ଜବାହାର ନବୋଦୟ ବିଦ୍ୟାଳୟରେ ସାମୂହିକ ଔଷଧ ସେବନ ଉଦଘାଟନୀ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସହକାରୀ ଜିଲ୍ଲାପାଳ ରାଜେନ୍ଦ୍ର ମାଝି(ରାଜସ୍ୱ), ଅତିରିକ୍ତ ଜିଲ୍ଲାପାଳ ଅଞ୍ଜୋଲିନା ପଧାନ (ସାଧାରଣ), ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ଉଷାରାଣୀ ଦାସ, ଅତିରିକ୍ତ ଜିଲ୍ଲା ଚିକିତ୍ସା ଅଧିକାରୀ (ଜିବାଣୁ ବାହିତ) ଡାକ୍ତର ତ୍ରିବିକ୍ରମ ପାଣ୍ଡିଆ ପ୍ରମୁଖ ଯୋଗଦେଇ ବାତ ରୋଗର ଭୟବହତା ସମ୍ବନ୍ଧରେ ଛାତ୍ରଛାତ୍ରୀଙ୍କୁ ଅବଗତ କରାଇଥିଲେ। ତରଭା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନ ସମସ୍ତ ଆଶାକର୍ମୀ, ସ୍ୱାସ୍ଥ୍ୟ କର୍ମୀ ଉପସ୍ଥିତ ଥିଲେ। ବିଦ୍ୟାଳୟର ୫୬୯ ଜଣଙ୍କୁ ଔଷଧ ସେବନ କରାଯାଇଥିଲା। ଅଶୋକ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ସୁଭଦ୍ରା ତୃତୀୟ କିସ୍ତି ସହାୟତା ବଣ୍ଟନ

ବୌଦ୍ଧ, ୧୦।୮ (ସମିସ): ବୌଦ୍ଧ ଟାଉନହଲ୍ ପରିସର ଭିକାରୀ କଳା ମଣ୍ଡପରେ ସୁଭଦ୍ରା ତୃତୀୟ କିସ୍ତି ସହାୟତା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବୌଦ୍ଧ ବିଧାୟକ ସରୋଜ ପ୍ରଧାନ, ଜିଲ୍ଲାପାଳ ବିଭୂତି ଭୂଷଣ ନାୟକ, ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସେନା, ଉପ ଜିଲ୍ଲାପାଳ ବିନୟ ଭୋଇ, ଯୁଗଳ କିଶୋର ସାମଲ, ଜିଲ୍ଲାପରିଷଦ ସଭ୍ୟ ଇଂ ରାକେଶ ତ୍ରିପାଠୀ, ବୌଦ୍ଧ ବ୍ଲକ ଅଧ୍ୟକ୍ଷ, ପ୍ରିୟଦର୍ଶୀ ପ୍ରତ୍ୟୁଷ ରଥ, ହରଭଙ୍ଗା ବ୍ଲକ ଅଧ୍ୟକ୍ଷା ସ୍ନେହଲତା ପ୍ରଧାନ, ଭାରପ୍ରାପ୍ତ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଗୋପାଳ ଚରଣ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ। ମେଣ୍ଟିମାଲ ଉଚ୍ଚ ବିଦ୍ୟାଳୟର ସଂସ୍କୃତ ଶିକ୍ଷକ ପ୍ରମୋଦ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଗାଧୋଇବାବେଳେ ପୋଖରୀରେ ବୁଡ଼ି ମୃତ୍ୟୁ

ଶଗଡ଼ା, ୧୦।୮ (ସମିସ): ବୌଦ୍ଧ ଜିଲ୍ଲା ମନମୁଣ୍ଡା ଥାନା ଶିମିଳିପଦର ଗାଁରେ ପାଣିରେ ବୁଡି ଜଣକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଗୁରୁ ଗରିଆ। ତାଙ୍କ ନିଜ ଗାଁ ସିଗାଡି। ସେ ଶିମିଳିପଦର ଗାଁରେ ଘର ଜ୍ୱାଇଁ ହୋଇ ରହି ଆସୁଥିଲେ। ତାଙ୍କ ପରିବାର ଗରିବ ଖଟିଖିଆ ଶ୍ରେଣୀର ହୋଇଥିବାରୁ ପୁଅ ବାହାର ରାଜ୍ୟକୁ କାମ କରିବା ପାଇଁ ଯାଇଛନ୍ତି। ସେ ନିଜେ ମିସ୍ତ୍ରି କାମ କରି ପରିବାର ପ୍ରତିପୋଷଣ କରୁଥିଲେ। ରବିବାର ସକାଳୁ ଗ୍ରାମ ପୋଖରୀକୁ ଗାଧେଇ ଯିବା ବେଳେ ତାଙ୍କ ଗୋଡ଼ ଖସି ଯାଇ ଥିଲା। ସେ ପାଣିରେ ଭାସୁଥିବା ବେଳେ ଗାଁର କିଛି ଯୁବକ ଦେଖି ତାଙ୍କୁ ଉଦ୍ଧାର କରିଥିଲେ। ତାଙ୍କ ମୁଣ୍ଡରେ ଗଭୀର ଗଭୀର ଆଘାତ ଲାଗି ପାଣି ଭିତରେ ଅଚେତ ଅବସ୍ଥାରେ ପଡ଼ି ରହିଥିଲେ। ତାଙ୍କ ସ୍ତ୍ରୀ, ଭାଇ ଓ ଗାଁର କିଛି ଲୋକ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ସୋନପୁର ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ସଂକ୍ରାନ୍ତରେ ସୋନପୁର ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଶବ ବ୍ୟବଚ୍ଛେଦ କଲା ପରେ ପରିବାର ଲୋକକୁ ହସ୍ତାନ୍ତର କରାଯାଇଛି।

# 'ମାଣିକେଶ୍ୱରୀ' ଓ କିସ୍‌ରେ ବିଶ୍ୱ ଆଦିବାସୀ ଦିବସ

ଭବାନୀପାଟଣା, ୧୦।୮ (ସମିସ)

କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ବ୍ଲକ ବାଦିଲିସ୍ଥିତ କିସ୍ ଆବାସିକ ବିଦ୍ୟାଳୟରେ ବିଶ୍ୱ ଆଦିବାସୀ ଦିବସ ପାଳିତ ହୋଇଛି। ଜୁନାଗଡ଼ କର୍ତ୍ତବ୍ୟ ଅନୁଷ୍ଠାନର ଅଶୋକ ପଟ୍ଟନାୟକ, କେସିଙ୍ଗା ଅତିରିକ୍ତ ତହସିଲଦାର ହରି ସିଂ ମାଝୀ, ସେବା ଜଗତର ସତ୍ୟନାରାୟଣ ପଟ୍ଟନାୟକମ, ଦିଲୀପ ଦାସ, ଦୁଷ୍ମନ୍ତ ପାଧନ, ସୁଶାନ୍ତ ବିଶ୍ୱାଳ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଥମେ ସମାଜ ଓ ଦେଶ ହିତ ପାଇଁ ବଳିଦାନ ଦେଇଥିବା ଆଦିବାସୀ ବୀର ପୁରୁଷମାନଙ୍କ ପ୍ରତିଛବିରେ ପୁଷ୍ପମାଲ୍ୟାର୍ପଣ ପରେ ସଭା କାର୍ଯ୍ୟ ଆରମ୍ଭ କରାଯାଇଥିଲା। ସିଦ୍ଧାନ୍ତ ମାଝୀ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଶିକ୍ଷୟତ୍ରୀ ସୁପ୍ରିୟା ପଣ୍ଡା ଓ ଅଭିପ୍ସା ସାହୁ ସହଯୋଗ କରିଥିଲେ।

ଅନ୍ୟପକ୍ଷେ ମା ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ନୃତତ୍ତ୍ୱବିଜ୍ଞାନ, ସମାଜବିଜ୍ଞାନ, ଇତିହାସ ଓ ଇଂରାଜୀ



ବିଭାଗର ମିଳିତ ସହଯୋଗରେ ବିଶ୍ୱ ଆଦିବାସୀ ଅନଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ କୁଳପତି ଡକ୍ଟର ନିବେଦିତା ନାଥ ସଭାପତିତ୍ୱ କରିଥିଲେ। ପୂର୍ବତନ କୁଳସଚିବ ଶ୍ରୀ ପିତାମ୍ବର ଭୋଇ, ଜୟପ୍ରକାଶ ସାନ୍ଧ୍ୟ ମହାବିଦ୍ୟାଳୟର ଅଧ୍ୟାପକ ପରମେଶ୍ୱର ମୁଣ୍ଡ ଅତିଥି ଭାବେ ଯୋଗ ଦେଇଥିଲେ। ଉପ କୁଳସଚିବ ମେଜର ଡକ୍ଟର ଜୟଦେବ ସାହୁ ଉଦଘାଟନୀ ଅଭିଭାଷଣ ପ୍ରଦାନ କରିଥିଲେ। ଡକ୍ଟର ବୀରେନ୍ଦ୍ର ସୁନା ବିଶ୍ୱ ଆଦିବାସୀ ଦିବସର ସାରାଂଶ ଉପସ୍ଥାପନ କରିଥିବାବେଳେ ଇତିହାସ ବିଭାଗର ସହକାରୀ ପ୍ରଫେସର ଡକ୍ଟର ନଳିନୀକାନ୍ତ ରଣା ଧନ୍ୟବାଦ ଅର୍ପଣ କରିଥିଲେ।

# ଉପମୁଖ୍ୟମନ୍ତ୍ରୀଙ୍କ କଳାହାଣ୍ଡି, ନୂଆପଡ଼ା ଗସ୍ତ

ଭବାନୀପାଟଣା/ନୂଆପଡ଼ା, ୧୦।୮ (ସମିସ): ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଦିନିକିଆ କଳାହାଣ୍ଡି ଗସ୍ତରେ ଆସିଛନ୍ତି। ଜିଲ୍ଲା ସଦର ମହକୁମା ଭବାନୀପାଟଣାରେ ଅନୁଷ୍ଠିତ ବିଶାଳ ତ୍ରିରଙ୍ଗା ବାଇକ୍ ଶୋଭାଯାତ୍ରାରେ ସେ ଯୋଗ ଦେଇଥିଲେ। ନକଟିଗୁଡା ନିକଟସ୍ଥ ଭାରତରତ୍ନ ବାବା ସାହେବ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ସେ ମାଲ୍ୟାର୍ପଣ କରିଥିଲେ। ଏହି ଶୋଭାଯାତ୍ରାରେ ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପାଟଯୋଷୀ, ଜିଲ୍ଲାପାଳ ପାୱାର ସଚିନ ପ୍ରକାଶ, ଏସ୍‌ପି ନାଗରାଜ ଦେବରକୋଣ୍ଡା, ଅତିରିକ୍ତ ଜିଲ୍ଲାପାଳ ବଇତୁରା ଦୀପ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଦୟାମୟ ପାଢ଼ୀ, ଉପ ଜିଲ୍ଲାପାଳ ପ୍ରଭାତ ପରିଡ଼ା, ଆଇଏସ୍ ଅନିମେସ ପ୍ରଧାନ, ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ମାଜିବୁନ ନିଶା, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ, ବିଜେପି ଜିଲ୍ଲା ସଭାପତି ଯୁଗଳ କିଶୋର ପୋଡ଼, ଜୟଶଙ୍କର ନାୟକଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ, ଜନପ୍ରତିନିଧି, ବରିଷ୍ଠ ନାଗରିକ, ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା, ଗଣମାଧ୍ୟମର ପ୍ରତିନିଧି ପ୍ରମୁଖ ଯୋଗଦେଇ ତ୍ରିରଙ୍ଗା ପତାକା ଧରି ସହର ପରିକ୍ରମା କରିଥିଲେ। ଶୋଭାଯାତ୍ରା ପରେ ଉପ ମୁଖ୍ୟମନ୍ତ୍ରୀ ଅଟାଙ୍ଗଗୁଡା ଗସ୍ତ କରି ସେଠାରେ ନବନିର୍ମାଣ ହୋଇଥିବା ସକ୍ଷମ ଅଙ୍ଗନବାଡି କେନ୍ଦ୍ରର ଉଦଘାଟନ କରିଥିଲେ। ପରେ ଜିଲ୍ଲାପରିଷଦ ସଭା ଗୃହରେ ଅନୁଷ୍ଠିତ ଜିଲ୍ଲାସ୍ତରୀୟ ସମୀକ୍ଷା ବୈଠକରେ ଯୋଗଦେଇ ବିଭିନ୍ନ ଉନ୍ନୟନ ମୂଳକ ଯୋଜନାର ସଫଳ ରୂପାୟନ ଓ ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଥିଲେ। ସେହିଭଳି ଶ୍ରୀମତୀ ପରିଡ଼ା ନୂଆପଡ଼ା ଜିଲ୍ଲା ଗସ୍ତ କରିଛନ୍ତି। ଖଡିଆଳ ସହରରେ ମିଶନ ଶକ୍ତି କାଫେରେ ସ୍ଥିତି ଦେଖିଥିଲେ। ନୂଆପଡ଼ା ସର୍କିଟ ହାଉସ ନିକଟରେ ଜିଲ୍ଲା ବିଜେପି ତରଫରୁ ସ୍ୱାଗତ କରାଯାଇଥିଲା। ଏହି ସମୟରେ ଜିଲ୍ଲାପ୍ରଶାସନ ତରଫରୁ ଜିଲ୍ଲାପାଳ ମଧୁସୂଦନ ଦାଶ, ଏସପି ଜି.ଆର.ରାଘବେନ୍ଦ୍ର, ଅତିରିକ୍ତ ଜିଲ୍ଲାପାଳ ସୁବାଷ ଚନ୍ଦ୍ର ରଇତ, ବିଜେପି ତରଫରୁ ପୂର୍ବତନ ସାଂସଦ ବସନ୍ତ ପଣ୍ଡା, ପୂର୍ବତନ ବିଧାୟକ ହିତେଶ ବଗର୍ତି, ପ୍ରେମ ଅଗ୍ରୱାଲ, ଜିଲ୍ଲା ବିଜେପି ସଭାପତି କମଳେଶ ଦିକ୍ଷୀତ, ପ୍ରସନ୍ନ ପାଢ଼ୀ, ଯଦୁମଣି ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ। ଏକ ତ୍ରିରଙ୍ଗା ଶୋଭାଯାତ୍ରାରେ ସହର ପରିକ୍ରମା କରି ଘାସିରାମ ମାଝୀ ଛକରେ ସ୍ୱର୍ଗତ ମନ୍ତ୍ରୀ ଘାସିରାମ ମାଝୀଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ କରିବାପରେ ମହାପୁରୁଷମାନଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଦେଇଥିଲେ।

## ଟାଇକନ ଭୁବନେଶ୍ୱର-୨୦୨୫ ଉଦଯାପନୀ ଉତ୍ସବ

# ଓଡ଼ିଶାରେ ନିବେଶ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ




**ନବସୃଜନ କେନ୍ଦ୍ର ଭାବରେ ଉଭା ହେଉଛି ଓଡ଼ିଶା**

ଭୁବନେଶ୍ୱର,୧୦।୮ (ସମିସ): ଦେଶର ଅଭିବୃଦ୍ଧି ଯାତ୍ରାରେ ଓଡ଼ିଶାକୁ ଆଉ ଅଣଦେଖା କରାଯାଇପାରିବ ନାହିଁ। ଓଡ଼ିଶା ବର୍ତ୍ତମାନ ଦେଶର ଅଭିବୃଦ୍ଧିର କେନ୍ଦ୍ର ସ୍ଥଳରେ ଥିବାବେଳେ ଏକ ନବସୃଜନ କେନ୍ଦ୍ର ଭାବରେ ଉଭା ହେଉଛି। ଓଡ଼ିଶାର ଅଭିବୃଦ୍ଧି ଏହାର ସୁଦୃଢ଼ ନୀତି, ଭିତ୍ତିଭୂମି ତଥା ନବସୃଜନ ପରି ପାରିପାର୍ଶ୍ୱିକ ସ୍ଥିତି ଦ୍ୱାରା ପରିଚାଳିତ ହେଉଛି। ଓଡ଼ିଶାକୁ ବୈଶ୍ୱିକ କ୍ଷମତା କେନ୍ଦ୍ରର ଭାବେ ଏକ ପସନ୍ଦର ସ୍ଥାନ ଭାବେ ଗଢ଼ିତୋଳିବାକୁ ଆମେ ସକ୍ରିୟତାର ସହ କାମ କରୁଛୁ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ରବିବାର ଟାଇକନ ଭୁବନେଶ୍ୱର-୨୦୨୫ର ଉଦଯାପନୀ ଉତ୍ସବରେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ଓଡ଼ିଶାରେ ନିବେଶ କରିବାକୁ ଶିଳ୍ପପତିଙ୍କୁ ଆହ୍ୱାନ ଜଣାଇଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏଠାରେ ଉପସ୍ଥିତ ପ୍ରତ୍ୟେକ ନିବେଶକ, ପରାମର୍ଶଦାତା ଏବଂ ଉଦ୍ୟୋଗୀଙ୍କୁ ଆମେ ଓଡ଼ିଶାରେ ନିବେଶ ପାଇଁ ଆମନ୍ତ୍ରଣ ଜଣାଉଛୁ। କୃତ୍ରିମ ବୁଦ୍ଧିମତା ଗବେଷଣା ହେଉ ଅଥବା ସେମିକଣ୍ଡକ୍ଟର ଚିପ୍ ଡିଜାଇନ, ଆର୍ଥିକ ଅନ୍ତର୍ଭୁକ୍ତିକରଣ କ୍ଷେତ୍ର; ଓଡ଼ିଶା ବର୍ତ୍ତମାନ ନେତୃତ୍ୱ ନେବାକୁ ପ୍ରସ୍ତୁତ। ଏକ ସ୍ୱତନ୍ତ୍ର ଏବଂ ସମର୍ପିତ ଏଆଇ ନୀତି ଆରମ୍ଭ କରିବା କ୍ଷେତ୍ରରେ ଓଡ଼ିଶା ବର୍ତ୍ତମାନ ଦେଶର ଅନ୍ୟତମ ପ୍ରଥମ ରାଜ୍ୟ । ଆମେ ଆମର ସେମିକଣ୍ଡକ୍ଟର ନୀତିରେ ମଧ୍ୟ ପରିବର୍ତ୍ତନ ଆଣିଛୁ। ଖୁବଶୀଘ୍ର ଆଇଟି, ବୈଶ୍ୱିକ କ୍ଷମତା କେନ୍ଦ୍ର ଏବଂ ଫିନଟେକରେ ନିବେଶ ପାଇଁ ନୂଆ ରଣନୀତିର ଉନ୍ମୋଚନ କରିବୁ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ରାଜ୍ୟରେ ଯୁବପିଢ଼ିଙ୍କୁ ଏଆଇ, ସାଇବର ସୁରକ୍ଷା ଏବଂ ନୂଆ ନୂଆ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଭବିଷ୍ୟତର ସମସ୍ତ ଆହ୍ୱାନକୁ ସଫଳତାର ସହ ମୁକାବିଲା ପାଇଁ ପ୍ରସ୍ତୁତ ଏବଂ ଦକ୍ଷ କରାଯାଉଥିବା ନେଇ ସୂଚନା ଦେଇଥିଲେ ମୁଖ୍ୟମନ୍ତ୍ରୀ। ଏହାକୁ କେବଳ ଭୁବନେଶ୍ୱର ମଧ୍ୟରେ ସୀମିତ ରଖାଯାଇ ନାହିଁ। କଟକ, ରାଉରକେଲା, ସମ୍ବଲପୁର ଏବଂ ବ୍ରହ୍ମପୁର ଭଳି ସହରଗୁଡ଼ିକୁ ଡିଜିଟାଲ ହବ୍ ଭାବେ ବିକଶିତ କରାଯାଉଛି। ଜିଡିପି ଅଭିବୃଦ୍ଧି କେବଳ ଆମର ଲକ୍ଷ୍ୟ ନୁହେଁ; ନିଯୁକ୍ତି ସୁଯୋଗ ସୃଷ୍ଟି, ଯୁବପୀଢ଼ିଙ୍କୁ ସଶକ୍ତ ଏବଂ ସାମାଜିକ ନ୍ୟାୟକୁ ଆଗେଇ ନେବା ଆମର ଲକ୍ଷ୍ୟ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। କାର୍ଯ୍ୟକ୍ରମରେ ଇଲେକ୍ଟ୍ରୋନିକ୍ସ ଓ ଆଇଟି ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ନିଜର ବକ୍ତବ୍ୟ ରଖିଥିଲେ। ଏହି କାର୍ଯ୍ୟକ୍ରମଟି ଦୁଇଦିନ ଧରି ଚାଲିଥିବା ବେଳେ ଏଥିରେ ଉଦ୍ୟୋଗିତା, ଏଆଇ ସମ୍ବନ୍ଧରେ ଏକାଧିକ ପ୍ୟାନେଲ ଆଲୋଚନାମାନ ଅନୁଷ୍ଠିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଯାଜପୁର ସାଂସଦ ରବୀନ୍ଦ୍ର ବେହେରା, ରାଜ୍ୟସଭା ସାଂସଦ ସୁଜିତ୍ କୁମାର, ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ଇଲେକ୍ଟ୍ରୋନିକ୍ସ ଓ ଆଇଟି ବିଭାଗର ପ୍ରମୁଖ ସଚିବ ବିଶାଲ ଦେବ ପ୍ରମୁଖ ଯୋଗ ଦେଇଥିଲେ।

# ଯୁବକଙ୍କୁ ହତ୍ୟା କରି ଜଙ୍ଗଲରେ ଫିଙ୍ଗିଦେଲେ

ତେଲକୋଇ, ୧୦।୮ (ସମିସ): ଯୁବକଙ୍କୁ ହତ୍ୟା କରି ଜଙ୍ଗଲରେ ଫିଙ୍ଗିଦେଲେ ଦୁର୍ବୃତ୍ତ। ମୃତକ ହେଲେ, କୃଷ୍ଣପୁର ବୈଦନାଳି ସାହିର ବିଶ୍ୱନାଥ ଜୁଆଙ୍ଗ। ତେଲକୋଇ ଥାନା ଅଧୀନ ପଡାଙ୍ଗ ଗାଁ ନିକଟ ଜଙ୍ଗଲରୁ ଆଜି ପୁଲିସ ତାଙ୍କ ଶବ ଜବତ କରିଛି। କିଛି ଦୁର୍ବୃତ୍ତ ଗତକାଲି ତାଙ୍କୁ ସଂଘବଦ୍ଧ ଆକ୍ରମଣ କରି ହତ୍ୟା କରିଥିବା ଜଣାଯାଇଛି। ସୂଚନାନୁଯାୟୀ, ଗତକାଲି ସନ୍ଧ୍ୟାରୁ ବିଶ୍ୱନାଥ ନିଖୋଜ ଥିଲେ। ପଡାଙ୍ଗ ଗାଁରୁ ରାକ୍ଷୀ ପୂର୍ଣ୍ଣିମାରେ ପିଲାଛୁଆଙ୍କ ପାଇଁ ଡ୍ରେସ କିଣି ଘରକୁ ଫେରୁଥିବା ବେଳେ ପଡ଼ାଙ୍ଗ-କୃଷ୍ଣପୁର ରାସ୍ତାରେ କିଛି ଦୁର୍ବୃତ୍ତ ତାଙ୍କୁ ସଂଘବଦ୍ଧ ଆକ୍ରମଣ କରି ହତ୍ୟା କରିଥିଲେ। ଏନେଇ ତାଙ୍କ ପରିବାର ପକ୍ଷରୁ ତେଲକୋଇ ଥାନାରେ ଅଭିଯୋଗ ପରେ ଖୋଜାଖୋଜି ଆରମ୍ଭ କରିଥିଲେ। ଆଜି ସନ୍ଧ୍ୟାରେ ପଡ଼ାଙ୍ଗ ଗାଁ ନିକଟ ଶୁଆକଟା ଜଙ୍ଗଲରୁ ବିଶ୍ୱନାଥଙ୍କ ଶବକୁ ଠାବ କରିବା ସହ ପୁଲିସକୁ ଖବର ଦେଇଥିଲେ ପରିବାରଲୋକେ। ଘଟଣାସ୍ଥଳରେ ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହ ଦୁର୍ବୃତ୍ତଙ୍କୁ ଧରିବାକୁ ଉଦ୍ୟମ ଚଳାଇଛି। ହତ୍ୟାକାଣ୍ଡର କାରଣ ଜଣାପଡ଼ିନାହିଁ।

# ବଜାରରୁ ଯୁବତୀଙ୍କୁ ଅପହରଣ

- ଅଭିଯୋଗର ୩ ଦିନ ପରେ ବି ପୁଲିସ ହାତ ଖାଲି
- ନିଖୋଜ ମାମଲା ରୁଜୁ କରି ଚୁପ୍ ବସିଛି ପୁଲିସ

କପ୍ତିପଦା, ୧୦।୮ (ସମିସ): ରାକ୍ଷୀ ପୂର୍ଣ୍ଣିମା ପୂର୍ବ ଦିନ ବାପା ମାଆଙ୍କ ସହିତ ବଜାର ଆସିଥିଲେ ଜଣେ ଯୁବତୀ। ଦୋକାନ ବାହାରେ ଆସି ଛିଡ଼ା ହୋଇଥିବା ବେଳେ ଅଚାନକ ୪ଜଣ ଯୁବକ ମାସ୍କ ପିନ୍ଧି ବାଇକ୍‌ରେ ଆସି ଯୁବତୀଙ୍କୁ ଉଠାଇନେଲେ। ଏଭଳି ଘଟଣା ମୟୂରଭଞ୍ଜ ଜିଲ୍ଲା କପ୍ତିପଦା ବଜାରରେ ଘଟିଛି। ଗତ ଶୁକ୍ରବାର ସୁଡ଼ସୁଡ଼ିଆ ଗ୍ରାମର ରାଜେନ୍ଦ୍ର ବେହେରା (୪୮)ଙ୍କ ଝିଅ ଅଞ୍ଜଳି ବେହେରା (୨୨) ବାପା-ମାଆଙ୍କ ସହ ସନ୍ଧ୍ୟା ସମୟରେ କପ୍ତିପଦା ବଜାର ଯାଇଥିଲେ। ହେଲେ ଝିଅ ଅଞ୍ଜଳି ଯେତେବେଳେ ଦୋକାନ ବାହାରକୁ ଆସିଥିଲେ, ସେହି ସମୟରେ ଅଚାନକ ୪ ଜଣ ଯୁବକ ବାଇକ୍‌ରେ ମାସ୍କ ପିନ୍ଧି ଆସି ଜୋର୍‌ଜବରଦସ୍ତ ଯୁବତୀଙ୍କୁ ଉଠାଇ ନେଇଗଲେ। ବାପା ମାଆ ବିରୋଧ କରିବାରୁ ଜୀବନରୁ ମାରିଦେବାର ଧମକ ଦେଇ ଅପହରଣ କରିନେଇ ଚାଲି ଯାଇଥିଲେ ୪ ଯୁବକ। ଯାହାକୁ ନେଇ ଯୁବତୀଙ୍କ ପରିବାର ଲୋକେ କପ୍ତିପଦା ଥାନାରେ ଲିଖିତ ଅଭିଯୋଗ କରିଥିଲେ ସୁଦ୍ଧା ପୁଲିସ ୩ଦିନ ପରେ ମଧ୍ୟ ଯୁବତୀଙ୍କୁ ଉଦ୍ଧାର କରି ପାରିନାହିଁ କିମ୍ବା ପତ୍ତା ପାଇପାରିନାହିଁ। ଅପରପକ୍ଷରେ ଅପହରଣ ପରିବର୍ତ୍ତେ ନିଖୋଜ ବୋଲି ରିପୋର୍ଟ ବଦଳ କରି ପୁଲିସ ମାମଲା ରୁଜୁ କରିଛି ବୋଲି ଅପହୃତାଙ୍କ ବାପା ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ମୟୂରଭଞ୍ଜ ଏସ୍‌ପି ଏଥିପ୍ରତି ଦୃଷ୍ଟି ଦେବାକୁ ସେ ନିବେଦନ କରିଛନ୍ତି।

## ଟେକ ରଖିଲେ ନୀଳଗିରି ମାଟିର ପୁଅ ରବୀନ୍ଦ୍ର

# କେନ୍ଦ୍ରୟ ଅତିରିକ୍ତ ଶାସନ ସଚିବ ପାହ୍ୟାକୁ ପଦୋନ୍ନତି



ନୀଳଗିରି, ୧୦।୮ (ସମିସ): ଗୁରୁତ୍ୱପୂର୍ଣ୍ଣ ପ୍ରତ୍ୟକ୍ଷଟିକସବିଲ୍-୨୦୨୫କୁ ପ୍ରସ୍ତୁତି କରି କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ଠାରୁ ପୁରସ୍କୃତ ହୋଇଥିବା ବାଲେଶ୍ୱର ନୀଳଗିରି ଉପଖଣ୍ଡସ୍ଥ କାହ୍ନୁପୁର-ସନ୍ତରାଗଡିଆ ମାଟିର ପୁଅ ରବୀନ୍ଦ୍ର କୁମାର ପଟ୍ଟନାୟକ ଟେକ ରଖିଛନ୍ତି। ଦିଲ୍ଲୀ ଦରବାରରେ ନିଜର କାର୍ଯ୍ୟ ଦକ୍ଷତା ପୁଣି ଥରେ ସେ ପ୍ରମାଣିତ କରିଛନ୍ତି। ସ୍ୱୀକୃତି ସ୍ୱରୂପ ଭାରତ ସରକାର ତାଙ୍କୁ ପଦୋନ୍ନତି ଦେଇଛନ୍ତି। ଶ୍ରୀ ପଟ୍ଟନାୟକ ଭାରତ ସରକାରଙ୍କ ଆଇନ ମନ୍ତ୍ରଣାଳୟରେ ଯୁଗ୍ମ ସଚିବ ପାହ୍ୟାରୁ ଅତିରିକ୍ତ ଶାସନ ସଚିବ ପାହ୍ୟାକୁ ପଦୋନ୍ନତି ପାଇଛନ୍ତି। ରବୀନ୍ଦ୍ର ଅନେକ ପ୍ରଶଂସନୀୟ ଆଇନଗତ ଖସଡ଼ା କାର୍ଯ୍ୟ କରିଛନ୍ତି ଓ ସେଥିପାଇଁ ସେ ଅନେକ ପୁରସ୍କାର ବି ପାଇଛନ୍ତି। ଏହା ବ୍ୟତୀତ ସେ ଆଇନ ଏବଂ ନ୍ୟାୟ ମନ୍ତ୍ରଣାଳୟରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଆଇନ ପ୍ରସ୍ତୁତ କରିବାରେ ଅବଦାନ ଦେଇ ଆସୁଛନ୍ତି। ଯେଉଁଥିରେ ତିନୋଟି ନୂତନ ଫୌଜଦାରୀ ଆଇନ ଏବଂ ଅନେକ ଆଇନ ଅନ୍ତର୍ଭୁକ୍ତ। ଭାରତ ସରକାରଙ୍କ ଆଇନ ଏବଂ ନ୍ୟାୟ ମନ୍ତ୍ରଣାଳୟରେ ଭାରତୀୟ ଆଇନ ସେବାରେ ଯୋଗଦେବା ପୂର୍ବରୁ ସେ ବାଲେଶ୍ୱର ବାର୍‌ରେ ଜଣେ ଓକିଲ ଭାବରେ କାର୍ଯ୍ୟ କରିଥିଲେ। ପରେ ଆଇନ ବିଭାଗ ଅଧୀନରେ ବିଚାର ଅଧିକାରୀ ଭାବରେ ମଧ୍ୟ କାର୍ଯ୍ୟ କରିଥିଲେ। 'ଭାରତ ସରକାରଙ୍କ ଆଇନ ମନ୍ତ୍ରଣାଳୟ ପାଇଁ ନିଷ୍ଠାର ସହ କାର୍ଯ୍ୟ କରୁଛି ଓ ଆଗାମୀ ଦିନରେ ବି କରିବି। ତେବେ ନିଜ ଜନ୍ମମାଟି ପାଇଁ କିଛି ଭଲ କାମ କରିବାକୁ ମୁଁ ଚାହୁଁଛି ବୋଲି ରବୀନ୍ଦ୍ର କହିଛନ୍ତି।

# ନାବାଳିକାକୁ ଦୁଷ୍କର୍ମ ଉଦ୍ୟମ; ୩ ଗିରଫ

**ଗୋଇଠା ମାରି ଖସି ଆସିଲା ନାବାଳିକା**

ଉଦଳା, ୧୦।୮ (ସମିସ): ନାବାଳିକାଙ୍କୁ ଦୁଷ୍କର୍ମ ଉଦ୍ୟମ ଅଭିଯୋଗରେ ଉଦଳା ଥାନା ପୁଲିସ୍ ଆଜି ୩ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ, ଗୁରୁପ୍ରସାଦ ଦ୍ୱିବେଦୀ(୩୨), ଜିତରାୟ ସରେନ(୪୫) ଓ ରହିତ ନାୟକ(୨୦)। ନାବାଳିକାଜଣଙ୍କ ନିଜର ଦୁଇ ବନ୍ଧୁଙ୍କ ସହ ଯାଉଥିବା ବେଳେ ଅଭିଯକ୍ତମାନେ ତାକୁ ବାଟ ମଝିରୁ ଟେକିନେଇ ଦୁଷ୍କର୍ମ ଉଦ୍ୟମ କରିଥିଲ। ତେବେ ବେଳେ ନାବାଳିକାଜଣଙ୍କ ସେମାନଙ୍କୁ ଗୋଇଠା ମାରି ଖସିଯିବାରେ ସମର୍ଥ ହୋଇଥିଲା। ପରେ ଏ ସଂପର୍କରେ ପରିବାରଲୋକଙ୍କୁ ଜଣାଇବା ପରେ ଉଦଳା ଥାନାରେ ଅଭିଯୋଗ ହୋଇଥିଲା। ଏନେଇ ଥାନାରେ ନମ୍ବର ୩୨୪/୨୫ରେ ମାମଲା ରୁଜୁ ହୋଇଥିବା ଥାନା ଅଧିକାରୀ ବନମାଳୀ ବାରିକ ସୂଚନା ଦେଇଛନ୍ତି।

# ଦୁର୍ଘଟଣାରେ ରେଳ କର୍ମଚାରୀ ମୃତ, ୨ ଗୁରୁତର

ସୋନପୁର,୧୦।୮ (ସମିସ): ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ଥାନା ୨୬ ନମ୍ବର ଜାତୀୟ ରାଜପଥର ଚେରୁପାଲି ସ୍କୁଲ ନିକଟରେ ଦୁଇଟି ବାଇକ୍ ମଧ୍ୟରେ ମୁହାମୁହିଁ ଧକ୍କା ହେବା ଫଳରେ ଜଣଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଡୁଙ୍ଗୁରିପାଲି ରେଳ ଷ୍ଟେସନ କର୍ମଚାରୀ ସାଲେଭଟା ନିବାସୀ କାଳୀଚରଣ ନାଗ। ଅନ୍ୟପକ୍ଷେ ଖୁସାମାଲ ଗ୍ରାମର ଦୁଇ ଭାଇ ସୁଜିତ ଘିବେଲା ଓ ଅଜିତ ଘିବେଲା ଗୁରୁତର ହୋଇଛନ୍ତି। କାଳୀଚରଣ ଅଫିସ କାର୍ଯ୍ୟ ସାରି ସେ ବାଇକ୍ ଯୋଗେ ଘରକୁ ଫେରୁଥିଲେ। ଏତିକିବେଳେ ଚେରୁପାଲି ସ୍କୁଲ ନିକଟରେ ବିପରୀତ ଦିଗରୁ ଆସୁଥିବା ଏକ ବାଇକ୍ ଧକ୍କା ଦେଇଥିଲା। ଦୁର୍ଘଟଣାରେ ଗୁରୁତର ୩ ଜଣଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଡୁଙ୍ଗୁରିପାଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ରେଳ କର୍ମଚାରୀ କାଳୀଚରଣଙ୍କୁ ମୃତ ଘୋଷାଣ କରିଥିଲେ। ଅନ୍ୟ ୨ ଜଣ ଗୁରୁତରଙ୍କୁ ଡୁଙ୍ଗୁରିପାଲି ହସ୍ପିଟାଲ ଓ ପରେ ବୁର୍ଲା ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

## ଜମି ଜବରଦଖଲକୁ କେନ୍ଦ୍ର କରି ତୁମୁଳକାଣ୍ଡ

# ବୋମାମାଡ଼ରେ ଥରିଲା ଶ୍ୟାମପୁର

- ଅକ୍ଷକେ ବର୍ତ୍ତିଲେ ୬ ଯୁବକ
- ଅପରଗୋଷ୍ଠୀ ଜାଳିଦେଲେ ୩ ବାଇକ୍



ଭୁବନେଶ୍ୱର, ୧୦।୮ (ସମିସ): କିଛି ଦିନର ନିରବତା ପରେ ପୁଣି ଅଶାନ୍ତ ହୋଇଛି ରାଜଧାନୀ। ସ୍ପଷ୍ଟ ଦିବାଲୋକରେ ପୁଲିସକୁ ଚ୍ୟାଲେଞ୍ଜ ଦେଇଛନ୍ତି ଅସାମାଜିକ ଯୁବକ। ଦୁଇ ଗୋଷ୍ଠୀ ମଧ୍ୟରେ ବିବାଦକୁ ନେଇ ଶ୍ୟାମପୁର ଆଜି ଥରହର ହୋଇଛି। ଗୋଟିଏ ଗୋଷ୍ଠୀ ଘନଘନ ବୋମାମାଡ଼ କରିଥିବା ବେଳେ ଅପରଗୋଷ୍ଠୀର ଯୁବକମାନେ ୩ଟି ବାଇକ୍ ଜାଳି ଦେଇଛନ୍ତି।

ଅଭିଯୋଗ ଅନୁଯାୟୀ, ବଜରଙ୍ଗୀ କ୍ଲବର ସଦସ୍ୟମାନେ ଶ୍ୟାମପୁର ମୌଜାରେ ଲିଜ୍ ରଦ୍ଦ ହୋଇଥିବା ଜମିକୁ ଶାଗ ମାଛ ଦରରେ ବିଭିନ୍ନ ଲୋକଙ୍କୁ ବିକ୍ରି କରି ଦେଇଛନ୍ତି। ହେଲେ ପୂର୍ବରୁ ଲିଜ୍ ପାଇଥିବା ବ୍ୟକ୍ତିମାନେ ଅନ୍ଧାରୁଆର କିଛି ଯୁବକଙ୍କୁ ନିୟୋଜିତ କରି ନିଜ ଜମିରେ ପାଚେରି ନିର୍ମାଣ କରୁଛନ୍ତି। ଏହାକୁ ନେଇ ଅନ୍ଧାରୁଆର ଯୁବକ ଓ ବଜରଙ୍ଗୀ କ୍ଲବର ସଦସ୍ୟଙ୍କ ମଧ୍ୟରେ ବିବାଦ ଲାଗି ରହିଥିଲା। ଆଜି ଅନ୍ଧାରୁଆ ପିଲାମାନେ ଶ୍ରମିକଙ୍କ ଦ୍ୱାରା ପାଚେରି ନିର୍ମାଣ କରୁଥିବା ବେଳେ ବଜରଙ୍ଗୀ କ୍ଲବର ସୁନୀଲ, ଅନିଲ, ଅଜୁ, ଆଶିଷ ସମେତ ପ୍ରାୟ ୨୦ ଜଣ ଯୁବକ କାର୍ ଓ ବାଇକ୍ ଯୋଗେ ସେଠାରେ ପହଞ୍ଚିଥିଲେ। କେହି କିଛି ବୁଝି ଆଗରୁ ହଠାତ୍ ବୋମାମାଡ଼ କରିଥିଲେ। ଗୋଟିଏ ପରେ ଗୋଟିଏ, ପ୍ରାୟ ୨୦ରୁ ଅଧିକ ବୋମାମାଡ଼ କରିଥିଲେ। ଏହା ଦେଖି ନିର୍ମାଣସ୍ଥଳରେ ଥିବା ୬ ଯୁବକ ଓ ଶ୍ରମିକମାନେ ଭୟରେ ଗାଡ଼ି ଛାଡ଼ି ଜଙ୍ଗଲ ଭିତରକୁ ପଳାଇଥିଲେ। ପରେ ଅସାମାଜିକମାନେ ଆହୁରି ଆତଙ୍କ ଖେଳାଇଥିଲେ। ପାଚେରି ଭଙ୍ଗାରୁଜା କରିବା ସହ ଗାଡ଼ିଗୁଡ଼ିକୁ ଖଣ୍ଡାରେ ଭାଙ୍ଗିଥିଲେ। ବଜରଙ୍ଗୀ କ୍ଲବ ପିଲାମାନେ ଘଣ୍ଟାଏ କାଳ ସେଠାରେ ଆତଙ୍କ ଖେଳାଇ ଫେରାର୍ ହେଉଥିବା ବେଳେ ବିପରୀତ ଗୋଷ୍ଠୀର ପ୍ରାୟ ୨୦ ଜଣ ଦୁର୍ବୃତ୍ତ ସେଠାରେ ପହଞ୍ଚିଥିଲେ। ସେମାନଙ୍କୁ ଦେଖି ବଜରଙ୍ଗୀ କ୍ଲବ ପିଲାମାନେ ଗାଡ଼ି ଛାଡ଼ି ପଳାଇଥିଲେ। ସେମାନେ ଛାଡ଼ିଯାଇଥିବା ଗାଡ଼ିଗୁଡ଼ିକୁ ଦୁର୍ବୃତ୍ତମାନେ ପେଟ୍ରୋଲ ଢ଼ାଳି ନିଆଁ ଲଗାଇ ଦେଇଥିଲେ। ଫଳରେ ୩ଟି ଗାଡ଼ି ଜଳି ଯାଇଥିଲା। ଖବର ପାଇ ଭରତପୁର ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ପରେ ପରେ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ସୁତୁଲି, ବାରୁଦ ଓ ଅନ୍ୟାନ୍ୟ ସାମଗ୍ରୀ ଜବତ କରିଥିଲା। ସେହିପରି ବୋମା ନିଷ୍କ୍ରିୟକାରୀ ଟିମ୍ ମଧ୍ୟ ପହଞ୍ଚି କିଛି ଅଫୁଟା ବୋମା ନିଷ୍କ୍ରିୟ କରିଥିଲା। ପାଚେରି କାମ କରୁଥିବା ଅନ୍ଧାରୁଆର ଯୁବକମାନେ ଏନେଇ ଭରତପୁର ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଛି। ସେପଟେ ବୋମାମାଡ଼ କରିଥିବା ବଜରଙ୍ଗୀ କ୍ଲବର ସଦସ୍ୟମାନେ ଫେରାର୍ ହୋଇଯାଇଛନ୍ତି।

ତେବେ ଏହା ପ୍ରଥମ ଘଟଣା ନୁହେଁ, ଜମି ଜବରଦଖଲକୁ ନେଇ ଗତ ମାର୍ଚ୍ଚ ମାସରେ ମଧ୍ୟ ସମାନ ସ୍ଥାନରେ ଗୁଳିକାଣ୍ଡ ହୋଇଥିଲା। ଜମି ଦଖଲକୁ ନେଇ ସ୍ପଷ୍ଟ ଦିବାଲୋକରେ ବାରମ୍ବାର ଗୁଳିକାଣ୍ଡ ଓ ବୋମାମାଡ଼ ହେବା କମିସନରେଟ ପୁଲିସର ପାରିବା ପଣିଆକୁ ପଦାରେ ପକାଇଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ପ୍ରତିଶୋଧ ନେବ...

ମଧ୍ୟ ପ୍ରଭାବିତ ହୋଇଛି। ଭାରତ ଏହା ବିରୋଧରେ ବିଶ୍ୱ ବାଣିଜ୍ୟ ସଂଗଠନରେ ଯୁକ୍ତି ରଖିଥିଲେ ମଧ୍ୟ ଆମେରିକା ଏ ସମ୍ପର୍କରେ ଆଲୋଚନା ପାଇଁ ମନା କରି ଦେଇଛି। ଫଳରେ ଭାରତ ନିଜର ସ୍ୱାର୍ଥ ପାଇଁ ଆମେରିକା ଉପରେ ପାଲଟା ଶୁଳ୍କ ଲଗାଇବାକୁ ଯୋଜନା କରୁଛି।

ପ୍ରଥମ ପର୍ଯ୍ୟାୟରେ ସୀମିତ ଆମେରିକୀୟ ସାମଗ୍ରୀ ଉପରେ ଭାରତ ଏହି ପ୍ରତିଶୋଧମୂଳକ ଶୁଳ୍କ ଲଗାଇବ। ଏହି ସାମଗ୍ରୀଗୁଡ଼ିକୁ ଏପରି ଭାବରେ ଚୟନ କରାଯିବ, ଯେପରି ଶୁଳ୍କରୁ ସୃଷ୍ଟି ହେଉଥିବା ରାଜସ୍ୱ ଆମେରିକାର ପଦକ୍ଷେପ ଦ୍ୱାରା ଭାରତୀୟ ରପ୍ତାନିକାରୀଙ୍କ କ୍ଷତି ସହିତ ସମାନ ହେବ। ଆମେରିକା ପ୍ରତିବର୍ଷ ଭାରତକୁ ୪୫ ବିଲିୟନ ଡଲାରରୁ ଅଧିକ ମୂଲ୍ୟର ସାମଗ୍ରୀ ରପ୍ତାନୀ କରୁଛି। ଯେତେବେଳେ ସାମ୍ପ୍ରତିକ ଶୁଳ୍କ ଲାଗୁ ହେବା ପୂର୍ବରୁ ଭାରତର ଆମେରିକାକୁ ରପ୍ତାନି ୮୬ ବିଲିୟନ ଡଲାର ପର୍ଯ୍ୟନ୍ତ ଥିଲା। ଫେବୃଆରୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ରାଷ୍ଟ୍ରପତି ଟ୍ରମ୍ପ ଦ୍ୱିପାକ୍ଷିକ ବାଣିଜ୍ୟକୁ କାରବାର ୫୦୦ ବିଲିୟନ ଡଲାରକୁ ବୃଦ୍ଧି କରିବାକୁ ଲକ୍ଷ୍ୟ ରଖିଥିଲେ, କିନ୍ତୁ ଭାରତ ଏହାର କୃଷି ଏବଂ ଅନ୍ୟ କେତେକ ସମ୍ବେଦନଶୀଳ କ୍ଷେତ୍ର ଉପରେ ଆମେରିକୀୟ କମ୍ପାନୀଙ୍କ ପ୍ରବେଶ ଦାବିକୁ ପ୍ରତ୍ୟାଖ୍ୟାନ କରିବାରୁ ଆମେରିକା ପ୍ରତିଶୋଧାତ୍ମକ ପଦକ୍ଷେପ ନେଇ ଭାରତ ଉପରେ ଅତ୍ୟଧିକ ଟାରିଫ୍ ଲଗାଇଛି।

### ଭାରତ ଉପରେ ସର୍ବାଧିକ...

ପହଞ୍ଚିବା ପାଇଁ ୯୦ ଦିନ ସମୟ ଦିଆଯାଇଛି। ଆମେରିକା ଚାହୁଁଛି ଯେ ଚୀନ୍ ବୌଦ୍ଧିକ ସମ୍ପତ୍ତି, ପ୍ରଯୁକ୍ତିବିଦ୍ୟା ସ୍ଥାନାନ୍ତର ଏବଂ କୃଷି ଆମଦାନିରେ ରିଆତି ଦେଉ। ଏହାର ଅର୍ଥ ହେଉଛି ଟ୍ରମ୍ପ ପ୍ରଶାସନ ଚୀନ୍ ସହିତ ଏକ ଚୁକ୍ତିର ସମ୍ଭାବନାକୁ ଖୋଲା ରଖିବାକୁ ଚାହୁଁଛି, ଯାହା ଦ୍ୱାରା ମୁକାବିଲା ବଦଳରେ, ରାଜନୈତିକ ଲାଭ ନିଆଯାଇପାରିବ। ୱାଲ୍ ଷ୍ଟ୍ରିଟ୍ ଜର୍ଣ୍ଣାଲରେ ପ୍ରକାଶିତ ଏକ ରିପୋର୍ଟ ଅନୁଯାୟୀ, ଭାରତ ସହିତ ଆମେରିକାର ବାଣିଜ୍ୟ ନିଅଣ୍ଟ ଚୀନ୍ ପରି ବଡ଼ ନୁହେଁ, କିନ୍ତୁ ଟ୍ରମ୍ପ ପ୍ରଶାସନ ଏହାକୁ କମ୍ ରାଜନୈତିକ ବିପଦ ସହିତ ଏକ ପଦକ୍ଷେପ ବୋଲି ବିବେଚନା କରୁଛି।

### ସୁପ୍ରିମ କୋର୍ଟ-ନିର୍ବାଚନ...

ଦର୍ଶାଇଛନ୍ତି ନିର୍ବାଚନ କମିସନ। କମିସନ କହିଛନ୍ତି ଯେ କେବଳ ଚିଠା ତାଲିକା (ଡ୍ରାଫ୍ଟ ରୋଲ୍) ପ୍ରକାଶନ ସହିତ ଆପତ୍ତି ଅଭିଯୋଗ ଦାଖଲ ପାଇଁ ଆଇନରେ ବ୍ୟବସ୍ଥା ରହିଛି। ଚିଠା ତାଲିକାରୁ ବାଦ୍ ପଡ଼ିଥିବା ଲୋକମାନଙ୍କ ସଂପର୍କରେ ନାମ ସହିତ ବାଦ୍ ପଡ଼ିବାର କାରଣ ପ୍ରକାଶ କରିବାକୁ କମିସନ ବାଧ୍ୟ ନୁହନ୍ତି। ୬୫ ଲକ୍ଷ ଲୋକଙ୍କ ସଂପର୍କରେ ଏଭଳି ସଂପୂର୍ଣ୍ଣ ବିବରଣୀ ପାଇଁ ପୃଥକ ତାଲିକା ଜାରି କରିବା ସମ୍ଭବ ମଧ୍ୟ ନୁହେଁ। ସତ୍ୟପାଠରେ କୁହାଯାଇଛି ଯେ ଚିଠା ତାଲିକା ବା ଡ୍ରାଫ୍ଟ ରୋଲରେ ନାମ ସାମିଲ ହୋଇନାହିଁର ଅର୍ଥ ନୁହେଁ ଯେ ସେମାନଙ୍କ ନାମ ଭୋଟର ତାଲିକାରୁ କାଟି ଦିଆଯାଇଛି। ଏବେ ଭୋଟର ତାଲିକା ସଂଶୋଧନ ଚାଲିଛି ଏବଂ ବିଭିନ୍ନ କାରଣରୁ ଅନେକ ଭୋଟରଙ୍କ ନାମ ସାମିଲ ହୋଇଥାଇନପାରେ। ଯେମିତି କି ଫର୍ମ ପୂରଣ ହୋଇନଥିବ ଏବଂ ଘରକୁ ଘର ବୁଲି ସର୍ଭେ ବେଳେ କୌଣସି ତ୍ରୁଟି ପରିଲକ୍ଷିତ ହୋଇଥିଲେ ନାମ ସାମିଲ ହୋଇପାରିବ ନାହିଁ। ତେବେ ଚୂଡାନ୍ତ ପ୍ରାର୍ଥୀ ତାଲିକା ପ୍ରସ୍ତୁତ ପୂର୍ବରୁ ଆପତ୍ତି ଅଭିଯୋଗର ସୁଯୋଗ ଦିଆଯିବ। ଚିଠା ତାଲିକାରେ ଯେଉଁମାନଙ୍କ ନାମ ନାହିଁ, ସେମାନେ ଆବଶ୍ୟକ କାଗଜପତ୍ର ସହିତ ଫର୍ମ-୬ ଦାଖଲ କରିପାରିବେ। ଏଥିପାଇଁ ସେପଟେମ୍ବର ୧ ତାରିଖ ପର୍ଯ୍ୟନ୍ତ ସମୟ ଦିଆଯାଇଛି। କମିସନ କହିଛନ୍ତି ଯେ ବିନା ପୂର୍ବ ନୋଟିସରେ କାହରି ନାମ କଟାଯିବ ନାହିଁ। ଏହାପୂର୍ବରୁ ଭୋଟରଙ୍କୁ ସୁଯୋଗ ଦିଆଯିବ।

ଚିଠା ତାଲିକା ବା ଡ୍ରାଫ୍ଟ ରୋଲରେ ବହୁସଂଖ୍ୟାରେ ଭୋଟରଙ୍କ ନାମ କାଟି ଦିଆଯାଇଛି ଏବଂ ଏହି ପ୍ରକ୍ରିୟା ସ୍ୱଚ୍ଛତା ଅବଲମ୍ବନ କରାଯାଇ ନାହିଁ ବୋଲି ଆବେଦନକାରୀ ଆସୋସିସନ୍ ଫର୍ ଡେମୋକ୍ରାଟିକ୍ ରିଫର୍ମସ (ଏଡିଆର) କରିଥିବା ଅଭିଯୋଗକୁ ଖଣ୍ଡନ କରି କମିସନ କହିଛନ୍ତି ଯେ ଏହି ସଂସ୍ଥା ମିଥ୍ୟା ଓ ବିଭ୍ରାନ୍ତିକର ପରିବେଶ ସୃଷ୍ଟି କରୁଛି।

ସୂଚନାଯୋଗ୍ୟ ଯେ ବିହାରରେ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ (ଏସ୍‌ଆଇଆର୍) ବେଳେ ଯେଉଁ ୬୫ ଲକ୍ଷ ଭୋଟରଙ୍କ ନାମ କଟାଯାଇଛି, ସେସଂପର୍କରେ ସଂପୂର୍ଣ୍ଣ ତଥ୍ୟ ଦାଖଲ କରିବାକୁ ଗତ ୬ ତାରିଖରେ ନିର୍ବାଚନ କମିସନଙ୍କୁ ନିର୍ଦ୍ଦେଶ ଦେଇଥିଲେ ସୁପ୍ରିମ କୋର୍ଟ। କୋର୍ଟ କହିଥିଲେ ଯେ ଚିଠା ତାଲିକାରୁ ଯେଉଁ ୬୫ ଲକ୍ଷ ଭୋଟରଙ୍କ ନାମ କାଟିଛନ୍ତି, ତାହାର କେବଳ ସଂଖ୍ୟା ନଦେଇ ସେମାନଙ୍କର ନାମ ସହିତ କେଉଁମାନେ ମୃତ, କେଉଁମାନେ ଅନ୍ୟ ରାଜ୍ୟକୁ ପଳାଇଛନ୍ତି ଏବଂ କେଉଁମାନଙ୍କ ନାମ ଭୋଟର ତାଲିକାରେ ସାମିଲ ପାଇଁ ବିଚାର କରାଯାଇ ନାହିଁ ଏବଂ କାହିଁକି ବିଚାର କରାଯାଇ ନାହିଁ, ସେସଂପର୍କରେ କମିସନ ସଂପୂର୍ଣ୍ଣ ତଥ୍ୟ ଦିଅନ୍ତୁ। କୋର୍ଟ ଆଦେଶ ମୁତାବକ ଗତକାଲି ନିର୍ବାଚନ କମିସନ ସଂପୂର୍ଣ୍ଣ ତଥ୍ୟ ଦେବାକୁ ମନା କରିବାକୁ ଯାଇ ଏଭଳି ଯୁକ୍ତି ଉପସ୍ଥାପନ କରିଛନ୍ତି।

### ୧୨ରୁ ରାଜ୍ୟରେ...

ଆଦି ଜିଲ୍ଲାର କିଛି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇପାରେ। ସେହିପରି ମାଲକାନଗିରି, ନବରଙ୍ଗପୁର, କଳାହାଣ୍ଡି, ଗଞ୍ଜାମ, ନୟାଗଡ଼, ଖୋର୍ଦ୍ଧା, ପୁରୀ, ମୟୂରଭଞ୍ଜ, କେନ୍ଦୁଝରେ ଆଦି ଜିଲ୍ଲାରେ ମଧ୍ୟ ବର୍ଷା ହୋଇପାରେ। ୧୩ ଓ ୧୪ ତାରିଖରେ ବର୍ଷାର ପ୍ରଭାବ ସବୁଠୁ ଅଧିକ ରହିବ। ତେବେ ସ୍ୱାଧୀନତା ଦିବସରେ ପାଗ ଅନୁକୂଳ ରହିବାର ସମ୍ଭାବନା ରହିଛି।

ସମ୍ଭାବ୍ୟ ଲଘୁଚାପ ଯୋଗୁଁ ସମୁଦ୍ର ମଧ୍ୟରେ ପବନର ବେଗ ଅଧିକ ରହିବା ସହ ସମୁଦ୍ର ଅଶାନ୍ତ ରହିବ। ଏହାକୁ ଦୃଷ୍ଟିରେ ରଖି ଆସନ୍ତା ୧୨ ଓ ୧୩ ତାରିଖ ଦୁଇ ଦିନ ଯାଏ ସମୁଦ୍ର ମଧ୍ୟକୁ ନ ଯିବା ପାଇଁ ମତ୍ସ୍ୟଜୀବୀମାନଙ୍କୁ ସତର୍କ କରାଯାଇଛି।

ଏହା ପରେ ୨୦ କିମ୍ବା ୨୧ ତାରିଖ ବେଳକୁ ଉତ୍ତର ବଙ୍ଗୋପସାଗରର ପଶ୍ଚିମବଙ୍ଗ-ଓଡିଶା ଉପକୂଳ ନିକଟରେ ଆଉ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବା ସହ ପରବର୍ତ୍ତୀ ସମୟରେ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହାର ପ୍ରଭାବରେ ଉତ୍ତର ଓଡ଼ିଶାର ଅଧିକାଂଶ ସ୍ଥାନରେ ବର୍ଷା ଆଶଙ୍କା ରହିଛି।

ଅନ୍ୟପଟେ ଜୁନ ୧ରୁ ଆଜି ଯାଏଁ ରାଜ୍ୟରେ ୬୪୭.୨ ମିମି ବର୍ଷା ରେକର୍ଡ ହୋଇଛି। ଏହି ସମୟ ମଧ୍ୟରେ ସ୍ୱାଭାବିକ ୬୭୭.୦ ମିଲିମିଟର ବର୍ଷା ତୁଳନାରେ ୪ ପ୍ରତିଶତ କମ୍ ବର୍ଷା ହୋଇଛି। ଏହି ସମୟରେ ରାଜ୍ୟର ୯ଟି ଜିଲ୍ଲାରେ ବର୍ଷା ସ୍ଥିତି ନିଅଣ୍ଟିଆ ରହିଛି।

### ଦେଶସାରା କାମ...

ଆବଶ୍ୟକତା ନାହିଁ ବୋଲି ଶାସକ ଦଳର ବିଧାୟକ ମନ୍ତବ୍ୟ ଦେଉଛନ୍ତି। ରାଜ୍ୟ ସରକାର ମଧ୍ୟ ଏହି ପ୍ରକଳ୍ପ ପାଇଁ ଅନାଗ୍ରହୀ ଥିବା ଦେଖାଯାଉଛି। ରାଜ୍ୟ ସରକାରଙ୍କ ଏପରି ଆଭିମୁଖ୍ୟକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଦ୍ୱୈତନଗରୀ ମେଟ୍ରୋରେ କଟକ ଓ ଭୁବନେଶ୍ୱରବାସୀ ସବୁଠାରୁ ଅଧିକ ଉପକୃତ ହେବା ଆପାତତଃ ନିଶ୍ଚିତ। ମାତ୍ର ଶାସକ ଦଳ ତଥା ଖୋଦ୍ ରାଜଧାନୀର ବିଧାୟକ ଆସନ୍ତା ୨୦/୩୦ ବର୍ଷ ଯାଏ ଭୁବେଶ୍ୱରରେ ମେଟ୍ରୋ ରେଳ ସେବାର ଆବଶ୍ୟକତା ନାହିଁ ବୋଲି ଟିପ୍ପଣୀ ସାଧାରଣ ଲୋକଙ୍କୁ ନିରାଶ କରିଛି। ଏହି ସମୟରେ ପୂର୍ବ ସରକାର ମେଟ୍ରୋ ରେଳ ପାଇଁ କରିଥିବା ଟେଣ୍ଡରକୁ ବର୍ତ୍ତମାନର ସରକାର ବାତିଲ କରି ଦେଇଛନ୍ତି।

କେବଳ ସେତିକି ନୁହେଁ; ରାଜ୍ୟ ନଗର ଉନ୍ନୟନ ମନ୍ତ୍ରୀ ମେଟ୍ରୋ ପ୍ରକଳ୍ପ ସଂପର୍କରେ ଦେଇଥିବା ମନ୍ତବ୍ୟ ରାଜ୍ୟରେ ମେଟ୍ରୋ ପ୍ରକଳ୍ପ ଯେ ଆସନ୍ତା ପାଞ୍ଚ ବର୍ଷ ମଧ୍ୟରେ ଆରମ୍ଭ ହୋଇପାରିବ ନାହିଁ ବୋଲି ସ୍ପଷ୍ଟ କରି ଦେଇଛି। ନିକଟରେ ଗଣମାଧ୍ୟମ ପ୍ରତିନିଧିଙ୍କୁ ପ୍ରତିକ୍ରିୟା ଦେଇ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର କହିଥିଲେ ଯେ କଳ୍ପନା ପଟୁ ନନ୍ଦନକାନନ ଯାଏଁ ପ୍ରଥମେ ଓଭରବ୍ରିଜ ଯିବ। ଏହାଦ୍ୱାରା ଟ୍ରାଫିକ୍ ସମସ୍ୟାର ସମାଧାନ ହୋଇପାରିବ। ଏହାପରେ ମେଟ୍ରୋ ମାଟି ତଳେ ଯିବ ନା ଉପରେ ଯିବ, ସେନେଇ ନିଷ୍ପତ୍ତି ନିଆଯିବ। ମନ୍ତ୍ରୀଙ୍କ ଉତ୍ତରକୁ ଯଦି ବିଶ୍ୱାସକୁ ନିଆଯାଏ, ତା'ହେଲେ ନିକଟ ଭବିଷ୍ୟତରେ ଓଡ଼ିଶାରେ ମେଟ୍ରୋ ପ୍ରକଳ୍ପ କାର୍ଯ୍ୟକାରୀ ହେବା ଆଶା କ୍ଷୀଣ।

### ଜେଲ୍ ଗଲା...

ଏହି ସୂଚନା ଦେଇଛନ୍ତି। ଏହି ଘଟଣାରେ ପୁଲିସ୍ ପ୍ରମୋଦ ବିରୋଧରେ ଭାରତୀୟ ନ୍ୟାୟ ସଂହିତା(ବିଏନ୍‌ଏସ୍) ଧାରା ୨୯୬, ୭୫, ୭୮, ୧୦୮ ଭଳି ସଂଗିନ୍ ଦଫା ଲଗାଇଛି।

ଏସ୍‌ପି ଶ୍ରୀ କଟାରିଆ କହିଛନ୍ତି ଯେ ଗତ ଅଗଷ୍ଟ ୫ରେ ସଂଗୀତାଙ୍କୁ ୫ରୁ ୬ଥର ମେସେଜ ଓ ହ୍ୱାଟ୍‌ସଆପ୍ ମେସେଜ୍ କରିଥିଲା ପ୍ରମୋଦ। ସେହିଭଳି ଗତ ୬ତାରିଖ ସକାଳ ୭ଟା ୩୪ରେ ପ୍ରମୋଦ ୬ଥର କଲ କରିବା ସହ ୫ଥର ମେସେଜ କରିଥିଲା। କଲ୍ ଡିଟେଲ୍ସ ରିପୋର୍ଟ (ସିଡିଆର୍)ରୁ ପୁଲିସ ଏହି ସବୁ ତଥ୍ୟ ପାଇଛି। ଅଭିଯୁକ୍ତ ବିରୋଧରେ ପୁଲିସ ଯଥେଷ୍ଟ ପ୍ରମାଣ ପାଇଛି। ଅପରପକ୍ଷେ, ଏହି ଘଟଣାରେ ସଂଗୀତା, ତାଙ୍କ ବାପା ଓ ପ୍ରେମିକ ପ୍ରମୋଦର ମୋବାଇଲ ଜବତ ହୋଇଛି। ସେହିପରି, ସଂଗୀତାଙ୍କ ପଡ଼ୋଶୀ ଘରେ ଲାଗିଥିବା ସିସିଟିଭି ଫୁଟେଜ୍‌କୁ ପୁଲିସ ଗତକାଲି ଜବତ କରି ଯାଞ୍ଚ କରିଛି। ସେଥିରେ ଛାତ୍ରୀଙ୍କ ବାପା ଓ ମା' ସକାଳ ପ୍ରାୟ ୭ଟା ୪୦ରେ ବାହାରକୁ ଯାଇ ପୂର୍ବାହ୍ନ ସାଢ଼େ ୧୧ଟାରେ ଫେରୁଥିବା ଦେଖାଯାଉଛି। ତେଣୁ, ସଂଗୀତା ଆତ୍ମହତ୍ୟା କରିଛନ୍ତି ନା ତାଙ୍କୁ ହତ୍ୟା କରାଯାଇଛି, ତାହା ଏଫ୍‌ଏସ୍‌ଏଲ୍ ରିପୋର୍ଟ ଆସିଲେ ସ୍ପଷ୍ଟ ହେବ ବୋଲି କୁହାଯାଇଛି। ଏହାବ୍ୟତୀତ ଶବ ବ୍ୟବଚ୍ଛେଦ ରିପୋର୍ଟକୁ ଅପେକ୍ଷା କରାଯାଇଛି। ରିପୋର୍ଟ ଆସିବା ପରେ ସତ ପଦାକୁ ଆସିବ ବୋଲି ଏସପି କହିଛନ୍ତି।

୬ ମାସ ତଳେ ପୀଡ଼ିତା ଏବଂ ତାଙ୍କ ବାପା ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନାରେ ପ୍ରମୋଦ ବିରୋଧରେ ଏତଲା ଦେଇଥିଲେ। ପ୍ରମୋଦ ତାଙ୍କ ଭିଡିଓ ଭାଇରାଲ କରୁଛି ବୋଲି ଏତଲାରେ ଦର୍ଶାଯାଇଥିଲା। କିନ୍ତୁ ପୁଲିସ୍ ଏହାକୁ ଗୁରୁତ୍ୱର ସହ ନେଇଥିଲା। ଓଲଟି, ପ୍ରମୋଦର ମୋବାଇଲ ନମ୍ବର ବ୍ଲକ୍ କରିବାକୁ ସଂଗୀତାଙ୍କୁ ପରାମର୍ଶ ଦେଇଥିଲା। ଏହି ବେପରୁଆ ପୁଲିସ କର୍ମଚାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଏସପି ସୂଚନା ଦେଇଛନ୍ତି। ତେବେ ଉକ୍ତ ପୁଲିସ କର୍ମଚାରୀଙ୍କ ବିରୋଧରେ ଗଣମାଧ୍ୟମ ଖବର ଆଧାରରେ ତାଙ୍କୁ ପୁଲିସ ମୁଖ୍ୟାଳୟକୁ ବଦଳି ସହ ତାଙ୍କ ବିରୋଧରେ ତଦନ୍ତ ଆରମ୍ଭ କରାଯାଇଛି। ଆହୁରି ମଧ୍ୟ, ପୀଡ଼ିତା ଏବଂ ତାଙ୍କ ବାପା କେତେଥର ଥାନାକୁ ଯାଇଛନ୍ତି, ସେନେଇ ସିସିଟିଭି ନେଇ ଯାଞ୍ଚ କରାଯାଉଛି।

ସପେଟେ, ପ୍ରମୋଦର ଗିରଫଦାରୀକୁ ନେଇ ତା' ଗାଁ ତିରୋହୀରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ଉତ୍ୟକ୍ତ ଲୋକେ ଏହାର ପ୍ରତିବାଦରେ ଗ୍ରାମାଞ୍ଚଳ ଥାନା ଆଗରେ ଧାରଣା ଦେଇଥିଲେ। ଏନେଇ ପ୍ରମୋଦର ବାପା ଗଣେଶ୍ୱର ବେହେରା ଆଜି ଥାନାରେ ଏକ ଏତଲା ଦେଇଛନ୍ତି। ସେଥିରେ ସେ ଦର୍ଶାଇଛନ୍ତି ଯେ ତାଙ୍କ ପୁଅ ନିର୍ଦ୍ଦୋଷ। ଏହି ଘଟଣାରେ ତା'ର ସଂପୃକ୍ତି ନାହିଁ। ତାକୁ ଫସାଇ ଦିଆଯାଇଛି। ସଂଗୀତାକୁ ତା' ବାପା-ମା' ପିଟି ହତ୍ୟା କରିଛନ୍ତି। ଖବର ପାଇ ପଟ୍ଟାମୁଣ୍ଡାଇ ଏସ୍‌ଡିପିଓ କ୍ଷମାସାଗର ପଣ୍ଡା, ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଆଇଆଇସି ବନ୍ଦନା ପାତ୍ର, ରାଜନଗର ଥାନା ଆଇଆଇସି ନରେଶ ସାହୁ ପ୍ରମୁଖ ଧାରଣାସ୍ଥଳରେ ପହଞ୍ଚିଥିଲେ। ବିଲିକଣା ସରପଞ୍ଚ ଲକ୍ଷ୍ମୀପ୍ରିୟା ଷଡ଼ଙ୍ଗୀ, ସମାଜସେବୀ ଶଶୀଭୂଷଣ ଷଡ଼ଙ୍ଗୀ ଘଟଣାସ୍ଥଳରେ ପହଞ୍ଚି ଉତ୍ୟକ୍ତ ଲୋକଙ୍କ ସହ ଆଲୋଚନା କରି ପ୍ରତିଶ୍ରୁତି ହେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

### ବୁଡ଼ିଯିବ ବେଲଗୁଣ୍ଠାର...

ପ୍ରଦୀପ କହିଛନ୍ତି, ପୁରୁଷପୁରୁଷ ଧରି ତାଙ୍କ ପରିବାର ପିତ୍ତଳ ମାଛ ପ୍ରସ୍ତୁତ କରି ଆସୁଥିବା ବେଳେ ତାଙ୍କ ଉତ୍ତରପିଢ଼ି ଏଥିରୁ ମୁହଁ ଫେରାଇ ନେଇଛନ୍ତି। ତେଣୁ ଏହି ଶିଳ୍ପକୁ ବଞ୍ଚାଇ ରଖିବାକୁ ହେଲେ ଯୁବ କାରିଗର ଗୋଷ୍ଠୀଙ୍କୁ ନିୟମିତ ତାଲିମ୍, ଉପଯୁକ୍ତ ପାରିଶ୍ରମିକ, ବିନା ଜିଏସ୍‌ଟିରେ ଋଣ, ଷ୍ଟାଇପେଣ୍ଡ ବୃଦ୍ଧି, କର୍ମଶାଳା ନିର୍ମାଣ ଏବଂ କାରିଗର ଭତ୍ତା ପ୍ରଦାନର ଆବଶ୍ୟକ ରହିଛି।

ଏହି ଶିଳ୍ପ ବିଶ୍ୱର ଏକମାତ୍ର ସ୍ଥାନ ବେଲଗୁଣ୍ଠାରେ ଥିବା ବେଳେ ଏଠାକୁ ନ୍ୟାସନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ ଡିଜାଇନ୍ ସମେତ ବେଙ୍ଗାଲୁରୁ, ହାଇଦ୍ରାବାଦ୍‌ର ବିଭିନ୍ନ କଳା କାରିଗରୀ ଅନୁଷ୍ଠାନର ଛାତ୍ରଛାତ୍ରୀ ଆସି ପନ୍ଦର କୋଡ଼ିଏ ଦିନ ରହି ସେମାନଙ୍କର ପ୍ରକଳ୍ପ କାର୍ଯ୍ୟ କରିଥାନ୍ତି। ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରାଧ୍ୟାପକ ପିତ୍ତଳ ମାଛ ଉପରେ ଗବେଷଣା କରିବା ସହିତ ସ୍ନାତକୋତ୍ତର ଡିଗ୍ରୀ ମଧ୍ୟ ହାସଲ କରିଛନ୍ତି। କିନ୍ତୁ ବିଡ଼ମ୍ବନାର ବିଷୟ, ଏତେ ସବୁ ତଥ୍ୟ ଥିଲେ ମଧ୍ୟ ବେଲଗୁଣ୍ଠାର ପିତ୍ତଳ ମାଛକୁ ଜିଆଇ ଟ୍ୟାଗ୍ ଦେବା ପାଇଁ ପ୍ରୟାସ କରାନଯିବା ଦୁର୍ଭାଗ୍ୟଜନକ ବୋଲି ଅଞ୍ଚଳବାସୀ ପ୍ରକାଶ କରିଛନ୍ତି। ତେଣୁ, ଏ ଦିଗରେ ସ୍ଥାନୀୟ ପ୍ରଶାସନଠାରୁ ଆରମ୍ଭ କରି କେନ୍ଦ୍ର ସରକାର ସ୍ୱତନ୍ତ୍ର ଦୃଷ୍ଟି ଦେଇ ଜିଆଇ ଟ୍ୟାଗ୍ ମାନ୍ୟତା ଦେବା ପାଇଁ ସାଧାରଣରେ ଦାବି ହୋଇଛି।

### ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୭.୬୬ ● ପାଉଣ୍ଡ ୧୧୭.୦୨
- ୟୁରୋ ୧୦୨.୩୫ ● ୟେନ୍ ୦.୫୯

### ସୁନା, ରୁପା ଦର (ଟଙ୍କାରେ)



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୯୪,୪୫୦ (ଭୁବନେଶ୍ୱର)
- ରୁପା : ୧,୨୦,୦୦୦ (କେଜି)



### ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)
- ସେନ୍ସେକ୍ସ ୭୯,୮୫୭.୦୦
- ନିଫ୍ଟି ୨୪,୩୬୩.୦୦



### ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



# ପେଟ୍ରୋଲ-ଡିଜେଲ୍ ବିକିବେ ଆଦାନୀ

## ସରକାର ବଦଳାଇବେ ଲାଇସେନ୍ସ ନିୟମ

ନୂଆଦିଲ୍ଲୀ,୧୦।୮ (ଏଜେନ୍ସି): ଆଦାନୀ ଗ୍ରୁପ ବିକ୍ରି କରିବ ପେଟ୍ରୋଲ-ଡିଜେଲ। ଏଥିପାଇଁ ଖୋଦ୍ କେନ୍ଦ୍ର ସରକାର ଉର୍ଦ୍ଧିଷ୍ଟ ଲାଇସେନ୍ସ ନିୟମରେ କେତେକ ପରିବର୍ତ୍ତନ ଆଣିବାକୁ ଯାଉଛନ୍ତି। ଭାରତରେ ପେଟ୍ରୋଲ ଏବଂ ଡିଜେଲର ଖୁଚୁରା ବ୍ୟବସାୟ ପାଇଁ ନିୟମ ଖୁବ୍ ଶୀଘ୍ର ପରିବର୍ତ୍ତନ ହୋଇପାରେ। କେନ୍ଦ୍ର ପେଟ୍ରୋଲିୟମ୍ ମନ୍ତ୍ରଣାଳୟ ଲାଇସେନ୍ସ ମାନଦଣ୍ଡରେ ଛାଡ଼ କରିବା ବିଷୟରେ ବିଚାର କରୁଛି। ସରକାରୀ କମ୍ପାନୀଗୁଡ଼ିକ ୯୭୮୦୪ ପେଟ୍ରୋଲ ପମ୍ପ ଉପରେ ଦବ୍‌ଦବା ରଖିଛନ୍ତି। କିନ୍ତୁ ନିୟମ ପରିବର୍ତ୍ତନ ପରେ, ଘରୋଇ ଏବଂ ବିଶ୍ୱସ୍ତରୀୟ କମ୍ପାନୀଗୁଡ଼ିକ ପାଇଁ ପ୍ରବେଶ ସହଜ ହୋଇପାରେ। ସରକାରଙ୍କ କହିବାନୁଯାୟୀ, ପରିବର୍ତ୍ତିତ ବିଶ୍ୱ ଇନ୍ଧନ ପରିସ୍ଥିତି ଏବଂ ବିକଳ୍ପ ଶକ୍ତି ଉତ୍ସର ବର୍ଦ୍ଧିତ ଗୁରୁତ୍ୱକୁ




ଦୃଷ୍ଟିରେ ରଖି, ପୁରୁଣା ନିୟମରେ ପରିବର୍ତ୍ତନ ଆବଶ୍ୟକ। ଏଥିପାଇଁ, ଏକ ବିଶେଷଜ୍ଞ କମିଟି ଗଠନ କରାଯାଇଛି ଯାହା ୨୦୧୯ରେ ଜାରି ହୋଇଥିବା ନିର୍ଦ୍ଦେଶାବଳୀ ସମୀକ୍ଷା କରିବ। କମିଟି ଏହା ମଧ୍ୟ ଦେଖିବ ଯେ ବର୍ତ୍ତମାନର ମାନଦଣ୍ଡ ଶକ୍ତି ସୁରକ୍ଷା, କାର୍ବନ ନିର୍ଗମନ ହ୍ରାସ ଏବଂ ବିକଳ୍ପ ଇନ୍ଧନର ପ୍ରୋତ୍ସାହନର ଲକ୍ଷ୍ୟକୁ କିପରି ପ୍ରଭାବିତ କରୁଛି। ।୨୦୧୯ରେ ସରକାର ନିୟମ ପରିବର୍ତ୍ତନ କରି ଅଣ-ପେଟ୍ରୋଲିୟମ୍ କମ୍ପାନୀଗୁଡ଼ିକୁ ଖୁଚୁରା ଇନ୍ଧନ ବିକ୍ରିକରିବାକୁ ଅନୁମତି ଦେଇଥିଲେ, ଯଦି ସେମାନଙ୍କର ନେଟ୍ ସମ୍ପତ୍ତି ମୂଲ୍ୟ ୨୫୦ କୋଟି ଟଙ୍କା ହୋଇଥାଏ। ପୂର୍ବରୁ, ଇନ୍ଧନ ବିକ୍ରି ଲାଇସେନ୍ସ ପାଇଁ କମ୍ପାନୀଗୁଡ଼ିକୁ ଶକ୍ତି କ୍ଷେତ୍ରରେ ୨୦୦୦ କୋଟି ଟଙ୍କା ନିବେଶ କରିବାକୁ ପ୍ରତିବଦ୍ଧତା ପ୍ରଦର୍ଶନ କରିବାକୁ ପଡୁଥିଲା। ନୂତନ ପ୍ରସ୍ତାବିତ ପରିବର୍ତ୍ତନଗୁଡ଼ିକ ପେଟ୍ରୋଲ ପମ୍ପ ଖୋଲିବାକୁ ଆହୁରି ସହଜ କରିପାରିବ। ବର୍ତ୍ତମାନ, ଦେଶରେ ୯୭,୮୦୪ ପେଟ୍ରୋଲ ପମ୍ପ ଅଛି। ଦେଶରେ ଇଣ୍ଡିଆନ୍ ଅଏଲ୍‌ର ୪୦,୬୬୬, ବିପିସିଏଲ୍‌ର ୨୩,୯୫୯ ଏବଂ ଏଚ୍‌ପିସିଏଲ୍‌ର ୨୩,୯୦୧ ପମ୍ପ ଅଛି। ଘରୋଇ କ୍ଷେତ୍ରରେ, ରିଲାଏନ୍ସ-ବିପି ମିଳିତ ଉଦ୍ୟୋଗ ୧,୯୯୧ ପମ୍ପ, ନାଏରା ଏନର୍ଜି ୬,୭୬୩ ପମ୍ପ ଏବଂ ସେଲ୍ ୩୫୫ ପମ୍ପ ପରିଚାଳନା କରୁଛି। ଟୋଟାଲ୍ ଏନର୍ଜିଜ୍ (ଆଦାନୀ ସହିତ), ବିପି (ରିଲାଏନ୍ସ ସହିତ), ଟ୍ରାଫିଗୁରାର ପୁମା ଏନର୍ଜି ଏବଂ ସାଉଦି ଆରାମକୋ ଭଳି ବିଶ୍ୱସ୍ତରୀୟ କମ୍ପାନୀଗୁଡ଼ିକ ମଧ୍ୟ ଭାରତୀୟ ବଜାରରେ ଅଂଶ ଗ୍ରହଣ କରିବାକୁ ଆଗ୍ରହ ଦେଖାଇଛନ୍ତି।

● ଅହମ୍ମଦାବାଦ ବିମାନ ଦୁର୍ଘଟଣା ପରେ

# ବିମାନ ନବୀକରଣରେ ଏୟାର ଇଣ୍ଡିଆ ଖର୍ଚ୍ଚ କରିବ ୪୦୦ ନିୟୁତ ଡଲାର

ନୂଆଦିଲ୍ଲୀ, ୧୦।୮ (ଏଜେନ୍ସି): ଅହମ୍ମଦାବାଦ ବିମାନ ଦୁର୍ଘଟଣା ପରେ ଏୟାରଲାଇନ୍ସଙ୍କ ରକ୍ଷଣାବେକ୍ଷଣାକୁ ନେଇ ସରକାର ଏବେ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ) ଏଭିଏସନ କମ୍ପାନୀଙ୍କୁ ଅନେକ କଡ଼ା ଆଦେଶ ଦେଇଛନ୍ତି। ଏଥି ମଧ୍ୟରେ ଏୟାର ଇଣ୍ଡିଆ କମ୍ପାନୀ ବିମାନ ନବୀକରଣ ନିମନ୍ତେ ୪୦୦ମିଲିୟନ ଡଲାର ଖର୍ଚ୍ଚ କରିବ ବୋଲି ଘୋଷଣା କରିଛି। ଏଥିରେ ୱାଇଡବଡି ଓ ନ୍ୟାରୋବଡି ବିମାନଙ୍କୁ ଉନ୍ନତ ଡିଜାଇନ ସହିତ ନବୀକରଣ କରାଯିବ। ଉଲ୍ଲେଖଯୋଗ୍ୟ




ଯେ ୨୬ଟି ବୋଇଂ ୭୮୭-୮ ବିମାନ ମଧ୍ୟରୁ ପ୍ରଥମ ବିମାନ ନବୀକରଣ ପାଇଁ କାଲିଫର୍ଣ୍ଣିୟା ସ୍ଥିତ ବୋଇଂ କମ୍ପାନୀକୁ ପହଞ୍ଚି ସାରିଛି। ଦ୍ୱିତୀୟ ବିମାନ ଅକ୍ଟୋବରରେ ଆମେରିକା ଯିବ। ଏହି ବିମାନ ସବୁରେ ନୂଆ ଇଣ୍ଟେରିୟର ଓ ଅତ୍ୟାଧୁନିକ ପ୍ରଣାଳୀ ଲାଗିବ। ପ୍ରତ୍ୟେକ କ୍ୟାବିନରେ ନୂଆ ସିଟ୍, ଉନ୍ନତ ଇନ-ଫ୍ଲାଇଟ୍ ମନୋରଞ୍ଜନ, ନୂଆ କାର୍ପେଟ, ପର୍ଦ୍ଦା ଓ ଆସବାବପତ୍ର ଲାଗିବ। କମ୍ପାନୀର ଉଦ୍ଦେଶ୍ୟ ଯାତ୍ରୀଙ୍କୁ ଉନ୍ନତମାନର ସେବା ଉପଲବ୍ଧ କରିବା। ଏହା ପୂର୍ବରୁ ଏୟାର ଇଣ୍ଡିଆ ପାଇଲଟଙ୍କୁ ନେଇ ବଡ଼ ନିଷ୍ପତ୍ତି ନେଇଥିଲା। ଏୟାର ଇଣ୍ଡିଆ ପାଇଲଟଙ୍କ ରିଟାୟରମେଣ୍ଟ ଆୟୁ ୬୫ ବର୍ଷ କରିବାକୁ ନିଷ୍ପତ୍ତି ହୋଇଛି। ସେହିପରି ଅଣ ଉଡାଣ କର୍ମଚାରୀଙ୍କ ଅବସର ବୟସ ବଢାଇ ୬୦ ବର୍ଷ କରିବାକୁ ମଧ୍ୟ ନିଷ୍ପତ୍ତି ହୋଇଛି। ବର୍ତ୍ତମାନ ଏୟାର ଇଣ୍ଡିଆରେ ପାଇଲଟ ଓ ଅଣ ଉଡାଣ କର୍ମଚାରୀଙ୍କ ଅବସର ବୟସ ୫୮ ବର୍ଷ ରହିଛି।

# ଦୁଇ ବର୍ଷରେ ଏଆଇ ଖାଇଯିବ ୫ ଲକ୍ଷ ଚାକିରି !

ନୂଆଦିଲ୍ଲୀ,୧୦।୮ (ଏଜେନ୍ସି)

କୃତ୍ରିମ ବୁଦ୍ଧିମତ୍ତା (ଏଆଇ)ର ବର୍ଦ୍ଧିତ ବ୍ୟବହାର ସହିତ ଭାରତର ଆଇଟି କ୍ଷେତ୍ରରେ ବଡ଼ ପରିବର୍ତ୍ତନ ଆରମ୍ଭ ହୋଇଯାଇଛି। ଦେଶର ବୃହତ୍ ଆଇଟି କମ୍ପାନୀ ଟାଟା କନସଲ୍ଟାନ୍ସି ସର୍ଭିସେସ୍ (ଟିସିଏସ୍) ସମ୍ପ୍ରତି ୧୨,୦୦୦ରୁ ଅଧିକ କର୍ମଚାରୀଙ୍କୁ ଛଟେଇ କରିବାକୁ ନିଷ୍ପତ୍ତି ନେଇଛି। ଏହା କେବଳ ଆରମ୍ଭ। ବିଶେଷଜ୍ଞମାନେ ବିଶ୍ୱାସ କରନ୍ତି ଯେ ଆଗାମୀ ୨-୩ ବର୍ଷ ମଧ୍ୟରେ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ଯୋଗୁଁ ଏହି ୨୮୩ ବିଲିୟନ ଡଲାରର ଆଇଟି କ୍ଷେତ୍ରରେ ପ୍ରାୟ ୫ ଲକ୍ଷ ଲୋକେ ଚାକିରି ହରାଇବେ।

- ଟିସିଏସ୍ ୧୨ ହଜାର ଛଟେଇ ବିନାଶର ଆରମ୍ଭ ମାତ୍ର
- ୪-୧୨ ବର୍ଷ ଅଭିଜ୍ଞତା ଥିବା ୭୦% କର୍ମଚାରୀ ବିଦା ହେବେ



ଏହି କ୍ଷେତ୍ର ବର୍ତ୍ତମାନ ପର୍ଯ୍ୟନ୍ତ ୫୬ ଲକ୍ଷରୁ ଅଧିକ ଲୋକଙ୍କୁ ନିଯୁକ୍ତି ଦେଉଥିଲା ଏବଂ ଦେଶର ଅର୍ଥନୀତିରେ ୭% ରୁ ଅଧିକ ଅବଦାନ ରଖୁଛି। କେବଳ ପ୍ରତ୍ୟକ୍ଷ ନିଯୁକ୍ତି ନୁହେଁ, ବରଂ ଏହା ସହିତ ଜଡିତ ଅନେକ ଚାକିରି ଏବଂ ଜୀବିକା ମଧ୍ୟ ଚାଲିଛି, ଯାହା ଭାରତକୁ ବିଶ୍ୱର ୫ମ ବୃହତ ଅର୍ଥନୀତି କରିଥାଏ। ଏ ପର୍ଯ୍ୟନ୍ତ ଏହି କ୍ଷେତ୍ର ଭାରତର ଅଧିକାଂଶ ଇଞ୍ଜିନିୟରଙ୍କୁ କାମ ଦେଇଛି, କିନ୍ତୁ ଏଆଇ ଯୋଗୁଁ କାମ କରିବାର ଶୈଳୀ ପରିବର୍ତ୍ତନ ହେଉଛି। ନୂତନ ପ୍ରଯୁକ୍ତିବିଦ୍ୟା ଯୋଗୁଁ, ଏବେ ଏପରି ଦକ୍ଷତା ଆବଶ୍ୟକ ହେବ ଯାହା ଅନେକ କର୍ମଚାରୀଙ୍କ ପାଖରେ ନାହିଁ। ଅନେକ ଶିଳ୍ପ ବିଶେଷଜ୍ଞ ଏବଂ ବିଶ୍ଳେଷକ ଏହା ଉଲ୍ଲେଖ କରୁଛନ୍ତି। ସିଲିକନ ଭ୍ୟାଲି-ଭିତ୍ତିକ କନଷ୍ଟେଲେସନ୍ ରିସର୍ଚ୍ଚର ପ୍ରତିଷ୍ଠାତା ଏବଂ ଅଧ୍ୟକ୍ଷ ରେ ୱାଙ୍ଗ କହିଛନ୍ତି, ଆମେ ଏକ ମହା ପରିବର୍ତ୍ତନର ସମୟ ଦେଇ ଗତି କରୁଛୁ, ଯାହା ଉପର ପାହ୍ୟାର ନିଯୁକ୍ତିକୁ ସମ୍ପୂର୍ଣ୍ଣ ପରିବର୍ତ୍ତନ କରିବ। ଅନେକ ବିଶେଷଜ୍ଞ ଏହା ମଧ୍ୟ ଚେତାବନୀ ଦେଇଛନ୍ତି ଯେ ଆଗାମୀ ସମୟରେ ଆହୁରି ଅଧିକ ଛଟେଇ ହୋଇପାରେ। ସବୁଠାରୁ ଅଧିକ ବିପଦରେ ଥିବା କର୍ମଚାରୀମାନେ ହେଉଛନ୍ତି ଯେଉଁମାନେ କେବଳ ବୈଷୟିକ ଜ୍ଞାନ ବିନା ଲୋକଙ୍କୁ ପରିଚାଳନା କରନ୍ତି, ଯେଉଁମାନେ ସଫ୍ଟୱେର୍ କ୍ଲାଏଣ୍ଟମାନଙ୍କୁ ହସ୍ତାନ୍ତର କରିବା ପୂର୍ବରୁ ପରୀକ୍ଷା କରନ୍ତି, ବଗ୍ ଚିହ୍ନଟ କରନ୍ତି ଏବଂ ବ୍ୟବହାରକାରୀ-ଅନୁକୂଳତା ସୁନିଶ୍ଚିତ କରନ୍ତି, ଏବଂ ଭିତ୍ତିଭୂମି ପରିଚାଳନା କର୍ମଚାରୀ ଯେଉଁମାନେ ମୌଳିକ ବୈଷୟିକ ସହାୟତା ପ୍ରଦାନ କରନ୍ତି ଏବଂ ନେଟୱାର୍କ ଏବଂ ସର୍ଭରଗୁଡ଼ିକୁ ସଠିକ୍ ଭାବରେ ରକ୍ଷଣାବେକ୍ଷଣ କରନ୍ତି।

ଟେକ୍ ମାର୍କେଟ୍ ଇଣ୍ଟେଲିଜେନ୍ସ କମ୍ପାନୀ ଅଡ୍ ଏର୍ଥ ଇନ୍‌ସାଇଟ୍‌ର ପ୍ରତିଷ୍ଠାତା ଗୌରବ ଭାସୁ କହିଛନ୍ତି, ପରବର୍ତ୍ତୀ ଦୁଇ-ତିନି ବର୍ଷ ମଧ୍ୟରେ, ପ୍ରାୟ ୪ଲକ୍ଷରୁ ୫ ଲକ୍ଷ ବୃତ୍ତିଗତଙ୍କ ଚାକିରି ବିପଦରେ ଅଛି କାରଣ ସେମାନଙ୍କର ଦକ୍ଷତା ଗ୍ରାହକଙ୍କ ଚାହିଦା ସହିତ ସଙ୍ଗତ ନୁହେଁ। ସେ କହିଛନ୍ତି ଯେ ଏହି ଛଟେଇର ପ୍ରାୟ ୭୦% ଏପରି କର୍ମଚାରୀଙ୍କ ହେବ ଯେଉଁମାନଙ୍କର ୪ ରୁ ୧୨ବର୍ଷର ଅଭିଜ୍ଞତା ରହିଛି। ଟିସିଏସ୍‌ର ଛଟେଇରୁ ସୃଷ୍ଟି ହୋଇଥିବା ଏହି ଚିନ୍ତା ପର୍ଯ୍ୟଟନ, ଲଗ୍‌ଜ୍ୟୁରୀ ସପିଂ ଏବଂ ରିଅଲ୍ ଇଷ୍ଟେଟ୍ ଭଳି ଦୀର୍ଘକାଳୀନ ନିବେଶକୁ ମଧ୍ୟ ପ୍ରଭାବିତ କରିପାରେ। ଷ୍ଟାଫିଂ ଫାର୍ମ ଏକ୍ସଫେନୋ ଅନୁଯାୟୀ, ଟିସିଏସ୍, ଇନଫୋସିସ୍, ଏଚ୍‌ସିଏଲଟେକ୍, ଟେକ୍ ମହିନ୍ଦ୍ରା, ୱିପ୍ରୋ ଏବଂ କଗ୍ନିଜାଣ୍ଟ ଭଳି ବଡ଼ କମ୍ପାନୀଗୁଡ଼ିକରେ ୪ ଲକ୍ଷରୁ ଅଧିକ କର୍ମଚାରୀ ଅଛନ୍ତି, ଯେଉଁମାନଙ୍କର ୧୩-୨୫ ବର୍ଷର ଅଭିଜ୍ଞତା ରହିଛି। ଏହି ଲୋକମାନେ କମ୍ପାନୀଗୁଡ଼ିକର ମଧ୍ୟମ ସ୍ତରରେ କାମ କରନ୍ତି। ଏହି କମ୍ପାନୀଗୁଡ଼ିକ ଏ ପର୍ଯ୍ୟନ୍ତ ଏହି ସମ୍ପର୍କରେ କୌଣସି ଉତ୍ତର ଦେଇନାହାଁନ୍ତି। କିନ୍ତୁ ବିଶେଷଜ୍ଞମାନେ କହିଛନ୍ତି ଯେ ବର୍ତ୍ତମାନ କମ୍ପାନୀଗୁଡ଼ିକୁ କମ୍ କର୍ମଚାରୀ ସହିତ ଅଧିକ କାମ କରିବାକୁ ପଡିବ। ଏଆଇ ବ୍ୟବହାର ସହିତ କାମ କରିବାର ଉପାୟ ପରିବର୍ତ୍ତନ ହେଉଛି, ତେଣୁ କମ୍ପାନୀଗୁଡ଼ିକ କମ୍ ଲୋକଙ୍କ ସହିତ ଅଧିକ କାମ କରିବାକୁ ଚାହାଁନ୍ତି।

ପ୍ରମୁଖ ଶିଳ୍ପ ସଂଘ ନାସ୍‌କମ୍ କହିଛି ଯେ ପ୍ରଯୁକ୍ତିବିଦ୍ୟା କ୍ଷେତ୍ର ଏବେ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନର ଏକ ପର୍ଯ୍ୟାୟ ଦେଇ ଗତି କରୁଛି। ଏଆଇ ଏବଂ ସ୍ୱଅଟୋମେସନ୍ ଏବେ କମ୍ପାନୀଗୁଡ଼ିକର କାର୍ଯ୍ୟକାରିତାର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅଂଶ ହୋଇପଡୁଛି। ଟେକ୍ ମହିନ୍ଦ୍ରାର ପୂର୍ବତନ ସିଇଓ ସିପି ଗୁରନାନୀ କହିଛନ୍ତି ଯେ ପୂର୍ବରୁ ଯେତେବେଳେ ପ୍ରଯୁକ୍ତିବିଦ୍ୟାରେ ପରିବର୍ତ୍ତନ ଆସିଥିଲା, ଏହାର ପ୍ରଭାବ କମ୍ପାନୀ ସ୍ତରରେ ଦୃଶ୍ୟମାନ ହେଉଥିଲା। କିନ୍ତୁ ଏଥର, ଏଆଇ ଯୋଗୁଁ, ପ୍ରତ୍ୟେକ ବ୍ୟକ୍ତିଙ୍କୁ ନିଜକୁ ପୁନର୍ବିନ୍ୟାସ କରିବାକୁ ପଡିବ ଏବଂ ନୂତନ କୌଶଳ ଶିଖିବାକୁ ପଡିବ।

# ଟ୍ରମ୍ପ୍ ଶୁଳ୍କର ପ୍ରଭାବ ଆମେରିକା ମହଙ୍ଗା ବଜାର




ନୂଆଦିଲ୍ଲୀ,୧୦।୮ (ଏଜେନ୍ସି): ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ବିଶ୍ୱର ବିଭିନ୍ନ ଦେଶ ଉପରେ ଆମଦାନୀ ଶୁଳ୍କ ଲଗାଇ ତାଙ୍କ ପିଠି ଚାପୁଡ଼ା ଦେଉଛନ୍ତି। ଟ୍ରମ୍ପଙ୍କ କହିବାନୁଯାୟୀ ଏହି ଶୁଳ୍କ ଆମେରିକା ପାଇଁ କୋଟି କୋଟି ଡଲାର ଆଣିଦେବ। ହେଲେ ବାସ୍ତବତା ଭିନ୍ନ ତଥାପି। ଟ୍ରମ୍ପଙ୍କ ଶୁଳ୍କର ପ୍ରଭାବ ଏବେ ଖୋଦ୍ ଆମେରିକା ଉପରେ ପଡିବାରେ ଲାଗିଛି। ଏହାର ପ୍ରଭାବ ଏବେ ସାଧାରଣ ଆମେରିକୀୟ ଲୋକଙ୍କୁ ସହିବାକୁ ପଡୁଛି। ପ୍ରକୃତରେ, ଟ୍ରମ୍ପଙ୍କ ଶୁଳ୍କ ଯୋଗୁଁ ଆମେରିକାରେ ନିତ୍ୟ ଆବଶ୍ୟକୀୟ ସାମଗ୍ରୀ ଏବଂ ପୋଷାକ ଇତ୍ୟାଦିର ମୂଲ୍ୟ ବହୁ ପରିମାଣରେ ବୃଦ୍ଧି ପାଇଛି।

ସୋସିଆଲ ମିଡିଆ ଇନ୍‌ଫ୍ଲୁଏନ୍ସର ମର୍ସିଡିଜ୍ ଚାଣ୍ଡଲର୍ ଏକ ଭିଡିଓ ପୋଷ୍ଟ କରିଛନ୍ତି। ଏହି ଭିଡିଓରେ, ସେ କହିଛନ୍ତି ଯେ ଆମେରିକାରେ ଶୁଳ୍କର ପ୍ରଭାବ ଦେଖାଯିବା ଆରମ୍ଭ ହୋଇଛି। ଏଥିଯୋଗୁ ଡାଲି ଭଳି ଅତ୍ୟାବଶ୍ୟକ ସାମଗ୍ରୀଠାରୁ ପୋଷାକପତ୍ର ଯାଏ ସବୁର ଦର ବୃଦ୍ଧି ପାଇଛି। ଭିଡିଓରେ, ଦେଖାଯାଉଛି ଯେ ଚାଣ୍ଡଲର୍ ଏକ ପୋଷାକ ଶୋ' ରୁମ୍‌ରେ ଅଛନ୍ତି ଏବଂ ସେ ପୋଷାକର ମୂଲ୍ୟ ଟ୍ୟାଗ୍ ଦେଖାଉଛନ୍ତି। ଚାଣ୍ଡଲର୍ କହିଛନ୍ତି ଯେ ଯେଉଁ ପୋଷାକ ପୂର୍ବରୁ ୧୦ ଡଲାରରେ ଉପଲବ୍ଧ ଥିଲା, ଏବେ ଆମେରିକୀୟ




ଡାଲିଠାରୁ ପୋଷାକପତ୍ର ସବୁର ଦର ବଢ଼ିଲା

ଲୋକଙ୍କୁ ସେଗୁଡ଼ିକ ପାଇଁ ୧୨-୧୩ ଡଲାର ଦେବାକୁ ପଡିବ। ଚାଣ୍ଡଲର୍ ଏହା ମଧ୍ୟ ଦେଖାଇଛନ୍ତି ଯେ, ଅନେକ ପୋଷାକରେ ନୂଆ ମୂଲ୍ୟ ଟ୍ୟାଗ୍ ମଧ୍ୟ ରହିଛି। ସେହି ସମୟରେ, କିଛି ପୁରୁଣା ମୂଲ୍ୟ ଟ୍ୟାଗ୍‌କୁ କଭର କରାଯାଇଛି। ଚାଣ୍ଡଲର୍ ସେୟାର କରାଯାଇଥିବା ପୋଷ୍ଟରେ କହିଛନ୍ତି ଯେ ଯଦି ଲୋକମାନେ ତାଙ୍କ କଥାକୁ ବିଶ୍ୱାସ କରୁନାହାନାତି, ତେବେ ସେମାନେ ସେମାନଙ୍କର ନିକଟତମ ୱାଲମାର୍ଟ କିମ୍ବା ଅନ୍ୟ ଷ୍ଟୋରକୁ ଯାଇ ନିଜେ ଏ ସମ୍ପର୍କରେ ଯାଞ୍ଚ କରିପାରିବେ। ଏହି ଭିଡିଓ ଉପରେ ଅନେକ ବ୍ୟବହାରକାରୀ ମତ ଦେଇଛନ୍ତି। ଜଣେ ବ୍ୟବହାରକାରୀ ଟ୍ରମ୍ପ ପ୍ରଶାସନର ନିଷ୍ପତ୍ତି ଉପରେ ପ୍ରଶ୍ନ ଉଠାଇ ଲେଖିଛନ୍ତି, ବାଣିଜ୍ୟ ଶୁଳ୍କ ଲାଗୁ କରିବା କଂଣ ଠିକ୍। ଏହା ଯୋଗୁଁ ଆମେ ମହାନ ହୋଇଛୁ ନା ଆମେ ମହାନ ହେବାକୁ ଯାଉଛୁ ? ଆଉ ଜଣେ ବ୍ୟବହାରକାରୀ ଲେଖିଛନ୍ତି, ଆମେ ଶୁଳ୍କରୁ କୋଟି କୋଟି ଡଲାର ପାଇବୁ ଏବଂ ବଦଳରେ ଆମକୁ ଅତିରିକ୍ତ ଡଲାର ଦେବାକୁ ପଡିବ।

ଶୁଳ୍କ ହେଉଛି ଅନ୍ୟ ଦେଶରୁ କିଣାଯାଇଥିବା କିମ୍ବା ବିକ୍ରି ହେଉଥିବା ସାମଗ୍ରୀ ଉପରେ ଲାଗୁ ହୋଇଥିବା ଏକ ଶୁଳ୍କ। ଆମେ ଏହାକୁ ଆମଦାନୀ ଶୁଳ୍କ ଏବଂ ରପ୍ତାନି ଶୁଳ୍କ କହିପାରିବା। ଆମେରିକା ଭାରତ ଉପରେ ୫୦ ପ୍ରତିଶତ ଶୁଳ୍କ ଲାଗୁ କରିଛି, ଯାହାର ଅର୍ଥ ହେଉଛି ଭାରତରୁ ଆମେରିକା ଯାଉଥିବା ସାମଗ୍ରୀ ସେଠାରେ ମହଙ୍ଗା ହେବ। ଏଥିଯୋଗୁଁ, ଆମେରିକାରେ ଭାରତୀୟ ସାମଗ୍ରୀ ମହଙ୍ଗା ହୋଇଯିବ, ତେଣୁ ଲୋକମାନେ ଅନ୍ୟ ଦେଶରୁ ଆସୁଥିବା ସାମଗ୍ରୀ କିଣିବେ। ଏହାର ପରିଣାମ ସ୍ୱରୂପ ଭାରତର ଆମେରିକାକୁ ରପ୍ତାନି ପ୍ରଭାବିତ ହେବ।

# ଡିଏସ୍‌ପି ମ୍ୟୁଚୁଆଲ ଫଣ୍ଡର ପ୍ରଥମ ଫ୍ଲେକ୍ସିକ୍ୟାପ ଇଣ୍ଡେକ୍ସ ଫଣ୍ଡ

ମୁମ୍ବଇ,୧୦।୮ (ଏଜେନ୍ସି): ଡିଏସ୍‌ପି ମ୍ୟୁଚୁଆଲ ଫଣ୍ଡ ଏହାର ପ୍ରଥମ କମ୍ ମୂଲ୍ୟ ବିଶିଷ୍ଟ ଫ୍ଲେକ୍ସିକ୍ୟାପ ରଣକୌଶଳ ଭାବରେ ଡିଏସ୍‌ପି ନିଫ୍‌ଟି ଫ୍ଲେକ୍ସିକ୍ୟାପ କ୍ୱାଲିଟି ୩୦ ଇଣ୍ଡେକ୍ସ ଫଣ୍ଡ ପ୍ରଚଳନ କରିଛି। ଏହି ଫଣ୍ଡ ଆତ୍ମବିଶ୍ୱାସର ସହିତ ପରିବର୍ତ୍ତନଶୀଳ ଇକ୍ୱିଟି ମାର୍କେଟରେ ଆଗକୁ ବଢିବାରେ ସହାୟତା କରିବାକୁ ଡିଜାଇନ କରାଯାଇଛି। ବିଶେଷକରି ଗୁଣାତ୍ମକ ସ୍ମଲ୍ ଓ ମିଡକ୍ୟାପ୍‌ରେ ମୂଲ୍ୟାୟନ ଉଚ୍ଚ ଓ ଅପ୍ରତ୍ୟାଶିତ ରହୁଥିବା କାରଣରୁ ଡିଏସ୍‌ପି ନିବେଶକମାନଙ୍କୁ ଏସ୍‌ଆଇପି ପଥ ଅବଲମ୍ବନ କରିବାକୁ ସୁପାରିଶ କରୁଛି। ଏସ୍‌ଆଇପି ନିବେଶକମାନଙ୍କୁ ସମୟକ୍ରମେ ସେମାନଙ୍କର କ୍ରୟ ମୂଲ୍ୟ ହାରାହାରି ସ୍ଥିତରେ ରଖିବା, ଶୀର୍ଷ ସ୍ତର ହାସଲ କରିବା ଆପଦ ହ୍ରାସ କରିବାରେ ସହାୟତା କରିବା ସହିତ ଏହି ଫଣ୍ଡ ପଛରେ ଥିବା ଦର୍ଶନ ଯଥା: ସମୁଦାୟ ଚକ୍ରରେ ଗୁଣାତ୍ମକ ବ୍ୟବସାୟ ସଂସ୍ଥାଗୁଡିକରେ ଶୃଙ୍ଖଳିତ ଏବଂ ଦୀର୍ଘସୂତ୍ରୀ ନିବେଶ କରିବା ସହିତ ଏହାର ଉଦ୍ଦେଶ୍ୟ ମେଳ ଖାଉଛି। ନୂତନ ଫଣ୍ଡ ଉଚ୍ଚ ମାନର ଷ୍ଟକଗୁଡିକ ଚିହ୍ନଟ କରିବା, ଲାର୍ଜ, ମିଡ୍ ଏବଂ ସ୍ମଲ କ୍ୟାପ୍‌ଗୁଡିକରେ ଶୀର୍ଷସ୍ତରର ପାଣ୍ଠି ଆବଣ୍ଟନକୁ ସ୍ୱୟଂଚାଳିତ କରିବା ଏବଂ ଏସବୁ ନିମ୍ନ ଖର୍ଚ୍ଚରେ ସମ୍ପାଦନ କରିବା ଆଦି ଇକ୍ୱିଟି ନିବେଶକମାନେ ସମ୍ମୁଖୀନ ହେଉଥିବା ଚାଲେଞ୍ଜଗୁଡିକ ପ୍ରତି ଦୃଷ୍ଟିଦେଉଛି।

DSP ASSET MANAGERS

# ଟ୍ରମ୍ପ୍ ଶୁଳ୍କ ପରେ ଶିଖର ଛୁଇଁଲା ସୁନା ଦର

ନୂଆଦିଲ୍ଲୀ,୧୦।୮ (ଏଜେନ୍ସି)

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତ ଉପରେ ୫୦%ର ଭାରି ଶୁଳ୍କ ଲାଗୁ କରିବା ପରେ ଘରୋଇ ବଜାରରେ ସୁନା ମୂଲ୍ୟ ଏକ ନୂତନ ଶିଖର ଛୁଇଁଛି। ଶୁଳ୍କ ଲାଗୁର ତତ୍‌କ୍ଷଣାତ୍ ପ୍ରଭାବ ସ୍ୱରୂପ ଶୁକ୍ରବାର ପରି ରବିବାର ମଧ୍ୟ ଘରୋଇ ବଜାରରେ ସୁନା ମୂଲ୍ୟ ରେକର୍ଡ ସ୍ତରରେ ପହଞ୍ଚିଛି। ଯାହାଫଳରେ ସୁନା ମୂଲ୍ୟ ଆଜି ବି ଶୀର୍ଷ ସ୍ତରରେ ପହଞ୍ଚିଛି। ଇଣ୍ଡିଆନ୍ ବୁଲିଅନ୍ ଆଣ୍ଡ ଜୁଏଲର୍ସ ଆସୋସିଏସନ୍ (ଆଇବିଜେଏ) ଅନୁଯାୟୀ, ଆଜି ରାଜଧାନୀ ନୂଆଦିଲ୍ଲୀରେ ବଜାରରେ ୧୦ ଗ୍ରାମ ପିଛା ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧,୦୩,୦୪୦ ଟଙ୍କାରେ ପହଞ୍ଚିଛି। ଏହାବାଦ୍ ମାତ୍ର ସପ୍ତାହକ ମଧ୍ୟରେ ବଜାରରେ ସୁନା ୨୬୮୯ ଟଙ୍କା ମହଙ୍ଗା ହୋଇଛି। ଅନ୍ୟପକ୍ଷରେ, ରୁପା ମୂଲ୍ୟ କିଲୋଗ୍ରାମ ପିଛା ୧,୧୭,୦୦୦ ଟଙ୍କା ସ୍ତରରେ କାରବାର ହେଉଛି। ଏହି ସମୟରେ ରାଜଧାନୀ ଭୁବନେଶ୍ୱରରେ ୧୦ ଗ୍ରାମ ପିଛା ୨୪ କ୍ୟାରେଟ୍ ସୁନା ମୂଲ୍ୟ ନୂଆଦିଲ୍ଲୀ ବଜାର ସହ ସମାନ ରହିଥିବାବେଳେ ୨୨ କ୍ୟାରେଟ୍ ସୁନା ମୂଲ୍ୟ ୯୪,୪୫୦ ଟଙ୍କାରେ ପହଞ୍ଚିଛି। ସେହିପରି ରୁପା ମୂଲ୍ୟ କିଲୋଗ୍ରାମ ପିଛା ୧,୨୦,୦୦୦ ଟଙ୍କା ହୋଇଛି।

**ସପ୍ତାହକରେ ସୁନା ୨୬୮୯ ଟଙ୍କା ମହଙ୍ଗା**

**୧୦ ଗ୍ରାମ ମୂଲ୍ୟ ୧.୦୩ ଲକ୍ଷ ଟପିଲା**



ଅଗଷ୍ଟ ୮ରେ ଭାରତରେ ସୁନା ମୂଲ୍ୟ ଇତିହାସ ସୃଷ୍ଟି କରିଥିଲା। ଅପରପକ୍ଷେ ମଲ୍ଟି କମୋଡିଟି ଏକ୍ସଚେଞ୍ଜ (ଏମ୍‌ସିଏକ୍ସ) ରେ ଅକ୍ଟୋବର ମାସ ପାଇଁ ଫ୍ୟୁଚର୍ ସୁନା ମୂଲ୍ୟ ପ୍ରତି ୧୦ ଗ୍ରାମ ୧,୦୨,୨୫୦ ଟଙ୍କାରେ ରେ ପହଞ୍ଚିଥିଲା। ଏହା ଏ ପର୍ଯ୍ୟନ୍ତର ସର୍ବୋଚ୍ଚ ସ୍ତର। ସେହି ସମୟରେ, ଅନ୍ତର୍ଜାତୀୟ ବଜାରରେ ମଧ୍ୟ ସୁନା ଚମକୁଛି। କୋମେକ୍ସରେ ଡିସେମ୍ବର ଫ୍ୟୁଚର୍ ବଜାର ପାଇଁ ଆଉନ୍ସ ପ୍ରତି ଏହା ୩,୫୩୪ ଡଲାରରେ ପହଞ୍ଚିଛି, ଯାହା ଏପ୍ରିଲରେ ହୋଇଥିବା ୩,୫୪୪ ଡଲାର ରେକର୍ଡର ବହୁତ ନିକଟତର। ଆମେରିକା ବଜାରରେ ସ୍ପଟ୍ ମୂଲ୍ୟ ଦୁଇ ସପ୍ତାହର ସର୍ବୋଚ୍ଚ ସ୍ତରରେ ପହଞ୍ଚିଛି।

ବଜାର ବିଶେଷଜ୍ଞଙ୍କ ମତରେ ଭାରତ ଏବଂ ଆମେରିକା ମଧ୍ୟରେ ଚାଲିଥିବା ବାଣିଜ୍ୟ ଆଲୋଚନା ଜନିତ ଉତ୍ତେଜନା ଏବଂ ଅକ୍ଟୋବରରେ ଆମେରିକୀୟ ଫେଡେରାଲ୍ ରିଜର୍ଭ ଦ୍ୱାରା ସୁଧ ହାରରେ ୨୫ ବେସିସ୍ ପଏଣ୍ଟ ହ୍ରାସ କରିବା ସୁନା ମୂଲ୍ୟ ବୃଦ୍ଧିର ପ୍ରମୁଖ କାରଣ।

ସୁନା ମୂଲ୍ୟ ବୃଦ୍ଧିର ଆଉ ଏକ ବଡ଼ କାରଣ ହେଉଛି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଟାରିଫ୍ ନିଷ୍ପତ୍ତି। ଆମେରିକା ୧ କିଲୋଗ୍ରାମ ଏବଂ ୧୦୦ ଆଉନ୍ସ ସୁନା ବାର୍ ଆମଦାନୀ ଉପରେ ଟାରିଫ୍ ଲଗାଇଛି, ଯାହା ମୂଲ୍ୟ ବଢ଼ାଉଛି। ତେବେ ଏହା ବିଶ୍ୱର ସର୍ବବୃହତ ସୁନା ବିଶୋଧନ କେନ୍ଦ୍ର ସ୍ୱିଜରଲ୍ୟାଣ୍ଡ ଉପରେ ସବୁଠାରୁ ଅଧିକ ପ୍ରଭାବ ପକାଇଛି। ଟ୍ରମ୍ପ ପ୍ରଶାସନ ସ୍ୱିଜରଲ୍ୟାଣ୍ଡରୁ ଆସୁଥିବା ସୁନା ଉପରେ ୩୯% ଶୁଳ୍କ ଲାଗୁ କରିଛି। ଯେହେତୁ କୋମେକ୍ସରେ ୧ କିଲୋଗ୍ରାମ ବାର୍ ସର୍ବାଧିକ କାରବାର ହୁଏ, ଏହି ନିଷ୍ପତ୍ତି ସିଧାସଳଖ ମୂଲ୍ୟକୁ ପ୍ରଭାବିତ କରୁଛି। ଏହାବ୍ୟତୀତ, ବଜାର ମଧ୍ୟ ଆଶା କରୁଛି ଯେ ସେପ୍ଟେମ୍ବରରେ ଆମେରିକାର ସୁଧ ହାର ୦.୨୫% ହ୍ରାସ ହୋଇପାରେ। ଚୀନ୍ ଦ୍ୱାରା ନିରନ୍ତର ସୁନା କ୍ରୟ ମଧ୍ୟ ମୂଲ୍ୟ ବୃଦ୍ଧିକୁ ସମର୍ଥନ ଦେଉଛି। ଜୁଲାଇରେ, ଚୀନ୍ ଲଗାତାର ୯ମ ମାସ ପାଇଁ ସୁନା କିଣିଛି।

ଏଠାରେ ସୂଚନାଯୋଗ୍ୟ ଯେ, ଆମେରିକା ପ୍ରତିବର୍ଷ ୨୨୦-୨୫୦ ଟନ୍ ସୁନା ଆମଦାନୀ କରିଥାଏ। ଏହା ମଧ୍ୟରୁ ୬୦-୭୦% ସ୍ୱିଜରଲ୍ୟାଣ୍ଡରୁ ଆସିଥାଏ। ପୂର୍ବରୁ, ଏହି ସୁନା ଲଣ୍ଡନରୁ ସ୍ୱିଜରଲ୍ୟାଣ୍ଡ ଯାଉଥିଲା, ସେଠାରେ ବାର୍‌ରେ ରୂପାନ୍ତରିତ ହେଉଥିଲା ଏବଂ ତାପରେ ଆମେରିକାକୁ ପଠାଯାଉଥିଲା। ଏବେ, ଶୁଳ୍କ ଯୋଗୁଁ ଏଲ୍‌ଏମ୍‌ଇ ସୁନା ସିଧାସଳଖ ଆମେରିକାକୁ ପଠାଯିବାର ସମ୍ଭାବନା ରହିଛି। ଏମ୍‌ବିଏମ୍‌ଏର ଆମେରିକାରେ ଦୁଇଟି ରିଫାଇନାରୀ ମଧ୍ୟ ରହିଛି। ଏକ ଆକଳନ ଅନୁଯାୟୀ, ଯଦି ବର୍ତ୍ତମାନର ପରିସ୍ଥିତି ଜାରି ରୁହେ ତେବେ ବର୍ଷ ଶେଷ ସୁଦ୍ଧା ସୁନା ମୂଲ୍ୟ ଆଉନ୍ସ ପିଛା ୩୬୦୦ ଡଲାରରୁ ୩୮୦୦ ଡଲାର ପର୍ଯ୍ୟନ୍ତ ପହଞ୍ଚିପାରେ।

# ଜିନ୍ଦଲ ଫାଉଣ୍ଡେସନକୁ ଫିକି ସ୍ପେଶାଲ ଆପ୍ରିସିଏସନ ଆୱାର୍ଡ- ୨୦୨୫

ଭୁବନେଶ୍ୱର, ୧୦।୮ (ସମିସ): କ୍ରୀଡ଼ାର ପ୍ରସାର ପାଇଁ ଜିନ୍ଦଲ ଷ୍ଟିଲର ସାମାଜିକ ସଂସ୍ଥା ଜିନ୍ଦଲ ଫାଉଣ୍ଡେସନକୁ ଭାରତୀୟ ଶିଳ୍ପ ଓ ବାଣିଜ୍ୟ ମହାସଂଘ (ଫିକି) ପକ୍ଷରୁ ସ୍ପେଶାଲ ଆପ୍ରିସିଏସନ ଆୱାର୍ଡ- ୨୦୨୫ ପ୍ରଦାନ କରାଯାଇଛି। ଫିକି ଆଦିତ୍ୟ ବିର୍ଲା ସିଏସଆର ସେଣ୍ଟର ଅଫ୍ ଏକ୍ସଲେନ୍ସର ଅଧ୍ୟକ୍ଷା ପଦ୍ମ ଭୂଷଣ ରାଜଶ୍ରୀ ବିର୍ଲା ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଏହି ପୁରସ୍କାର ପ୍ରଦାନ କରିଥିଲେ। ତୃଣମୂଳସ୍ତରରେ କ୍ରୀଡ଼ାର ଉନ୍ନତି ପାଇଁ ବିଶେଷ କରି ଗ୍ରାମାଞ୍ଚଳର ପ୍ରତିଭାମାନଙ୍କୁ ଚିହ୍ନଟ କରି ସେମାନଙ୍କୁ ପ୍ରୋତ୍ସାହନ ଦେବା କ୍ଷେତ୍ରରେ ଜିନ୍ଦଲ ଫାଉଣ୍ଡେସନର ଅଦମ୍ୟ ପ୍ରତିବଦ୍ଧତାକୁ ଏହି ସମ୍ମାନ ସ୍ୱୀକୃତି ପ୍ରଦାନ କରୁଛି। ଜିନ୍ଦଲ ଫାଉଣ୍ଡେସନ ଯୁବ ପ୍ରତିଭାଙ୍କ ଅନ୍ୱେଷଣ ସହ ସେମାନଙ୍କୁ ଉପଯୁକ୍ତ ପ୍ରଶିକ୍ଷଣ ପ୍ରଦାନ କରିବା, ଭିତ୍ତିଭୂମିର ବିକାଶ କରିବା ଏବଂ ସର୍ବୋପରି ସ୍ଥାନୀୟ ପ୍ରତିଭାମାନଙ୍କ ପାଇଁ ଜାତୀୟ ଓ



ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଭାଗ ନେବାରେ ସହାୟତା କରିଆସୁଛି। ଏହି ଅବସରରେ ଜିନ୍ଦଲ ଫାଉଣ୍ଡେସନର ଚେୟାରପର୍ସନ୍ ଶାଲୁ ଜିନ୍ଦଲ କହିଛନ୍ତି, ଫିକି ପକ୍ଷରୁ ଏହି ପୁରସ୍କାର ପାଇ ଆମେ ଅତି ଗୌରବାନ୍ୱିତ ଅନୁଭବ କରୁଛୁ। ଆମେ ବିଶ୍ୱାସ କରୁ ଯେ ଚରିତ୍ର ଗଠନ, ଶୃଙ୍ଖଳା ସହ ନେତୃତ୍ୱ ନେବାର କୌଶଳ ଦ୍ୱାରା ଜୀବନରେ ରୂପାନ୍ତରଣ ଆଣିବାର କ୍ଷମତା କ୍ରୀଡ଼ାରେ ରହିଛି। ଏହି ସ୍ୱୀକୃତି ସାମଗ୍ରିକ ଭାବେ କ୍ରୀଡ଼ା ସଂସ୍କୃତିର ପ୍ରସାର ପାଇଁ ଆମର ଭବିଷ୍ୟତ ଉଦ୍ୟମକୁ ଆହୁରି ମଜଭୁତ କରିବ। ପ୍ରେସିଡେଣ୍ଟ ଜିନ୍ଦଲ ଷ୍ଟିଲ, ଗ୍ରୁପ ମୁଖ୍ୟ - ସିଏସଆର ଏବଂ ଏଜୁକେସନ୍, ପ୍ରଶାନ୍ତ ହୋତା କହିଛନ୍ତି, ଏହି ପୁରସ୍କାର ଆମ ତୃଣମୂଳ ସହଯୋଗୀ, ପ୍ରଶିକ୍ଷକ ଏବଂ ହଜାର ହଜାର ଯୁବ କ୍ରୀଡ଼ାବିତଙ୍କ ପାଇଁ ସମର୍ପିତ; ଯେଉଁମାନଙ୍କ ଦୃଢ଼ସଙ୍କଳ୍ପର କାହାଣୀ ଆମକୁ ଆମ ଲକ୍ଷ୍ୟ ହାସଲ କରିବାରେ ସବୁଦିନ ପ୍ରେରଣା ଦିଏ।

ୱାର୍ଲ୍ଡ ଆଥଲେଟିକ୍ସ କଣ୍ଟିନେଣ୍ଟାଲ ଟୁର୍; କଳିଙ୍ଗରେ ବିଶ୍ୱ ଆଥଲେଟ୍‌ଙ୍କ ମେଳା

# ଓଡ଼ିଶାର ଟେକ ରଖିଲେ ପ୍ରଜ୍ଞା ଓ ଅନିମେଶ


ଭୁବନେଶ୍ୱର, ୧୦।୮ (ସମିସ)

ସ୍ଥାନୀୟ ଆଇକନିକ୍ କଳିଙ୍ଗ ଷ୍ଟାଡିୟମରେ ରବିବାର ବିଶ୍ୱ ଆଥଲେଟିକ୍ସ କଣ୍ଟିନେଣ୍ଟାଲ ଟୁର୍ (ବ୍ରୋଞ୍ଜ ଲେଭଲ) ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବିଶ୍ୱ ଆଥଲେଟିକ୍ସର ଏହି ଦୌଡ଼କୁଦ ଇଭେଣ୍ଟ ପ୍ରଥମଥର ଲାଗି ଭାରତ ମାଟିରେ ଆୟୋଜିତ ହୋଇଥିଲା। ଏଭଳି ଏକ ବିଶ୍ୱସ୍ତରୀୟ ପ୍ରତିଯୋଗିତାରେ ପୋଡିୟମର ପ୍ରଥମ ସ୍ଥାନରେ ରହି ରାଜ୍ୟର ଦୁଇ ଧାବକ ଅନିମେଶ କୁଜୁର ଓ ପ୍ରଜ୍ଞା ପ୍ରଶାନ୍ତି ସାହୁ ବିଶ୍ୱ ଦରବାରରେ ଓଡ଼ିଶାର ଟେକ ରଖିଛନ୍ତି। ଅନିମେଶ ପୁରୁଷ ୨୦୦ ମିଟର ରେସରେ ପ୍ରଥମ ସ୍ଥାନ ହାସଲ କରିଥିଲେ। ସେହିଭଳି ପ୍ରଜ୍ଞାପ୍ରଶାନ୍ତି ମହିଳା ୧୦୦ ମିଟର ହର୍ଡଲ୍ସରେ ପ୍ରଥମ ସ୍ଥାନ ହାସଲ କରି ଓଡ଼ିଶା ତଥା ଦେଶର ଗୌରବ ବଢ଼ାଇଛନ୍ତି।

ରବିବାର ରାତି ୭ଟାରେ ଏହି ପ୍ରତିଯୋଗିତା ଆରମ୍ଭ ହୋଇଥିଲା। ସମସ୍ତଙ୍କ ନଜର କିନ୍ତୁ ରହିଥିଲା ଘରୋଇ ତାରକା ଅନିମେଶ ଅଂଶଗ୍ରହଣ କରୁଥିବା ୨୦୦ ମିଟର ଉପରେ। ରାତି ୭ଟା ୩୦ରେ ଏହି ଇଭେଣ୍ଟ ଆରମ୍ଭ ହୋଇଥିବାବେଳେ ଅନିମେଶ ମଧ୍ୟ ଘରୋଇ ଦର୍ଶକଙ୍କୁ ନିରାଶ କରି ନ ଥିଲେ। ଜାତୀୟ ରେକର୍ଡଧାରୀ ରହିଥିବା ଓଡ଼ିଶାର ଏହି ଉଦୀୟମାନ ଧାବକ ରେସ୍‌ରେ ଗ୍ରେଟ ବ୍ରିଟେନ, କୋରିଆ, ଦକ୍ଷିଣ ଆଫ୍ରିକା ଭଳି ଦେଶର ଧାବକଙ୍କୁ ପଛରେ ପକାଇ ପ୍ରଥମ ସ୍ଥାନରେ ରହିଥିଲେ। ସେ ୨୦.୭୭ ସେକେଣ୍ଡ ସମୟ ନେଇ ରେସ ଫିନିଶ କରିଥିଲେ। ଅନିମେଶଙ୍କ ଶ୍ରେଷ୍ଠ ପ୍ରଦର୍ଶନ ୨୦.୩୨ସେକେଣ୍ଡ ରହିଥିବାବେଳେ ଅବଶ୍ୟ ସେ ଏହାକୁ କଳିଙ୍ଗରେ ଦୋହରାଇ ପାରି ନଥିଲେ। ସେହିଭଳି ଟୋକିଓରେ ହେବାକୁ ଥିବା ବିଶ୍ୱ ଚାମ୍ପିଅନସିପ ଲାଗି ଯୋଗ୍ୟତା ଟାଇମିଂ ୨୦.୧୬ ସେକେଣ୍ଡ ରହିଥିବାବେଳେ ଅନିମେଶ ଏହି ଟାଇମିଂଠାରୁ ବେଶ ପଛରେ ରହିଯାଇଥିଲେ। ମହିଳା ୨୦୦ ମିଟରରେ ବେଙ୍ଗାଲୁରୁର ଆଞ୍ଜେଲ ସିଲଭିଆ ୨୩.୪୫ ସେକେଣ୍ଡ ସହ ପ୍ରଥମ ହୋଇଥିଲେ।

ଅପରପକ୍ଷରେ ମହିଳା ୧୦୦ ମିଟର ହର୍ଡଲ୍ସର ପ୍ରଥମ ୩ଟି ସ୍ଥାନରେ ରହି ଭାରତୀୟ ଧାବିକା କ୍ଲିନ୍ ସୁଇପ୍ କରିଥିଲେ। ଓଡ଼ିଶାର ପ୍ରଜ୍ଞାପ୍ରଶାନ୍ତି ୧୩.୭୪ ସେକେଣ୍ଡରେ ରେସ ଶେଷ କରି ପ୍ରଥମ ସ୍ଥାନରେ ରହିଥିଲେ। ତାଙ୍କ ପଛକୁ ନନ୍ଦିନୀ କୋଙ୍ଗାନ (୧୩.୮୦) ଓ କେରଳର ସି. ଅଞ୍ଜଳି (୧୪.୦୦) ରହିଥିଲେ। ଅନ୍ୟାନ୍ୟ ଇଭେଣ୍ଟରେ ଭାରତୀୟ ଆଥଲେଟଙ୍କ ଦବ୍‌ଦବା ଦେଖିବାକୁ ମିଳିଥିଲା। ପୁରୁଷ ୪୦୦ ମିଟରରେ ଭାରତର ଟିକେ ବିଶାଲ (୪୫.୭୨ ସେକେଣ୍ଡ), ଅମୋଜ ଜ୍ୟାକବ (୪୫.୮୬) ଓ ସନ୍ତୋଷ କୁମାର (୪୬.୮୯) ପ୍ରଥମ ୩ଟି ସ୍ଥାନରେ ରହି ଏଥିରେ ମଧ୍ୟ କ୍ଲିନ ସୁଇପ କରିଥିଲେ। ଅପରପକ୍ଷରେ ମହିଳା ଜାଭେଲିନ ଥ୍ରୋ'ରେ ଅନୁରାଣୀ ବାଜିମାତ୍ କରିନେଇଛନ୍ତି। ଉତ୍ତର ପ୍ରଦେଶର ଅନୁରାଣୀ ୬୨.୦୧ ମିଟର ଜାଭେଲିନ ଫିଙ୍ଗି ପୋଡିୟମର ପ୍ରଥମ ସ୍ଥାନରେ ରହିଥିଲେ। ଶ୍ରୀଲଙ୍କାର ହତାରାବାଗ ଲେକା (୫୬.୨୭ମି) ଓ ଭାରତର ଦୀପିକା (୫୪.୨୦) ଯଥାକ୍ରମେ ୨ୟ ଓ ୩ୟ ହୋଇଥିଲେ। ସେହିଭଳି ପୁରୁଷ ଜାଭେଲିନରେ କିନ୍ତୁ ଶ୍ରୀଲଙ୍କା ପ୍ରଥମ ସ୍ଥାନ ବାଜିମାତ କରିଥିଲା। ରୁମେଶ ଥରଙ୍ଗା ୮୬.୫୦ ମିଟର ଫିଙ୍ଗି ପୋଡିୟମର ଶୀର୍ଷ ସ୍ଥାନରେ ରହିଥିଲେ। ୮୦.୭୩ ମିଟର ସହ ଭାରତର ଶିଭମ ଲୋହାକାରେ ୨ୟ ସ୍ଥାନ ଲାଭ କରିଥିଲେ। ଭାରତର ରୋହିତ ଓ ସଚିନ ଯାଦବ ଯଥାକ୍ରମେ ୪ର୍ଥ ଓ ୫ମ ସ୍ଥାନରେ ରହିଥିଲେ। ଓଡ଼ିଶାର କିଶୋର ଜେନା ଅସୁସ୍ଥ ହୋଇଥିବାରୁ ଏହି ଇଭେଣ୍ଟରେ ଅଂଶଗ୍ରହଣ କରି ନ ଥିଲେ।




### ମହମ୍ମଦ ଓ ଅବିନାୟା ଦ୍ରୁତତମ ଧାବକ-ଧାବିକା

ଏହି ବିଶ୍ୱସ୍ତରୀୟ ପ୍ରତିଯୋଗିତାର ସବୁଠୁ ଆକର୍ଷଣୀୟ ଇଭେଣ୍ଟ ପୁରୁଷ ୧୦୦ ଓ ୨୦୦ ମିଟର ରହିଥିଲା। ଏଥିରେ ମାଲେସିଆର ମହମ୍ମଦ ଆଜିମ ଓ ଭାରତର ଅବିନାୟା ରାଜାରାଜନ ସବୁଠୁ ଦ୍ରୁତତମ ଧାବକ ଓ ଧାବିକା ରହିଥିଲେ। ପୁରୁଷ ୧୦୦ ମିଟରକୁ ଆଜିମ ୧୦.୩୫ ସେକେଣ୍ଡରେ ଫିନିଶ କରି ପ୍ରଥମ ସ୍ଥାନରେ ରହିଥିଲେ। ଓଡ଼ିଶାର ଲାଲୁ ପ୍ରସାଦ ଭୋଇ (୧୦.୫୪)ଙ୍କୁ ୪ର୍ଥ ସ୍ଥାନରେ ସନ୍ତୁଷ୍ଟ ହେବାକୁ ପଡ଼ିଥିଲା। ତେବେ ମହିଳା ୧୦୦ ମିଟରରେ ଭାରତ କ୍ଲିନ୍ ସୁଇପ କରିଥିଲା। ଅବିନାୟା ୧୧.୫୭ ସେକେଣ୍ଡ ସମୟ ନେଇ ପ୍ରଥମ ସ୍ଥାନ ଅକ୍ତିଆର କରିଥିଲେ। ସେହିଭଳି ଭାରତର ଅନ୍ୟ ଦୁଇ ଧାବିକା ସ୍ନେହା ଓ ନିତ୍ୟା ଗାନ୍ଧେ ଯଥାକ୍ରମେ ୨ୟ ଓ ୩ୟ ହୋଇଥିଲେ। ମହିଳା ୨୦୦ ମିଟର ଦୌଡ଼ରେ ଓଡ଼ିଶାର ଶ୍ରାବଣୀ ନନ୍ଦ ୫ମ ସ୍ଥାନରେ ରହି ପୁରସ୍କାରରୁ ବାଦ୍ ପଡ଼ିଥିଲେ।



### ପ୍ରଥମ ୪ ଜଣଙ୍କୁ ପୁରସ୍କାର

ଏହି ପ୍ରତିଯୋଗିତାରେ କୌଣସି ପଦକ ପ୍ରଦାନ କରାଯାଇ ନ ଥିଲା। ପୋଡିୟମର ପ୍ରଥମ ୪ଟି ସ୍ଥାନରେ ରହିଥିବା ଖେଳାଳିଙ୍କୁ ଆର୍ଥିକ ପୁରସ୍କାର ଦିଆଯାଇଥିଲା। ପ୍ରଥମ ସ୍ଥାନ ଅକ୍ତିଆର କରିଥିବା ଆଥଲେଟଙ୍କୁ ୮୦୦ ଡଲାର ଦିଆଯାଇଥିଲା। ସେହିଭଳି ୨ୟ, ୩ୟ ଓ ୪ର୍ଥ ସ୍ଥାନରେ ରହିଥିବା ଆଥଲେଟ ଯଥାକ୍ରମେ ୪୦୦, ୩୦୦ ଓ ୨୦୦ ଡଲାର ପୁରସ୍କାର ପାଇଥିଲେ।

● ଦ.ଆଫ୍ରିକା ବିପକ୍ଷ ପ୍ରଥମ ଟି-୨୦

## ଅଷ୍ଟ୍ରେଲିଆର ସହଜ ବିଜୟ

ଡାରୱିନ୍,୧୦।୮ (ଏଜେନ୍ସି): ଯୁବ ଖେଳାଳି ଟିମ୍ ଡେଭିଡ୍‌ଙ୍କ ବିସ୍ଫୋରକ ଅର୍ଦ୍ଧଶତକ ଓ ପେସ ବୋଲରଙ୍କ ସଫଳତା ବଳରେ ଏଠାରେ ରବିବାର ଖେଳାଯାଇଥିବା ଦକ୍ଷିଣ ଆଫ୍ରିକା ବିପକ୍ଷ ପ୍ରଥମ ଟି-୨୦କୁ ଅଷ୍ଟ୍ରେଲିଆ ମାତ୍ର ୧୭ ରନ୍‌ରେ ଜିତିନେଇଛି। ଏହା ଫଳରେ ୩ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍‌ରେ ଅଷ୍ଟ୍ରେଲିଆ ୧-୦ରେ ଆଗୁଆ ରହିଛି। ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍ ଏଠାରେ ଅଗଷ୍ଟ ୧୨ ତାରିଖ ମଙ୍ଗଳବାର ଖେଳାଯିବ। ଏଠାରେ ୫୨ ବଲ୍‌ର ସାମ୍ନା କରି ୪ ଚୌକା ଓ ୮ ଛକା ସହ ୮୩ ରନ୍ କରିଥିବା ଡେଭିଡ୍ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଅଷ୍ଟ୍ରେଲିଆ ନିର୍ଦ୍ଧାରିତ ୨୦ ଓଭରରେ ୧୭୮ ରନ୍ କରି ଅଲଆଉଟ ହୋଇଥିଲା। ଦଳ ପକ୍ଷରୁ ଡେଭିଡ୍‌ଙ୍କ ପରେ କାମେରନ ଗ୍ରୀନ୍ ୩୫ ଓ ବେନ୍ ଡ୍ୱାରାଶୁଇସ୍ ତୃତୀୟ ସର୍ବାଧିକ ୧୭ ରନ୍ କରିଥିଲେ। ଭ୍ରମଣକାରୀ ଦଳ ପକ୍ଷରୁ ବାମହାତୀ ଯୁବ ପେସ୍ ବୋଲର କ୍ୱେନା ମାଫକା ସର୍ବାଧିକ ୪ଟି ଓ କାଗିସୋ ରାବାଡା ୨ଟି ୱିକେଟ ପାଇଥିଲେ। ଜବାବରେ ଦକ୍ଷିଣ ଆଫ୍ରିକା ସମାନ ସଂଖ୍ୟକ ଓଭର ଖେଳି ୯/୧୬୧ ରନ୍‌ରେ ସୀମିତ ରହିଥିଲା। ଦଳ ପକ୍ଷରୁ ୱିକେଟ ରକ୍ଷକ ରିୟାନ ରିକେଲଟନ ୫୫ ବଲ୍‌ରେ ୭୧ ଓ ଟ୍ରିଷ୍ଟାନ ଷ୍ଟବ୍ସ ୨୭ ବଲ୍‌ରେ ୩୭ ରନ୍ କରିଥିଲେ ମଧ୍ୟ ଅନ୍ୟ କାହାଠାରୁ ଉପଯୁକ୍ତ ସମର୍ଥନ ମିଳି ନ ଥିଲା। ଅଷ୍ଟ୍ରେଲିଆ ପକ୍ଷରୁ ଜୋଶ ହାଜ୍‌ଲେଉଡ୍ ଓ ବେନ୍ ଡ୍ୱାରାଶୁଇସ ୩ଟି ଲେଖାଏଁ, ଲେଗ୍ ସ୍ପିନର ଆଦାମ ଜାମ୍ପା ୨ଟି ୱିକେଟ ପାଇଥିଲେ।

● ମହିଳା ଟି-୨୦ ସିରିଜ୍

## ସବୁ ମ୍ୟାଚ୍‌ରେ ହାରିଲା ଭାରତ

ମ୍ୟାକୟ,୧୦।୮ (ଏଜେନ୍ସି): ଏଠାରେ ରବିବାର ଖେଳାଯାଇଥିବା ତୃତୀୟ ତଥା ଶେଷ ଟି-୨୦ ମୁକାବିଲାରେ ଘରୋଇ ଅଷ୍ଟ୍ରେଲିଆ-ଏ' ଦଳ ମାତ୍ର ୪ ରନ୍‌ରେ ଭ୍ରମଣକାରୀ ଭାରତ-ଏ'ଦଳକୁ ପରାସ୍ତ କରିଥିଲା। ଏହା ଫଳରେ ଭାରତ-ଏ ୩ଟି ଯାକ ଟି-୨୦ ସିରିଜ୍‌ରେ ପରାଜିତ ହୋଇଥିଲା। ପୂର୍ବରୁ ଏଠାରେ ଖେଳାଯାଇଥିବା ପ୍ରଥମ ଟି-୨୦କୁ ୧୩ ରନ୍ ଓ ଦ୍ୱିତୀୟ ମ୍ୟାଚ୍‌କୁ ଭାରତ ୧୧୪ ରନ୍‌ରେ ହାରିଥିଲା। ସିନିଅର ଦଳର କିଛି ଖେଳାଳିଙ୍କୁ ନେଇ ଏହି ଭାରତୀୟ ଦଳ ଗଠିତ ହୋଇଥିଲେ ମଧ୍ୟ ବିଶେଷ କିଛି ସଫଳତା ପାଇ ପାରି ନଥିଲା। ଘରୋଇ ଅଷ୍ଟ୍ରେଲିଆ ଦଳ ୩-୦ରେ ସିରିଜ୍ ପୋଛିନେବା ପରେ ବ୍ରିସ୍‌ବେନ୍‌ରେ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ମ୍ୟାଚ୍ ଲାଗି ପ୍ରସ୍ତୁତ କରିନେଇଛି। ଏହି ମ୍ୟାଚ୍ ଗୁଡିକ ଇଆନ ହିଲି ଓଭାଲରେ ଅଗଷ୍ଟ ୧୫, ୧୭ ଓ ୨୧ରେ ଖେଳାଯିବ। ରବିବାର ଏଠାରେ ଖେଳାଯାଇଥିବା ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଅଷ୍ଟ୍ରେଲିଆ-ଏ' ଦଳ ୮ ୱିକେଟରେ ୧୪୪ ରନ୍ କରିଥିଲା। ଦଳ ପକ୍ଷରୁ ମାଡେଲିନ୍ ପେନ୍ନା ୩୯ ଓ ଆଲିସା ହିଲ ୨୭ ରନ୍‌ର ଯୋଗଦାନ ଦେଇଥିଲେ। ଭ୍ରମଣକାରୀ ଦଳ ପକ୍ଷରୁ ଅଧିନାୟିକା ରାଧା ଯାଦବ ଓ ପ୍ରେମା ରାୱତ ୩ଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ। ଜବାବରେ ଶେଫାଳି ବର୍ମା, ମିନୁ ମାନିଙ୍କ ବିସ୍ଫୋରକ ବ୍ୟାଟିଂ ସତ୍ତ୍ୱେ ଭାରତ ନିର୍ଦ୍ଧାରିତ ୨୦ ଓଭରରେ ୮ ୱିକେଟ ହରାଇ ୧୪୦ ରନ୍ କରି ମାତ୍ର ୪ ରନ୍‌ରେ ହାରିଯାଇଥିଲା। ଶେଫାଳି ୨୫ ବଲ୍‌ରେ ୪୧, ମିନୁ ୨୯ ବଲ୍‌ରେ ୩୦ ଓ ରାଘବୀ ବିସ୍ତ ୨୫ ବଲ୍‌ରେ ୨୫ ରନ୍ କରି ଦୁଇ ଅଙ୍କରେ ପହଞ୍ଚିପାରିଥିଲେ। ଘରୋଇ ଅଷ୍ଟ୍ରେଲିଆ-ଏ' ଦଳ ପକ୍ଷରୁ ଡାହାଣହାତୀ ମିଡିୟମ୍ ପେସ୍ ବୋଲର ସିଆନା ଜିଞ୍ଜର ୪ଟି ୱିକେଟ ନେଇ ଭାରତର ସର୍ବାଧିକ ବିପର୍ଯ୍ୟୟ ଘଟାଇଥିଲେ।

# ସତ୍ୟମ୍ ଜିତିଲେ ରାଜ୍ୟ ସ୍କୁଲ ଓପନ୍ ଚେସ୍

ଭୁବନେଶ୍ୱର,୧୦।୮ (ସମିସ): କଟକ ଗୁରୁ ନାନକ ପବ୍ଲିକ୍ ସ୍କୁଲର ସତ୍ୟମ ସ୍ୱରୂପ ସାହୁ ଡୁମୁଡୁମାସ୍ଥିତ ଗାଇଡାନ୍ସ ଇଂଲିଶ ମିଡିୟମ୍ ସ୍କୁଲ ପରିସରରେ ରବିବାର ଅନୁଷ୍ଠିତ ରାଜ୍ୟ ସ୍କୁଲ ଚେସ ଚାମ୍ପିଅନ ହୋଇଛନ୍ତି। ସେ ୫ ରାଉଣ୍ଡରୁ ୫ ପଏଣ୍ଟ ପାଇଥିଲେ। ଭୁବନେଶ୍ୱର କେଭି ନଂ-୧ର ସ୍ୱସ୍ତିକ ତ୍ରିପାଠୀ ରନର୍ସ ଅପ୍, ୟୁନିଟ୍-୧ ମଦର୍ସ ପବ୍ଲିକ୍ ସ୍କୁଲର ଆଦିତ୍ୟ ଶଙ୍କର ବେହେରା ତୃତୀୟ, ୟୁନିଟ-୮ ଡିଏଭି ପବ୍ଲିକ୍ ସ୍କୁଲ୍‌ର ଆରିଶ ନନ୍ଦ ଚତୁର୍ଥ ଓ ଜଟଣୀ ଆଇଆଇଟି କେନ୍ଦ୍ରୀୟ ବିଦ୍ୟାଳୟର ଭବଦୀପ ସାହୁ ପଞ୍ଚମ ସ୍ଥାନ ଅଧିକାର କରିଛନ୍ତି। ଓଡ଼ିଶା ରାଜ୍ୟ ଚେସ ସଂଘ ଆନୁକୂଲ୍ୟରେ ଗାଇଡାନ୍ସ ସ୍କୁଲ ପରିସରରେ ଏହା ଆୟୋଜିତ ହୋଇଥିଲା। ଖେଳ ଶେଷରେ ସ୍କୁଲର ପ୍ରିନ୍ସିପାଲ ସୁହାସିନୀ ପଟ୍ଟନାୟକ ଓ ଚିଫ୍ ଆର୍ବିଟର ଦେବାଶିଷ ପାଣିଗ୍ରାହୀ ଅତିଥିଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ।




୨୦ ବର୍ଷରୁ କମ୍ ଏଏଫ୍‌ସି ମହିଳା ଏସିଆ କପ୍

## ୨୦ ବର୍ଷ ପରେ ଭାରତକୁ ଯୋଗ୍ୟତା

ନୂଆଦିଲ୍ଲୀ,୧୦।୮ (ଏଜେନ୍ସି): ଦୀର୍ଘ ୨୦ ବର୍ଷ ପରେ ଭାରତୀୟ ମହିଳା ଦଳ ୨୦ ବର୍ଷରୁ କମ୍ ଏଏଫ୍‌ସି ମହିଳା ଏସିଆନ୍ କପ୍ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛି। ରବିବାର ଖେଳାଯାଇଥିବା ଯୋଗ୍ୟତା ପର୍ଯ୍ୟାୟ ମୁକାବିଲାରେ ଭାରତ ୧-୦ ଗୋଲରେ ମିଆଁମାରକୁ ପରାସ୍ତ କରି ଏସିଆନ୍ କପ୍ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଥିଲା। ୟାଙ୍ଗୁନ୍‌ରେ ଖେଳାଯାଇଥିବା ଏହି ମୁକାବିଲାରେ ଭାରତ ପକ୍ଷରୁ ପୂଜା ଏକମାତ୍ର ବିଜୟସୂଚକ ଗୋଲ ସ୍କୋର କରିଥିଲେ। ଘରୋଇ ମାଟିରେ ଖେଳୁଥିବା ଓ ଦର୍ଶକଙ୍କ ସମର୍ଥନ ସତ୍ତ୍ୱେ ଭାରତ ଏହି ମ୍ୟାଚ୍‌କୁ ଲଢ଼େଇ କରି ଜିତିନେଇଥିଲା। ଭାରତୀୟ ମହିଳା ଦଳର ଏହି ସଫଳତା ବଳରେ ମହିଳା ଫୁଟବଲରେ ଏକ ବିରାଟ ପରିବର୍ତ୍ତନ ହେବ।




ସିବିଏସ୍‌ଇ କ୍ଲଷ୍ଟର-୨ ଆଥ୍‌ଲେଟିକ୍ ମିଟ୍ ଉଦ୍‌ଯାପିତ

## ବାଳକରେ ବରଗଡ଼ର ବିକାଶ ସ୍କୁଲ୍ ଶ୍ରେଷ୍ଠ




ଭୁବନେଶ୍ୱର,୧୦।୮ (ସମିସ): କିଟ୍ ଇଣ୍ଟରନ୍ୟାସନାଲ ସ୍କୁଲ ଆନୁକୂଲ୍ୟରେ କିଟ୍ ଆଥଲେଟିକ୍ ଷ୍ଟାଡିୟମ୍‌ରେ ଅଗଷ୍ଟ ୭ରୁ ଚାଲିଥିବା ସିବିଏସ୍‌ଇ କ୍ଲଷ୍ଟର-୨ ଆଥଲେଟିକ୍ ମିଟ୍ ରବିବାର ଉଦ୍‌ଯାପିତ ହୋଇଯାଇଛି। ୫ ଦିନ ଧରି ଆୟୋଜିତ ଏହି ପ୍ରତିଯୋଗିତାରେ ୧୧୫ଟିରୁ ଉଦ୍ଧ୍ୱର୍ ସ୍କୁଲ୍‌ରୁ ୧୦୦୦ ପ୍ରତିଯୋଗୀ, କର୍ମକର୍ତ୍ତା, କୋଚ୍ ଓ ସପୋର୍ଟ ଷ୍ଟାଫ୍ ଯୋଗଦେଇଥିଲେ। କୋରବାସ୍ଥିତ ବାଲ୍‌କୋ ଡିପିଏସ୍‌ର ଅଶିତା ଯାଦବ ଶ୍ରେଷ୍ଠ ଆଥଲେଟ ବିବେଚିତ ହୋଇଛନ୍ତି। କିଟ୍ ଇଣ୍ଟରନ୍ୟାସନାଲ ସ୍କୁଲ୍‌ର ଦୁଇଜଣଙ୍କୁ ବେଷ୍ଟ ସ୍ପ୍ରିଣ୍ଟର ଆଖ୍ୟା ମିଳିଛି। ସେମାନେ ହେଲେ ବାଳିକାରେ ତନିସା ପତି ଓ ବାଳକରେ ଆର୍ଶିକା ଦାସ। ଓଡ଼ିଶାର ଏକମାତ୍ର ସ୍କୁଲ୍ ଭାବେ ବରଗଡ଼ର ବିକାଶ ରେସିଡେନ୍ସିଆଲ ସ୍କୁଲ୍ ୧୪ ବର୍ଷରୁ କମ୍ ବାଳକ ବିଭାଗରେ ଓଭର୍‌ଅଲ୍ ଟାଇଟଲ ବିଜୟୀ ହୋଇଛି। ସେହିପରି ୧୯ ବର୍ଷରୁ କମ୍ ବୟସ ବାଳକ ବିଭାଗରେ ଛତିଶଗଡ଼ର ବିଦ୍ୟାଜ୍ୟୋତି ବିଦ୍ୟାଳୟ ଓ ବାଳିକାରେ ଡିପିଏସ୍ ବାଲକୋ ଓଭରଅଲ ଚାମ୍ପିଅନ ହୋଇଛି। ସେହିପରି ୧୭ ବର୍ଷରୁ କମ୍ ବାଳକ ବିଭାଗରେ ରାୟପୁରର ଏନ୍‌ଏଚ୍ ଗୋଏଲ ୱାର୍ଲ୍ଡ ସ୍କୁଲ୍ ଓ ବାଳିକା ବିଭାଗରେ ଡିପିଏସ୍ ବାଲ୍‌କୋ, ୧୪ ବର୍ଷରୁ କମ୍ ବାଳକ ବିଭାଗରେ ବରଗଡର ବିକାଶ ରେସିଡେନ୍‌ସିଆଲ ସ୍କୁଲ ଓ ବାଳିକା ବିଭାଗରେ ଡିପିଏଲ୍ ଦୁର୍ଗ ଓଭରଅଲ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। ଖେଳ ଶେଷରେ ସିବିଏସ୍‌ଇ ପର୍ଯ୍ୟବେକ୍ଷକ ସୋନୁ କାମତ, କିଟ୍ ଇଣ୍ଟରନ୍ୟାସନାଲ ସ୍କୁଲ ପ୍ରିନ୍ସିପାଲ ସଞ୍ଜୟ ସୁଆର ଓ ଅର୍ଜୁନ ପୁରସ୍କାର ବିଜେତା ଦୂତୀ ଚାନ୍ଦ ଅତିଥିଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ।

ଏସିଆନ୍ ସର୍ଫିଙ୍ଗ୍ ଚାମ୍ପିଅନସିପ୍

# ଐତିହାସିକ କାଂସ୍ୟ ପଦକ ଜିତିଲେ ରମେଶ

ଚେନ୍ନଇ,୧୦।୮ (ଏଜେନ୍ସି)

ଭାରତର ସର୍ଫର ରମେଶ ବୁଦ୍ଧିହାଲ ଏଠାରେ ଚାଲିଥିବା ଏସିଆନ୍ ସର୍ଫିଙ୍ଗ୍ ଚାମ୍ପିଅନସିପ୍‌ରେ କାଂସ୍ୟ ପଦକ ଜିତି ଇତିହାସ ସୃଷ୍ଟି କରିଛନ୍ତି। ମହାବଳିପୁରମରେ ରବିବାର ଅନୁଷ୍ଠିତ ଫାଇନାଲରେ ରମେଶ ତାରକା ଖଚିତ ପ୍ରତିଯୋଗୀଙ୍କୁ ପଛରେ ପକାଇ ତୃତୀୟ ସ୍ଥାନ ଅଧିକାର କରିବା ସହ ଭାରତର ପ୍ରଥମ ପ୍ରତିଯୋଗୀଭାବେ ଏହି ସଫଳତା ହାସଲ କରିଛନ୍ତି। ବିରାଟ ଢେଉକୁ ସାମ୍ନା କରି ଏଠାରେ ପ୍ରଥମ ୩ଜଣଙ୍କ ମଧ୍ୟରେ ସ୍ଥାନ ପାଇବା ନିଶ୍ଚିତପକ୍ଷେ ଜଣେ ଭାରତୀୟଙ୍କ ଲାଗି ଅନନ୍ୟ ସଫଳତା ବୋଲି କୁହାଯାଉଛି। ରବିବାର ଅନୁଷ୍ଠିତ ଫାଇନାଲରେ ସେ ୧୨.୬୦ ପଏଣ୍ଟ ପାଇ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଇଣ୍ଡୋନେସିଆର ପାଜାର ଆରିୟାନା ୧୪.୫୭ ଓ ଦକ୍ଷିଣ କୋରିଆର କାନୋଆ ହିଜାଏ ୧୫.୧୭ ପଏଣ୍ଟ ହାସଲ କରି ପ୍ରଥମ ଦୁଇଟି ସ୍ଥାନ ଅଧିକାର କରିନେଇଥିଲେ। ଏହି ସଫଳତା ଲାଗି ରମେଶଙ୍କୁ ଅଭିନନ୍ଦନର ସୁଅ ଛୁଟିଛି। ଭାରତର ପ୍ରଧାନମନ୍ତ୍ରୀ, ରାଷ୍ଟ୍ରପତି ଅଭିନନ୍ଦନ ଜଣାଇଥିବା ବ୍ୟକ୍ତିବିଶେଷଙ୍କ ମଧ୍ୟରେ ଅଛନ୍ତି। ରମେଶଙ୍କ ପଦକ ବିଜୟ ସର୍ଫିଙ୍ଗ କ୍ରୀଡ଼ାରେ ଏକ ନୂଆ ଅଧ୍ୟାୟ ସୃଷ୍ଟି କରିବ ବୋଲି ଆଶା କରାଯାଉଛି।

ରବିବାର ଅନୁଷ୍ଠିତ ଏହି ପ୍ରତିଯୋଗିତାର ପ୍ରଥମ ହିଟ୍ସରେ ରମେଶ ୬.୧୭ ପଏଣ୍ଟ ସ୍କୋର କରି ଦ୍ୱିତୀୟ ସ୍ଥାନରେ ରହିଥିଲେ। ଦକ୍ଷିଣ କୋରିଆର ଯୁବ ପ୍ରତିଯୋଗୀ ହିଜାଏ ପ୍ରଥମ ସ୍ଥାନରେ ଥିଲେ। ଯେତେ ଅଧିକ ରେସ୍ ହେଲା ରମେଶଙ୍କ ପଏଣ୍ଟ ସଂଖ୍ୟା କମିବାକୁ ଲାଗିଲା। ହିଜାଏ ଓ ଆରିୟାନା ପ୍ରଥମ ସ୍ଥାନ ଲାଗି ଲଢ଼ିବାକୁ ଲାଗିଲାବେଳେ ରମେଶ ତୃତୀୟ ସ୍ଥାନରେ ରହିଯାଇଥିଲେ। କିନ୍ତୁ ସେ ତାଙ୍କ ରେସ୍‌ରେ ସନ୍ତୁଳନ ରକ୍ଷା କରି ପଦକ ଜିତିବାରେ ସମର୍ଥ ହୋଇଥିଲେ। ଏସିଆନ୍ ସର୍ଫିଙ୍ଗ ଚାମ୍ପିଅନସିପ୍ ବ୍ୟକ୍ତିଗତ ଇଭେଣ୍ଟରେ ଏହା ଭାରତର ପ୍ରଥମ ପଦକ। 'ଏହି ସଫଳତା ସମ୍ପର୍କରେ ମୁଁ କିଛି କହିପାରିବି ନାହିଁ। ଏହା ଆମ ସମସ୍ତଙ୍କ ଲାଗି ଗର୍ବର ସମୟ। ଏହି କ୍ରୀଡ଼ା ଲାଗି ଆମ ଲୋକମାନେ ଯେପରି ସମର୍ଥନ ଦେଇଛନ୍ତି, ସେଥିରେ ଆମେ ବେଶ ସଫଳତା ପାଇଛୁ। ଯାହା କିଛି ସଫଳତା ପାଇଛି, ତାହା ଆମ ଟିମ୍ ଓ ମୋ ଦେଶ ଲାଗି କରିଛି। ଦେଶ ଯେତିକି ଗର୍ବିତ ହୋଇଛି ସେଥିଲାଗି ମୁଁ ମଧ୍ୟ ଗର୍ବ ଅନୁଭବ କରୁଛି। ଆଗକୁ ଅଧିକ ସଫଳତା କିପରି ମିଳିବ ସେଥିଲାଗି ଚେଷ୍ଟା କରିବି ବୋଲି କହିଛନ୍ତି ବୁଦ୍ଧିଲାଲ।

ପୂର୍ବରୁ ଶନିବାର ଅନୁଷ୍ଠିତ ଏହି ଇଭେଣ୍ଟର ଫାଇନାଲ ପ୍ରବେଶ କରିବାରେ ସେ ପ୍ରଥମ ଖେଳାଳି ହୋଇଥିଲେ। କେରଳ କୋଭାଲାମ୍‌ରେ ଏକ ଗରିବ ପରିବାରରେ ଜନ୍ମଗ୍ରହଣ କରିଥିବା ରମେଶ କୋଭାଲାମ ସର୍ଫିଙ୍ଗ କ୍ଲବ୍ ଓ ବେଲଜିୟମ ସରକାରଙ୍କ ଦ୍ୱାରା ପ୍ରତିଷ୍ଠା କରାଯାଇଥିବା ସେବାଷ୍ଟିଆନ୍ ଇଣ୍ଡିଆନ୍ ସୋସିଆଲ ପ୍ରୋଜେକ୍ଟରେ ରମେଶ ସର୍ଫିଙ୍ଗ ଅଭ୍ୟାସ କରିଥିଲେ। ଭାରତରେ ସର୍ଫିଙ୍ଗ ଲାଗି ବିଶେଷ ପ୍ରାୟୋଜକ ନାହାନ୍ତି କିମ୍ବା କୌଣସି ବେସରକାରୀ ଓ ସରକାରୀ ସଂଗଠନ ସହାୟତା ଯୋଗାଇ ନ ଥାନ୍ତି। ଏଭଳି ସ୍ଥିତିରେ ସର୍ଫିଙ୍ଗ ଲାଗି ଆବଶ୍ୟକ ସର୍ଫବୋର୍ଡ, ୱେଟସୁଇଟ୍ସ ଓ ବିଭିନ୍ନ ସ୍ଥାନକୁ ଯାତ୍ରା କରିବା ଲାଗି ଆବଶ୍ୟକ ଅର୍ଥ ମିଳି ନ ଥାଏ। ଏହା ସତ୍ତ୍ୱେ ଅନେକ ବଦାନ୍ୟ ବ୍ୟକ୍ତିଙ୍କ ସହାୟତାରେ ଏହି କ୍ରୀଡ଼ା ଭାରତରେ ତିଷ୍ଠି ରହିଛି।

ରମେଶ ପଦକ ଜିତିବା ପରେ ଭାରତୀୟଙ୍କ ଲାଗି ଇତିହାସ ସୃଷ୍ଟି କରିଛନ୍ତି। ଜାପାନରେ ହେବାକୁ ଥିବା ପରବର୍ତ୍ତୀ ଏସିଆଡ୍‌ରେ ସର୍ଫିଙ୍ଗ କ୍ରୀଡ଼ା ଏକ ଇଭେଣ୍ଟ ଭାବେ ଖେଳାଯିବ। ଏଥିଲାଗି ଭାରତରୁ ୨ଟି କୋଟା ସଂରକ୍ଷିତ ରହିଛି। ଏସିଆଡ୍ ଗେମ୍ସ ଆରମ୍ଭ ହେଲାବେଳକୁ ଆହୁରି କିଛି ସ୍ଥାନ ଭାରତୀୟଙ୍କୁ ମିଳିବ। ଏଠାରେ କିନ୍ତୁ ରମେଶ ଇଣ୍ଡୋନେସିଆର ମେଗା ଆର୍ଟାନା, ଆରିଆନା, ଦକ୍ଷିଣ କୋରିଅରୀ କାନୋଆ ହିଜାଏଙ୍କ ବିପକ୍ଷରେ ପଦକ ଜିତିବା ଲାଗି ଜୋରଦାର ଲଢ଼େଇ କରିବାକୁ ହେବ। ସେ ପଦକ ଜିତନ୍ତୁ କି ନାହିଁ, ସର୍ଫିଙ୍ଗ ଇତିହାସରେ ଭାରତ ଯେ ଇତିହାସ ସୃଷ୍ଟି କରିବାକୁ ଯାଉଛି ଏଥିରେ ସନ୍ଦେହ ନାହିଁ।




PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS